ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୩୦/୨୦୨୨ (୧୮ ପୃଷ୍ଠା) Bhubaneswar, Friday, September 30/2022 Page 18 ₹ 7.00 ★★★★★★
୪୮ଶ ଭାଗ ୩୦୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 306 ମୂଲ୍ୟ ₹୭/-



## ଟି୨୦ ବିଶ୍ୱକପ୍ ଖେଳିବେ ନାହିଁ ବୁମ୍ରା

ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଖେଳିବେ ନାହିଁ ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍ରା।

୧୮

୧୬

## ଦୃଶ୍ୟମ୍-୨ରେ ଖୋଲିବ ମର୍ଡର ମିଷ୍ଟ୍ରି

ଆହୁରି ସସ୍‌ପେନ୍ସ ନେଇ ଆସୁଥିବା 'ଦୃଶ୍ୟମ୍-୨'ର ଟିଜର ରିଲିଜ ହୋଇଛି। ଏଥିରେ ଅଜୟ ଦେବଗନ୍‌ଙ୍କ କନ୍‌ଫେସନ୍ ଶୁଣିବାକୁ ମିଳିଛି।



**ଆଜିର ସମ୍ପାଦକୀୟ**

**ନିର୍ବାଚନକୁ ଅସ୍ୱୀକାର**

ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

ପୃଷ୍ଠା-୫







# ଗର୍ଭପାତ ମହିଳାଙ୍କ ଅଧିକାର

**ବିକଶିତ ରାଷ୍ଟ୍ର ଆମେରିକା ଗର୍ଭପାତ ନେଇ ମହିଳାଙ୍କ ଅଧିକାରକୁ ଅଦ୍ୟାବଧି ସମ୍ମାନ ଦେଇ ନ ଥିବାବେଳେ ବିକାଶଶୀଳ ରାଷ୍ଟ୍ର ଭାରତରେ ସୁରକ୍ଷିତ ଗର୍ଭପାତ ମହିଳାଙ୍କ ଅଧିକାର ବୋଲି ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଏହା ଏକ ପ୍ରଗତିଶୀଳ ଚିନ୍ତାଧାରା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ବିଭିନ୍ନ ମହଲରେ ମଧ୍ୟ ସ୍ୱାଗତ କରାଯାଇଛି।**

## ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ



## କୁମାରୀ ମା' ବି କରାଇପାରିବେ ସୁରକ୍ଷିତ ଗର୍ଭପାତ

ନୂଆଦିଲ୍ଲୀ,୨୯।୯

ସୁରକ୍ଷିତ ଓ ବୈଧ ଗର୍ଭପାତ କରାଇବାକୁ ସବୁ ମହିଳା ହକ୍‌ଦାର। ଏ କ୍ଷେତ୍ରରେ ବିବାହିତ ଓ ଅବିବାହିତଙ୍କ ମଧ୍ୟରେ ପ୍ରଭେଦ ଦେଖିବା ଅସାମ୍ବିଧାନିକ ବୋଲି ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ମେଡିକାଲ ଗର୍ଭପାତ (ଏମ୍‌ଟିପି) ଆଇନ ଅନୁଯାୟୀ ସବୁ ମହିଳା ଗର୍ଭଧାରଣର ୨୪ ସପ୍ତାହ ପର୍ଯ୍ୟନ୍ତ ସୁରକ୍ଷିତ ଓ ବୈଧ ଗର୍ଭପାତ କରାଇପାରିବେ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପର୍ଡିୱାଲା ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସନ୍ତାନ ଜନ୍ମର ସ୍ୱତ୍ୱ ଅଧିକାର ଉଭୟ ବିବାହିତ ଓ ଅବିବାହିତ ମହିଳାଙ୍କୁ ସମାନ ଅଧିକାର ଦେଇଥିବା ଖଣ୍ଡପୀଠ ମତ ଦେଇଛନ୍ତି। ଗର୍ଭପାତ ଆଇନରେ 'ସ୍ୱାମୀ' ସ୍ଥାନରେ 'ପାର୍ଟନର' ଶବ୍ଦ ବ୍ୟବହାର କରିବାକୁ ଖଣ୍ଡପୀଠ କହିଛନ୍ତି। ଗର୍ଭପାତ ଆଇନରେ ବଳାତ୍କାର ସଂଜ୍ଞା ବୈବାହିକ ବଳାତ୍କାରରେ ସାମିଲ ହେବା ଜରୁରୀ ବୋଲି ଅଦାଲତ କହିଛନ୍ତି।

ଗର୍ଭପାତ ଆଇନରେ ବିବାହିତ ଓ ଅବିବାହିତ ମହିଳାଙ୍କ ମଧ୍ୟରେ ପ୍ରାର୍ଥକ୍ୟ ଦେଖିବା କୃତ୍ରିମ ଏବଂ ଏହା ସମ୍ବିଧାନସମ୍ମତ ନୁହେଁ। କେବଳ ବିବାହିତ ମହିଳା ଯୌନକ୍ରିୟାରେ ସକ୍ରିୟ ରହିବେ ବୋଲି ଏକ ଭ୍ରାନ୍ତ ଧାରଣା ଦୀର୍ଘଦିନରୁ ରହିଆସିଥିବା ଖଣ୍ଡପୀଠ କହିଛନ୍ତି। ଅବାଞ୍ଛିତ ଗର୍ଭଧାରଣର ପରିଣତି ମହିଳାଙ୍କ ଶରୀର ଓ ମନ ଉପରେ ଯେଉଁ ପ୍ରଭାବ ପକାଇଥାଏ, ତାହାକୁ ଅଣଦେଖା କରାଯାଇପାରିବ ନାହିଁ। ଏମ୍‌ଟିପି ଆଇନର ବ୍ୟବସ୍ଥା ଅନୁଯାୟୀ ବିବାହିତ ମହିଳା, ବଳାତ୍କାର ପୀଡ଼ିତା, ଭିନ୍ନକ୍ଷମ ଏବଂ ନାବାଳିକାଙ୍କ କ୍ଷେତ୍ରରେ ଗର୍ଭଧାରଣର ସର୍ବାଧିକ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କରାଯାଇପାରିବ। ତେବେ ବିଧବା ଏବଂ ସହମତିରେ ସମ୍ପର୍କ ରଖିଥିବା କିମ୍ବା ରଖୁଥିବା ଅବିବାହିତଙ୍କ ପାଇଁ ଗର୍ଭପାତ ସମୟସୀମା ୨୦ ସପ୍ତାହ ରହିଛି। ଅବିବାହିତା, ବିଧବା, ସ୍ୱାମୀ ପରିତ୍ୟକ୍ତାମାନେ ବିବାହିତାଙ୍କ ଭଳି ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ ସୁବିଧା ପାଇପାରିବେ କି ନାହିଁ, ତାହା ଉପରେ ଏମ୍‌ଟିପି ଆଇନକୁ ବ୍ୟାଖ୍ୟା କରି ସର୍ବୋଚ୍ଚ ଅଦାଲତ ଉପରୋକ୍ତ ☞ପୃଷ୍ଠା-୪

## ଜନକଲ୍ୟାଣ ବାର୍ତ୍ତା ପହଞ୍ଚାଅ: ନବୀନ



## ନକଲି ସରକାରଙ୍କୁ ଫିଙ୍ଗିଦିଅ: ନଡ୍ଡା



ସବିଶେଷ ରିପୋର୍ଟ: ପୃଷ୍ଠା-୩

# ବିଧାୟକ ମୋକିମ୍‌ଙ୍କୁ ୩ବର୍ଷ ଜେଲଦଣ୍ଡ

**ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲା**

## ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାରଙ୍କ ସହ ଆଉ ୨ଜଣଙ୍କୁ ମଧ୍ୟ ଜେଲଦଣ୍ଡ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଓଡ଼ିଶା ଗ୍ରାମୀଣ ଗୃହ ଉନ୍ନୟନ ନିଗମ (ଓଆର୍‌ଏଚ୍‌ଡିସି) ଦ୍ୱାରା ଏମ୍‌ଏସ୍ ମେଟ୍ରୋ ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡ୍‌କୁ ଅନୁଚିତ ଅନୁଗ୍ରହ ଦେଖାଇ ୧ କୋଟି ୫୦ଲକ୍ଷ ଟଙ୍କାର ଋଣ ଦେବା ମାମଲାର ଦୀର୍ଘ ୧୭ବର୍ଷ ପରେ ଗୁରୁବାର ରାୟ ପ୍ରକାଶ ପାଇଛି। କଟକ ବାରବାଟୀ ବିଧାୟକ ତଥା ମେଟ୍ରୋ ବିଲ୍ଡର୍ସର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ମହମ୍ମଦ ମୋକିମ୍‌ଙ୍କ ସମେତ ୪ଜଣଙ୍କୁ ୩ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଅନ୍ୟମାନେ ହେଲେ ବହିଷ୍କୃତ ଆଇଏଏସ୍ ଅଫିସର ତଥା ତତ୍‌କାଳୀନ 'ଓଆର୍‌ଏଚ୍‌ଡିସି'ର ପରିଚାଳନା ନିର୍ଦ୍ଦେଶକ ☞ପୃଷ୍ଠା-୪



ମହମ୍ମଦ ମୋକିମ୍




APPARELS | EYEWEAR | INNERWEAR | TIMEWEAR | TRAVEL GEAR | PERSONAL CARE | ACCESSORIES

AVAILABLE AT : KILLER EXCLUSIVE STORE AND ALL LEADING RETAILERS IN YOUR CITY. FOR TRADE ENQUIRES: GRC GARMENTS - 7504158357 / 9937294801
FOR EBO ENQUIRIES: GRC GARMENTS PVT LTD - 93375 11696 / 9861235758 . FOR FRANCHISEE & INSTITUTIONAL ENQUIRIES: 8657939718 / 022 26814400.

ONLINE STORES: WWW.KLOUNGE.COM Flipkart | E-MAIL: FRANCHISEE@KEWALKIRAN.COM | FOLLOW US ON: | WWW.KILLERJEANS.COM | A LIFESTYLE BRAND FROM KKCL KEWAL KIRAN CLOTHING LIMITED


Symbol of Trust
ELECTRONICS | MOBILE | LAPTOP
HOME APPLIANCES | FURNITURE
ଶୁଭ ଶଙ୍ଖ ବାଜିଲା
Festival Offer
ପୂଜା ଅଫର୍ ଆସିଲା
Cost-to-Cost Sale
LIMITED STOCKS!!
QLED TV 55" MRP-69999/- SPL PRICE : ₹54990*
QLED TV SAMSUNG 55" Neo QLED MRP-1,21,900/- SPL PRICE : ₹86990*
OLED TV LG 55" LG OLED MRP-1,39,990/- SPL PRICE : ₹99990*
QLED TV Haier 55" MRP-115990/- SPL PRICE : ₹59990* FREE Sound Bar worth 9990
2 Years Warranty BPL 32" SPL PRICE : ₹9990* CASH BACK* ₹1000
Kelvinator FREE worth ₹1,999* MRP-85490/- SPL PRICE : ₹57990* 584L SBS (KRS-B600BKG) 10% BANK CASHBACK*
Home & Office Furniture
ଆକର୍ଷଣୀୟ ପୂଜା ଉପହାର
BUMPER PRIZE 5 Maruti Suzuki Brezza SUVs
CASH BACK OFFER
GRAND PRIZES
DIOS Refrigerator - Front Load WM - LED TV - AC - Dish Washer
HDFC BANK upto 22.5% Cashback (On select debit/ credit cards)
BAJAJ FINSERV UPTO 10000 cash back* Spl. Offer for EMI Card Holders
HDB FINANCIAL SERVICES UPTO 10000 cash back* Loaded of Benefits on New Platinum Card
IDFC FIRST Bank Avail Voucher worth 2X of the product price Cash Back upto ₹10000* 1 EMI OFF*
SAMSUNG Galaxy S22 Ultra worth ₹109999
SAMSUNG Galaxy A32 worth ₹21490
MINI BAR (On select models of Side-by-Side Refrigerators)
FREE SOUNDBAR worth up to ₹64990* (With select OLED TVs)
SPECIAL PRICE at ₹2990* (On all LG OLED TVs)
Upto 40% DISCOUNT* LOWEST PRICE
FREE COMPANY Gifts and Offers
GET UPTO 3 years EXTENDED WARRANTY on all products*
Assured Free Gifts* with every purchase
Triple ZERO Offer NO DOWN PAYMENT PROCESSING FEE INTEREST LOWEST EMI
MEGA EXCHANGE OFFER
Now Payment accepted through amazon pay CASH BACK 5% (upto ₹1000)
CASH BACK upto 20%
UP TO 7.5% EXTRA CASHBACK* SBI card
*Min. Trxn.: ₹15,000; Max. Cashback: ₹2,500 per credit card account. Validity: 28 Sept - 03 Nov 2022. T&C Apply.
Laptop, Desktop, Camera, Mobile, Printers & Accessories
UPTO 10% CASH BACK*
1+2 Yrs. Extnd. Warranty @1#
# On Laptop & Desktop
Mobile Accessories
UPTO 40% OFF
Additional 10% DISCOUNT ON EXCHANGE
HOME & OFFICE FURNITURE ARE AVAILABLE AT : Patrapada-Bhubaneswar | Puri | CDA-Cuttack Jagatsinghpur | Nayagarh | Kalapathar | Balugaon Jajpur Town | Chandikhole | Athagarh
Odisha's Most Trusted Electronics, Home Appliances ,Digital Products & Home Furniture Dealer Since 1972
GUPTA DISTRIBUTORS
No.1 Retail Chain Stores
BHUBANESWAR- PATRAPADA : Near ICICI Bank, Patrapada Bus Stop, Mob. : 7008989313 , BARAMUNDA : Main Road, Front of Kali Mandir, Mob: 7008989309, PATIA : KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road) : Mob: 7008989301, SAHEED NAGAR : Beside PNB Bank, Mob-8144920830, SAMANTARAPUR : Near Sanjeevani Medicare Hospital, Mob : 9692316302, CUTTACK-DOLMUNDAI : Mob: 2424932/7008989303, BUXI BAZAR : Mob : 7008989304, CDA : Near Judicial Academy (Utkal Hyundai), Mob: 7008989312, PURI : Medical Chhack, Grand Road, Mob: 7008989310, JATNI : Near Axis Bank, Mob: 2492932/7008989305, NIMAPADA : Near Dolabedi Chhaka, Mob:7008989307, BALUGAON : Main Road, Near Digantika Hotel, Mob:7008989308, KHORDHA : Main Road, Palla Chhaka, Mob: 7008989311, NAYAGARH : Khandapada Road, Mob:7008989306, BHADRAK : Main Road, Chappulia, Mob: 7008989314, JAGATSINGHPUR : Main Bus Stand, Mob: 7008989317, Gandhi Chhack, Jagatsinghpur, JAJPUR TOWN : N C College Road, Boula Mula Chhack, Mob: 8144920820, KALAPATHAR : Near Dhabaleswar Temple, Mob: 7008989315, PARADEEP : Dochaaki, Udaybata, Mob: 7008989316, BARIPADA : Near Roxy Cinema Hall, Mob: 7008989347, ANGUL : NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE : Jena Premium, National Highway, Near Railway Overbridge, Mob : 9692316301, ATHAGARH : Birakishorpur, Near (Chandabali Chhak), Mob :9692316303, GUPTA WHOLESALE OUTLET - HANSPAL : Puri Canal Road, Near Hanuman Mandir, Mob: 7735455009.
*T&C Apply. Price/ EMI mentioned are subject to change. Offer applicable on selected brand/ product only. Pictures are indicative only/ CASH BACK IS SUBJECT TO BANK .T&C apply. Products are also available without this offer.

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୨୦,୫୫,୫୮୨ | ୬୫,୪୬,୦୩୬ | ୬୦,୧୯,୭୫,୦୮୬ |
| ଭାରତ | ୪,୪୫,୮୩,୩୬୦ | ୫,୨୮,୬୧୧ | ୪,୪୦,୧୩,୯୯୯ |
| ଓଡ଼ିଶା | ୧୩,୩୩,୮୮୭ | ୯୧୯୨(+୫୩) | ୧୩,୨୩,୪୩୭ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



ଭୁବନେଶ୍ୱର ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ପଦଯାତ୍ରା ପ୍ରସ୍ତୁତି ବୈଠକକୁ ବିଜେଡିର ନେତୃବୃନ୍ଦ ଉଦ୍‌ଘାଟନ କରୁଛନ୍ତି।




ଭୁବନେଶ୍ୱରର ଜନତା ମଇଦାନଠାରେ ଭାଜପାର ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଓ ଅନ୍ୟ ନେତୃବୃନ୍ଦ।

# ଜନକଲ୍ୟାଣ ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଅ

## ବିଜେଡିର ୨ ଦିନିଆ ପଦଯାତ୍ରା ପ୍ରସ୍ତୁତି ବୈଠକ

- ଦଳୀୟ ନେତା, କର୍ମୀଙ୍କୁ ନବୀନଙ୍କ ଆହ୍ୱାନ
- ବିଜେଡି ଏକ ସାମୂହିକ ଆନ୍ଦୋଳନରେ ପରିଣତ ହୋଇଛି: ପ୍ରଣବ ପ୍ରକାଶ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଆମ ଦଳ ଲୋକଙ୍କ ସାଥିରେ ଅଛି, ଲୋକଙ୍କ ପାଇଁ କାମ କରୁଛି। ଆମ ସରକାରର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ଉପରେ ଧ୍ୟାନ ଦିଅ। ଗୁରୁବାର ବରମୁଣ୍ଡା ପଡ଼ିଆରେ ଆରମ୍ଭ ହୋଇଥିବା ପଦଯାତ୍ରା ପ୍ରସ୍ତୁତି ବୈଠକକୁ ବେଙ୍ଗାଲୁରୁରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧନ କରି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ନେତା ଓ କର୍ମୀଙ୍କୁ ଏମିତି ବାର୍ତ୍ତା ଦେଇଛନ୍ତି। ଗାନ୍ଧୀ ଜୟନ୍ତୀଠାରୁ ସାରା ରାଜ୍ୟରେ ଆରମ୍ଭ ହେଉଥିବା ବିଜେଡିର ୧ ମାସବ୍ୟାପୀ ଜନସମ୍ପର୍କ ପଦଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ସଂଗ୍ରାମୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେହି ବରପୁତ୍ରମାନଙ୍କ ଅବଦାନ ସମ୍ପର୍କରେ ଲୋକଙ୍କୁ ସ୍ମରଣ କରାଇ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏହି ସମାବେଶରେ ଅଧ୍ୟକ୍ଷତା କରି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ୨୫ ବର୍ଷ ତଳେ ନବୀନବାବୁ ବିଜେଡିର ଯେଉଁ ଚାରାଟିଏ ପୋତିଥିଲେ, ତାହା ଆଜି ମହାଦ୍ରୁମରେ ପରିଣତ ହୋଇଛି। ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ଏକ ସାମୂହିକ ଆନ୍ଦୋଳନର ରୂପ ନେଇଛି। ଏତେ ବର୍ଷ ପରେ ବି ଦଳ ଏହାର ପ୍ରତିବଦ୍ଧତାରୁ ବିଚ୍ୟୁତ ହୋଇନାହିଁ। ବିଜୁବାବୁଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସେଦିନ ସେ ସଂକଳ୍ପ ନେଇଥିଲେ। ସେବେଠୁ ମୁଖ୍ୟମନ୍ତ୍ରୀ ଓଡ଼ିଶାର ସାମଗ୍ରିକ ବିକାଶ ପାଇଁ ଉତ୍ସର୍ଗୀକୃତ ଭାବେ କାମ କରି ସାଢ଼େ ୪ କୋଟି ଓଡ଼ିଆଙ୍କ ଆଶା ଓ ଭରସାର ପ୍ରତୀକ ସାଜିଛନ୍ତି। ଏହି ପ୍ରତିବଦ୍ଧତାକୁ ଆଗକୁ ନେବା ଆମର ଉତ୍ତରଦାୟିତ୍ୱ ରହିଛି ବୋଲି ସେ କହିଛନ୍ତି।

ଏହି ବୈଠକରେ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ମନ୍ତ୍ରୀ ଅତନୁ ସବ୍ୟସାଚୀ, ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ , ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ମନ୍ତ୍ରୀ ପ୍ରମିଳା ମଲ୍ଲିକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥି ବେହେରା,

ବିଜୁ ମହିଳା ଜନତା ଦଳର ସଭାପତି ସ୍ନେହାଙ୍ଗିନୀ ଛୁରିଆ, ବିଜୁ ଯୁବ ଜନତା ଦଳର ସଭାପତି ବ୍ୟୋମକେଶ ରାୟ, ଯୁବ ବ୍ୟାପାର ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ, ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ବିଭିନ୍ନ ବିଷୟରେ ବକ୍ତବ୍ୟ ରଖି ପଦଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ସମାବେଶର ଦ୍ୱିତୀୟ ଅଧିବେଶନରେ ପ୍ରଖ୍ୟାତ ପ୍ରେରଣାଦାୟୀ ବକ୍ତା ଉଜ୍ଜ୍ୱଳ ପଟନୀ ନବୀନବାବୁଙ୍କୁ ଦେଶର ତିନି ଜଣ ଶ୍ରେଷ୍ଠ ନେତାଙ୍କ ମଧ୍ୟରୁ ଜଣେ ବୋଲି ଅଭିହିତ କରିଛନ୍ତି। ବୈଠକ ପ୍ରାରମ୍ଭରେ ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ମନ୍ତ୍ରୀ ପ୍ରଦୀପ ଅମାତ, ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ସମାବେଶକୁ ଉଦ୍‌ଘାଟନ କରିଥିଲେ। ବନ୍ଦେ ଉତ୍କଳ ଜନନୀ ଗାନ ହେଲା ପରେ ବୈଠକ ଆରମ୍ଭ ହୋଇଥିଲା।




# ନକଲି ସରକାରକୁ ଫିଙ୍ଗିଦିଅ: ନଡ୍ଡା

- ଓଡ଼ିଶାରେ ଡବଲ ଇଞ୍ଜିନର ସରକାର ଆଣିବା ପାଇଁ ଆହ୍ୱାନ
- ନବୀନଙ୍କ ନାଁ ଶେଷଯାଏଁ ନେଲେନି
- କଂଗ୍ରେସ ଏବେ ଭଉଣୀ, ଭାଇଙ୍କ ଦଳରେ ପରିଣତ ହୋଇଛି

ଭୁବନେଶ୍ୱର,୨୯।୯(ବ୍ୟୁରୋ)

୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଏହା ପୂର୍ବରୁ ଶାସକ ବିଜେଡି ଏବଂ ଭାଜପା ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବଳ କଷାକଷି ଆରମ୍ଭ କରିଦେଇଛନ୍ତି। ଗୋଟିଏ ପଟେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡା ଗୁରୁବାର ପ୍ରଥମ ଥର ଲାଗି ଓଡ଼ିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ସମାନ ଦିନରେ ଯୁବ, ଛାତ୍ର ଓ ମହିଳାଙ୍କ ଏକ ସମାବେଶ କରିଛି। ଏଠାରେ ଡୁପ୍ଲିକେଟ୍ ସରକାର ଚାଲିଛି ଓ ଏହାକୁ ବିଦା କରାଯିବା ଦରକାର ବୋଲି ନଡ୍ଡା ଶକ୍ତିକେନ୍ଦ୍ରରୁ ଆସିଥିବା ପ୍ରମୁଖମାନଙ୍କୁ ଆହ୍ୱାନ କରିଛନ୍ତି। ହେଲେ ନଡ୍ଡା ତାଙ୍କ ୩୬ ମିନିଟ୍ ୩୨ ସେକେଣ୍ଡର ଭାଷଣ ଭିତରେ ଥରେ ହେଲେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ନେଇନାହାନ୍ତି କିମ୍ବା ତାଙ୍କୁ ସିଧାସଳଖ ସମାଲୋଚନା କରିନାହାନ୍ତି।

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ନଡ୍ଡା ପ୍ରାୟ ୨ଘଣ୍ଟା ବିଳମ୍ବରେ ପାଖାପାଖି ୧୨ଟା ବେଳକୁ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲେ। ତାଙ୍କୁ ସ୍ୱାଗତ କରିବା ଲାଗି ବହୁ ନେତା ଓ କର୍ମୀ ବିମାନବନ୍ଦରଠାରେ ଅପେକ୍ଷା କରି ରହିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତର ଲୋକଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ତାଙ୍କୁ ସ୍ୱାଗତ କରାଯାଇଛି। ସେଠାରୁ ଏକ ବିଶାଳ ବାଇକ୍ ରାଲି ଜରିଆରେ ଭାଜପା ରାଜ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତାଙ୍କୁ ପାଛୋଟି ନିଆଯାଇଥିଲା। ସେଠାରେ କିଛି ସମୟ ରହିବା ପରେ ଜନତା ମଇଦାନଠାରେ ଆୟୋଜିତ ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ନଡ୍ଡା ପହଞ୍ଚି କହିଛନ୍ତି, ଓଡ଼ିଶାରେ ଆଗାମୀ ଦିନରେ ଭାଜପା ସରକାର ଆସିବା ଦରକାର। ଓଡ଼ିଶାରେ ଭ୍ରଷ୍ଟାଚାର ବଢ଼ିଯାଇଛି। ବିନା ନେତାରେ ଭ୍ରଷ୍ଟାଚାର ରୋକିବା ସମ୍ଭବ ନୁହେଁ। ସେ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିବାବେଳେ ଓଡ଼ିଶା ଯାହା ମାଗିଛି ଦିଆଯାଇଛି। ହେଲେ ସବୁଦିନ ଖବରରେ ଦେଖିବାକୁ ଏବଂ ଶୁଣିବାକୁ ମିଳୁଛି ରୋଗୀ ସାଇକେଲରେ ଡାକ୍ତରଖାନା ବୁହା ହେଉଛନ୍ତି। ପୁଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଏଠି ସୁରକ୍ଷିତ ନୁହେଁ। ଖୋଦ୍ ସରକାର କେତେବେଳେ କହୁଛନ୍ତି ଚାବି ହଜିଯାଇଛି ତ ପୁଣି କେବେ କହୁଛନ୍ତି ଡୁପ୍ଲିକେଟ୍ ଚାବି ଅଛି। ଯେଉଁଠାରେ ସରକାର ଡୁପ୍ଲିକେଟ୍ ବା ନକଲି ସେଠାରେ ଚାବି କେମିତି ଡୁପ୍ଲିକେଟ୍ ହେବନି, ଆଉ କ'ଣ ହେବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅର୍ଥ ବାଟମାରଣା ହେଉଛି। ଇଏ ଥପ୍ପା ମାରିବା ସରକାର। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର ନାଁରେ ଥପ୍ପା ମାରି ପ୍ରଚାର କରୁଛନ୍ତି। ରକ୍ଷକ ଯଦି ଭକ୍ଷକ ସାଜିବ ତ କ'ଣ ହେବ। ଏ ସରକାରର ୩ ମନ୍ତ୍ରୀ ହତ୍ୟା ଭଳି ସଙ୍ଗୀନ ମାମଲାରେ ସମ୍ପୃକ୍ତ ଅଛନ୍ତି। ସରକାରରେ ଥିବା ବ୍ୟକ୍ତି ଯଦି ହତ୍ୟା ଅଭିଯୁକ୍ତ ହେବେ ତେବେ ଏଠି କ'ଣ ହେବ। ସେହି ୩ ମନ୍ତ୍ରୀଙ୍କ ନାଁ ଆଗକୁ ଆସିଛି ନା ନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ଆୟୁଷ୍ମାନ ଯୋଜନାରୁ ଓଡ଼ିଶାର ୬୦ ଲକ୍ଷ ପରିବାର ବଞ୍ଚିତ ଅଛନ୍ତି। ତେଣୁ ଏଭଳି କୁଶାସନର ସରକାରକୁ ଓଡ଼ିଶାରୁ ଫିଙ୍ଗିଦେଇ ଏଠାରେ ଡବଲ ଇଞ୍ଜିନର ସରକାର ଆଣିବା ପାଇଁ କାମ କରିବାକୁ ସେ ଆହ୍ୱାନ କରିଛନ୍ତି। ଜୟ ଜଗନ୍ନାଥ କହି ଭାଷଣ ଆରମ୍ଭ କରିଥିବା ନଡ୍ଡା ଆହୁରି କହିଛନ୍ତି, କଂଗ୍ରେସର ଆଉ ଜାତୀୟତା ନାହିଁ। ଏହା ଏବେ ଭଉଣୀ, ଭାଇଙ୍କ ଦଳରେ ପରିଣତ ହୋଇଛି। ସମ୍ମିଳନୀରେ ଭାଜପା ପ୍ରଭାରୀ ଡି ପୁରନ୍ଦେଶ୍ୱରୀ, କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲ, ସହପ୍ରଭାରୀ ବିଜୟପାଲ ସିଂ ତୋମାର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟ ସଭାପତି ସମୀର ମହାନ୍ତି ଏବଂ ଅନ୍ୟ ଏମ୍‌ପି ଓ ବିଧାୟକମାନେ ଉପସ୍ଥିତ ଥିଲେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ଆଜିର ମନ୍ତବ୍ୟ**

"କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଲଢ଼ିବି ନାହିଁ। ଜୟପୁରରେ ଯାହା ସବୁ ଘଟିଲା, ସେଥିପାଇଁ ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି କ୍ଷମା ମାଗିଛି।
– ଅଶୋକ ଗେହଲଟ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ

# ୧୩ ଲକ୍ଷ ଟଙ୍କାର ଅଷ୍ଟ୍ରେଲିଆନ୍ କୋଇଲା ଜବତ

## ଚୋରାଚାଲାଣ ବେଳେ ଭଦ୍ରକରୁ ଧରିଲା ଏସ୍‌ଟିଏଫ୍

**ଭୁବନେଶ୍ୱର,୨୯।୯ (ବ୍ୟୁରୋ):** ଯାଜପୁର ଅଞ୍ଚଳକୁ ଚୋରା ଚାଲାଣବେଳେ ଭଦ୍ରକ ଜିଲା ଧୁଷୁରୀ ଥାନାଞ୍ଚଳରୁ ବିପୁଳ ପରିମାଣର ଅଷ୍ଟ୍ରେଲିଆନ କୋଇଲା ସହ ଟ୍ରକକୁ ଜବତ କରିଛି କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)। ଏଥିସହ ଟ୍ରକ ଡ୍ରାଇଭରଙ୍କୁ ମଧ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ନିଆଳି ଅଞ୍ଚଳର ମଳୟ କୁମାର ମଲ୍ଲିକ। ଜବତ କୋଇଲା ପରିମାଣ ୩୧.୨୯୦ ଟନ ଓ ବଜାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କା ହେବ। ଡ୍ରାଇଭର ଜଣକ ଜବତ କୋଇଲା ପରିବହନର କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଫଳରେ ବେଆଇନ ଭାବେ ଚାଲାଣ ଅଭିଯୋଗରେ ଏସ୍‌ଟିଏଫ୍ ଏହି ପଦକ୍ଷେପ ଗ୍ରହଣ କରିଛି। ଏନେଇ ଏକ ମାମଲା (ନଂ.୨୦/୨୦୨୨) ରୁଜୁ କରାଯାଇ ଡ୍ରାଇଭରଙ୍କୁ ପଚରାଉଚରା କରାଯାଇଥିଲା। ଉକ୍ତ କୋଇଲା କେଉଁଠାରୁ କେଉଁଠାକୁ ଯାଉଥିଲା ଓ ଚାଲାଣରେ ସମ୍ପୃକ୍ତ ଅନ୍ୟମାନଙ୍କ ସମ୍ପର୍କରେ ତଥ୍ୟ ହାସଲ ପରେ ଅଭିଯୁକ୍ତଙ୍କୁ ଧାମନଗର ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ଏହି କାରବାରରେ ବଡ଼ ର୍‍ୟାକେଟ କାମ କରୁଥିବା ଜଣାପଡିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଗର ଥଣ୍ଟ ବଢ଼ିଲେ
ମୀନର ବିପତ୍ତି।**

ବଗ ମାଛ ଖାଏ। ତା'ବେକ ଲମ୍ବା। ବେକ ଯେତେ ଲମ୍ବ ହେବ, ସେ ଗଭୀର ପାଣିରୁ ଆରାମରେ ମାଛ ଧରି ଖାଇପାରିବ। ପରୋକ୍ଷରେ ସବଳ ବା ଶତ୍ରୁର ବେଶି ଉନ୍ନତି ହେଲେ ଦୁର୍ବଳର ଦୁର୍ଦ୍ଦଶା ବଢ଼ିଯାଏ। ଶତ୍ରୁକୁ ଅଧିକ ବଳ ଦେଇ ବିପଦ ବରଣ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବୋଝ ବୋଝ ବୋଲି କେତେ ପଚାରୁ
ବୋଝରେ ଆସିଛି ପାଣି କଖାରୁ।**

ବିବାହ ସମୟରେ ବାପଘର ଲୋକେ ନିଜ ସାଧ ଅନୁଯାୟୀ ଯାନି ଯଉତୁକ ଦେଇ ଝିଅର ବିବାହ କରାଇଥାନ୍ତି। ତେବେ ଏଥିରୁ ଟିକିଏ ଊଣା ହୋଇଗଲେ ଝିଅଟିକୁ ଶାଶୂଘରେ ନାନା କଟୁକଥା ଶୁଣିବାକୁ ପଡିଥାଏ। ଏପରି ସ୍ଥିତିରେ ବାପଘରୁ ଆସିଥିବା କମ୍ ବୋଝ ସାମଗ୍ରୀକୁ ନେଇ ଶାଶୂଘର ଲୋକେ ସାଇପଡ଼ିଶାଙ୍କ ଆଗରେ ଦେଖେଇ ଶୁଣେଇ କହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଭିଜିଲାନ୍ସ ଜାଲରେ ସାଳନ୍ଦୀ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ

## ଭିଣୋଇଙ୍କୁ ୫ ଲକ୍ଷ ଦେବାବେଳେ ଧରାପଡ଼ିଲେ

**ଭଦ୍ରକ ଅଫିସ, ୨୯।୯**


ଶ୍ରୀମନ୍ତ ସେଠୀ

ଭିଜିଲାନ୍ସ ଜାଲରେ ଭଦ୍ରକ ସାଳନ୍ଦୀ କେନାଲ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀମନ୍ତ ସେଠୀ। ଗୁରୁବାର ସରକାରୀ ବାସଭବନରେ ଲାଞ୍ଚ ବାବଦ ୫ ଲକ୍ଷ ଟଙ୍କା ନିଜ ଭିଣୋଇଙ୍କୁ ଦେଉଥିବା ବେଳେ ଭଦ୍ରକ ଓ ବାଲେଶ୍ୱର ଭିଜିଲାନ୍ସର ଏକ ମିଳିତ ଟିମ୍ ତାଙ୍କୁ ଧରିଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ତ ଠିକାସଂସ୍ଥା ଓ ଠିକାଦାରଙ୍କଠାରୁ ବେଆଇନ ଭାବେ ଟଙ୍କା ନେଉଥିବା ପୂର୍ବରୁ ତାଙ୍କ ନାଁରେ ଅଭିଯୋଗ ହୋଇଥିଲା। ଲାଞ୍ଚ ଟଙ୍କା ଗଚ୍ଛିତ କରି ସେ ଘରେ ରଖିଥିବା ଏକ ବିଶେଷ ସୂତ୍ରରୁ ଭିଜିଲାନ୍ସ ଖବର ପାଇଥିଲା। ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପି ନରହରି ନାୟକ, ଡିଏସ୍‌ପି ହରେକୃଷ୍ଣ ମାଝି ଓ ଭଦ୍ରକ ଡିଏସ୍‌ପି ସନ୍ତୋଷ ସାମନ୍ତରାୟଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଭଦ୍ରକସ୍ଥିତ ଶ୍ରୀମନ୍ତଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲା। ଶ୍ରୀମନ୍ତ ବାଲେଶ୍ୱର ଜିଲା ବାହାନଗାରେ ରହୁଥିବା ତାଙ୍କ ଭିଣୋଇ କରୁଣାକର ସେଠୀଙ୍କୁ ସରକାରୀ ବାସଭବନକୁ ଡାକି ସେହି ଗଚ୍ଛିତ ଟଙ୍କା ତାଙ୍କ ମାଧମରେ ଘରକୁ ପଠାଉଥିଲେ। ଏହି ସମୟରେ ଭିଜିଲାନ୍ସ ଟିମ୍ ହାବୁଡ଼ରେ ପଡ଼ିଥିଲେ। ତାଙ୍କଠାରୁ ନଗଦ ୫ଲକ୍ଷ ଟଙ୍କା ଜବତ କରାଯାଇଛି। ତେବେ ଏହି ଅର୍ଥ ନେଇ ଶ୍ରୀମନ୍ତ ଭିଜିଲାନ୍ସକୁ ଠିକ୍ ଭାବେ ହିସାବ ଦେଇପାରି ନାହାନ୍ତି। ଭିଜିଲାନ୍ସ ଟିମ୍ ଶ୍ରୀମନ୍ତଙ୍କ ସହ ତାଙ୍କ ଭିଣୋଇ କରୁଣାକରଙ୍କୁ ମଧ ଅଟକ ରଖି ତଦନ୍ତ କରୁଛି। ବାଲେଶ୍ୱର ଜିଲା ଖଇରାସ୍ଥିତ ତାଙ୍କ ପୈତୃକ ବାସଭବନ, ଶ୍ୱଶୁରଘର ଖନ୍ତାପଡ଼ାସ୍ଥିତ ଗୋପାଳପୁର ସମେତ ୫ଟି ସ୍ଥାନରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଏସ୍‌ପି ନାୟକ କହିଛନ୍ତି।

# ଇଡ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭୁବନେଶ୍ୱର,(ବ୍ୟୁରୋ)/ ପଟ୍ଟାମୁଣ୍ଡାଇ, ୨୯।୯ (ସ୍ୱ.ପ୍ର.)**

- ୯ସ୍ଥାନରେ ଚଢ଼ାଉ, ୬ ପ୍ଲଟ, ୩ କୋଠା, ୧ ମାର୍କେଟ କମ୍ପ୍ଲେକ୍ସ, ଗୋଟିଏ ଫ୍ଲାଟ ଠାବ
- ଘରୁ ମିଳିଲା ନଗଦ ୧.୦୭ ଲକ୍ଷ
- ମିଳିଲାଣି ମୋଟ ୩.୫୩ କୋଟିର ସମ୍ପତ୍ତି

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ(ଇଡ୍‌କୋ)ର ଆସିଷ୍ଟାଣ୍ଟ ମ୍ୟାନେଜର (ସିଭିଲ୍) ମନୋଜ କୁମାର ଲେଙ୍କାଙ୍କ ଘର ଓ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଗୁରୁବାର ଏକକାଳୀନ ଚଢ଼ାଉ କରିଛି ଭିଜିଲାନ୍ସ। ଏହି ଚଢ଼ାଉରେ ଭିଜିଲାନ୍ସର ୨ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୨ଜଣ ସବ୍-ଇନ୍ସପେକ୍ଟର, ୫ଜଣ ଏଏସ୍‌ଆଇ ଏବଂ ଅନ୍ୟ କର୍ମଚାରୀ ସାମିଲ ରହିଛନ୍ତି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଭୁବନେଶ୍ୱର କୋରଡ଼କଣ୍ଟାସ୍ଥିତ ପ୍ଲଟ ନଂ.୭୫୪/୧୪୬୩ରେ ଥିବା ୬୫.୩ ଲକ୍ଷ ଟଙ୍କାର ତିନି ମହଲା କୋଠା, ଉତ୍ତରା ଛକରେ ଥିବା ୫୧ ଲକ୍ଷ ଟଙ୍କାର ମାର୍କେଟ କମ୍ପ୍ଲେକ୍ସ, ରବି ଟକିଜ୍‌ସ୍ଥିତ ମେଟ୍ରୋ ମ୍ୟାନ୍‌ସନରେ ଥିବା ୩୩.୩୩ ଲକ୍ଷ ଟଙ୍କାର ଗୋଟିଏ ଦୋକାନ ଘର, ପୁରୀସ୍ଥିତ ଗ୍ରାଣ୍ଡ ଆସିଆନା ଆପାର୍ଟମେଣ୍ଟର ୫ମ ମହଲାରେ ଥିବା ୨୩.୪୪ ଲକ୍ଷ ଟଙ୍କାର ଫ୍ଲାଟ୍, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବେଲତଳରେ ଥିବା ୩୧ ଲକ୍ଷ ଟଙ୍କାର ୩ ମହଲା କୋଠା, ପଟ୍ଟାମୁଣ୍ଡାଇ କେଶପୁରସ୍ଥିତ ପୈତୃକ ଗାଁରେ ୪.୭୪ ଲକ୍ଷ ଟଙ୍କାର ଘର ଓ ଭୁବନେଶ୍ୱର ଝାରପଡ଼ା ନୀଳାଦ୍ରିନଗରସ୍ଥିତ ଘର ଠାବ ହୋଇଛି। ଭିଜିଲାନ୍ସର ଟେକ୍‌ନିକାଲ ୱିଙ୍ଗ୍ ପକ୍ଷରୁ ଏସବୁର ପ୍ରକୃତ ମୂଲ୍ୟ ହିସାବ କରାଯାଉଛି।

ସେହିପରି ଭୁବନେଶ୍ୱର, ପୁରୀ ଓ କେନ୍ଦ୍ରାପଡ଼ାର ମୁଖ୍ୟ ଅଞ୍ଚଳରେ ୬ଟି ପ୍ଲଟ ମଧ ଠାବ ହୋଇଛି। ଏହି ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜଣାପଡ଼ି ନ ଥିଲେ ମଧ କବଲାରେ ଉଲ୍ଲେଖ ମୂଲ୍ୟ ଅନୁସାରେ ୪୧.୮୦ ଲକ୍ଷ ଟଙ୍କା ହେବ। ସେହିପରି ତାଙ୍କ ଘରୁ ୧୨.୩୨ ଲକ୍ଷର ସୁନା ଓ ରୁପା ଅଳଙ୍କାର, ୨.୭୮ ଲକ୍ଷ ଟଙ୍କାର ୩ଟି ବାଇକ, ୩.୯୩ ଲକ୍ଷର ଗୋଟିଏ ଚାରିଚକିଆ ଯାନ, ୧୪.୬୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ୧ ଲକ୍ଷ ୭ ହଜାର ୮୫୦ ଲକ୍ଷ ନଗଦ ଟଙ୍କା ଏବଂ ବିଭିନ୍ନ ବ୍ୟାଙ୍କରେ ୬୫.୭୬ ଲକ୍ଷ ଟଙ୍କା ଜମାରାଶି ଓ ଜୀବନବୀମା ପଲିସି ଠାବ କରାଯାଇଛି। ତେବେ ଏସବୁ ସମ୍ପତ୍ତିର ମୂଲ୍ୟ ୩.୫୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ମନୋଜଙ୍କୁ ପଚରାଉଚରା କରାଯିବା ସହ ଚଢ଼ାଉ ଓ ଯାଞ୍ଚ ଜାରି ରହିଥିବାରୁ ତାଙ୍କ ସମ୍ପତ୍ତି ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଗର୍ଭପାତ ମହିଳାଙ୍କ...

ପ୍ରଥମ ପୃଷ୍ଠାରୁ...

ରାୟ ପ୍ରଦାନ କରିଛନ୍ତି। ଆବର୍ସନ ପ୍ରସଙ୍ଗରେ ବିବାହିତା ଓ ଅବିବାହିତାଙ୍କ ମଧ୍ୟରେ ପ୍ରଭେଦ ରହିବା ଉଚିତ କି ନୁହେଁ, ଏହା ଉପରେ ଖଣ୍ଡପୀଠ ଗତ ଅଗଷ୍ଟ ୨୩ରେ ଏମ୍‌ଟିପି ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକର ବ୍ୟାଖ୍ୟା ଉପରେ ରାୟ ସଂରକ୍ଷିତ ରଖିଥିଲେ। ଜଣେ ୨୫ ବର୍ଷୀୟା ଅବିବାହିତ ମହିଳାଙ୍କ ପିଟିଶନ ଉପରେ ସୁପ୍ରିମକୋର୍ଟ ଉପରୋକ୍ତ ଐତିହାସିକ ରାୟ ଦେଇଛନ୍ତି। ମହିଳା ଜଣକ ସହମତିରେ ସମ୍ପର୍କ ରଖି ଗର୍ଭଧାରଣ କରିଥିଲେ। ସେ ୨୩ ସପ୍ତାହର ଗର୍ଭବତୀ ଥିବାବେଳେ ତାଙ୍କ ପୁରୁଷ ସାଥୀ ବିବାହ କରିବାକୁ ମନା କରିଦେଇଥିବାରୁ ଗର୍ଭପାତ ଲାଗି ହାଇକୋର୍ଟଙ୍କ ଅନୁମତି ଲୋଡ଼ିଥିଲେ। ତାଙ୍କର ୫ ଜଣ ସାନ ଭାଇଭଉଣୀ ଅଛନ୍ତି ଓ ମାଆବାପା ଚାଷୀ ହୋଇଥିବାରୁ ସେ ଛୋଟ ଛୁଆର ଲାଳନପାଳନ କରିବାକୁ ଅକ୍ଷମ ବୋଲି ଦର୍ଶାଇଥିଲେ। ତେବେ ସେ ଅବିବାହିତ ହୋଇଥିବାରୁ ଆଇନ ଅନୁଯାୟୀ ଗର୍ଭପାତ କରିପାରିବେ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ରାୟ ଦେଇଥିଲେ। ଏହାକୁ ମହିଳା ଜଣକ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ଉପସ୍ଥିତ ରହି ସୁପ୍ରିମକୋର୍ଟଙ୍କୁ କହିଥିଲେ, ପାର୍ଲାମେଣ୍ଟରେ ଗୃହୀତ ଆଇନରେ କୌଣସି ପକ୍ଷପାତ ରହିଥିଲେ, ଅଦାଲତ ଯଦି ହସ୍ତକ୍ଷେପ କରିବାକୁ ଚାହାନ୍ତି, ତେବେ କରିପାରିବେ। ସେ କହିଥିଲେ, ଏମ୍‌ଟିପି (ସଂଶୋଧନ) ଆଇନ, ୨୦୨୧ରେ କୌଣସି ପକ୍ଷପାତ ନାହିଁ। ଆଇନର ପ୍ରାସଙ୍ଗିକ ନିୟମାବଳୀରେ ବର୍ଗୀକରଣ କରାଯାଇଥିବା ଭଟି କହିଥିଲେ।

## ବିଧାୟକ ମୋକିମ୍‌ଙ୍କୁ...

(ଏମ୍‌ଡି) ବିନୋଦ କୁମାର, କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର, ମେଟ୍ରୋ ବିଲ୍‌ଡର୍ସ ନିର୍ଦ୍ଦେଶକ ପୀୟୂଷ ମହାନ୍ତି। ମେଟ୍ରୋ ବିଲ୍ଡର୍ସ କମ୍ପାନୀକୁ ମଧ ଦୋଷୀ ସାବ୍ୟସ୍ତ କରାଯାଇଛି। ଉପରୋକ୍ତ ୪ଜଣଙ୍କୁ ୫୦ହଜାର ଲେଖାଏ ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ରାୟରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ମୋକିମ୍‌ଙ୍କୁ ଜାମିନ ମିଳିଛି। ସେ ଏହି ଦଣ୍ଡାଦେଶ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ବିନୋଦ କୁମାର ୨୦୦୦ ଜାନୁୟାରୀ ୪ରୁ ୨୦୦୧ ମେ' ୧୫ ପର୍ଯ୍ୟନ୍ତ ଓଆର୍‌ଏଚ୍‌ଡିସିର ଏମ୍‌ଡି ଦାୟିତ୍ୱରେ ଥିଲେ। ସେହି ସମୟରେ ସ୍ୱସ୍ତି ରଞ୍ଜନ ମହାପାତ୍ର ମଧ କମ୍ପାନୀ ସେକ୍ରେଟାରି ଭାବେ କାର୍ଯ୍ୟରତ ଥିଲେ। ୨୦୦୦ ଜୁନ ୨୪ରେ ମେଟ୍ରୋ ବିଲ୍ଡର୍ସ ଭୁବନେଶ୍ୱର ନୟାପଲ୍ଲୀଠାରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟ ନାମରେ ୫୦ନମ୍ବର ବିଶିଷ୍ଟ ଫ୍ଲାଟ ନିର୍ମାଣ ପାଇଁ ଋଣ ଆବେଦନ କରିଥିଲା। ତେବେ ସେହି ସମୟରେ ମେଟ୍ରୋ ବିଲ୍ଡର୍ସ ଆପରାଧିକ ଯୋଜନା କରି ଋଣ ପାଇଁ ବିଡିଏ ପ୍ଲାନ, ଟାକ୍ସ ରିଟର୍ନ, ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ଆଦି ଜାଲ ଦସ୍ତାବିଜ ଦେଇଥିଲା। ଓଆର୍‌ଏଚ୍‌ଡିସିର ତତ୍କାଳୀନ କମ୍ପାନୀ ସେକ୍ରେଟାରି ସ୍ୱସ୍ତି ରଞ୍ଜନ ମହାପାତ୍ର ମଧ କାଗଜକୁ ଠିକ୍‌ଭାବେ ଯାଞ୍ଚ କରି ନ ଥିଲେ। ଅନ୍ୟପକ୍ଷରେ ବିନୋଦଙ୍କ ଋଣ ଦେବାର କ୍ଷମତା ନ ଥିଲେ ବି ସେ ଏହାକୁ ବେଖାତିର କରିଥିଲେ। ଏପରିକି ସେ ଲୋନ କମିଟି ଠାରୁ ମଧ ଅନୁମତି ନ ଆଣିବା ସହ ଋଣ ଦେବା ପୂର୍ବରୁ କୌଣସି ସର୍ତ୍ତାବଳୀକୁ ଅନୁସରଣ କରି ନ ଥିଲେ। ଉଭୟ ପକ୍ଷର ଅଭିଯୁକ୍ତଙ୍କ ସହମତିରେ ମେଟ୍ରୋ ବିଲ୍ଡର୍ସକୁ ୩ଟି କିସ୍ତିରେ ୧କୋଟି ୫୦ଲକ୍ଷ ଟଙ୍କା ଋଣ ଦିଆଯାଇଥିଲା। ଏନେଇ ଜଣାପଡ଼ିବା ପରେ ରାଜ୍ୟ ସରକାର ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ପରେ ୨୦୦୫ ମାର୍ଚ୍ଚ ୩୦ରେ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୭/୨୦୦୫) ରୁଜୁ କରାଯାଇ ଘଟଣା ସଂକ୍ରାନ୍ତରେ ତଦନ୍ତ ଆରମ୍ଭ ହୋଇଥିଲା। ଅନ୍ୟପକ୍ଷରେ ଋଣ ନ ଶୁଝିବାରୁ ୨୦୦୭ ଅକ୍ଟୋବର ୩୧ ସୁଦ୍ଧା ମେଟ୍ରୋ ବିଲ୍ଡର୍ସ ଉପରେ ସୁଧ ସହ ମୂଳ ମିଶି ୬ କୋଟି ୨୨ ଲକ୍ଷ ୨୫ ହଜାର ୨୧୪ ଟଙ୍କା ବାକି ହୋଇଥିଲା। ଫଳରେ ରାଜ୍ୟ ସରକାରଙ୍କୁ ଆର୍ଥିକ କ୍ଷତି ସହିବାକୁ ପଡ଼ିଥିଲା। ମାମଲାର ଶୁଣାଣି ସମୟରେ ୭ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ଦୁର୍ନୀତି ବିରୋଧରେ ପ୍ରମାଣ ପାଇବା ପରେ କୋର୍ଟ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ହେମନ୍ତ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

ମାମଲାର ରାୟକୁ ନେଇ ବିଧାୟକ ମୋକିମ୍ ଗଣମାଧ୍ୟମ ଜରିଆରେ କହିଛନ୍ତି, ବ୍ୟବସାୟ କରି ବିରୋଧୀ ଦଳରୁ ରାଜନୀତି କଲେ ଏଭଳି ସମ୍ମୁଖୀନ ହେବାକୁ ପଡ଼ିଥାଏ। ଆଇଏଏସ୍ ବିନୋଦଙ୍କୁ ଟାର୍ଗେଟ କରି ଆମକୁ ଫସାଇଛନ୍ତି। କୌଣସି ପ୍ରକାର ଅନୀତି ହୋଇନାହିଁ। ଆମେ ଦେଢ଼ କୋଟି ଟଙ୍କା ଋଣ ନେଇଥିଲୁ। ପରେ ୧ କୋଟି ୨୬ ଲକ୍ଷ ଶୁଝିଥିଲୁ। ଦଣ୍ଡାଦେଶ ଶୁଣାଇଥିବା କୋର୍ଟ ଆମକୁ ଜାମିନ ଦେଇଛନ୍ତି। ଏହାକୁ ନେଇ ହାଇକୋର୍ଟ ଯିବୁ ଏବଂ ଆଇନର ପରିଧି ଭିତରେ ଯାହା ଅଛି ତାହା କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ଆଇଏଏସ୍ ଅଫିସର ବିନୋଦଙ୍କ ବିରୋଧରେ ୨୭ଟି ଭିଜିଲାନ୍ସ ମାମଲା ଚାଲିଥିବାବେଳେ ପୂର୍ବରୁ ୨ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ସୁପାରିସ କରିଥିଲେ। ତାହା ମଞ୍ଜୁର ହେବା ପରେ ଫେବୃଆରୀ ୨ରେ ବିନୋଦଙ୍କୁ ଚାକିରିରୁ ବିଦା କରାଯାଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଅଟକି ରହିଥିବା କାମ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ । କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ପାଇଁ ପ୍ରତିକୂଳ ପରିସ୍ଥିତିରେ ଚାପ ବଢ଼ିପାରେ। ନିକଟ ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ। ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସମାଧାନ କରିବେ।

**ବୃଷ** ପରୋକ୍ଷ ଶତ୍ରୁତା କାରଣରୁ ନିଜେ କୌଣସି ଭୁଲ୍ ନ କରି ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି । ଅର୍ଥ କିମ୍ବା ଆବଶ୍ୟକତା ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ** ଆଜି ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି , ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ମାଲିମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ, କଳା ସାହିତ୍ୟ, ରାଜନୀତି, ଶିଳ୍ପ, ବାଣିଜ୍ୟରେ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ, ଭ୍ରମଣ ସୁଯୋଗ, ବନ୍ଧୁଙ୍କ ନିମନ୍ତ୍ରଣ ଓ ବନ୍ଧୁମିଳନରୁ ଖୁସି ରହିବେ। ପୁଷ୍ୟା ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ କେତେକ ମାନସିକ ଦ୍ୱନ୍ଦ୍ୱରେ ସମୟ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବ୍ୟବସାୟ ଏପରିକି ଯୋଗାଣ କାରବାରରେ ଉନ୍ନତି କରିପାରନ୍ତି।

**ସିଂହ** ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସଦାବେଳେ ହାତଖାଲି ରହିବାରୁ ମନରେ ସରସତା ରହିବ ନାହିଁ । ଅବଶ୍ୟ, ଆଜି ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ।

**କନ୍ୟା** ଆଜି ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଚିତ୍ରା ନକ୍ଷତ୍ର ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ପ୍ରତିଦ୍ୱନ୍ଦ୍ୱୀ, ବାଣିଜ୍ୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ ଓ ବନ୍ଧୁମିଳନ ଘଟିବ । କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପ୍ରିୟବନ୍ଧୁଠାରୁ ପାଇବାକୁଥିବା ବକେୟା ଟଙ୍କା ପାଇଁ ସମସ୍ୟା ଉପୁଜିପାରେ।

**ବିଛା** ନିଜର ପ୍ରାଧାନ୍ୟ ରକ୍ଷା କରିବାକୁ ଯାଇ ବନ୍ଧୁମାନଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ପ୍ରିୟଜନମାନଙ୍କ ସାହାଯ୍ୟରୁ ଅପରାହ୍ନେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**ଧନୁ** ଆପଣଙ୍କ ପ୍ରୟୋଗାତ୍ମକ କୌଶଳ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନରେ ସାହାଯ୍ୟ କରିବ। ଆଜି ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ପ୍ରଫୁଲ୍ଲ ରହିବ । ଯେକୌଣସି କାମ ଆରମ୍ଭ ପୂର୍ବରୁ ସରଳ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି । ସୁସ୍ଥତା ଫେରିପାଇବେ କିନ୍ତୁ ବହୁତ ହଇରାଣ ହେବାକୁ ପଡ଼ିପାରେ ।

**ମକର** ଆଜିର ଯାତ୍ରା, ବାଣିଜ୍ୟ, ବିବାଦୀୟ ଘଟଣା ଓ ପରିବହନରେ ସମସ୍ୟା ଏହାର କାରଣ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ପରିବାର ଭିତରେ ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କୁମ୍ଭ** ଆଜି ଆପଣ ନୂତନ ଗୃହ, ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆର୍ଥିକ ସମସ୍ୟା, ଜମିଜମା ମାମଲା, ପିଲାମାନଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ। ବନ୍ଧୁଙ୍କ ସହାୟତାରେ ଅଭିଳଷିତ କାମ ହାସଲ କରିବେ।

**ମୀନ** ଆଜି ଯେଉଁ କାମରେ ହାତଦେବେ, ସେଥିରେ ନିଶ୍ଚିତ ସଫଳତା ହାସଲ କରିବେ । ବିଳମ୍ବରେ ହେଲେ ମଧ କାମଗୁଡିକ ଠିକ୍ ଭାବରେ ସମ୍ପନ୍ନ ହେବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।


# classifieds

**Everyday 0674-2580101, 2549302**

real estate

## SALE

Commercial space for sale in Forest Park, Unit-6, 190sqft. super builtup. 9937928349. D-1655

ନଖରା East College Front, ବାଲିଅନ୍ତାରେ SC/ General plot କିଣି ତୁରନ୍ତ ଘର କରନ୍ତୁ। 9776846520. D-74126

Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272. D-73296

Commercial Cum residential plot at Brahmanjharilo Cuttack (Niali Road) 6km. to Phulanakhara, 11km. to Bhubaneswar. 7809525452. D-73979

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

Bhubaneswar Khorda near 100ft. road available ଘରବାଡ଼ି ଜମି immediate registration, possession book @ 3lacs. 9078263828. D-1520

Sale ready to move 2 Nos. 2BHK flat near AIIMS Hospital, Bhubaneswar. Contact No: 9777017120. D-73875

ଭୁବନେଶ୍ୱର ଗ୍ୟାରେଜ ଛକରେ 30 ରୋଡ୍ ଥାଇ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-1651

Duplex sale at Bhubaneswar @45 lakhs and apartment @ 63 lakhs. 9439206202. D-74129

ORERA Approved 2/3 BHK flat for sale at Jharpada and Hanspal Chhak NH side. Contact: 7978209277. 1539

ଘରବାରି ପ୍ଲଟ୍ ବାଉଣ୍ଡାରୀ ସହିତ ଭୁବନେଶ୍ୱର ବିର୍ଲା ସ୍କୁଲକୁ ଲାଗିକି ମାତ୍ର Rs 850/-sqft. Mob: 7008368091, 9437714391. D-1576

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.- 61,00,000.00 onwards. Delivery Shortly. Contact Number- 9238315816. D-73976

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

Readymade 2/3 BHK flat sale at Acharyavihar. Contact: 7978209277. D-1537

Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320. D-74112

Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455. D-74105

healthcare

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

Newly opened full body massage center by expert therapist. 7381172169. D-73648

Relax, Refresh your body, Mind at Saikrupa Spa with best therapies. 8984068077. D-1543

Newly open full body massage ladies and gents. 9040171280. D-73977

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

education

Mastermind Abacus complete Brain development program for kids online & offline, free admission till 10th Oct. 8144544348. D-1656

## AFFIDAVIT

By virtue of an affidavit before Executive Magistrate, Cuttack I declared my name as Lakshmipriya Sethi which is reflected in my Aadhaar Card. I his name will be used in all purposes. D-1662

By virtue of an affidavit sworn before the Executive Magistrate, Sambalpur I, Barsharani Mishra, At/PO.: Sasan, Dist.: Sambalpur declared that, my daughter's name is Parineeta Mohanty. I wants to change her surname from Mohanty to Priyadarshini. Henceforth she will be known as Parineeta Priyadarshini for all purposes. D-1659

I, Sri Tikan Sahu @ Dinabandhu Sahu, S/o: Khira Sahu residing At: Kankurpal, Ps: Chhendipada, Dist: Angul, have changed my name as Tikan Sahu vide Affidavit No: 1280/ dt: 23-09-2022 at Excutive Magistrate chhendipada. Henceforth I will be known as Tikan Sahu for all purposes. D-1660

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଆଜି କ୍ୟାବିନେଟ୍**

ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ଶୁକ୍ରବାର ଲୋକସଭା ଭବନଠାରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୮ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଆଇନ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପଞ୍ଚାୟତିରାଜ ଏବଂ ରାଜସ୍ୱ ବିଭାଗର କେତୋଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିବ ବୋଲି ଶୁଣିବାକୁ ମିଳିଛି।

# ରେସ୍କ୍ୟୁ ସେଣ୍ଟରରେ ନରହନ୍ତା ହାତୀ



ହାତୀକୁ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ଥିବା କ୍ରାଲ୍ ଭିତରକୁ ନିଆଯାଉଛି।

- ଡିହାଇଡ୍ରେଶନର ଶିକାର ହୋଇଛି
- 'କ୍ରାଲ୍'ରେ ଆରମ୍ଭ ହେଲା ଚିକିତ୍ସା

**ଢେଙ୍କାନାଳ ଅଫିସ, ୨୯।୮**

କଟକ ଜଗତ୍‌ପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରି ଦିନକରେ ୩ ଜୀବନ ନେଇଥିବା ନରହନ୍ତା ମାଈହାତୀକୁ ଟ୍ରାଙ୍କୁଲାଇଜ୍ ପରେ ଗୁରୁବାର ଢେଙ୍କାନାଳ କପିଳାସ ପ୍ରାଣୀଉଦ୍ୟାନସ୍ଥିତ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ହିଂସ୍ରହାତୀକୁ ନିୟନ୍ତ୍ରଣକୁ ଆଣିବାକୁ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା 'କ୍ରାଲ୍' (କାଠ ଘେରାବନ୍ଦୀ ଘର)ରେ ରଖାଯାଇଛି। ହାତୀଟି ଡିହାଇଡ୍ରେଶନର ଶିକାର ହୋଇଛି। ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ତାହାର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି।

ଉକ୍ତ ଗୋଠଛଡ଼ା ମାଈହାତୀ କଟକ ଜଗତ୍‌ପୁର ଅଞ୍ଚଳରେ ଆତଙ୍କ ରଚିଥିଲା। ହିଂସ୍ର ହୋଇଉଠିଥିବା ହାତୀ ଆକ୍ରମଣରେ ବ୍ୟାପକ ଧନଜୀବନ ହାନି ହୋଇଥିବାବେଳେ ଏହାକୁ ବୁଧବାର ଅପରାହ୍ନରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଟ୍ରାଙ୍କୁଲାଇଜ୍ କରିଥିଲା। ନିଶ୍ଚେତକ ପ୍ରଭାବ ଦେଖାଇବା ଆରମ୍ଭ କରିବା ପରେ ହାତୀ ଉପରେ ସତର୍କ ଦୃଷ୍ଟି ରଖାଯାଇଥିଲା। ଟ୍ରାଙ୍କୁଲାଇଜ୍ କରିବାର ଦୀର୍ଘ ୧୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ପରେ ଗୁରୁବାର ପୂର୍ବାହ୍ନରେ କ୍ରେନ୍ ସହାୟତାରେ ହାତୀଟିକୁ ଏକ ହାଇୱାରେ ଲଦା ଯାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ହାତୀ ପହଞ୍ଚିଥିଲା କପିଳାସ ରେସ୍କ୍ୟୁ ସେଣ୍ଟରରେ। ଅତି ସତର୍କତାର ସହ ଏହାକୁ କ୍ରାଲ୍ ଭିତରକୁ ନିଆଯାଇଥିଲା। ଆନୁମାନିକ ପ୍ରାୟ ୨୦ ବର୍ଷ ବୟସର ଏହି ମାଈହାତୀ ଡିହାଇଡ୍ରେଶନର ଶିକାର ହୋଇଛି। ସ୍ୱାସ୍ଥ୍ୟପ୍ରତି ବିପଦ ଆଶଙ୍କା ଥିବାରୁ ନନ୍ଦନକାନନରୁ ଆସିଥିବା ଦୁଇଜଣିଆ ବିଶେଷଜ୍ଞ ଟିମ୍ ଏହାର ଚିକିତ୍ସା ଆରମ୍ଭ କରିଛନ୍ତି।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ମାଈହାତୀଟିକୁ ସୁରକ୍ଷିତ ଭାବେ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇ କ୍ରାଲ୍‌ରେ ରଖାଯାଇଛି। ନନ୍ଦନକାନନରୁ ଡାକ୍ତରୀ ଦଳ ହାତୀର ଚିକିତ୍ସା କରିଛନ୍ତି। ଶୁକ୍ରବାର ବନ୍ୟପ୍ରାଣୀ ବିଶେଷଜ୍ଞ ଆସି ସ୍ଥିତି ଅନୁଧ୍ୟାନ କରିବେ। ମାଈହାତୀର ସ୍ୱାସ୍ଥ୍ୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ନରହନ୍ତା ମାଈ ହାତୀ ଆସିବା ପରେ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରରେ ମୋଟ ହାତୀଙ୍କ ସଂଖ୍ୟା ୮ରେ ପହଞ୍ଚିଛି।

## ଅଞ୍ଚଳବାସୀ ଆଶ୍ୱସ୍ତ

**ମଙ୍ଗୁଳି, ୨୯।୯(ଡି.ଏନ୍.ଏ.)**

ନରହନ୍ତା ହାତୀକୁ ଢେଙ୍କାନାଳ କପିଳାସସ୍ଥିତ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ସ୍ଥାନାନ୍ତର ପରେ ଜଗତପୁର ଏବଂ ଏହାର ଆଖପାଖ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି। ତେବେ ହାତୀକୁ ସ୍ଥାନାନ୍ତରଣ କରିବାରେ ନାକେଦମ୍ ହୋଇଥିଲା ବନ ବିଭାଗ। ବୁଧବାର ନରହନ୍ତା ହାତୀକୁ ପୀରବଜାର ନିକଟ ପେଟ୍ରୋଲପମ୍ପଠାରେ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ରାତିସାରା ବନ ବିଭାଗ ଏବଂ ପୋଲିସ କର୍ମଚାରୀ ତା' ଉପରେ ନଜର ରଖିଥିଲେ। ଗୁରୁବାର ସକାଳେ କଟକ ସିଟି ଏସିଏଫ୍ ଅନନ୍ତ କୁମାର ପ୍ରଧାନ ଏବଂ ଚନ୍ଦକା ଡିଏଫ୍‌ଓ ଏମ୍.ଡି. ଜମିଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପୁଣିଥରେ ଟ୍ରାଙ୍କୁଲାଇଜ କରି ହାତୀ ଆଖିରେ ଏକ କପଡ଼ା ଘୋଡାଇ ଦେଇଥିଲେ। ତେବେ ହାତୀ ବାରମ୍ବାର ଉକ୍ତ କପଡ଼ାକୁ ବାହାର କରିଦେଉଥିବା ଦେଖିବାକୁ ମିଳିଥିଲା। ତେଣୁ ପୁନର୍ବାର ଟ୍ରାଙ୍କୁଲାଇଜ୍ କରାଯାଇ ଏକ ବେଲ୍‌ଟରେ ବାନ୍ଧି କ୍ରେନ୍‌ରେ ଉଠାଯିବା ସହ ହାଇୱାରେ କପିଳାସ ଜୁ'କୁ ନିଆଯାଇଥିଲା। ଅପରପକ୍ଷରେ ଛୁଆହାତୀଟି ବୁଧବାର ସନ୍ଧ୍ୟାରେ ଓଟିଏମ୍ କଲୋନୀ ପରିସରରେ ଲୁଚି ରହିଥିବାବେଳେ ବିଳମ୍ବିତ ରାତିରେ ଶାଳଗାଁ ଆଡ଼କୁ ଚାଲିଯାଇଥିଲା। ପରେ ତାକୁ ଟାଙ୍ଗି ଅଞ୍ଚଳରେ ଠାବ କରାଯାଇଥିଲା। ମା'ଠାରୁ ଅଲଗା ହୋଇ ଛୁଆ ହାତୀଟି ଏଣେତେଣେ ବୁଲୁଥିବାରୁ ତାକୁ କାବୁ କରିବା ବନ ବିଭାଗ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

# ପୁରୀ ଜେଲରେ କଏଦୀଙ୍କ ସନ୍ଦେହଜନକ ମୃତ୍ୟୁ

**ପୁରୀ ଅଫିସ,୨୯।୯**

ବାଙ୍ଗରସ୍ଥିତ ପୁରୀ ମୁଖ୍ୟ କାରାଗାରରେ ଗୁରୁବାର ଜଣେ କଏଦୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସତ୍ୟବାଦୀ ଥାନା ବିଶ୍ୱନାଥପୁରର ଶିବପ୍ରସାଦ ଭୋଇ(୪୫)। ହଠାତ୍ ଅପରାହ୍ନରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା। ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଖବରପାଇ ରାମଚଣ୍ଡୀ ଥାନା ପୋଲିସ ପହଞ୍ଚି ଶିବଙ୍କ ମୃତଦେହକୁ ଜବତ ପୁରୀ କଲେରା ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ତାଙ୍କ ଘରଲୋକଙ୍କୁ ମଧ୍ୟ ଖବର ଦିଆଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବାସ୍ତବରେ ଶିବଙ୍କ ଦେହ ଖରାପ ଥିଲା ନା ସେ ଆତ୍ମହତ୍ୟା କରିଛନ୍ତି, ସେନେଇ ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ମାମଲାରେ ଜାନୁୟାରୀ ୮ରେ ଶିବ ଜେଲ ଯାଇଥିଲେ। ତାଙ୍କର ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ବଳାତ୍କାର ମାମଲାରେ ଜେଲ ଆସିଥିବାରୁ ତାଙ୍କ ଘରଲୋକ ମଧ୍ୟ ପଚାରୁ ନ ଥିଲେ, ଯେଉଁଥିପାଇଁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଜେଲରେ ରହିବା ପରେ ଶିବଙ୍କର ସ୍ପାଇନାଲ କର୍ଡ ସମସ୍ୟା ଦେଖାଯାଇଥିଲା। ତେଣୁ ତାଙ୍କୁ ୩ରୁ ୪ଥର ପୁରୀ ମେଡିକାଲ ମଧ୍ୟ ନିଆଯାଇଥିଲା। ଏଥିପାଇଁ ସେ ନିୟମିତ ଔଷଧ ଖାଉଥିଲେ। ଏ ସମ୍ପର୍କରେ ପୁରୀ ଜେଲର ଅକ୍ଷୟ ଜେନା କହିଛନ୍ତି, ଶିବଙ୍କର ସ୍ପାଇନାଲ କର୍ଡ ସମସ୍ୟାରୁ ଚିକିତ୍ସାଧୀନ ଥିଲେ। ଗୁରୁବାର ହଠାତ୍ ଦେହ ଖରାପ ହେବାରୁ ତାଙ୍କୁ ମେଡିକାଲ ନେବାବେଳେ ବାଟରେ ମୃତ୍ୟୁ ଘଟିଥିଲା।







# ପାସ୍ ହାର ୯୧.୮୨%

## ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର,୨୯।୯(ବ୍ୟୁରୋ)**

ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ପାସ୍ ହାର ୯୧.୮୨% ରହିଛି। ରାଜ୍ୟରେ ମୋଟ ୧,୧୮୭ଜଣ ଛାତ୍ରୀଛାତ୍ର ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧,୦୯୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ପାସ୍ ହାର ୯୩.୧୫% ଥିବାବେଳେ ବିଜ୍ଞାନରେ ୮୮%, ବାଣିଜ୍ୟରେ ୮୧.୯୬% ଏବଂ ଧନ୍ଦାମୂଳକରେ ୯୦% ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମିଶ୍ର ପରୀକ୍ଷାଫଳ ଘୋଷଣା କରିଛନ୍ତି। ପରୀକ୍ଷାଫଳ www.orissaresults.nic.in ଏବଂ ସାମ୍ସ ଇଣ୍ଟେସ୍‌ରେ ଉପଲବ୍ଧ ରହିଛି।

କଳାରେ ମୋଟ ୯୨୧ଜଣ ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୮୫୮ଜଣ ପାସ୍ ହୋଇଥିବାବେଳେ ୫୦୮ଜଣ ଛାତ୍ରୀ ଓ ୩୫୦ଜଣ ଛାତ୍ର ରହିଛନ୍ତି। ୧୩୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୩୬ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୪୮୮ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସେହିପରି ବିଜ୍ଞାନରେ ୧୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୧୧୦ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪୬ଜଣ ଛାତ୍ରୀ ଓ ୬୪ଜଣ ଛାତ୍ର ରହିଛନ୍ତି। ୨୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୧ଜଣ ଦ୍ୱିତୀୟ ଏବଂ ୪୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କେହି ଜଣେ ବି ଛାତ୍ରୀଛାତ୍ର ୯୦%ରୁ ଅଧିକ ନମ୍ବର ରଖି ନାହାନ୍ତି। ୧୩ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ସେହିଭଳି ବାଣିଜ୍ୟରେ ୬୧ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୦ଜଣ ପାସ୍ ହୋଇଥିବାବେଳେ ଏଥିରେ ୧୭ଜଣ ଛାତ୍ରୀ ଓ ୩୩ଜଣ ଛାତ୍ର ରହିଛନ୍ତି। ୭ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୭ଜଣ ଦ୍ୱିତୀୟ ଏବଂ ୨୬ଜଣ ତୃତୀୟ ଶ୍ରେଣୀରେ ପାସ୍ ହୋଇଛନ୍ତି। ଏଥିରେ ୯ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ୨ଟି ସ୍କୁଲରେ କେହି ଜଣେ ବି ପାସ୍ ହୋଇନାହାନ୍ତି। ଅନ୍ୟପଟେ ଧନ୍ଦାମୂଳକ ଶିକ୍ଷାରେ ୮୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୭୨ଜଣ ପାସ୍ ହୋଇଥିବାବେଳେ ୩୭ଜଣ ଛାତ୍ରୀ ଓ ୩୫ଜଣ ଛାତ୍ର ରହିଛନ୍ତି। ୧୪ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୩୬ଜଣ ଦ୍ୱିତୀୟ ଏବଂ ୨୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ଓ ୧୪ ତାରିଖରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ଇନ୍‌ଷ୍ଟାଣ୍ଟ ପରୀକ୍ଷା ହୋଇଥିଲା। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାରେ ଯେଉଁ ଛାତ୍ରୀଛାତ୍ର ମୋଟ ଉପରେ ପାସ୍ ମାର୍କ ରଖି ଗୋଟିଏ ବିଷୟରେ ଫେଲ୍ ହୋଇଥିଲେ, ସେମାନଙ୍କୁ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେବାର ସୁଯୋଗ ଦିଆଯାଇଥିଲା। ୧୩ ତାରିଖରେ ସମସ୍ତ ଥିଓରି ଓ ୧୪ରେ କେବଳ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

- କଳା ୯୩.୧୫%, ବିଜ୍ଞାନରେ ୮୮%, ବାଣିଜ୍ୟ ୮୧.୯୬% ଓ ଧନ୍ଦାମୂଳକରେ ୯୦%

# ଦରମା ବଦଳରେ ନିର୍ଯାତନା, ବିଷପିଇ ଆତ୍ମହତ୍ୟା କଲେ ବନ ଜଗୁଆଳି

**ରିଆମାଳ, ୨୯।୯ (ଡି.ଏନ୍.ଏ.)**

ଦରମା ବଦଳରେ ମିଳିଲା ନିର୍ଯାତନା। ଦରମା ଟଙ୍କା ମାଗିବାରୁ ଗାଳିଗୁଲଜ କରିବା ସହ ଚାକିରିରୁ ବାହାର କରିଦେବାର ଭୟ ଦେଖାଇଲେ ଅଧିକାରୀ। ଫଳରେ ଚାପଗ୍ରସ୍ତ ହୋଇ ଦେବଗଡ଼ ଜିଲା ରିଆମାଳ ଥାନା କଙ୍କରଖୋଲ ଗ୍ରାମର ବନ ଜଗୁଆଳି ପୌଲସ୍ତି ପ୍ରଧାନ ବିଷପିଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ରିଆମାଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, ଦେବଗଡ଼ ବନବିଭାଗ ପକ୍ଷରୁ କଙ୍କରଖୋଲ ନିକଟସ୍ଥ ଜଙ୍ଗଲରେ ବନୀକରଣ କରାଯାଇଥିଲା। ସେଠାରେ ବନ ଜଗୁଆଳି ଭାବେ ଦୈନିକ ମଜୁରିରେ ପୌଲସ୍ତି ନିଯୁକ୍ତ ହୋଇଥିଲେ। ୯ ମାସ ହେଲା ସେଠାରେ କାମ କରୁଥିଲେ ମଧ୍ୟ ତାଙ୍କୁ ଦରମା ଟଙ୍କା ଦିଆଯାଇ ନ ଥିଲା। ଏଥିସହ ତାଙ୍କୁ ଅଧିକ ସମୟ କାର୍ଯ୍ୟରେ ନିୟୋଜିତ କରାଯାଉଥିଲା। ଦରମା ଟଙ୍କା ମାଗିଲେ ବନବିଭାଗ ଅଧିକାରୀ ଗାଳିଗୁଲଜ କରୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୌଲସ୍ତିଙ୍କର ପୁଅ ନ ଥିବାବେଳେ ଗୋଟିଏ ମାତ୍ର ଝିଅର ବାହାଘର ସରିଛି। ଫଳରେ ଦରମା ଟଙ୍କା ନ ପାଇ ପରିବାର ଚଳାଇବା ସମସ୍ୟା ହେଉଥିବା ବେଳେ ପୌଲସ୍ତି ଚାପଗ୍ରସ୍ତ ରହୁଥିଲେ। ଶେଷରେ ବୁଧବାର ବିଷ ପିଇ ଆତ୍ମହତ୍ୟା କରିଥିବା ରିଆମାଳ ଥାନାରେ ତାଙ୍କ ପୁତୁରା ଅଭିଯୋଗ କରିଛନ୍ତି। ଅନ୍ୟପଟେ ପରିବାର ଲୋକଙ୍କ ଅଭିଯୋଗକୁ ରିଆମାଳ ରେଞ୍ଜର ନିରଞ୍ଜନ ଧରୁଆ ଏବଂ ଫରେଷ୍ଟର ଦୟାସାଗର ପ୍ରଧାନ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି, ୯ମାସ ନୁହେଁ ୩ ମାସ ହେଲା ସେ କାମ କରୁଥିଲେ। ତାଙ୍କୁ କୌଣସି ପ୍ରକାର ନିର୍ଯାତନା ଦିଆଯାଉ ନ ଥିଲା। ଠିକ୍ ସମୟରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବନ ଜଗୁଆଳିଙ୍କ ଦରମା ଟଙ୍କା ଆସି ନ ଥିବାରୁ ତାଙ୍କୁ ଦରମା ଦିଆଯାଇ ନ ଥିବା ରେଞ୍ଜର ଧରୁଆ ଏବଂ ଫରେଷ୍ଟର ପ୍ରଧାନ ସ୍ୱୀକାର କରିଛନ୍ତି।

DSPL - 194

**ପୂଜା ଓ ପର୍ବପର୍ବାଣୀ ଉତ୍ସବ ପାଳନ ସମୟରେ ବୈଦ୍ୟୁତିକ ସତର୍କତା ଅବଲମ୍ବନ କରନ୍ତୁ**

- ନିକଟରେ ବିଦ୍ୟୁତ୍ ଖୁଣ୍ଟ ଏବଂ ତାର ଥିଲେ, ଅତିକମ୍‌ରେ ୧୦ ଫୁଟ ଦୂରତା ରଖି କାର୍ଯ୍ୟ କରନ୍ତୁ। ବିଦ୍ୟୁତ୍ ଖୁଣ୍ଟ, ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ। ବିଦ୍ୟୁତ୍ ତାର ତଳେ କୌଣସି ପେଣ୍ଡାଲ୍ କିମ୍ବା ସାଜସଜ୍ଜା କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା ଓ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ବ୍ୟବହୃତ ବିଦ୍ୟୁତ୍ ତାରରେ ଯଥା ସମ୍ଭବ କୌଣସି ପ୍ରକାର ଜଏଣ୍ଟ୍ ରଖନ୍ତୁ ନାହିଁ। ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ। ଜଏଣ୍ଟ୍ ରୁ ସ୍ପାର୍କ ହୋଇ ନିଆଁ ଲାଗିବା ଏବଂ ବିଦ୍ୟୁତ୍ ଆଘାତର ସମ୍ଭାବନା ଥାଏ।
- ସମସ୍ତ ବିଦ୍ୟୁତ୍ ଉପକରଣ ଗୁଡିକୁ ଆବଶ୍ୟକ ମୁତାବକ ଆର୍ଥିଙ୍ଗ୍ କରନ୍ତୁ ଏବଂ ଏହା ସଠିକ୍ ରୂପେ କାର୍ଯ୍ୟ କରୁଛି ବୋଲି ନିଶ୍ଚିତ ହୁଅନ୍ତୁ।
- ଅସ୍ଥାୟୀ ସର୍ଭିସ୍ କନେକ୍ସନ୍ ନିମନ୍ତେ ଆବଶ୍ୟକ କ୍ଷମତା ବିଶିଷ୍ଟ ଏବଂ ସୁରକ୍ଷିତ ISI ମାର୍କ ତାର ବା କେବୁଲ୍ ବ୍ୟବହାର କରନ୍ତୁ ଏବଂ ଅଧିକ ଲୋଡ୍ କରନ୍ତୁ ନାହିଁ।
- ୧୦୦ କିମ୍ବା ତଦୁର୍ଦ୍ଧ ଜନ ସାଧାରଣଙ୍କର ସମାଗମ ହେବା ସ୍ଥାନରେ ବିଦ୍ୟୁତ୍ ବ୍ୟବହାର ହେବାକୁ ଥିଲେ ବିଦ୍ୟୁତ୍ ନିରୀକ୍ଷକଙ୍କ ଅନୁମତି ଅନିବାର୍ଯ୍ୟ ଅଟେ।



ବିଦ୍ୟୁତ୍ ବ୍ୟବହାରରେ ସହଜ ହୁଏ ଜୀବନ,
ଅସାବଧାନ ହେଲେ ନେଇ ଯାଏ ଜୀବନ।

- ଉପଯୁକ୍ତ କ୍ଷମତା ଏବଂ କେବଳ ISI ମାର୍କ ତାର, ସର୍କିଟ୍ ବ୍ରେକର୍ / ଫିଉଜ୍, ମେନ୍ ସୁଇଚ୍, ଚେଞ୍ଜଓଭର ଇତ୍ୟାଦି ବ୍ୟବହାର କରନ୍ତୁ।
- ଖୋଲାରେ ବ୍ୟବହୃତ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ ଉପଯୁକ୍ତ IP65/IP66/IP55 ଇତ୍ୟାଦି ମାନକ ଥିବା ଉପକରଣ ବ୍ୟବହାର କରନ୍ତୁ।
- ପର୍ଯ୍ୟାପ୍ତ ସଂଖ୍ୟାର ଅଗ୍ନି ନିର୍ବାପକ ଉପକରଣ, ଶୁଖିଲା ବାଲି (ବାଲ୍ଟିରେ) ପ୍ରଭୃତି ଷ୍ଟେଜ୍ ନିକଟରେ ଏବଂ ମେନ୍ ସୁଇଚ୍ ପ୍ୟାନେଲ୍ ଥିବା ସ୍ଥାନରେ ରଖନ୍ତୁ। ଆବଶ୍ୟକ ସ୍ଥଳେ ଫାୟାର୍ ଡିଟେକ୍ସନ୍ ଆଣ୍ଡ୍ ଆଲାର୍ମ୍ ସିଷ୍ଟମ୍ ର ବ୍ୟବହାର କରନ୍ତୁ।
- ଅସ୍ଥାୟୀ ପେଣ୍ଡାଲ୍ କରିବା ପୂର୍ବରୁ ବିଦ୍ୟୁତ୍ ବିତରଣ ବିଭାଗ, ବିଦ୍ୟୁତ୍ ନିରୀକ୍ଷକ ଓ ଅଗ୍ନି ନିର୍ବାପକ ବିଭାଗ ଇତ୍ୟାଦିକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକୀୟ ଅନୁମତି ନିଅନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର୍ ସୁଇଚ୍ ରହିବା ଅନିବାର୍ଯ୍ୟ ଅଟେ।
- କେବଳ ଲାଇସେନ୍ସ ପ୍ରାପ୍ତ ସଂସ୍ଥା ଏବଂ କୁଶଳୀ କାରିଗରଙ୍କ ଦ୍ୱାରା ବୈଦ୍ୟୁତିକ କାର୍ଯ୍ୟ କରନ୍ତୁ।

ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) -ତଥା- ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ
ଶକ୍ତି ବିଭାଗ, ଓଡିଶା ସରକାର

OIPR-04004/13/0003/2223

"କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। –ଶ୍ରୀମା



# ନିର୍ବାଚନକୁ ଅସ୍ୱୀକାର



ଜାନ୍ ୱ୍ୱେର୍ନର ମୁଲେର୍

ଆସନ୍ତା ମାସରେ ବ୍ରାଜିଲ ରାଷ୍ଟ୍ରପତି ନିର୍ବାଚନ ହେବ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଜୟେର ବୋଲ୍‌ସୋନାରୋ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପଥ ଆପଣାଇବାକୁ ପ୍ରସ୍ତୁତ ହେଉଛନ୍ତି। ଟ୍ରମ୍ପଙ୍କ 'ବିଗ୍ ଲାଏ', ଯାହା ଭୋଟିଂକୁ ଅବୈଧ ଓ ତ୍ରୁଟିପୂର୍ଣ୍ଣ ଦର୍ଶାଇଥିଲା, ବୋଲ୍‌ସୋନାରୋ ସେଭଳି ଦୃଷ୍ଟିକୋଣ ନେଉଥିବା ଜଣାପଡୁଛି। କ୍ଷମତାରେ ଥିବା ବ୍ୟକ୍ତିବିଶେଷମାନେ ଏହି କୌଶଳ ଗ୍ରହଣକରି ଗଣତାନ୍ତ୍ରିକ ନିର୍ବାଚନକୁ ଅସ୍ୱୀକାର କରନ୍ତି କିମ୍ବା ଅତି ବିପଜ୍ଜନକ ଭାବେ ଉପଦ୍ରବକୁ ପ୍ରୋତ୍ସାହିତ କରିବା ସହ ହିଂସାତ୍ମକ ପଥ ଗ୍ରହଣ କରିବାକୁ ସେମାନଙ୍କ ସମର୍ଥକମାନଙ୍କୁ ଉସୁକାଇଥାଆନ୍ତି। ନିଜ ମତ ଉପସ୍ଥାପନ କରି ସାଧାରଣରେ ଲୋକପ୍ରିୟ ହେବାକୁ ଚାହୁଁଥିବା ଏବଂ ଲଗାତର ବ୍ୟବସ୍ଥା ଓ ରାଜନୈତିକ ଭାବନା ବିରୋଧୀ କାର୍ଯ୍ୟରେ ଜଡିତ ନେତାମାନେ ପପୁଲିଷ୍ଟ ଭାବେ ଜଣାଶୁଣା। ବୋଲ୍‌ସୋନାରୋ ଓ ଟ୍ରମ୍ପ୍ ଏହି ଗୋଷ୍ଠୀର। ଏବେ ବୋଲସୋନାରୋଙ୍କୁ 'ଟ୍ରମ୍ପ ଅଫ୍ ଦି ଟ୍ରପିକ୍ସ' ନାମ ଦିଆଯାଇଛି , କାରଣ ଟ୍ରମ୍ପ ଯାହା କରିଥିଲେ ତାହାଠାରୁ ବୋଲ୍‌ସୋନାରୋ ଅଧିକ କରିପାରିବେ। ନିର୍ବାଚନରେ ଜଣେ ପରାଜିତ ପ୍ରାର୍ଥୀ କିପରି କ୍ଷମତାଶାଳୀ ଓ ପ୍ରଭାବୀ ଏପରି କି ରାଜନୀତିରେ ଏକ ଶକ୍ତି ଭାବେ ରହିପାରନ୍ତି ତାହା ଟ୍ରମ୍ପ୍ ଦେଖାଇଦେଇଛନ୍ତି। କିନ୍ତୁ ନିର୍ବାଚନର ଫଳାଫଳକୁ ସ୍ୱୀକାର କରିବା ଗଣତନ୍ତ୍ରର ଏକ ମୌଳିକ ତତ୍ତ୍ୱ। ଯଦି ନିର୍ବାଚନକୁ ଅସ୍ୱୀକାର କରିବା ଏକ ବୈଶ୍ୱିକ ଧାରା ପାଲଟିଯାଏ, ତେବେ ନାଗରିକମାନେ 'ଅବୈଧ' ବୋଲି ଛଳନା କରୁଥିବା ଏମିତିକା ନେତାମାନଙ୍କୁ କାହିଁକି ଗ୍ରହଣ କରିବେ।

ବୋଲସୋନାରୋ ନିର୍ବାଚନରେ ଲୁଇଜ୍ ଇନାସିଓ ଲୁଲା ଡିସିଲଭା (ଲୁଲା ଭାବେ ଜଣାଶୁଣା)ଙ୍କୁ ସାମ୍ନା କରୁଛନ୍ତି। ଲୁଲା ବାମପନ୍ଥୀ ନେତା ଓ ପୂର୍ବତନ ରାଷ୍ଟ୍ରପତି। ସେ ଓପିନିଅନ୍ ପୋଲ୍‌ରେ ଲଗାତର ଆଗୁଆ ରହିଛନ୍ତି। ତେବେ ବ୍ୟବଧାନ କମ୍ ଥିବାରୁ ଚରମ ଦକ୍ଷିଣପନ୍ଥୀ ନେତା ବୋଲସୋନାରୋ ଏହି ନିର୍ବାଚନରେ ପରାଜିତ ହେବାର ସମ୍ଭାବନା ରହିଛି। କିନ୍ତୁ ସେହି ପରିଣାମକୁ ଗ୍ରହଣ ନ କରିବା ପାଇଁ ସେ ତାଙ୍କ ସମର୍ଥକମାନଙ୍କୁ ଉସୁକାଇ ଆସିଛନ୍ତି। ସବୁଠୁ ଖରାପ କଥା ହେଉଛି, ବୋଲସୋନାରୋ ବ୍ରାଜିଲରେ୨୦୦୦ ଠାରୁ ଲାଗୁ ହୋଇଥିବା ଇଲେକ୍‌ଟ୍ରୋନିକ ଭୋଟିଂ ବ୍ୟବସ୍ଥା ଉପରେ ସନ୍ଦେହର ବୀଜ ବୁଣିଦେଇଛନ୍ତି। ୬ ଜାନୁୟାରୀ ୨୦୨୧ରେ ଟ୍ରମ୍ପଙ୍କ ସମର୍ଥକମାନେ ୱାଶିଂଟନ ଡିସିରେ ହିଂସାତ୍ମକ ବିଦ୍ରୋହ କରିଥିଲେ। ଏହି ଘଟଣା ପରେ ବୋଲସୋନାରୋ ପ୍ରତିକ୍ରିୟା ରଖିଥିଲେ। ଯଦି ୨୦୨୨ ନିର୍ବାଚନରେ ମୁଦ୍ରିତ ବାଲାଟ ପେପର ନ ରହେ, ତେବେ ଆମେ ଆମେରିକାଠାରୁ ବଡ଼ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛୁ ବୋଲି ସେ କହିଥିଲେ। ଏହାବାଦ୍ ଆମେରିକାର କ୍ୟାପିଟୋଲରେ ସଶସ୍ତ୍ର ବିଦ୍ରୋହୀମାନେ ଯଦି ଭଲ ଭାବେ ସଂଗଠିତ ହୋଇ ପ୍ରବେଶ କରିଥାନ୍ତେ ତେବେ ସେମାନେ ସଫଳ ହୋଇଥାଆନ୍ତେ ବୋଲି ରାଜନୀତିରେ ସକ୍ରିୟ ତାଙ୍କ ପୁଅ ଏଡୁରାର୍ଡୋ ବୋଲ୍‌ସୋନାରୋ ମତ ଦେଇଛନ୍ତି।




ନିର୍ବାଚନରେ ହାରୁଥିବା ପପୁଲିଷ୍ଟମାନେ ସାଧାରଣରେ ନିର୍ବାଚନକୁ ଅବୈଧ ବୋଲି ଦାବି କରିଥାନ୍ତି। ସେମାନଙ୍କ ଧାରଣା ଯେ,କେବଳ ସେମାନେ ହିଁ ବାସ୍ତବ ଲୋକମାନଙ୍କର ଅସଲି ପ୍ରତିନିଧି ଓ କ୍ଷମତା ଲାଗି ଅନ୍ୟସବୁ ଦାବିଦାର ହେଉଛନ୍ତି ଦୁର୍ନୀତିଗ୍ରସ୍ତ। ପପୁଲିଷ୍ଟମାନଙ୍କ ବିଚାରରେ ଯେଉଁ ନାଗରିକମାନେ ପପୁଲିଷ୍ଟ ନେତାମାନଙ୍କୁ ସମର୍ଥନ କରନ୍ତିନି, ସେମାନେ କେବେ ବି ବାସ୍ତବବାଦୀ ଲୋକ ଭାବେ ଗଣାହୁଅନ୍ତି ନାହିଁ କି ବୈଧ ଭୋଟ ଦିଅନ୍ତି ନାହିଁ । ଉଚ୍ଚପଦାଧିକାରୀଙ୍କୁ ସମାଲୋଚନା କରିବା ସହ ଲୋକମାନଙ୍କୁ ମତ ଦ୍ୱାରା ପ୍ରଭାବିତ କରି ସଂଗଠିତ ଭାବେ ରାଜନୈତିକ ବିଚାର ଓ ବ୍ୟବସ୍ଥା ଏବଂ ସମାଜର ମଙ୍ଗଳକାମୀ ବ୍ୟକ୍ତିମାନଙ୍କୁ ବିରୋଧ କରିଥାଏ ପପୁଲିଜମ୍। ଉଦାହରଣସ୍ୱରୂପ ୨୦୦୨ରେ ହଙ୍ଗେରୀର ସାଧାରଣ ନିର୍ବାଚନରେ ଭିକ୍ଟର ଓର୍ବାନଙ୍କ ଦଳ ହାରିଯିବା ପରେ ସେ କହିଥିଲେ ଯେ, ତାଙ୍କ ମାତୃଭୂମି ବିରୋଧୀଙ୍କ ହାତରେ ରହିପାରିବ ନାହିଁ। ୨୦୦୬ରେ ମେକ୍ସିକୋ ରାଷ୍ଟ୍ରପତି ନିର୍ବାଚନରେ ଏବକାର ରାଷ୍ଟ୍ରପତି ଆଣ୍ଡ୍ରେସ ମାନୁଏଲ ଲୋପେଜ ଓର୍ବାଡୋର ହାରିଯିବା ପରେ ଘୋଷଣା କରିଥିଲେ ଯେ, ଦକ୍ଷିଣପନ୍ଥୀଙ୍କ ବିଜୟ ନୈତିକ ରୂପେ ଅସମ୍ଭବ। ମେକ୍ସିକୋ ସହରରେ ତାଙ୍କ ସମର୍ଥକମାନଙ୍କୁ ଏକ ରାଲିରେ ସମ୍ବୋଧନ କରିବା ଅବସରରେ ସେ ନିଜକୁ ମେକ୍ସିକୋର ନ୍ୟାୟସଙ୍ଗତ ରାଷ୍ଟ୍ରପତି ବୋଲି ଘୋଷଣା କରିଥିଲେ। ଗୋଟିଏ ଦେଶର ଗଣତାନ୍ତ୍ରିକ ତଥା ରାଜନୈତିକ ସଂସ୍କୃତିକୁ ପପୁଲିଷ୍ଟ ନେତାମାନଙ୍କ ବାକ୍‌ପଟୁତା କିଭଳି କ୍ଷତି କରେ ତାହା ଦେଖିବା କଥା। ପପୁଲିଷ୍ଟ ନେତାମାନେ ବ୍ୟବସ୍ଥା ପ୍ରତି ଆଦୌ ବିଶ୍ୱାସ ନ କରିବା ଲାଗି ସେମାନଙ୍କ ସମର୍ଥକମାନଙ୍କୁ ବାଧ୍ୟ କରିଥାନ୍ତି। ଏହା ବ୍ୟତୀତ ଅନ୍ୟ ପଦାଧିକାରୀମାନେ ପ୍ରଚ୍ଛଦରେ ରହି ନିର୍ବାଚନ ପରିଣାମକୁ ସବୁବେଳେ ହେରଫେର କରିଥାନ୍ତି ବୋଲି ସେମାନଙ୍କ ସମର୍ଥକମାନଙ୍କ ମଧ୍ୟରେ ବିଶ୍ୱାସ ଜନ୍ମାଇଥାଆନ୍ତି।

ଏହା କହିବା ନିଷ୍ପ୍ରୟୋଜନ ଯେ, ନିର୍ବାଚନ ସମ୍ବନ୍ଧୀୟ ଆଇନ ଓ ପଦ୍ଧତି ନିନ୍ଦା ଏବଂ ସମାଲୋଚନାରୁ ଊର୍ଦ୍ଧ୍ୱରେ। ବ୍ୟବସ୍ଥାର ଅଗଣତାନ୍ତ୍ରିକ ପ୍ରସଙ୍ଗକୁ ସମାଲୋଚନା କରିବା ଏବଂ ନିର୍ବାଚନରେ ହାରିବା କାରଣରୁ ପୂରା ସଂସ୍ଥାକୁ ଅଗଣତାନ୍ତ୍ରିକ ବୋଲି ଘୋଷଣା କରିବା ମଧ୍ୟରେ ପ୍ରଭେଦ ରହିଛି। ପ୍ରଥମ ସମାଲୋଚନା ଗଣତନ୍ତ୍ରକୁ ମଜଭୁତ କରିପାରେ, କିନ୍ତୁ ଦ୍ୱିତୀୟଟି ଗଣତନ୍ତ୍ରକୁ ଦୁର୍ବଳ କରିବା ଲାଗି ଉଦ୍ଦିଷ୍ଟ। ଦେଶରେ ବିପରୀତ ବିଚାରଧାରାରେ ଥିବା ଦୁଇଗୋଷ୍ଠୀ ବାଣ୍ଟି ହୋଇଗଲେ ନିର୍ବାଚନକୁ ଅସ୍ୱୀକାର କରିବା ସମ୍ଭାବନା ଅଧିକ ରହିଥାଏ। ଏଭଳି ସ୍ଥିତିରେ ଟ୍ରମ୍ପ୍ ଓ ବୋଲ୍‌ସୋନାରୋଙ୍କ ଭଳି ପପୁଲିଷ୍ଟମାନଙ୍କୁ ଏହା କରିବାକୁ ସୁଯୋଗ ଦିଏ। ଏମାନଙ୍କ ମଧ୍ୟରୁ କେହି ଗୋଟିଏ ରାଜନୈତିକ ଦଳରେ ବାନ୍ଧି ହୋଇ ରହିନାହାନ୍ତି। ବୋଲସୋନାରୋ ଦଳ ପରିବର୍ତ୍ତନ କରିଛନ୍ତି । ଟ୍ରମ୍ପ୍ ମଧ୍ୟ ଦଳ ପରିବର୍ତ୍ତନ କରିବା ପରେ ଏବେ ରିପବ୍ଲିକାନ ପାର୍ଟିରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଉଭୟେ ସୋସିଆଲ ମିଡିଆ ଅନୁସରଣ କରିବା ସଂସ୍କୃତି ଗଢିଛନ୍ତି । ଉଭୟଙ୍କର ମଧ୍ୟ କୌଣସି ବାସ୍ତବ ପ୍ରଶାସନିକ ବିଚାରଧାରା କିମ୍ବା ନୀତିଭିତ୍ତିକ କାର୍ଯ୍ୟକ୍ରମ ନାହିଁ। ଏହି ଦୁଇ ନେତା ଏକ ସୀମାହୀନ ବ୍ୟକ୍ତିତ୍ୱ ପ୍ରେରିତ ସଂସ୍କୃତି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି। ଯଦି ସେମାନଙ୍କର କିଛି ଦଳୀୟ କାର୍ଯ୍ୟକ୍ରମ ଥାଆନ୍ତା,ତେବେ ସେମାନେ ସେଥିପ୍ରତି ଯତ୍ନଶୀଳ ହୋଇଥାନ୍ତେ। ସେମାନେ ଆଗାମୀ ନିର୍ବାଚନ ଜିତିବା ଲାଗି ନିଶ୍ଚିତ ଭାବେ ଚାହିଁଥାନ୍ତେ ଏବଂ ସେମାନଙ୍କ କାର୍ଯ୍ୟକ୍ରମ ଲାଗୁ କରିବାକୁ ସକ୍ଷମ ହୋଇଥାନ୍ତେ। ଏହା ହେଲେ ସେମାନେ ଯାହାକୁ ବାସ୍ତବରେ ଦେଶର ଏକ କ୍ଷତି ଜାଣୁଛନ୍ତି ତାହାକୁ ଦୂର କରନ୍ତେ । ଅନ୍ୟମାନେ ଯାହା କରୁଛନ୍ତି ତାହାଠାରୁ ଏହା ଅଧିକ ପରିଣାମୀ ହୋଇପାରନ୍ତା। ଟ୍ରମ୍ପ୍ 'ବିଗ୍ ଲାଏ'କୁ ସମର୍ଥନ କରି ହିଂସା ଭିଆଇବାକୁ ସଫଳ ହୋଇଛନ୍ତି। ତେବେ କଂଗ୍ରେସରେ ଥିବା ସଂଖ୍ୟାଧିକ ରିପବ୍ଲିକାନ, ସିନେଟର ଏବଂ ଗଭର୍ନର ପ୍ରାର୍ଥୀମାନେ ନଭେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନ ପରାଜୟକୁ ସ୍ୱୀକାର କରିବେ କି ନାହିଁ ତାହା କହିବାକୁ ମନା କରିଦେଇଛନ୍ତି। ବ୍ରାଜିଲରେ ବୋଲସୋନାରୋ ତାଙ୍କ ପକ୍ଷକୁ ସେନାକୁ ଆଣିବା ଲାଗି କୌଶଳ ପ୍ରୟୋଗ କରୁଛନ୍ତି ଓ ପୋଲିସରୁ ଅତ୍ୟଧିକ ସମର୍ଥନ ପାଉଛନ୍ତି।

ଗୋଟିଏ ଦେଶରେ ସାଧାରଣରେ ମତ ପ୍ରକାଶ କରୁ ନ ଥିବା ବିଶାଳ ଗୋଷ୍ଠୀର ନେତା ଭାବେ ନିଜକୁ ଉପସ୍ଥାପିତ କରୁଥିବା ପପୁଲିଷ୍ଟମାନଙ୍କ ମତକୁ ବହୁ ସମୟରେ କମ୍ ଲୋକ ଗ୍ରହଣ କରିଥାନ୍ତି, ଯାହା ଟମ୍ପ୍ ଏବଂ ବୋଲ୍‌ସୋନାରୋଙ୍କ କ୍ଷେତ୍ରରେ ଘଟିଛି। କମ୍ ଲୋକ ସେମାନଙ୍କ ମତରେ ପରିଚାଳିତ ହୋଇ ଗଣତନ୍ତ୍ର ବିରୋଧୀ ହେବା ଓ ନିର୍ବାଚନକୁ ଅସ୍ୱୀକାର କରିବା ସହ ହିଂସୁକ ହେଉଥିବାବେଳେ ମତ ପ୍ରକାଶ କରୁ ନ ଥିବା ବୃହତ୍ ଗୋଷ୍ଠୀ ଓ ସେମାନଙ୍କ ପଦସ୍ଥ ବ୍ୟକ୍ତିମାନେ ନୀରବ ରହିବା ଉଚିତ ନୁହେଁ।

**ପ୍ରଫେସର ଅଫ୍ ପଲିଟିକ୍ସ, ପ୍ରିନ୍ସଟନ୍ ୟୁନିଭର୍ସିଟି**

## ଏଇ ଭାରତରେ

ଅନେକ ସମୟରେ ଲୋକେ କହନ୍ତି ନିଜ କାମ କରିବାକୁ ତ ସମୟ ନାହିଁ, ଅନ୍ୟମାନଙ୍କ କଥା ବୁଝିବି କ'ଣ ? ଏଭଳି ଲୋକେ ତ ପ୍ରାଣୀଙ୍କ କଥା ଚିନ୍ତା କରିବା ସ୍ୱପ୍ନ। ହେଲେ ମଣିଷଙ୍କ ଭିତରେ ଏମିତି ବି ଅଛନ୍ତି ଯିଏ ନିଜ କଥା ବୁଝି ପଶୁପକ୍ଷୀଙ୍କ ଯତ୍ନ ନେବାରେ ଜୀବନ ବିତାଉଛନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ଦିଲ୍ଲୀର ଜବାହର ଲାଲ। ବୟସ ୬୫, ହେଲେ ୪୫ ବର୍ଷ ଧରି ଅର୍ଥାତ୍ ତାଙ୍କୁ ୧୯–୨୦ ବର୍ଷ ହୋଇଥିବାବେଳୁ ସେ ନିରବଚ୍ଛିନ୍ନ ଭାବେ ଦିଲ୍ଲୀର ଆର୍କିଓଲୋଜିକାଲ ପାର୍କର ପକ୍ଷୀମାନଙ୍କୁ ଖାଦ୍ୟ ଓ ପାନୀୟ ଦେଉଛନ୍ତି। ଏଥିପାଇଁ ତାଙ୍କୁ 'ପକ୍ଷୀ ମଣିଷ' କୁହାଯାଉଛି। କେବଳ ପକ୍ଷୀ ନୁହନ୍ତି, ଜବାହର ପାର୍କରେ ଥିବା ବୁଲାକୁକୁରଙ୍କୁ ମଧ୍ୟ କ୍ଷୀର ଓ ବ୍ରେଡ୍ ଖାଇବାକୁ ଦେଉଛନ୍ତି। ସେ ତାଙ୍କ ଦୋକାନରୁ ଯାହା ଆୟ କରୁଛନ୍ତି ତାହାକୁ ପକ୍ଷୀମାନଙ୍କୁ ଖାଇବାକୁ ଦେବାରେ ବ୍ୟୟ କରୁଛନ୍ତି। କୁତବ୍‌ମିନାର ନିକଟରେ ଥିବା ଏହି ପାର୍କରେ ଜବାହର ପ୍ରତିଦିନ ସକାଳ ୭ରୁ ୮ଟା ମଧ୍ୟରେ ପହଞ୍ଚି ଯାଆନ୍ତି । ଜବାହର ସେଠାରେ ପହଞ୍ଚିବା କ୍ଷଣି ପକ୍ଷୀମାନେ ମଧ୍ୟ ଆସିଥା'ନ୍ତି। ସେ ସାଥିରେ ୫ କେ.ଜି. ଦାନା ଓ ୧୦ ଲିଟର ପାଣି ନେଇଥା'ନ୍ତି। ପକ୍ଷୀ ଓ କୁକୁରଙ୍କୁ ଖାଇବାକୁ ଦେବା ପରେ ପାର୍କର ସବୁସ୍ଥାନରେ ପାତ୍ରରେ ପାଣି ରଖନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ସେପ୍ଟେମ୍ବର ୧୯୯୭

- ଆଲଜେରିଆସ୍ଥିତ ଏକ ଗ୍ରାମ୍ୟ ସ୍କୁଲରେ ଉଗ୍ରବାଦୀଙ୍କ ଅଚାନକ ଆକ୍ରମଣରେ ୧୧ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ନିହତ।
- ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା କେନ୍ଦ୍ରରୁ ଦେଶର ସର୍ବାଧୁନିକ ଦୂର ସମ୍ବେଦୀ ଉପଗ୍ରହ ଆଇଆଇଏସ୍–୧ଡିର ସଫଳ ଉତ୍‌କ୍ଷେପଣ।
- ସୁପ୍ରିମ୍‌କୋର୍ଟ ବାର୍ ଆସୋସିଏସନରୁ କେନ୍ଦ୍ରର ପୂର୍ବତନ ଆଇନ ମନ୍ତ୍ରୀ ତଥା ବରିଷ୍ଠ ଓକିଲ ଶାନ୍ତିଭୂଷଣ ସସ୍‌ପେଣ୍ଡ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 1 | | | |
| | | | | 9 | | 3 | 4 | |
| 6 | 4 | | 2 | | | | 7 | |
| | 3 | | 6 | | | 1 | | 7 |
| | 8 | | 7 | | | 2 | | 9 |
| | | | | | | 6 | | |
| | | | | 5 | 3 | | | |
| | 1 | | | | | | | 8 |
| | | 8 | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 4 | 7 | 5 | 1 | 9 | 2 | 8 |
| 7 | 9 | 5 | 2 | 8 | 3 | 6 | 1 | 4 |
| 8 | 1 | 2 | 4 | 6 | 9 | 7 | 3 | 5 |
| 4 | 7 | 3 | 5 | 1 | 2 | 8 | 9 | 6 |
| 2 | 5 | 9 | 8 | 4 | 6 | 1 | 7 | 3 |
| 1 | 6 | 8 | 3 | 9 | 7 | 4 | 5 | 2 |
| 5 | 8 | 7 | 9 | 3 | 4 | 2 | 6 | 1 |
| 3 | 2 | 6 | 1 | 7 | 8 | 5 | 4 | 9 |
| 9 | 4 | 1 | 6 | 2 | 5 | 3 | 8 | 7 |

ଗତକାଲିର ଉତ୍ତର

# ବିଶ୍ୱ ଅନୁବାଦ ଦିବସ ଓ ଆମ ସ୍ଥିତି



ହରେକୃଷ୍ଣ ଦାସ

ପୃଥିବୀର ବିଭିନ୍ନ ଦେଶକୁ ପରସ୍ପରର ବୌଦ୍ଧିକ ଓ ସାଂସ୍କୃତିକ ବିଭବ ସହ ଭାଷା ମାଧ୍ୟମରେ ଯୋଡ଼ିବାର ଲକ୍ଷ୍ୟ ନେଇ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରିବାର ପରିକଳ୍ପନା କରାଯାଇଥିଲା। ଦେଶ ଦେଶ ମଧ୍ୟରେ ଶାନ୍ତି ଓ ସଦ୍ଭାବନା ସ୍ଥାପନ କରିବା ତଥା ବଜାୟ ରଖିବାରେ ଅନୁବାଦକମାନଙ୍କର ଭୂମିକାକୁ ସମ୍ମାନ ଜଣାଇ ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖକୁ ଏହି ଦିବସ ଭାବରେ ପାଳନ କରିବା ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦ ୨୦୧୭ ମସିହାରେ ସଙ୍କଳ୍ପ ପାରିତ କଲାପରେ ସେହି ବର୍ଷଠାରୁ ଏହା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପାଳନ କରାଯାଇଆସୁଛି। ଏ ବର୍ଷ ଏହି ଦିବସ ପାଳନର ଥିମ୍ ବା ପ୍ରସଙ୍ଗ ରହିଛି 'Every culture deserves global respect' ବା ପ୍ରତ୍ୟେକ ସଂସ୍କୃତିକୁ ସମଗ୍ର ବିଶ୍ୱରେ ସମ୍ମାନ ମିଳିବା ଆବଶ୍ୟକ। ଏବଂ world without barriers ବା ବାଧାରହିତ ବିଶ୍ୱ। ବାଇବେଲକୁ ଲାଟିନ ଭାଷାରେ ଅନୁବାଦ କରିଥିବା ସନ୍ଥ ଜେରମଙ୍କ ମହାପ୍ରୟାଣ ତାରିଖରେ ଏହା ପାଳନ କରାଯାଉଥିବାରୁ ଅନୁବାଦ କର୍ମର ଗୁରୁତ୍ୱ କେତେ ରହିଛି ତାହା ଅନୁମାନ କରାଯାଇପାରେ।

କିନ୍ତୁ ବିଡ଼ମ୍ବନାର ବିଷୟ ହେଲା କବିତା, ଗଳ୍ପ, ନାଟକ, ଉପନ୍ୟାସ ପରି ବିଭାଗଗୁଡ଼ିକୁ ସାହିତ୍ୟ ସର୍ଜନାର ମୌଳିକ ବିଭାଗ ଭାବରେ ଯେତିକି ଆଦର ଓ ପ୍ରୋତ୍ସାହନ ମିଳେ, ଅନୁବାଦ ବିଭାଗକୁ ଆମେ ସେତିକି ଗୁରୁତ୍ୱ ଦେଇ ନ ଥାଉ, ଯଦିଓ ଅନୁବାଦ ଏକ କଷ୍ଟକର କାର୍ଯ୍ୟ ବୋଲି ଆମେ ସମସ୍ତେ ସ୍ୱୀକାର କରିଥାଉ। ଓଡ଼ିଶାର ସାହିତ୍ୟ ଭଣ୍ଡାରକୁ ଲକ୍ଷ୍ୟ କଲେ ଅନ୍ୟାନ୍ୟ ବିଭାଗ ତୁଳନାରେ ଅନୂଦିତ ସାହିତ୍ୟର ନଗଣ୍ୟ ପରିମାଣ ଆମର ଅନୁବାଦ କର୍ମ ପ୍ରତି ଆନ୍ତରିକତା ବାବଦରେ ଏକ ନକାରାତ୍ମକ ଚିତ୍ର ପ୍ରଦାନ କରେ। ଓଡ଼ିଶାରେ ଅନୁବାଦ ପ୍ରତି ସମର୍ପିତ ଅନେକ ଦକ୍ଷ ଅନୁବାଦକ ଅନେକ ଉତ୍କୃଷ୍ଟ ମାନର କାମ କରି ଆମ ପାଇଁ ଗୌରବ ଆଣିଛନ୍ତି, କିନ୍ତୁ ସାମ୍ପ୍ରତିକ ସମୟରେ ଏ ଦିଗରେ ଆମର ପ୍ରୟାସ ଉତ୍ସାହଜନକ ନୁହେଁ।

ସରକାରୀ ସ୍ତରରେ ଯଦିଓ ପ୍ରୋତ୍ସାହନ ଦିଆଯାଇ କେତେକ ବହିକୁ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ କରାଯାଉଛି, ତା'ର ଗତି ଅତି ମନ୍ଥର ହୋଇଥିବାରୁ ପରିମାଣ ମଧ୍ୟ ଖୁବ୍ ନୈରାଶ୍ୟଜନକ। ବହିଟିଏର ନିର୍ବାଚନଠାରୁ ଆରମ୍ଭ କରି ଅନୁବାଦ ପରେ ପ୍ରକାଶନ ପର୍ଯ୍ୟନ୍ତ ବିଭିନ୍ନ ଔପଚାରିକ ପ୍ରକ୍ରିୟାରେ ଏତେ ସମୟର ବ୍ୟବଧାନ ଥାଏ ଯେ ତା' ଭିତରେ ବହୁତ କବିତା, ଗଳ୍ପବହି ପ୍ରକାଶିତ ହୋଇସାରିଥିବ। ସୁତରାଂ, ଯେଉଁ ଅନୁବାଦକମାନେ ସର୍ଜନାର ଅନ୍ୟାନ୍ୟ ବିଭାଗରେ ସକ୍ରିୟ ଥିବେ, ସେମାନେ ଏ ପ୍ରକାର ଅନୁବାଦ ପାଇଁ ଆଗ୍ରହ ନ ଦେଖାଇବା ସ୍ୱାଭାବିକ।

ଅନୁବାଦ ବାସ୍ତବରେ ଏକ ପୁନର୍ସୃଜନ କାର୍ଯ୍ୟ ହୋଇଥିବାରୁ, କବିତା ଗଳ୍ପ ଆଦି ସର୍ଜନାରେ ସକ୍ରିୟ ଥିବା ସ୍ରଷ୍ଟାଟିଏ ଅପେକ୍ଷାକୃତ ଭଲ ଅନୁବାଦକ ହୋଇପାରେ ଯଦି ତା'ର ଉଭୟ ଭାଷାର ଶବ୍ଦ ଉପରେ ଆବଶ୍ୟକ ଦକ୍ଷତା ଥାଏ। କିନ୍ତୁ ସୃଜନଶକ୍ତି ନ ଥାଇ କେବଳ ଭାଷାଗତ ଦକ୍ଷତା ଥିବା ବ୍ୟକ୍ତି ଅନୁବାଦରେ ନିୟୋଜିତ ହେଲେ ନିମ୍ନମାନର ଅନୁବାଦ ହୋଇ ମୂଳ ବହିଟିର ଆଦର ବଢ଼ିପାରେନା। ସମସ୍ୟା ବେଶି ବଳିପଡ଼େ ଯେତେବେଳେ ନିଜ ପ୍ରୋଫାଇଲରେ ବହି ସଂଖ୍ୟା ବଢ଼ାଇବାର ନିଶାରେ ଅନେକ ନିମ୍ନମାନର ବହିର ଅନୁବାଦ ଘରୋଇ ପ୍ରୟାସରେ କରାଯାଏ। ତା' ଦ୍ୱାରା ଅନ୍ୟ ଭାଷାକୁ ଯେଉଁ ବାର୍ତ୍ତା ଯାଏ, ତାହା କେବେହେଲେ ବୌଦ୍ଧିକ, ସାଂସ୍କୃତିକ ଓ ସାହିତ୍ୟିକ ଗରିମାର ବାର୍ତ୍ତା ନୁହେଁ। ବହିର ମାନ ନିର୍ଦ୍ଧାରଣ କରିବା ପାଇଁ ଯେଉଁମାନେ ଦାୟିତ୍ୱରେ ଥାଆନ୍ତି ସେମାନେ ବାହ୍ୟ ଚାପରେ ପ୍ରଭାବିତ ନ ହୋଇ, ନିରପେକ୍ଷ ରହି ଯେ କେବଳ ଉଚ୍ଚମାନର ବହି ଅନୁବାଦ ପାଇଁ ସୁପାରିସ କରନ୍ତି, ସେକଥା ମଧ୍ୟ ନିଶ୍ଚିତ ନୁହେଁ। ଉଚ୍ଚ ମାନ ଅପେକ୍ଷା ଉଚ୍ଚ ପଦପଦବୀ ଅନେକ କ୍ଷେତ୍ରରେ ବହି ଅନୁବାଦ ହେବା ପଛର କାରଣ ପାଲଟୁଛି ଯାହା ସାହିତ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ। ବିଶେଷ କରି ଓଡ଼ିଆ ସାହିତ୍ୟ ପାଇଁ, ଯାହା ଅନୁବାଦ କ୍ଷେତ୍ରରେ ଏପର୍ଯ୍ୟନ୍ତ ଏତେ ସମୃଦ୍ଧ ସ୍ତରକୁ ଉଠିପାରିନାହିଁ, ଏ ପ୍ରକାର ଧାରା ନିହାତି କ୍ଷତିକାରକ।

ଓଡ଼ିଶାରେ ଅନୁବାଦ ପାଇଁ ଅନେକ ଅନୁଷ୍ଠାନ କାର୍ଯ୍ୟ କରୁଛନ୍ତି। କିନ୍ତୁ ବହି ଓ ଅନୁବାଦକ ଚୟନ ଦିଗରେ ଅଭିଜ୍ଞ ସାହିତ୍ୟିକ ତଥା ଅନୁବାଦକମାନେ ଯତ୍ନଶୀଳ ହେବା ଉଚିତ। ଖବରକାଗଜର ସାହିତ୍ୟ ପୃଷ୍ଠା ଓ ପତ୍ରପତ୍ରିକାରେ କେବଳ ଉଚ୍ଚକୋଟୀର ସାହିତ୍ୟ ଅନୁବାଦକୁ ଉତ୍ସାହିତ କରାଯିବା ଉଚିତ। କିନ୍ତୁ ବିଡ଼ମ୍ବନା ଯେ, କେବଳ ଅନୁବାଦ କୃତିର ବହୁଳତାକୁ ଧ୍ୟାନରେ ରଖି ଜଣକୁ ଆମେ ଉଚ୍ଚକୋଟୀର ଅନୁବାଦକ ବୋଲି ବିଚାର କରୁ। ତାକୁ ବିଭିନ୍ନ ପ୍ରକାରେ ତୋଷାମଦି କରି ନିଜର ଅଜ୍ଞତା ଦେଖାଉ କିମ୍ବା ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁ। ଏବଂ ସେହି ତଥାକଥିତ ଅଭିଜ୍ଞ ଓ ଉଚ୍ଚକୋଟୀର ଅନୁବାଦକମାନେ ନିଜର ପତିଆରା ବଜାୟ ରଖିବା ସକାଶେ ନୂତନ ପିଢ଼ିର ଅନୁବାଦକଙ୍କୁ ଆଗକୁ ବଢ଼ିବାକୁ ଦେବା ପରିବର୍ତ୍ତେ ନକାରାତ୍ମକ ମତାମତ ଦେଇ ନିରୁତ୍ସାହିତ କରନ୍ତି। ଏ ପ୍ରକାର ମାନସିକତାରୁ ଆମେ ଯେତେ ଶୀଘ୍ର ମୁକୁଳିବା, ଆମ ଅନୁବାଦ ସାହିତ୍ୟ ସେତେ ରୁଚିଶୀଳ ହେବ।



ପ୍ରତିଭା ଓ ଦକ୍ଷତା ଉପରେ କୌଣସି ନିର୍ଦ୍ଦିଷ୍ଟ ସମୟର କେବେ ଏକଚାଟିଆ ଅଧିକାର ନ ଥାଏ। ସବୁବେଳେ ଅନେକ ପ୍ରତିଭା ସମ୍ପନ୍ନ ସାହିତ୍ୟିକଙ୍କୁ ପ୍ରକୃତି ଜନ୍ମ ଦେଇଥାଏ, ଯେଉଁମାନଙ୍କୁ ଉପଯୁକ୍ତ ସୁଯୋଗ, ପରିବେଶ, ପରାମର୍ଶ ଓ ମାର୍ଗଦର୍ଶନ ଦିଆଯାଇ ଭବିଷ୍ୟତ ପାଇଁ ପ୍ରସ୍ତୁତ କରାଯାଇପାରିବ। ନୂତନ ପିଢ଼ିର ଅନେକ ପ୍ରତିଭାବାନ ଅନୁବାଦକଙ୍କୁ ବିଭିନ୍ନ କର୍ମଶାଳା ଓ ପ୍ରତିଯୋଗିତା ଜରିଆରେ ଚୟନ କରି, ସେମାନଙ୍କର ଉପଯୁକ୍ତ ମାର୍ଗଦର୍ଶନ କରାଇ ଅଧିକରୁ ଅଧିକ ରୁଚିସମ୍ପନ୍ନ ଅନୁବାଦ ସାହିତ୍ୟ ସୃଷ୍ଟି କରିବାରେ ସହାୟକ ହେବା ଉଚିତ। ତାହା ହୋଇପାରିଲେ ଋଦ୍ଧିମନ୍ତ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ଆହୁରି ଅଧିକ ପ୍ରଚାର ପ୍ରସାର ହୋଇପାରିବ। ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନର ଏହା ଧ୍ୟେୟ ହେବା ଉଚିତ ବୋଲି ଆମେ ଓଡ଼ିଆମାନେ ଅନ୍ତତଃ ଆଶା କରିବା।

**ଅଧ୍ୟାପକ, ଇଂଲିଶ ବିଭାଗ**
**ନିଆଳି କଲେଜ, କଟକ**
**ମୋ:୯୮୬୧୩୪୫୬୫୮**

# ପାର୍ବଣରେ ପ୍ରଦୂଷଣ



ଡ. ବିଜୟଲକ୍ଷ୍ମୀ ଭୂୟାଁ

ଯାହା ଆମକୁ ଚାରିପଟୁ ଘେରିରହିଛି ତାହା ହିଁ ପରିବେଶ। ଏହି ପରିବେଶକୁ ଅତ୍ୟଧିକ ପରିତ୍ୟକ୍ତ ଓ ଦୂଷିତ ପଦାର୍ଥ ପରିତ୍ୟାଗ କରିବାକୁ ପ୍ରଦୂଷଣ କୁହାଯାଏ। ଶିଳ୍ପାୟନ, ପରିବହନ ବ୍ୟବସ୍ଥା, ମଇଳା ଆବର୍ଜନା ଇତ୍ୟାଦି ଦ୍ୱାରା ବାୟୁମଣ୍ଡଳ ପ୍ରଦୂଷଣ ହୋଇଥାଏ। ନାଳ ନର୍ଦ୍ଦମାରୁ ନିର୍ଗତ ଅପରିଷ୍କାର ଜଳ, ଡାକ୍ତରଖାନା ବର୍ଜ୍ୟବସ୍ତୁ, ମୃତ୍ତିକାରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ, ପଚାଶଢ଼ା ପଦାର୍ଥ ଇତ୍ୟାଦି ବର୍ଷାପାଣିରେ ଜଳାଶୟଗୁଡ଼ିକରେ ପ୍ରବେଶ କରିବା ଦ୍ୱାରା ଜଳ ପ୍ରଦୂଷଣ ହୋଇଥାଏ। ପର୍ବପର୍ବାଣି ସମୟରେ ଏହି ପ୍ରଦୂଷଣ ଅତିମାତ୍ରାରେ ବୃଦ୍ଧି ପାଇଥାଏ। ଏଥିପାଇଁ ସଚେତନ ହୋଇ କିଛିଟା ପ୍ରତିକାର ବ୍ୟବସ୍ଥା ଗ୍ରହଣ କଲେ ନିଜେ ସୁରକ୍ଷିତ ରହିବା ସହ ପରିବେଶର ସୁରକ୍ଷା କରାଯାଇପାରିବ।

ଭାରତରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ ଜଗଜ୍ଜନନୀ ମା' ଦୁର୍ଗାଙ୍କ ପୂଜା ତା' ମଧ୍ୟରେ ମୁଖ୍ୟ ସ୍ଥାନ ଅଧିକାର କରେ। ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ମହାନବମୀ ପର୍ଯ୍ୟନ୍ତ ନଅଦିନ ଧରି ନବରାତ୍ରି ପାଳନ କରାଯାଏ। ଦଶମୀ ଦିନକୁ ଦଶହରା କୁହାଯାଏ। ଏହି ଦିନ ମା' ଦୁର୍ଗା ମହିଷାସୁରକୁ ବଧ କରିଥିଲେ। ଅଧର୍ମ ଉପରେ ଧର୍ମର, ଅସତ୍ୟ ଉପରେ ସତ୍ୟର ଓ ଆସୁରିକ ଶକ୍ତି ଉପରେ ଦୈବୀଶକ୍ତିର ବିଜୟ ହେତୁ ଏହାକୁ ବିଜୟାଦଶମୀ ମଧ୍ୟ କୁହାଯାଏ। ଏହି ଦିନ ଶ୍ରୀ ରାମଚନ୍ଦ୍ର ମା' ଦୁର୍ଗାଙ୍କୁ ପୂଜା କରି ଲଙ୍କାର ରାଜା ରାବଣକୁ ବଧ କରିଥିଲେ ଓ ମାତା ସୀତାଙ୍କୁ ଉଦ୍ଧାର କରିଥିଲେ। ତେଣୁ ଦଶହରା ପର୍ବ ପାଳନ ପରେ ବିଭିନ୍ନ ସ୍ଥାନରେ 'ରାବଣପୋଡ଼ି' ଉତ୍ସବ ପାଳନ କରାଯାଏ। ଏଥିପାଇଁ କାଠ, ବାଉଁଶ, ଶଗଡ଼, କନା, ବାଣ ଓ ଜରିରେ ନିର୍ମିତ ବିରାଟକାୟ ରାବଣ ମୂର୍ତ୍ତି ଦହନ କରାଯାଏ। ସେଥିରେ ଖଞ୍ଜାଯାଇଥିବା ବାଣ ଫୁଟିବା ଓ ବାରୁଦ ଜଳିବା ଦ୍ୱାରା ବାୟୁମଣ୍ଡଳରେ ବହୁ ପରିମାଣରେ ବିଷାକ୍ତ ବାଷ୍ପ ମିଶିଥାଏ। ଦହନ ପରେ ଅବଶେଷ ପାଉଁଶ ଓ ଅନ୍ୟାନ୍ୟ ଦରପୋଡ଼ା ପଦାର୍ଥ ନିକଟସ୍ଥ ଜଳାଶୟ ବା ନଦୀରେ ନିକ୍ଷେପ କରିବା ଦ୍ୱାରା ଜଳ ପ୍ରଦୂଷିତ ହୋଇଥାଏ। ଦେଖାଯାଇଛି ଦିଲ୍ଲୀରେ ଦଶହରା ପର୍ବ ପରେ ବାୟୁମଣ୍ଡଳ ପ୍ରଦୂଷଣ ଦ୍ୱିଗୁଣିତ ହୋଇଯାଏ।

ଦଶହରା ପରେ ଆସିଥାଏ ଭସାଣି ପର୍ବ। ଶହ ଶହ ମୃଣ୍ମୟୀ ପ୍ରତିମାଙ୍କୁ ବାଜା ବଜାଇ, ବାଣ ଫୁଟାଇ ବିରାଟ ପଟୁଆରରେ ନଦୀଘାଟକୁ ନେଇ ମା'ଙ୍କୁ ବିସର୍ଜନ କରାଯାଏ। ଏଥିରେ ବ୍ୟବହୃତ କାଠ, ନଡ଼ା, ରଙ୍ଗ, ବଳକା ବାସି ଭୋଗ, ଫୁଲ ଓ ପତ୍ର ଇତ୍ୟାଦି ମଧ୍ୟ ଜଳରେ ନିକ୍ଷେପ କରାଯାଇଥାଏ। ମୂର୍ତ୍ତିଗୁଡ଼ିକରେ ଲଗାଯାଉଥିବା ରାସାୟନିକ ରଙ୍ଗକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେଥିରେ କ୍ରୋମିୟମ୍, କୋବାଲ୍‌ଟ, ନିକେଲ, କପର, ପାରଦ ଇତ୍ୟାଦି ଧାତୁର ଯୌଗିକ ପଦାର୍ଥମାନ ମିଶାଯାଇଥାଏ। ମୂର୍ତ୍ତି ସହିତ ଏସବୁ ବିଷାକ୍ତ ପଦାର୍ଥ ଜଳରେ ମିଶେ ଓ ଏହି ଜଳକୁ ବ୍ୟବହାର କରିଲେ ବିଭିନ୍ନ ପ୍ରକାର ପେଟରୋଗ, କିଡ୍‌ନୀ ରୋଗ ଓ ଚର୍ମରୋଗ ଇତ୍ୟାଦିର ସମ୍ଭାବନା ଥାଏ। ମାଛ ଇତ୍ୟାଦି ଜଳଚର ପ୍ରାଣୀମାନେ ଏହି ବିଷାକ୍ତ ଜଳ ସମ୍ପର୍କରେ ଆସିବା ଦ୍ୱାରା ଏହାକୁ ଖାଦ୍ୟ ଭାବେ ଗ୍ରହଣ କରି ମଣିଷମାନେ ବିଭିନ୍ନ ରୋଗର ଶିକାର ହୁଅନ୍ତି।

ପ୍ରତିକାର ବ୍ୟବସ୍ଥାସ୍ୱରୂପ କେତେକ ବିଷୟ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ଅତିମାତ୍ରାରେ ବାଣଫୁଟା ବନ୍ଦ କରିବା ଦ୍ୱାରା ଏଥିରୁ ନିର୍ଗତ ଅଙ୍ଗାରକାମ୍ଳ, ସଲ୍‌ଫର ଓ ନାଇଟ୍ରୋଜେନ୍‌ର ଯୌଗିକ ପଦାର୍ଥରୁ ବାୟୁମଣ୍ଡଳକୁ ସୁରକ୍ଷା ପ୍ରଦାନ କରିପାରିବା। ଦେବୀଙ୍କ ମୂର୍ତ୍ତି ଚିକିଟା ମାଟିରେ ଗଠନ କରିବା ଆବଶ୍ୟକ। ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ମୂର୍ତ୍ତି ଗଠନ କଲେ ଅଧିକ ଆକର୍ଷଣୀୟ ହୋଇପାରେ ମାତ୍ର ଏହା ଜଳକୁ ଗୋଳିଆ କରିବା ସହିତ ନିମ୍ନସ୍ତରରେ ଚିକିଟା ଆସ୍ତରଣ ସୃଷ୍ଟି କରେ। ପ୍ରତିମାମାନଙ୍କୁ ଫୁଲ, ପତ୍ର, ରଙ୍ଗମାଟି ଇତ୍ୟାଦିରୁ ପ୍ରସ୍ତୁତ ପ୍ରାକୃତିକ ରଙ୍ଗରେ ରଙ୍ଗ କରିବା ନିରାପଦ। ଭୋଜି ବା ପ୍ରସାଦ ଗ୍ରହଣ ସମୟରେ କାଗଜଥାଳି, କଦଳୀପତ୍ର କିମ୍ବା ମାଟିସରା ବ୍ୟବହାର କରିବା ଭଲ। ରାତି ଦଶଟା ପରେ ମେଲୋଡି, ମାଇକ୍ରୋଫୋନ୍, ଡ୍ରମ୍ ବାଜା କିମ୍ବା ଡିଜେ ବଜାଇବା ଉଚିତ ନୁହେଁ। ପ୍ରତିମାରୁ ବାହାରୁଥିବା ସାଜସଜ୍ଜା ସାମଗ୍ରୀ ଜଳରେ ନିକ୍ଷେପ ନ କରି ପୋଡ଼ିଦେବା ଉଚିତ। ଯେହେତୁ ମାନବିକତାର ସୁସ୍ଥତା ପ୍ରକୃତି ଓ ପରିବେଶ ଉପରେ ଅନେକାଂଶରେ ନିର୍ଭରଶୀଳ ତେଣୁ ପରମ୍ପରା, ବିଧିବିଧାନ ନାମରେ ଅବାଞ୍ଛିତ ମାତ୍ରାଧିକ କାର୍ଯ୍ୟକଳାପରୁ ବିରତ ରହିବା ଆବଶ୍ୟକ। ପ୍ରଦୂଷଣର କ୍ଷତିକାରକ ପ୍ରଭାବରୁ ଜଳ, ବାୟୁ, ମୃତ୍ତିକାର ଅବକ୍ଷୟକୁ ରକ୍ଷାକରି ପର୍ବପର୍ବାଣି ପାଳନ କରାଗଲେ ମାନବ ସମାଜ ପ୍ରକୃତି ସହ ନିଜକୁ ରକ୍ଷା କରିପାରିବ।

**ମର୍କତ ନଗର, ସିଡିଏ, ସେକ୍ଟର–୬,**
**କଟକ, ମୋ: ୯୮୬୧୩୫୫୬୬୨୮**

## ପାଠକ ଶ୍ରେଷ୍ଠ ବିଚାରକ

### ମଧ୍ୟାହ୍ନ ଭୋଜନ ବ୍ୟୟବରାଦ ବୃଦ୍ଧି କରାଯାଉ

ମହାଶୟ,

ରାଜ୍ୟ ସରକାର ପତ୍ର ପ୍ରେରଣ ସତ୍ତ୍ୱେ କେନ୍ଦ୍ର ସରକାର ମଧ୍ୟାହ୍ନ ଭୋଜନର ନିଜ ଅଂଶ ଦେବାରେ ବହୁ ସମୟରେ ବିଳମ୍ବ କରୁଛନ୍ତି। ଫଳରେ ଛାତ୍ରୀଛାତ୍ରଙ୍କୁ ପୁଷ୍ଟିକର ଭୋଜନ ମିଳୁନାହିଁ। ଏତଦ୍‌ବ୍ୟତୀତ ଦରଦାମ ଆକାଶଛୁଆଁ ହୋଇଥିବାରୁ ଏ ବାବଦରେ ମିଳୁଥିବା ଅର୍ଥ ପର୍ଯ୍ୟାପ୍ତ ନ ହେବା ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚିନ୍ତାରେ ପଡିଛନ୍ତି। ବିଶେଷ କରି ବକେୟା ଅର୍ଥ ମିଳୁ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦେବା ଏକ ବଡ଼ ସମସ୍ୟା ହୋଇ ରହିଛି। ଅନ୍ୟପକ୍ଷରେ ସ୍ୱଳ୍ପ ଅର୍ଥରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଛି। ଫଳରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସର୍ବସାଧାରଣରେ ନିନ୍ଦିତ ହେଉଛନ୍ତି । ସେହିଭଳି ଶିକ୍ଷା ଅଧିକାର ଆଇନ ଓ ଅଧିନିୟମକୁ ଉଲ୍ଲଂଘନ କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଥିବା ବେଳେ ମଧ୍ୟାହ୍ନ ଭୋଜନ ଭଳି ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁ ଶିକ୍ଷାଦାନରେ ବାଧା ସୃଷ୍ଟି ହେଉଛି । ଠିକ୍ ସେହିଭଳି ଛାତ୍ରୀଛାତ୍ରଙ୍କ ସକାଳ ଜଳଖିଆ ପାଇଁ ତାମିଲନାଡୁ ସରକାର ଯେତିକି ଅର୍ଥ ପ୍ରଦାନ କରୁଛନ୍ତି, ସେତିକି ଅର୍ଥରେ ଆମ ରାଜ୍ୟ ସରକାର ଏହି କାର୍ଯ୍ୟକ୍ରମ ଚଳାଇ ପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏଣୁ କେନ୍ଦ୍ର ଅର୍ଥକୁ ରାଜ୍ୟ ସରକାର ଅପେକ୍ଷା ନ କରି ବ୍ୟୟବରାଦ ବୃଦ୍ଧି କରିବା ଉଚିତ ।

**– ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

## ଚିରନ୍ତନୀ

ଚଇତ୍ର ମଧ୍ୟାହ୍ନ ବେଳ
ଢାଳେ ଖର ତାପ,
ଜୀବନର ଦୀନତାରେ
ବଢ଼େ ମୋର ପାପ।

–(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ସେପ୍ଟେମ୍ବର, ୨୦୨୨

# ଫଟୋରେ ବିଜେଡି-ଭାଜପା ସମାବେଶ





ବିଜେଡି ପଦଯାତ୍ରା ପ୍ରସ୍ତୁତି ସମାବେଶରେ ଯୋଗଦେଇଥିବା ମନ୍ତ୍ରୀ, ନେତା ଓ କର୍ମୀ।



ବିଜେଡିର ପଦଯାତ୍ରା ପ୍ରସ୍ତୁତି ସମାବେଶରେ ଉପସ୍ଥିତ ମହିଳା ନେତ୍ରୀ ଓ କର୍ମୀ।




ବିଜେଡି ସମାବେଶରେ ମୋଟିଭେଶନାଲ ସ୍ପିକର ଉଜ୍ଜ୍ୱଳ ପଟନି ଦଳୀୟ ନେତା ଓ କର୍ମୀଙ୍କୁ ଟିପ୍ସ ଦେଉଛନ୍ତି।

## କାନ ଧରି ଉଠ୍‌ବସ ହେଲେ ବିଜେଡି ନେତା, କର୍ମୀ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଭାଜପାକୁ ଚ୍ୟାଲେଞ୍ଜ କରି ବିଜେଡି ଗୁରୁବାର ବରମୁଣ୍ଡା ପଡ଼ିଆରେ ପାୱାର ଶୋ’ କରିଛି। ଆସନ୍ତା ଅକ୍ଟୋବର ୨ରୁ ନଭେମ୍ବର ୨ ତାରିଖ ଯାଏ ବିଜେଡି ଜନସମ୍ପର୍କ ପଦଯାତ୍ରା କରିବ। ଏହାକୁ କିପରି ସଫଳତାର ସହ ଆୟୋଜନ କରାଯିବ ସେ ନେଇ ଦଳ ପକ୍ଷରୁ କର୍ମକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଦେଖିବାକୁ ମିଳିଛି ରୋଚକ ଦୃଶ୍ୟ। ବିଜେଡି ନେତା ଓ କର୍ମୀ କାନ ଧରି ଉଠ୍‌ବସ ହୋଇଥିଲେ। ମୋଟିଭେଶନାଲ ସ୍ପିକର ଉଜ୍ଜ୍ୱଳ ପଟନିଙ୍କ ସେସନରେ ଏପରି ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଳସ୍ୟ ଭାଙ୍ଗିବାକୁ ପଟନି ପରାମର୍ଶ ଦେବା ସହ ସମସ୍ତଙ୍କୁ ଛିଡ଼ା ହେବାକୁ କହିଥିଲେ। ଏହାପରେ କାନ ଧରି ଉଠ୍‌ବସ ହେବାକୁ କହିଥିଲେ। ତାଙ୍କ ପରାମର୍ଶ ଅନୁଯାୟୀ ସମସ୍ତ ବିଜେଡି ନେତା ଓ କର୍ମୀ କିଛି ସମୟ କାନ ଧରି ଉଠ୍‌ବସ ହୋଇଥିଲେ। ବିଜେଡି କର୍ମୀଙ୍କୁ ଲିଡରଶିପ୍ ଜ୍ଞାନ ଦେବା ବେଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବିଜେଡି ପ୍ରସ୍ତୁତି ଆରମ୍ଭ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଙ୍ଗାଲୁରୁରୁ ଭର୍ଚୁଆଲରେ ଯୁବ, ଛାତ୍ର, ମହିଳା, ବିଧାୟକ, ଏମ୍‌ପିଙ୍କୁ ୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକୁ ସଫଳ କରିବା ପାଇଁ ଦଳୀୟ ନେତା ଓ କର୍ମୀ ଲାଗିପଡ଼ିଛନ୍ତି।



ସମାବେଶ ସ୍ଥଳରେ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏକ ଖୁସି ମୁହୂର୍ତ୍ତରେ।



ବିଜେଡି ସମାବେଶରେ ସମବେତ ସଙ୍ଗୀତ ଗାନ।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଓଡ଼ିଶାର ଲୋକନୃତ୍ୟ ମାଧ୍ୟମରେ ସ୍ୱାଗତ କରାଯାଉଛି।



ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଜଗନ୍ନାଥଙ୍କ ଏକ ପ୍ରତିମୂର୍ତ୍ତି ପ୍ରଦାନ କରାଯାଉଛି।



ନଡ୍ଡାଙ୍କୁ ସ୍ୱାଗତ ଲାଗି ବିମାନବନ୍ଦରରୁ ଭାଜପା ରାଜ୍ୟ କାର୍ଯ୍ୟାଳୟ ଯାଏ ବାଇକ୍ ରାଲି।



ମଞ୍ଚାସୀନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ କଥା ଶୁଣୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା।



ଜନତା ମଇଦାନଠାରେ ଭାଜପାର ଶକ୍ତିକେନ୍ଦ୍ର ସମ୍ମିଳନୀରେ ଯୋଗଦେଇଥିବା ବିଭିନ୍ନ ପ୍ରମୁଖମାନେ।

## ସଂକ୍ଷେପରେ

### ଆଜି ରିଲିଜ୍ ହେବ 'ବିକ୍ରମ ଭେଢ଼ା'




ଭୁବନେଶ୍ୱର,୨୯।୯(ବ୍ୟୁରୋ): ବଲିଉଡର ଦୁଇ ଲୋକପ୍ରିୟ ଅଭିନେତାଙ୍କୁ ନେଇ ଶୁକ୍ରବାର ରିଲିଜ ହେଉଛି ହିନ୍ଦୀ ଚଳଚ୍ଚିତ୍ର 'ବିକ୍ରମ ଭେଢ଼ା'। ଅଭିନେତା ସୈଫ୍ ଅଲ୍ଲୀ ଖାନ୍ ଓ ହ୍ୟାଣ୍ଡସମ ହଙ୍କ ହ୍ରିତିକ୍ ରୋଶନଙ୍କ ଅଭିନୀତ ଏହି ଚଳଚ୍ଚିତ୍ରକୁ ନେଇ ସିନେପ୍ରେମୀଙ୍କ ମଧ୍ୟରେ କ୍ରେଜ ସୃଷ୍ଟି ହୋଇଛି। ଆକ୍ସନ ଓ ଥ୍ରୀଲରକୁ ନେଇ ପ୍ରସ୍ତୁତ ହୋଇଥିବା ଏହି ଫିଲ୍ମରେ ସୈଫ୍ 'ବିକ୍ରମ' ନାମକ ଜଣେ ପୋଲିସ୍ ଅଫିସର ଓ ହ୍ରିତିକ୍ 'ଭେଢ଼ା' ନାମରେ ଗ୍ୟାଙ୍ଗଷ୍ଟର ଚରିତ୍ରରେ ଆସିବେ। ଫିଲ୍ମରେ ନିର୍ଦ୍ଦେଶନା ଦେଇଛନ୍ତି ପୁଷ୍କର-ଗାୟତ୍ରୀ। ଅନ୍ୟମାନଙ୍କ ମଧ୍ୟରେ ରାଧିକା ଆପ୍ଟେ, ରୋହିତ ଶରଫ, ସତ୍ୟଦୀପ ମିଶ୍ର, ଶରିବ୍ ହାସମି ଅଭିନୟ କରିଛନ୍ତି। ସେହିପରି ଫିଲ୍ମ 'ପନିନ୍ ସେଲଭାନ' ଶୁକ୍ରବାର ମୁକ୍ତିଲାଭ କରୁଛି। ଫିଲ୍ମକୁ ମଣି ରତ୍ନମ ନିର୍ଦ୍ଦେଶନା ଦେଇଛନ୍ତି। ଏକାଧିକ ଲୋକପ୍ରିୟ କଳାକାରଙ୍କୁ ଏହି ଫିଲ୍ମରେ ଦେଖିବାକୁ ମିଳିବ। ସାଉଥ ଷ୍ଟାର ବିକ୍ରମ, କାର୍ଥି, ତ୍ରିଶା, ବଲିଉଡ ଅଭିନେତ୍ରୀ ଐଶ୍ୱର୍ଯ୍ୟା ବଚ୍ଚନ, ବିକ୍ରମ ପ୍ରଭୁ, ଐଶ୍ୱର୍ଯ୍ୟା ଲକ୍ଷ୍ମୀ, ଶୋଭିତା ଧୁଳିପାଲା, ଜୟରାମ ଅଭି, ତ୍ରିଶା କ୍ରିଷ୍ଣାନ ପ୍ରମୁଖ ରହିଛନ୍ତି। ସଙ୍ଗୀତ କମ୍ପୋଜ କରିଛନ୍ତି ଏ.ଆର୍. ରେହମାନ। କଲ୍କୀ କ୍ରିଷ୍ଣାମୂର୍ତ୍ତିଙ୍କ ୧୯୫୫ର ନୋଭେଲ ପନିନ୍ ସେଲଭାନଙ୍କୁ ନେଇ ଫିଲ୍ମଟି ପ୍ରସ୍ତୁତ ହୋଇଛି।

### ଗାନ୍ଧୀପୀଠରୁ ମାଟି ସଂଗ୍ରହ

ବାଲିଅନ୍ତା,୨୯।୯(ଡି.ଏନ୍.ଏ.): ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ବ୍ୟାପୀ ପରିକ୍ରମା କରୁଥିବା ଅହିଂସା ରଥ ଗୁରୁବାର ବାଲିଅନ୍ତା ବ୍ଲକ ଅଞ୍ଚଳରେ ପହଞ୍ଚିଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆସିଥିବା ଏହି ଅହିଂସା ରଥକୁ ବାଲିଅନ୍ତା ଅଞ୍ଚଳରେ ସ୍ୱାଗତ କରାଯାଇ ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଥିବା ଗାନ୍ଧୀପୀଠରେ ବ୍ଲକ ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ରଥକୁ ଏକ ବିରାଟ ଶୋଭାଯାତ୍ରାରେ ଗାନ୍ଧୀପୀଠରୁ ମହାତ୍ମା ସେତୁ ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ବିଡିଓ ନାରାୟଣ ଚନ୍ଦ୍ର ନାୟକ, ତହସିଲଦାର ସରୋଜ ପଣ୍ଡା, ଜିଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ବାଲିଅନ୍ତା ବ୍ଲକ ଅଧକ୍ଷା ବାସନ୍ତୀ ଖଟୁଆ, ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ. ଜେନା ପ୍ରମୁଖ ରଥ ସହିତ ପଦଯାତ୍ରାରେ ମହାତ୍ମା ସେତୁ ପର୍ଯ୍ୟନ୍ତ ଯାଇଥିଲେ। ଶୋଭାଯାତ୍ରା ଘଣ୍ଟ, ବାଦ୍ୟ, ଓଡ଼ିଶୀ ସଂକୀର୍ତ୍ତନ ପରେ ରଥକୁ ପାଛୋଟି ନିଆଯାଇଥିଲା। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ମହାତ୍ମା ସେତୁ ନିକଟରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମହାତ୍ମାଗାନ୍ଧୀ ୧୯୩୪ ମସିହାରେ ଉତ୍କଳ ପଦଯାତ୍ରା ସମୟରେ ଏହି ନିକୁଞ୍ଜ ବିହାରୀ ମନ୍ଦିର ନିକଟରେ ୩ ଦିନ ରହିଥିଲେ। ଏହି ପବିତ୍ର ପୀଠରୁ ମାଟି ଏକ କଳସରେ ସଂଗ୍ରହ କରି ନାଲି କପଡାରେ ଗୁଡାଯାଇ ଅହିଂସା ରଥରେ ନିଆଯାଇଥିଲା।

### ବୟସ, ଲିଙ୍ଗ ଭେଦଭାବ ସମାଜରେ ଅସମାନତା ସୃଷ୍ଟିକରୁଛି

#### ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ

ଭୁବନେଶ୍ୱର, ୨୯।୯(ବ୍ୟୁରୋ): ହେଲ୍ପ ଏଜ୍ ଇଣ୍ଡିଆ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ଏବଂ ମନୋବିଜ୍ଞାନ ବିଭାଗ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ବୟସ୍କ ମହିଳାଙ୍କ ସ୍ଥିରତା ଏବଂ ଅବଦାନ' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ମନୋବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ମାନସିକ ବୃଦ୍ଧାବସ୍ଥା ଏବଂ ସେମାନଙ୍କ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ବ୍ରତତି ହରିଚନ୍ଦନ, ଯୁଗ୍ମ ନିର୍ଦ୍ଦେଶକ ତଥା ହେଲ୍ପ ଏଜ୍ ଇଣ୍ଡିଆ ରାଜ୍ୟ ମୁଖ୍ୟ ଭାରତୀ ଚକ୍ର, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସେବା ମହାପାତ୍ର ଏବଂ ମହିଳା ଅଧିକାର କର୍ମୀ ବିଶାଖା ଭଞ୍ଜ ପ୍ରମୁଖ ନିଜ ମତ ରଖିଥିଲେ। ବୟସ ଏବଂ ଲିଙ୍ଗ ଉପରେ ଆଧାରିତ ଭେଦଭାବ ଏକ ଅସମାନତା ଓ ନକାରାତ୍ମକ ସମାଜ ତିଆରି କରୁଛି। ଏହାକୁ ରୋକିବା ଏବେ ବଡ଼ ଆହ୍ୱାନ ବୋଲି ଅତିଥିମାନେ କହିଛନ୍ତି। ସହକାରୀ ପ୍ରଫେସର ତନୟା ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ମୌସୁମୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ମୁଁ ଓଲ୍ଡଟାଉନ୍ ଗୁଣ୍ଡା, ୫୦ହଜାର ଘରେ ନ ପହଞ୍ଚିଲେ ଭଲ ହେବନି'

- ଦାଦାବଟି ପାଇଁ ଜମି ବ୍ୟବସାୟୀଙ୍କୁ ଧମକ, ଅଭିଯୁକ୍ତ ଗିରଫ
- ୫ହଜାର ଛଡ଼ାଇନେଲେ, ୩ ହଜାର ୮ଶହ ଟଙ୍କା ଜବତ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ବର୍ଷକୁ କୋଟି କୋଟି କମାଉଛୁ, କିନ୍ତୁ ପଚାଶ ହଜାର ଦେବୁ ନାହିଁ କାହିଁକି? ମୁଁ ଓଲ୍ଡଟାଉନ୍ ଗୁଣ୍ଡା, ମୋର କିଛି ଶୁଣିବାର ନାହିଁ। ଦୁର୍ଗା ପୂଜା ପୂର୍ବରୁ ୫୦ ହଜାର ଟଙ୍କା ଘରେ ଦେଇଆସିବୁ। ନହେଲେ ଭଲ ହେବନି। ଜଣେ ବ୍ୟବସାୟୀଙ୍କୁ ଏମିତି ଧମକ ଦେବା ସହ ଠେଲାପେଲା କରି ପକେଟରୁ ୫ ହଜାରରୁ ଅଧିକ ଟଙ୍କା ଛଡାଇନେଇ ମାରିଦେବା ଧମକ ଦେଇଥିବା ଅଭିଯୁକ୍ତଙ୍କୁ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନାଞ୍ଚଳର ଦେବାଶିଷ ମହାପାତ୍ର। ତାଙ୍କଠାରୁ ପୋଲିସ ୩ହଜାର ୮ଶହ ଟଙ୍କା ଜବତ କରିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନାମରେ ପୂର୍ବରୁ ସମ୍ପୃକ୍ତ ଥାନାରେ ୯ଟି ଆପରାଧିକ ମାମଲା ରହିଥିବାବେଳେ ଏୟାରଫିଲ୍ଡ ଥାନାରେ ୬ଟି ଏବଂ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ରହିଛି। ସେ ଅଭ୍ୟାସଗତ ଭାବରେ ଅପରାଧରେ ସମ୍ପୃକ୍ତ ଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ପଦକ୍ଷେପ ନିଆଯାଉଥିବା ପୋଲିସ କହିଛି। ଦାଦାବଟି ଉପରେ ରୋକ ଲଗାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ 'ଦାଦାବଟିକୁ ନା' ଅଭିଯାନ ମାଧ୍ୟମରେ ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଏ ପରିସ୍ଥିତିରେ ଅପରାଧୀମାନେ ଏହାକୁ ଖାତିର ନ କରି ଦାଦାବଟି ଆଦାୟ କରି କମିଶନରେଟ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଚାଲିଛନ୍ତି।

ସୂଚନାନୁସାରେ, ଅଭିଯୋଗକାରୀ ପ୍ରଫୁଲ୍ଲ କୁମାର ମୁଦୁଲି ଜମି ବ୍ୟବସାୟ କରନ୍ତି। ଅଭିଯୁକ୍ତ ଜଣକ ତାଙ୍କୁ ଦାଦାବଟି ବାବଦକୁ ୫୦ ହଜାର ମାଗିଥିଲେ। କିନ୍ତୁ ପ୍ରଫୁଲ୍ଲ ଦାଦାବଟି ଦେବାକୁ ରୋକଠୋକ ମନା କରିଦେଇଥିଲେ। ଫଳରେ ଅଭିଯୁକ୍ତ ଦେବାଶିଷ ବୁଧବାର ପ୍ରଫୁଲ୍ଲଙ୍କୁ ଗଙ୍ଗୁଆ ପୋଲ ଉପରେ ଅଟକାଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରଫୁଲ୍ଲ ବିରୋଧ କରିବାରୁ ଅଭିଯୁକ୍ତ ଦେବାଶିଷ ତାଙ୍କୁ ବାରମ୍ବାର ଧକ୍କା ମାରିବା ସହ ଧମକ ଦେଇଥିଲେ। ଏପରିକି ତାଙ୍କ ଶାର୍ଟ ପକେଟରୁ ୫ ହଜାର ୨ଶହ ଟଙ୍କା ଛଡାଇ ନେଇଥିଲେ ବୋଲି ପ୍ରଫୁଲ୍ଲ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛି। ହେଲେ ସେ ବାରମ୍ବାର ଏପରି ଅପରାଧ ଘଟାଇ ଜେଲ୍ ଯାଉଥିଲେ ମଧ୍ୟ ବେଲ୍‌ରେ ଆସିବା ପରେ ପୁଣି ଦାଦାବଟି ମାଗୁଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି।

## ଦାଦାବଟି ଆଦାୟ କରି ୨ଗିରଫ

ଭୁବନେଶ୍ୱର,୨୯।୯ (ବ୍ୟୁରୋ)

କମିଶନରେଟ ପୋଲିସ ପକ୍ଷରୁ ଦାଦାବଟି ଆଦାୟ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଏହାକୁ ଅମାନ୍ୟ କରି ଲୋକଙ୍କୁ ଧମକାଇ ଚାନ୍ଦା ଆଦାୟ କରିବା ଅଭିଯୋଗରେ ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେମାନେ ହେଲେ ଏୟାରଫିଲ୍ଡ ଥାନା ଭୀମପୁର ମୌଜାର ପବିତ୍ର ଦଳେଇ(୨୭) ଓ ପଳାଶପଲ୍ଲୀ ଏସିସି ଅଫିସ ନିକଟରେ ରହୁଥିବା ସନ୍ତୋଷ କୁମାର ବଳିଆରସିଂ(୩୦)। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଝାରପଡ଼ା ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ଦ୍ୱୟ ଭୁବନେଶ୍ୱର ବାହାରୁ ଆସୁଥିବା କାରଗୁଡ଼ିକ ଉପରେ ନଜର ରଖୁଥିଲେ। ନିଜକୁ ଲୋକାଲ ଗୁଣ୍ଡା ଦର୍ଶାଇ ଧମକାଇ ବଟି ଆଦାୟ କରୁଥିଲେ। ପୋଲିସ ସେମାନଙ୍କ ନିକଟରୁ ୧୧୦୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ନାନୁ ଓରଫ ପବିତ୍ରଙ୍କ ନାମରେ ପୂର୍ବରୁ କ୍ୟାପିଟାଲ ଥାନାରେ ୨ଟି ମାମଲା ଥିବାବେଳେ ଏୟାରଫିଲ୍ଡ ଥାନାରେ ୩ଟି ଓ ଏୟାରପୋର୍ଟ ଥାନାରେ ଗୋଟିଏ ମାମଲା ରହିଛି। ସେହିପରି ଅଭିଯୁକ୍ତ ଗଡ ଓରଫ ସନ୍ତୋଷଙ୍କ ନାମରେ ପୂର୍ବରୁ ଏୟାରପୋର୍ଟ ଥାନାରେ ୩ଟି ମାମଲା ରହିଛି।

## ଡ. ସନ୍ତୋଷ ବେହେରାଙ୍କୁ ହରିରାମଜୀ ତୋଶନିୱାଲ ପୁରସ୍କାର




ବୈଜ୍ଞାନିକ ଡ. ସନ୍ତୋଷ କୁମାର ବେହେରାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଇଲେକ୍ଟ୍ରୋନିକ୍ସ ଏବଂ ଟେଲି ଯୋଗାଯୋଗ ଇଞ୍ଜିନିୟର୍ସ ଅନୁଷ୍ଠାନ (ଆଇଟିଇ) ପକ୍ଷରୁ ପ୍ରତିବର୍ଷ ଇଞ୍ଜିନିୟରିଂ କ୍ଷେତ୍ରରେ ବୃତ୍ତିଗତମାନଙ୍କୁ ସ୍ୱୀକୃତି ଦିଆଯାଇଥାଏ। ଚଳିତବର୍ଷ ଆଇଟିଇ ୬୫ତମ ବାର୍ଷିକ ସମ୍ମିଳନୀରେ ଆୟୋଜିତ ପୁରସ୍କାର ସମାରୋହରେ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିର ବୈଜ୍ଞାନିକ ଡ. ସନ୍ତୋଷ କୁମାର ବେହେରାଙ୍କୁ ହରିରାମଜୀ ତୋଶନିୱାଲ ପୁରସ୍କାର ପ୍ରଦାନ କରାଯାଇଛି। ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଦ୍ୱାରା ଦେଶ ଏବଂ ବିଦେଶରେ ବ୍ୟବହାର ପାଇଁ ଇଲେକ୍ଟ୍ରୋନିକ୍ ଉପକରଣ ଓ ଆନୁସଙ୍ଗିକ ବ୍ୟବସ୍ଥାର ବିକାଶ, ଉତ୍ପାଦନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଡ. ବେହେରାଙ୍କ ଦ୍ୱାରା ବିକଶିତ ଆଇ-ଅନ୍-ପେଲେଟ୍ ଏବଂ ଏକ୍ସପର୍ଟ-ଆଇ-ଅନ୍-ପେଲେଟ ନାମକ ଟେକ୍ନୋଲୋଜି ଭାରତର ଅଗ୍ରଣୀ ଇସ୍ପାତ କାରଖାନା ଦ୍ୱାରା ବ୍ୟବହାର କରାଯାଉଛି।



ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତାରେ ପଦକ ଜିତିଥିବା ପ୍ରତିଯୋଗୀମାନେ ଗୁରୁବାର ପୋଲିସ ସେବାଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଡିଜିପିଙ୍କୁ ଭେଟିଲେ ଜୁଡ଼ୋ ପ୍ରତିଯୋଗୀ

ଭୁବନେଶ୍ୱର, ୨୯।୯ (ବ୍ୟୁରୋ)

ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତାରେ ପଦକ ଜିତିଥିବା ପ୍ରତିଯୋଗୀମାନେ ଗୁରୁବାର ପୋଲିସ ସେବାଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ କୁମାର ବଂଶଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ବଂଶଲ କ୍ରୀଡ଼ାବିତମାନଙ୍କ ସାଫଲ୍ୟରେ ସନ୍ତୋଷ ବ୍ୟକ୍ତ କରିବା ସହ ଭବିଷ୍ୟତରେ କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଆର. କେ. ଶର୍ମା ଉପସ୍ଥିତ ଥିଲେ। ମ୍ୟାନେଜର କେ. ହୃଷୀକେଶ ବେହେରା, ଟିମ କ୍ୟାପଟେନ ପ୍ରଭୂଦତ୍ତ ଦଳାଇ, ରାଜ୍ୟ ପୋଲିସ ମୁଖ୍ୟାଳୟ ଖେଳ ବିଭାଗର ସେକ୍ସନ ଅଫିସର ମହମ୍ମଦ ସାହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ସିଆଇଏସ୍‌ଏଫ୍ ଆନୁକୂଲ୍ୟରେ ନୂଆଦିଲ୍ଲୀଠାରେ ଗତ ସେପ୍ଟେମ୍ବର ୧୯ରୁ ୨୪ ପର୍ଯ୍ୟନ୍ତ ସପ୍ତମ ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପେନକାକ୍ ସିଲାଟରେ ମଙ୍ଗରାମ ତମାଙ୍ଗ ସ୍ୱର୍ଣ୍ଣ ପଦକ, ପ୍ରିରେଶ ଛେତ୍ରୀ ବ୍ରୋଞ୍ଜ ପଦକ, ଟିମ ରେଗୁ (ପୁରୁଷ ବର୍ଗରେ) ବ୍ରୋଞ୍ଜ ପଦକ, କରାଟେ (ମହିଳା ବର୍ଗ)ରେ ସିନ୍ଧୁ ତନୟା ଖୁଣ୍ଟିଆ ଓ ଚିନ୍ମୟୀ ଭୂୟାଁ ରୌପ୍ୟ ପଦକ, ଅନୁପମା ସ୍ୱାଇଁ ବ୍ରୋଞ୍ଜ ପଦକ, ଜିମ୍ନାଷ୍ଟିକ (ପୁରୁଷ ବର୍ଗ)ରେ ଜାଭେଦ ଅଖତାର ରୌପ୍ୟ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ପ୍ରଯୋଜକଙ୍କ ନାମରେ କାଷ୍ଟିଂକାଉଚ ଅଭିଯୋଗ

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କ ନାମରେ ଜଣେ ଯୁବତୀ କାଷ୍ଟିଂ କାଉଚ୍ ଅଭିଯୋଗ ଆଣିଛନ୍ତି। ଏନେଇ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେଉଛି। ଦେଢ଼ ବର୍ଷ ହେଲା ସିନେମାରେ ସୁଯୋଗ ଦେବାକୁ କହି ପରିଜା ତାଙ୍କୁ ଯୌନ ଶୋଷଣ କରିଥିବା ଯୁବତୀ ଜଣକ ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳୁଛି। ଏପରିକି ତାଙ୍କୁ ହତ୍ୟା ଧମକ୍ ମଧ୍ୟ ଦିଆଯାଉଥିବା ସେ କହିଛନ୍ତି। ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଥାନାଧିକାରୀ ଓମ୍ ପ୍ରକାଶ ମହାନ୍ତି ମନାକରିଛନ୍ତି। ଏ ସଂକ୍ରାନ୍ତରେ ପରିଜାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ପାରି ନ ଥିଲା।

## 'ଚିନ୍ତାମୁକ୍ତ ହେଲେ ରୋଗ ମୁକ୍ତ ହେବ'

ଭୁବନେଶ୍ୱର,୨୯।୯:

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ସେପ୍ଟେମ୍ବର ୨୯ରେ ବିଶ୍ୱ ହୃଦୟ ଦିବସ ପାଳନ କରାଯାଉଛି। ବିଶେଷ କରି ଏହି ଦିବସକୁ ୱାର୍ଲ୍ଡ ହାର୍ଟ ଫେଡେରେସନ ପକ୍ଷରୁ ପାଳନ କରାଯାଇଆସୁଛି। ଚଳିତ ବର୍ଷ ଥିମ 'ୟୁଜ୍ ୟୋର୍ ହାର୍ଟ ଟୁ ପ୍ରୋଟେକ୍ଟ ଦି କମ୍ୟୁନିଟି, ପ୍ରୋଟେକ୍ଟ ଦି ନେଚର ଆଣ୍ଡ ପ୍ରୋଟେକ୍ଟ ୟୋରସେଲ୍ଫ ଅର୍ଥାତ ପରିବେଶ ,ସମାଜ ସହ ନିଜକୁ ବଞ୍ଚାଇବା ଭଳି ବିଷୟ ବସ୍ତୁ ରହିଛି। ଏଥି ସହ ହାର୍ଟ ସମ୍ବନ୍ଧିତ ରୋଗଗୁଡ଼ିକୁ କମାଇବା ଦିଗରେ ଧ୍ୟାନ ବିଶେଷ ଦେବା। ସମାଜରେ ହୃଦରୋଗ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରାଯିବା ଦରକାର ବୋଲି ଆମ୍ରି ହସ୍ପିଟାଲର ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ଜେ.କେ ପାଢୀ ହୃଦରୋଗ ନେଇ ଚିନ୍ତାପ୍ରକଟ କରିବା ସହ ଏ ସମ୍ପର୍କରେ ବିସ୍ତୃତ ସମୀକ୍ଷା ଆଲୋଚନା କରିଥିଲେ। ଚିନ୍ତା ମୁକ୍ତ ରହିଲେ ହୃଦ ରୋଗରୁ ମୁକ୍ତି ମିଳିବ, ଏପରିକି ସାହସର ସହ ଉକ୍ତ ରୋଗକୁ ମୁକାବିଲା କରିବାକୁ ପଡିବ। ବିଶେଷ କରି ରୋଗକୁ ଭୟ ନକରି ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା କରାଗଲେ ରୋଗୀ ରୋଗମୁକ୍ତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏ ନେଇ ବ୍ୟାପକ ସଚେତନତା ସୃଷ୍ଟି ହେଲେ ହିଁ ଏ ଦିଗରେ ସମାଜର ସୁରକ୍ଷା ହୋଇପାରିବ। ସେହିଭଳି ଆଜିକାଲି ପରିବେଶ ଦୂଷିତ ହୋଇ ଉଠୁଥିବା ବେଳେ ସ୍ୱଚ୍ଛ ଅମ୍ଳଜାନର ଅଭାବ ପରିଲକ୍ଷିତ ହେଲାଣି। ଦୂଷିତ ଜଳବାୟୁ ଓ ପ୍ରଦୂଷଣ ପାଇଁ ଲୋକେ ହୃଦରୋଗରେ ପଡିବାର ସମ୍ଭାବନା ରହିଛି। ବାୟୁ ପ୍ରଦୂଷଣ କମାଇବା ପାଇଁ ହେଲେ ସାଇକେଲର ବହୁଳ ବ୍ୟବହାର ଓ ପବ୍ଲିକ ଟ୍ରାନସପୋର୍ଟ ବ୍ୟବହାର କରିବାକୁ ପଡିବ। ଗାଡିରୁ ନିର୍ଗତ ଧୂଆଁ କମାଇବା ପାଇଁ ଗାଡିର ବ୍ୟବହାର କମାଇବାକୁ ପଡିବ। ଅପରପକ୍ଷରେ ଚିନ୍ତାମୁକ୍ତ ରହିବାକୁ ଚେଷ୍ଟା କରିବା ଉଚିତ, ଇମୋସନାଲ ନ ହୋଇ ଯୋଗ ଧ୍ୟାନ କରିବା ସହ ସୁଷମ ଖାଦ୍ୟ ଖାଇବାକୁ ପଡିବ। ବିଶେଷ କରି ଫଳ, ମାଛ, ଶାଗ, ପନିପରିବା ଖାଇବା ସହିତ ମାଂସ ଓ ଅଣ୍ଡା ଖାଦ୍ୟକୁ କମ୍ ଖାଇବାକୁ ପଡିବ। ଅଫିସ ଓ ଘରେ ଷ୍ଟ୍ରେସ୍ ଫ୍ରି ରହିବା ସହ କାମ ଚାପକୁ କମାଇବାକୁ ପଡିବ। ମନରେ ଶଙ୍କା, ମୁଣ୍ଡରେ ଚିନ୍ତା ଓ ଶରୀରରେ ଆଳସ୍ୟ ଉକ୍ତ ରୋଗର ମୂଳ କାରଣ ହୋଇଥାଏ। ତେଣୁ ଏ ଦିଗରେ ଯତ୍ନବାନ ହେବା ସହ ପ୍ରତିଦିନ ଶାରିରୀକ ପରିଶ୍ରମ ଓ ବ୍ୟାୟାମ କରିବା ଜରୁରୀ ରହିଛି। ଏ ସବୁ ପ୍ରତି ଗୁରୁତ୍ୱ ଦେଲେ ହୃଦଘାତ ଓ ହୃଦରୋଗକୁ ଏଡେଇ ଦେଇହେବ ବୋଲି ଡା. ପାଢୀ କହିଛନ୍ତି।

## ଏସ୍‌ସିବିରେ ଖୁବ୍‌ଶୀଘ୍ର ହେବ ଯକୃତ ପ୍ରତିରୋପଣ

- ହେପାଟୋଲୋଜି ଓପିଡି, ବର୍ନ ସେଣ୍ଟର ଆଇସିୟୁ,
- ମେଡିସିନ କ୍ୟାବିନ ବ୍ଲକ ଉଦ୍‌ଘାଟିତ
- ପରୀକ୍ଷାନିରୀକ୍ଷା ବିଳମ୍ବିତ ନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୯।୯:



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ଖୁବ୍‌ଶୀଘ୍ର ଯକୃତ ପ୍ରତିରୋପଣ ଆରମ୍ଭ ହେବ। ଏଥିପାଇଁ ରୋଗୀଙ୍କୁ ଦେୟ ଦେବାକୁ ପଡ଼ିବ ନାହିଁ। ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ରୋଗୀଙ୍କଠାରେ ଯକୃତ ପ୍ରତିରୋପଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଘୋଷଣା କରିଛନ୍ତି। ଏସ୍‌ସିବି ମେଡିକାଲରେ ଯକୃତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ହେପାଟୋଲୋଜି ବିଭାଗର ନୂତନ ଓପିଡିକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏସ୍‌ସିବି ମେଡିକାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରୋଗୀଙ୍କଠାରେ କରାଯାଉଥିବା ବିଭିନ୍ନ ପରୀକ୍ଷାନିରୀକ୍ଷାକୁ ବିଳମ୍ବିତ ନ କରାଇବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସମେତ ଭାରତର ଲୋକମାନେ ଏସ୍‌ସିବି ମେଡିକାଲ ଉପରେ ନିର୍ଭରଶୀଳ। ଏଠାରେ କାର୍ଯ୍ୟରତ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥାର ଲୋକମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବାର ଅଭିଯୋଗ ଆସୁଛି। ତେଣୁ ସେହି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଆଧାରକାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ୍ ବୁକ୍ ଆଦି ତନଖିବାକୁ ମନ୍ତ୍ରୀ କହିଥିଲେ। ଯକୃତ ପ୍ରତିରୋପଣ ପାଇଁ ପଞ୍ଜିକୃତ ହୋଇଥିବା ରୋଗୀ ରୁଦ୍ର ନାରାୟଣ ପାଣିଙ୍କ ସହ ଆଲୋଚନା କରି ଚିକିତ୍ସାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ୨୪୦ ଜଣ ରୋଗୀ ଯକୃତ ପ୍ରତିରୋପଣ ପାଇଁ ପଞ୍ଜିକୃତ ହୋଇଛନ୍ତି। ୩ ଜଣ ରୋଗୀ ଯକୃତ ଦାନ କରିବେ ବୋଲି ହେପାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ସେହିପରି ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗ ଅଧୀନ ବର୍ନ ସେଣ୍ଟରର ୯ ଶଯ୍ୟା ବିଶିଷ୍ଟ ଆଇସିୟୁକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ପୋଡ଼ିଯାଇଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ଏଠାରେ ଥିବା ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହ ମେଡିସିନ ବିଭାଗରେ ପ୍ରଥମଥର ପାଇଁ ନିର୍ମିତ କ୍ୟାବିନ ବ୍ଲକ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ବ୍ଲକ୍‌ରେ ୧୫ଟି ଶୀତତାପ ନିୟନ୍ତ୍ରିତ କ୍ୟାବିନ ରହିଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଡିଏମ୍‌ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଯୁଗ୍ମ ଡିଏମ୍‌ଇଟି ପ୍ରଫେସର ବ୍ରଜ ଦାସ, ମେଡିକାଲ କଲେଜର ଡିନ୍ ଓ ଅଧକ୍ଷ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଲୁସି ଦାସ, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ବିଭିନ୍ନ ବିଭାଗର ପ୍ରଫେସରମାନେ ଉପସ୍ଥିତ ଥିଲେ।







ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ଗୁରୁବାର କେୟାର ହସ୍ପିଟାଲ ପରିସରରୁ ବାହାରିଥିବା ସଚେତନତା ଶୋଭାଯାତ୍ରା (ବାମ)। କଳିଙ୍ଗ ହସ୍ପିଟାଲ ପକ୍ଷରୁ ଆୟୋଜିତ ରାଲିରେ ସୁସ୍ଥ ହୃତ୍‌ପିଣ୍ଡ ସଚେତନତା ବାର୍ତ୍ତା ଦିଆଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ସେପ୍ଟେମ୍ବର, ୨୦୨୨



## ସଂକ୍ଷେପରେ

### ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ ହେଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆର ଉପସଭାପତି



ଭୁବନେଶ୍ୱର, ୨୯।୯ (ବ୍ୟୁରୋ) : ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସିଟି ପ୍ଲାନର ଲିଙ୍ଗରାଜ ପ୍ରସାଦ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆର ଉପସଭାପତି ନିର୍ବାଚିତ ହୋଇଛନ୍ତି। ଟାଉନ୍ ପ୍ଲାନିଂ ଓ ମ୍ୟାନେଜ୍‌ମେଣ୍ଟ କ୍ଷେତ୍ରରେ ତାଙ୍କର ବହୁ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଏମ୍‌ସି), ପୁରୀ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ(ପିକେଡିଏ)ର ପ୍ଲାନିଂ ମେମ୍ବର ଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ଗୃହ ଓ ନଗର ଉନ୍ନୟନ ବିଭାଗର ଓଏସ୍‌ଡି ଥିଲେ। ସେହିଭଳି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ ଇଣ୍ଡିଆ ଓଡ଼ିଶା ରିଜିଓନାଲ ଚାପ୍ଟରର ଅଧକ୍ଷ ପଦରେ ୩ବର୍ଷ ପାଇଁ ରହିଛନ୍ତି। ତେବେ ସେ ସର୍ବଭାରତୀୟ ଉପସଭାପତି ନିର୍ବାଚିତ ହେବା ପରେ ଓଡ଼ିଶା ଚାପ୍ଟରର ସଦସ୍ୟମାନେ ଭୁବନେଶ୍ୱରଠାରେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

### 'ଗୌରୀକୁମାର ବ୍ରହ୍ମା ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଧାନ ଗବେଷକ'

ଭୁବନେଶ୍ୱର,୨୯।୯(ବ୍ୟୁରୋ): ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ବାଗ୍ମୀ ଗୌରୀକୁମାର ବ୍ରହ୍ମାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ଶୈଳେଶ୍ୱର ନନ୍ଦ ଯୋଗଦେଇ କହିଛନ୍ତି, ଗୌରୀକୁମାର ବ୍ରହ୍ମା କେବଳ ବାଗ୍ମୀ ନଥିଲେ, ସେ ଥିଲେ ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଧାନ ଗବେଷକ। କେବଳ ଓଡ଼ିଶା କି ଭାରତ ନୁହେଁ, ସମଗ୍ର ପୃଥିବୀରେ ସେ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରସାର ଦିଗରେ ନିରଳସ ଉଦ୍ୟମ କରିଥିଲେ। ମୁଖ୍ୟବକ୍ତା ଭାବେ ହରିଶ୍ଚନ୍ଦ୍ର ବେହେରା କହିଛନ୍ତି, ଜଣେ ଅଧାପକ ଓ ଟୁରିଷ୍ଟ ଗାଇଡ୍ ଭାବେ ସେ ଯେଉଁ ବିଜ୍ଞତା ଓ ବିଚକ୍ଷଣତା ପ୍ରଦର୍ଶନ କରିଯାଇଛନ୍ତି ତା'ର ତୁଳନା ନାହିଁ। ସମ୍ମାନିତ ଅତିଥି ଭାବେ ଏକାଡେମୀର ସଦସ୍ୟ ଡ. ବିବେକାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାରେ ପୌରୋହିତ୍ୟ କରି ସ୍ୱର୍ଗତ ବ୍ରହ୍ମା ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଓ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ଥିବାବେଳେ ପ୍ରାଚୀନ ଓ ମଧ୍ୟଯୁଗର ଓଡ଼ିଆ ସାହିତ୍ୟକୁ ଲୋକପ୍ରିୟ କରିବାକୁ ଯେଉଁ ଉଦ୍ୟମ କରିଥିଲେ ତା'ର ପ୍ରଶଂସା କରିଥିଲେ। ଡ. ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏକାଡେମୀର ଉପ-ବିଭାଗ ଅଧିକାରୀ ସଞ୍ଜୟ ଛୁଆଲସିଂହ ଧନ୍ୟବାଦ ଦେଇଥିଲେ।

### ମଦ ଜବତ, ଜଣେ ଗିରଫ

ଭୁବନେଶ୍ୱର,୨୯।୯ (ବ୍ୟୁରୋ): ଭରତପୁର ଥାନା ପୋଲିସ ଆଦିବାସୀ ସାହି ନିକଟସ୍ଥ ତାରିଣୀ ମାର୍କେଟ ପଛପାଖରେ ଚଢ଼ାଉ କରି ଦେଶୀ ମଦ ବିକ୍ରି କରୁଥିବା ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା କୁସୁମ ଘାଟି ଗାଁର ବିଦ୍ୟାଧର ହେମ୍ବ୍ରମ।

# ଦୋଷୀ ସାବ୍ୟସ୍ତ ପାଇଁ ଡିଏନ୍‌ଏ ପରୀକ୍ଷା ପର୍ଯ୍ୟାପ୍ତ

ଭୁବନେଶ୍ୱର,୨୯।୯ (ବ୍ୟୁରୋ)




ରାଜ୍ୟ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ପକ୍ଷରୁ 'ମହିଳା ଓ ଶିଶୁ ବିରୋଧରେ ଯୌନ ଅପରାଧକୁ ଡିଏନ୍‌ଏ ଜ୍ଞାନ କୌଶଳ ଦ୍ୱାରା ତଦନ୍ତ' ଶୀର୍ଷକ ତାଲିମ୍ ଶିବିର ଗୁରୁବାର ପୋଲିସ୍ ସେବା ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ସୁନୀଲ କୁମାର ବଂଶଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଓ ଶିଶୁମାନଙ୍କ ବିରୋଧରେ ସଂଘଟିତ ହେଉଥିବା ଯୌନ ଅପରାଧକୁ ଡିଏନ୍‌ଏ ଜ୍ଞାନ କୌଶଳ ସହାୟତାରେ ତଦନ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜଣେ ଅପରାଧୀଙ୍କୁ ତଥ୍ୟ ଓ ପ୍ରମାଣ ସହ ଦୋଷୀ ସାବ୍ୟସ୍ତ କରିବାକୁ ଡିଏନ୍‌ଏ ପରୀକ୍ଷା ପର୍ଯ୍ୟାପ୍ତ ବୋଲି ବଂଶଲ କହିଛନ୍ତି। ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର-କଟକ ପୋଲିସ୍ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଅତ୍ୟାଧୁନିକ ଜ୍ଞାନ କୌଶଳ ଜରିଆରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମ୍‌ବ୍ରାଞ୍ଚ) ଅରୁଣ କୁମାର ବୋଥ୍ରା, ରାଜ୍ୟ ଫରେନ୍‌ସିକ୍ ଲାବୋରେଟୋରୀର ଆଇଜି ରାଜେଶ କୁମାର ଯୋଗଦେଇ ଯୌନ ହିଂସା ଭଳି ଅପରାଧର ଅନୁସନ୍ଧାନ ଏବଂ ଅପରାଧୀଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଡିଏନ୍‌ଏ ପରୀକ୍ଷା

**ଯୌନ ଅପରାଧ ଅନୁସନ୍ଧାନ ତାଲିମ ଶିବିର**

ଏକ ପ୍ରମୁଖ ଉପକରଣ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା) ରେଖା ଲୋହାନୀ ଶିବିର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେଣ୍ଟ୍ରାଲ ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରିର ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଅଫିସର୍ ଡଃ ବି.କେ. ମହାପାତ୍ର ଏବଂ ଗୁଜରାଟ କ୍ୟାଡର୍‌ର ଅବସରପ୍ରାପ୍ତ ଡିଜିପି କେଶବ କୁମାର ଡିଏନ୍‌ଏ ପରୀକ୍ଷା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ତାଲିମ୍ ଶିବିରକୁ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକ ସଂଯୋଜନା କରିଥିଲେ ।

# ଅଶୋକ କୁମାର ପରିଜା କିଟ୍ ବିଶ୍ୱବିଦ୍ୟାଳୟର ନୂଆ କୁଳାଧିପତି

ଭୁବନେଶ୍ୱର, ୨୯।୯(ବ୍ୟୁରୋ)




ବିଶିଷ୍ଟ ଆଇନଜ୍ଞ ତଥା ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ ଜେନେରାଲ୍ ଅଶୋକ କୁମାର ପରିଜା ହେଲେ କିଟ୍ ବିଶ୍ୱବିଦ୍ୟାଳୟର ନୂଆ କୁଳାଧିପତି। ପୂର୍ବତନ କୁଳାଧିପତି ତଥା ଶିକ୍ଷାବିତ୍ ପ୍ରଫେସର ବେଦ ପ୍ରକାଶଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବାପରେ କିଟ୍ କର୍ତ୍ତୃପକ୍ଷ ପରିଜାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟର ନୂତନ କୁଳାଧିପତି ମନୋନୀତ କରିଥିଲେ। ଗୁରୁବାର ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସ୍ୱାଗତ କରିଥିଲେ। ପରିଜା ଦେଶର ଜଣେ ଖ୍ୟାତି ସମ୍ପନ୍ନ ଆଇନଜୀବୀ ଭାବେ ପରିଚିତ। ଆଇନ ସେବା କ୍ଷେତ୍ରରେ ତାଙ୍କର ଦୀର୍ଘ ୩୮ବର୍ଷରୁ ଉର୍ଦ୍ଧ୍ୱ ଅଭିଜ୍ଞତା ରହିଛି। ୨୦୦୩ରେ ସେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଭାବେ ସ୍ୱୀକୃତି ପାଇଥିବାବେଳେ ୨୦୧୯ରୁ ଆଡ୍‌ଭୋକେଟ ଜେନେରାଲ୍ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏହା ପୂର୍ବରୁ ସେ ଭାରତର ଆଇନ ବୃତ୍ତି ଓ ଆଇନ ଶିକ୍ଷାର ସର୍ବୋଚ୍ଚ ଅନୁଷ୍ଠାନ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆର ଅଧକ୍ଷ ଥିଲେ। ଏଥିସହ ଦେଶରେ ଆଇନ ଶିକ୍ଷାର ବିକାଶ ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। କୁଳାଧିପତି ଏକ ସମ୍ମାନଜନକ ଓ ଅବୈତନିକ ପଦବୀ ହୋଇଥିବାବେଳେ ପରିଜା ଏହି ପଦରେ ରହି ଆସନ୍ତା ୫ବର୍ଷ ପର୍ଯ୍ୟନ୍ତ କିଟ୍ ବିଶ୍ୱବିଦ୍ୟାଳୟକୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିବେ। ଏହି ପରିପ୍ରେକ୍ଷୀରେ ସାମନ୍ତ କହିଛନ୍ତି, ପରିଜା ଜଣେ ଲବ୍ଧ ପ୍ରତିଷ୍ଠିତ ଓଡ଼ିଆ ବ୍ୟକ୍ତି। ତାଙ୍କ ନେତୃତ୍ୱରେ କିଟ୍ ବିଶ୍ୱବିଦ୍ୟାଳୟ ଶିକ୍ଷା, ଗବେଷଣା ସହ ସାମଗ୍ରିକ ବିକାଶ କ୍ଷେତ୍ରରେ ଆହୁରି ଅଧିକ କାର୍ଯ୍ୟ କରିପାରିବ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପଦ୍ମଶ୍ରୀ ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ସସ୍ମିତା ସାମନ୍ତ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରାଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, କୁଳାଧିପତି ଏକ ଅବୈତନିକ ପଦ ହୋଇଥିବାରୁ ଏହା ପରିଜାଙ୍କ ଆଡ୍‌ଭୋକେଟ୍ ଜେନେରାଲ୍ ଦାୟିତ୍ୱରେ କୌଣସି ବ୍ୟାଘାତ ସୃଷ୍ଟି କରିବ ନାହିଁ।




# ବର୍ଷାରେ ଭାଙ୍ଗିଲା ନିର୍ମାଣାଧୀନ ତୋରଣ

ଭୁବନେଶ୍ୱର,୨୯।୯ (ବ୍ୟୁରୋ): ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣିରୋଡ୍‌ସ୍ଥିତ ବ୍ରହ୍ମେଶ୍ୱର ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମାଣ କରାଯାଉଥିବା ଲାଇଟ୍ ତୋରଣ ଗୁରୁବାର ହୋଇଥିବା ବର୍ଷା ଓ ପବନରେ ଭାଙ୍ଗି ପଡ଼ିଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଧରି ଗାଡିମୋଟର ଓ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗୁରୁବାର ଅପରାହ୍ନ ପ୍ରାୟ ୧ଟାଏ ୩୦ରେ ପ୍ରବଳ ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଫଳରେ ବାଉଁଶରେ ପ୍ରସ୍ତୁତ ହୋଇଥିବା ତୋରଣଟି ଭାଙ୍ଗି ପଡ଼ି ରାସ୍ତାରେ ପଡ଼ି ରହିଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଓ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରେ ପଡ଼ିଥିବା ଉକ୍ତ ବାଉଁଶ, ଲାଇଟ୍ ଆଦିକୁ ହଟାଇଥିଲେ। ଏଥିରେ କମିଟିର ସଦସ୍ୟମାନେ ମଧ ସହଯୋଗ କରିଥିଲେ। ଏହାପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ତୋରଣଟି ପଡ଼ିବା ସମୟରେ ଏହା ନିକଟରେ କୌଣସି ଲୋକ ନ ଥିବାରୁ ଏକ ବଡ଼ ବିପଦ ଟଳିଯାଇଥିଲା।



# 'ମୋ ସ୍କୁଲ' ସହ ଅଧିକ ଯୋଡ଼ିହେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

**ଡିଇଓ, ଡିପିସି ସମ୍ମିଳନୀ ଉଦ୍‌ଯାପିତ**

ଜିଲା ଶିକ୍ଷାଧିକାରୀ (ଡିଇଓ) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍. ଯୋଗଦେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ପରିଷଦ, ମଧ୍ୟାହ୍ନଭୋଜନ କାର୍ଯ୍ୟାଳୟ, ମୋ ସ୍କୁଲ, ସମଗ୍ର ଶିକ୍ଷା ଓ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଅଧିକରୁ ଅଧିକ ସ୍କୁଲ 'ମୋ ସ୍କୁଲ' ସହ ଯୋଡ଼ିବାକୁ ଅଶ୍ୱଥୀ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରୂପାନ୍ତରିତ ସ୍କୁଲର ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଯଦି କୌଣସି ରୂପାନ୍ତରିତ ସ୍କୁଲରୁ ଅଭିଯୋଗ ଆସେ, ତେବେ ତୁରନ୍ତ ତାହାକୁ ବିଭାଗର ଦୃଷ୍ଟିକୁ ଆଣିବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ଏଥିସହ ବୈଠକରେ ଶିକ୍ଷକ ନିଯୁକ୍ତି, ନୂତନ ମୂଲ୍ୟାୟନ ପଦ୍ଧତି, ମଧ୍ୟାହ୍ନଭୋଜନ ସୁପରିଚାଳନା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ଗଣତନ୍ତ୍ର ପାଇଁ ଅଧିକାର, କର୍ତ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ବିଭାଗ, ଆଇକ୍ୟୁଏସି ତଥା ଭାରତୀୟ ଲୋକ ପ୍ରଶାସନ, ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ 'ମୌଳିକ କର୍ତ୍ତବ୍ୟ ଆମ ଗଣତନ୍ତ୍ରର ମେରୁଦଣ୍ଡ' ସମ୍ପର୍କିତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦଘାଟନ କରି କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ କହିଲେ, ଅଧିକାର ଯେପରି ଗୁରୁତ୍ୱପୂର୍ଣ୍ଣ, କର୍ତ୍ତବ୍ୟ ସେପରି ଗୁରୁତ୍ୱପୂର୍ଣ୍ଣ। ଉଭୟଙ୍କ ସମନ୍ୱୟରେ ଗଣତନ୍ତ୍ର ପରିପୂର୍ଣ୍ଣ ହୋଇପାରିବ। ମୁଖ୍ୟବକ୍ତା ଭାବରେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ପୂର୍ବତନ ପୋଲିସ ଡିଜି ଶରତ ଚନ୍ଦ୍ର ମିଶ୍ର ଅଧିକାର ଓ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଇଆଇପିଏ ସମ୍ପାଦକ ଅଶୋକ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇଆଇପିଏ ପକ୍ଷରୁ ରମାଦେବୀର ଦୁଇ ଗବେଷକ ଝୁନୁଲତା ଭୂୟାଁ ଓ ବିଜୟଲକ୍ଷ୍ମୀ ମହାନ୍ତିଙ୍କୁ ଗବେଷକ ପୁରସ୍କାର ପ୍ରଦାନ କରାଯାଇଥିଲା। ଡ. ଅରୁଣ କୁମାର ରଥ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁରେଶ ମନ୍ତ୍ରୀ, କୁଳମଣି ଦେଓ, ଏନ. ସି ପାଢ଼ୀ, ପ୍ର. ଅନନ୍ତ ଗିରି, ପ୍ର. ସଚ୍ଚିଦାନନ୍ଦ ମିଶ୍ର, ମାନବେନ୍ଦ୍ର ମିଶ୍ର, ବିଜୟ କୁମାର ମହାନ୍ତି, ଅମିତା ପଟ୍ଟନାୟକ, ଜୀବିତୋଷ ରଥ, ଶଙ୍କର୍ଷଣ ମହାନ୍ତି, ପ୍ରଫେସର ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଡ. ମାନସ ବେହେରା ଧନ୍ୟବାଦ ଦେଇଥିଲେ।

# ଜଗଦେବଙ୍କ ମାମଲା ଖୋର୍ଦ୍ଧା କୋର୍ଟକୁ ସ୍ଥାନାନ୍ତର

ଖୋର୍ଦ୍ଧା ଅଫିସ,୨୯।୯

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ସମ୍ମୁଖରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ମାମଲା ବାଣପୁର ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରଧୀନ ରହିଥିବା ବେଳେ ଗୁରୁବାର ଏହାର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବାହ୍ନରେ ବିଧାୟକ ଜଗଦେବ କୋର୍ଟରେ ହାଜର ହୋଇଥିଲେ। ସିଆରପିସି ଧାରା ୨୦୯ ପ୍ରକାରେ ତାଙ୍କ ମାମଲା ଜନିତ ସମସ୍ତ କାଗଜପତ୍ର ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍-୧ଙ୍କ କୋର୍ଟକୁ ହସ୍ତାନ୍ତର କରାଯାଇଥିବା ସରକାରୀ ଓକିଲ ପ୍ରାଚୀପ୍ରଭା ନନ୍ଦ ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧୪ ରେ ବିଧାୟକ ଜଗଦେବ ଖୋର୍ଦ୍ଧା ଏଡିଜେ-୧ଙ୍କ କୋର୍ଟରେ ହାଜର ଲାଗି ନିର୍ଦ୍ଦେଶ ରହିଛି। ପରେ ଏହି ମାମଲା ଖୋର୍ଦ୍ଧାରୁ ଭୁବନେଶ୍ୱର ଏମ୍‌ପି, ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟକୁ ହସ୍ତାନ୍ତର ପରେ ବିଚାର ହେବ।

# ସୁସ୍ଥ ଜୀବନ ପାଇଁ ସୁସ୍ଥ ମନ, ସୁସ୍ଥ ପରିବେଶ ଜରୁରୀ



ଭୁବନେଶ୍ୱର, ୨୯।୯ (ବ୍ୟୁରୋ)

ସୁସ୍ଥ ଓ ନିରାମୟ ଜୀବନ ପାଇଁ ପ୍ରତ୍ୟେକ ମଣିଷ ସୁସ୍ଥ ମନ ଓ ସୁସ୍ଥ ପରିବେଶ ଆପଣେଇବା ନିତାନ୍ତ ଜରୁରୀ। ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ ଅବସରରେ ଏଭଳି ବାର୍ତ୍ତା ଦେଇଛନ୍ତି ବିଶିଷ୍ଟ ଚିକିତ୍ସକ ଡା. ଏସ୍. ଏନ୍. ସ୍ୱାଇଁ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡା. ସ୍ୱାଇଁ କହିଲେ, ବୟସ ବଢ଼ିବା ସଂଗେ ସଂଗେ ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ବି ବଢ଼ିବା ସ୍ୱାଭାବିକ। କିନ୍ତୁ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ଓ ପରାମର୍ଶ ସହ ସନ୍ତୁଳିତ ଖାଦ୍ୟ ଆହରଣ ଏବଂ ନିୟମିତ ବ୍ୟାୟାମ କଲେ କୌଣସି ରୋଗ ଘାତକ ହୋଇ ନ ଥାଏ ଓ ଏହା ନିଜ ନିୟନ୍ତ୍ରଣରେ ରହିଥାଏ।

ଭୁବନେଶ୍ୱର ପୋଖରୀପୁଟସ୍ଥିତ ମଧୁସୂଦନ ଦାସ ପାର୍କ ପରିସରରେ ଏସ୍‌ଏଲ୍‌ଆର୍ ଫାଉଣ୍ଡେଶନ ପକ୍ଷରୁ ଏମ୍‌ଏସ୍ ୱାକର୍ସ କ୍ଲବ୍ ଓ କଳିଙ୍ଗ କମର୍ସିଆଲ କର୍ପୋରେଶନର ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଓ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ବହୁ ବୁଦ୍ଧିଜୀବୀ ଓ ପ୍ରାତଃ ଭ୍ରମଣକାରୀ ଯୋଗଦେଇ ବରିଷ୍ଠ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସଂଗୀତ ପରିବେଷଣ କରାଯାଇଥିଲା। କେତେଜଣ ବିଶିଷ୍ଟ ଓ ବରିଷ୍ଠ ନାଗରିକଙ୍କ ସମେତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଏକ ଗଣଦୌଡ଼ର ଆୟୋଜନ କରାଯାଇ ହୃତ୍‌ପିଣ୍ଡ ଦିବସରେ ସୁସ୍ଥ ଜୀବନର ବାର୍ତ୍ତା ଦିଆଯାଇଥିଲା।

# ଭସାଣରେ ପଞ୍ଜାବୀ ଢୋଲକ ମୁଖ୍ୟ ଆକର୍ଷଣ

ପୁରୁଣା ଭୁବନେଶ୍ୱର,୨୯।୯(ଡି.ଏନ୍.ଏ.)




ଆଉ ଦିନ କେଇଟା ପରେ ଦୁର୍ଗାପୂଜା। ଏଥିପାଇଁ ଚଳଚଞ୍ଚଳ ରାଜଧାନୀ। ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ପାଇଁ ସୁଦୃଶ୍ୟ ମଣ୍ଡପ ଓ ତୋରଣ କରି ଆଗରେ ରହିବାକୁ ବିଭିନ୍ନ କମିଟି ପକ୍ଷରୁ ଚାଲିଛି ପ୍ରତିଯୋଗିତା। ଏହି କ୍ରମରେ କୈବର୍ତ୍ତ ସାହି ଦୁର୍ଗାପୂଜା ସମିତି ପ୍ରସ୍ତୁତି ଜୋରଦାର ଚଳାଇଛି। ୧୯୫୫ ମସିହାରେ ୫ରୁ୧୦ଜଣ ବାସିନ୍ଦାଙ୍କୁ ନେଇ ଏଠାରେ ଆରମ୍ଭ ହୋଇଥିଲା ଦୁର୍ଗାପୂଜା। ଉକ୍ତ ବର୍ଷ ମଣ୍ଡପରେ ହରପାର୍ବତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥିଲେ। ୫ବର୍ଷ ପରେ ଏହି ମଣ୍ଡପରେ ରାମ, ଲକ୍ଷ୍ମଣ ଏବଂ ସୀତାଙ୍କ ମୂର୍ତ୍ତି ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାର ୬ ବର୍ଷ ପରେ ମଣ୍ଡପରେ ମା'ଦୁର୍ଗାଙ୍କ ପ୍ରତିମୂର୍ତ୍ତି ଆବାହନା କରାଯାଇଥିଲା। ସେହିଦିନଠାରୁ ପ୍ରତ୍ୟେକ ବର୍ଷ ଏଠାରେ ଦୁର୍ଗାପୂଜା ପାଳିତ ହୋଇଆସୁଅଛି। ଏବେ ସମିତିରେ ୧୦୦ଜଣ ସଭ୍ୟ ରହିଛନ୍ତି। ଚଳିତବର୍ଷ ମା'ଙ୍କ ମୃଣ୍ମୟୀ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରହିବ। ପୂଜା ପାଇଁ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଠାରେ ୪୦ଫୁଟ ଉଚ୍ଚତା ଏବଂ ୨୦ଫୁଟ ଓସାରର ମନ୍ଦିରାକୃତି ତୋରଣ ଶୋଭାପାଇବ। ଏଥର ପୂଜାରେ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେବା ନେଇ ସମିତି ପକ୍ଷରୁ ଆକଳନ କରାଯାଇଛି। ଷଷ୍ଠୀରେ ବେଲବରଣି, ସପ୍ତମୀରେ ମା'ଙ୍କ ଚକ୍ଷୁଦାନ, ଆଳତି ଏବଂ ପ୍ରାଣ ପ୍ରତିଷ୍ଠା କରାଯିବ। ଅଷ୍ଟମୀରେ ଯୋଗିନୀ ପୂଜା, ଡାଲା ଭୋଗ ଏବଂ ସେହିଦିନ ଅପରାହ୍ନରେ ଚଣ୍ଡିପାଠ ଓ ଦୀପଦାନ କରାଯିବ। ଦଶମୀରେ ମା'ଙ୍କ ନିକଟରେ ୧୦ପ୍ରକାର ପିଠା ଭୋଗ ଲାଗି ହେବ। ଏଥିସହ ଏକ ହଜାର ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ବଣ୍ଟାଯିବା ପାଇଁ ସ୍ଥିର ହୋଇଛି। ଭସାଣ ଉତ୍ସବରେ ପାରମ୍ପରିକ ଅଦଲାବାଦ୍ୟର ଡେମ୍ପନାଗରା, ଘଣ୍ଟ ଏବଂ ପଞ୍ଜାବୀ ଢୋଲକ ମୁଖ୍ୟ ଆକର୍ଷଣ ହେବ।



"ତୋରଣ ଅପେକ୍ଷା ମା'ଙ୍କ ମୂର୍ତ୍ତି ନିର୍ମାଣରେ ଅଧିକ ଗୁରୁତ୍ୱ ଦେଇଥାଉ। ପରମ୍ପରା ଏବଂ ବିଧି ମୁତାବକ ପୂଜାର୍ଚ୍ଚନା ହୋଇଥାଏ। କୋଭିଡ୍ ପାଇଁ ଦୁଇ ବର୍ଷ ଏହି ପୂଜା ବନ୍ଦ ରହିଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ଦଶମୀରେ ୫ଶହ ଭକ୍ତଙ୍କୁ ମା'ଙ୍କ ସଙ୍କୁଡ଼ି ଭୋଗ ବଣ୍ଟାଯାଇଥିବା ବେଳେ ଏବର୍ଷ ଏହାକୁ ଦୁଇ ଗୁଣ କରାଯାଇଛି।

**-ଲକ୍ଷ୍ମୀଧର ବେହେରା, ସମ୍ପାଦକ**



"ଏଠାରେ ପୂଜା ଭାଇଚାରର ପୂଜା। ବିଏମ୍‌ସି ଗାଇଡ୍‌ଲାଇନ ଅନୁଯାୟୀ ପୂଜା ୫ଦିନ ୧୦ଜଣ ଭଲ୍ୟୁଣ୍ଟର କାର୍ଯ୍ୟ ତଦାରଖ ପାଇଁ ନିୟୋଜିତ ରହିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଷ୍ଟମୀରେ ପୁରୀର ଭଜନ ସନ୍ଧ୍ୟା ପରିବେଷଣ କରାଯିବା ପାଇଁ ସ୍ଥିର ହୋଇଛି।

**-ନିରଞ୍ଜନ ମହାଲିକ, ସଭାପତି**

# ରାୟ ପ୍ରଗତିଶୀଳ, ବ୍ୟବହାର ଉପରେ ନିର୍ଭର



ଗର୍ଭପାତ ମହିଳାମାନଙ୍କ ଏକ ଅଧିକାର। ତେଣୁ ଏଥିରେ ପ୍ରଭେଦ ନ ରହି ଉଭୟ ବିବାହିତା ଏବଂ ଅବିବାହିତାଙ୍କ ଗର୍ଭପାତ ଅନୁମତି ନେଇ ସୁପ୍ରିମକୋର୍ଟ ଗୁରୁବାର ଏକ ଐତିହାସିକ ରାୟ ଦେଇଛନ୍ତି। ଏହି ରାୟକୁ ଅନେକ କ୍ଷେତ୍ରରେ ସ୍ୱାଗତ କରାଯାଉଛି। ଏହାକୁ ପ୍ରଗତିଶୀଳ ଚିନ୍ତାଧାରା ବୋଲି କୁହାଯାଉଛି। କାରଣ ପୂର୍ବରୁ କୌଣସି ପରିସ୍ଥିତିରେ ପଡ଼ି ଯଦି କେହି ଅବିବାହିତା ଅନିଚ୍ଛାରେ ଗର୍ଭଧାରଣ କରୁଥିଲେ, ଚାହିଁଲେ ମଧ ସେମାନଙ୍କୁ ଗର୍ଭପାତ ଅନୁମତି ମିଳୁ ନ ଥିଲା। ଏବେ ସେ ଅସୁବିଧା ହେବନାହିଁ। ହେଲେ ଅନେକ ସ୍ଥଳରେ ଏହି ରାୟର ଦୁରୁପଯୋଗ ହେବାର ଆଶଙ୍କା ରହୁଛି। ଏହାଦ୍ୱାରା ବେଆଇନ ଗର୍ଭପାତ ଉପରେ ସହଜରେ ନିୟନ୍ତ୍ରଣ ଆଉ ରହିବ  ନାହିଁ ବୋଲି ଅନେକେ ମତ ଦେଉଛନ୍ତି।



“ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍ନାସିଂ (ଏମ୍‌ଟିପି) ଆକ୍ଟ-୧୯୭୧ରେ ମହିଳାମାନଙ୍କୁ ଆଇନଗତ ଗର୍ଭପାତ ପାଇଁ ଅଧିକାର ଦିଆଯାଇଛି। ହେଲେ ଏବେ ଦେଶର ସର୍ବୋଚ୍ଚ ଅଦାଲତ କେବଳ କହିଛନ୍ତି ବିବାହିତ ଓ ଅବିବାହିତ ମହିଳାଙ୍କ ମଧରେ ପାର୍ଥକ୍ୟ କରିପାରିବା ନାହିଁ। ପୂର୍ବରୁ କେହି ଅବିବାହିତା ଗର୍ଭପାତ କରିବାକୁ ଗଲାବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନିଜ ପରିଚୟ ଲୁଚାଇବା ସହିତ ବିଭିନ୍ନ ପ୍ରକାର ତଥ୍ୟ ଭୁଲ ଦେବାକୁ ପଡ଼ୁଥିଲା। ଏପରିକି ସେମାନେ ଦକ୍ଷ ନ ଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପାଖକୁ ଯାଇ ଗର୍ଭପାତ କରୁଥିଲେ। ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିଲା। ଏହି ଦିଗକୁ ଦେଖିଲେ ସୁପ୍ରିମକୋର୍ଟ ଦେଇଥିବା ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସାମାଜିକ ଦୃଷ୍ଟିରେ ଏହାର କୁପ୍ରଭାବ ପଡ଼ିବ, ଯାହାକି ଆଗାମୀ ୫ବର୍ଷ ପରେ ଜଣାପଡ଼ିବ। ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେବା। କିନ୍ତୁ ସବୁ ରାୟ ଯେ, ସମାଜ ପାଇଁ ଭଲ ହେବ ତାହା ଭାବିବା ଉଚିତ୍ ନୁହେଁ। ବିବାହିତ ଓ ଅବିବାହିତା ମହିଳାଙ୍କ ମଧରେ ପାର୍ଥକ୍ୟ ନାହିଁ କଥାକୁ ମୁଁ ସମ୍ମାନ ଜଣାଉଛି। କିନ୍ତୁ ବିବାହିତ ମହିଳାମାନଙ୍କ ଯେଉଁ ଅଧିକାର ଅଛି ତାହା ସଙ୍କୁଚିତ ହେଇଯାଉଥିବାବେଳେ ଅବିବାହିତ ମହିଳାଙ୍କ ଅଧିକାର ବଢ଼ିବାରେ ଲାଗିଛି। ବର୍ତ୍ତମାନ ଆଇନ ହୋଇଗଲେ ଅବିବାହିତମାନେ ଆଉ ଡରିବେ ନାହିଁ। ନିଜ ଅଧିକାର ଅଛି ବୋଲି ଗର୍ଭପାତ କରିଚାଲିବେ। ବାରମ୍ବାର ଗର୍ଭପାତ କଲେ ଭବିଷ୍ୟତରେ ତାଙ୍କ ସ୍ୱାସ୍ଥ୍ୟପ୍ରତି ବହୁ କ୍ଷତି ହେବ। କିନ୍ତୁ ନାବାଳିକା ଗର୍ଭବତୀ କିମ୍ବା ଯୌନ ନିର୍ଯାତନା କ୍ଷେତ୍ରରେ ଦେଖିବାକୁ ଗଲେ ଏହା ଭଲ ପଦକ୍ଷେପ।

- ନମ୍ରତା ଚଢ଼ା, ସାମାଜିକକର୍ମୀ



“ଅବିବାହିତ ଓ ବିବାହିତ ମହିଳାଙ୍କ ମଧରେ ପାର୍ଥକ୍ୟ ନ ରଖିବା ସମ୍ପର୍କରେ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଜଣାଉଛି। କିନ୍ତୁ ଗର୍ଭପାତ ପାଇଁ ଅବିବାହିତାଙ୍କୁ ଯେଉଁ ଅଧିକାର ଦିଆଗଲା ତାହା କେତେକ କ୍ଷେତ୍ରରେ ଭଲ ଏବଂ ଆଉ କିଛି କ୍ଷେତ୍ରରେ କୁପ୍ରଭାବ ପକାଇବ। ଅନିଚ୍ଛାକୃତ ଭାବେ ଅର୍ଥାତ୍ ଯେଉଁମାନେ ବଳାତ୍କାରର ଶିକାର ହୋଇଥିବେ କିମ୍ବା ଜଣେ ଅବିବାହିତା ଗର୍ଭବତୀ ପରେ ତା’ର ପାର୍ଟନର ତାକୁ ଛାଡ଼ିଦେଇଥିବ, ସେମାନେ ଗର୍ଭପାତ କରିଲେ ଚଳିବ। କିନ୍ତୁ ଆଜିକାଲି ବହୁ ଅବିବାହିତ ଏହାକୁ ସଉକ କରିସାରିଲେଣି। ମାତ୍ର ୧୫-୧୬ ବର୍ଷ ବୟସର ଝିଅ ବି ସେମାନେ ଗର୍ଭବତୀ ହେଇଯାଉଛନ୍ତି। ଥରେ ଦୁଇଥର ନୁହେଁ, ବାରମ୍ବାର ହେଉଛନ୍ତି। ତେଣୁ ଏମାନଙ୍କ ପାଇଁ ଏବେ ଆଉ କିଛି ଅସୁବିଧା ହେବ ନାହିଁ। ଅଧିକାର ହୋଇଯାଇଥିବାରୁ ଅଚିନ୍ତାରେ ସେମାନେ ଗର୍ଭପାତ କରିପାରିବେ।

- ରାଜଶ୍ରୀ ପାଣିଗ୍ରାହୀ, ଗୃହିଣୀ



“ସୁପ୍ରିମକୋର୍ଟଙ୍କର ଏହି ରାୟକୁ ପ୍ରଗତିଶୀଳ ରାୟ ବୋଲି ଆମେ କହି ପାରିବା। କାରଣ ଆଗରୁ ମହିଳାମାନେ ଆଇନ ଅନୁଯାୟୀ ଗର୍ଭପାତ କରୁଥିଲେ। କିନ୍ତୁ ଏବେ ଏହା ଅବିବାହିତା ଓ ନାବାଳିକା ଏବଂ ବିବାହିତ ମହିଳାଙ୍କ ପାଇଁ ଗର୍ଭପାତକୁ ଆଇନ ଅନୁଯାୟୀ ସ୍ୱୀକୃତି ମିଳିଛି । ଏହାକୁ ଯଦି ଆମେ ତର୍ଜମା କରିବା ତାହେଲେ ଭଲ ଏବଂ ଖରାପ ଦୁଇଟି ଦିଗ ସାମ୍ନାକୁ ଆସୁଛି। ଯେମିତି କି ଭଲ ଦିଗଟି ହେଲା ବେଳେ ବେଳେ ପରିସ୍ଥିତି ଏମିତି ହୁଏ ଯେ ଅବିବାହିତ ଝିଅଟିଏ ଅସହାୟ ଅବସ୍ଥାରେ ପହଞ୍ଚି ଯାଇଥାଏ। ଗର୍ଭପାତ ବେଆଇନ ଥିବା ଯୋଗୁ ତାକୁ ଅନେକ ଶୋଷଣର ଶିକାର ହେବାକୁ ପଡୁଥିଲା। ଏବେ ଆଉ ସେହି ସମସ୍ୟା ସମ୍ମୁଖୀନ କରିବାକୁ ପଡ଼ିବ ନାହିଁ। ଆଉ ଖରାପ ପ୍ରଭାବ ହେଲା ଯେଉଁମାନେ ଲିଭ ଇନ୍ ସମ୍ପର୍କରେ ରହୁଛନ୍ତି ସେ ଝିଅମାନେ ଶାରୀରିକ ସମ୍ପର୍କ ରଖିବାପରେ ବାରମ୍ବାର ଯଦି ଗର୍ଭପାତ କରାଇବେ ତାହେଲେ ସେମାନଙ୍କ ଶରୀର ଉପରେ କୁପ୍ରଭାବ ନିଶ୍ଚିତ ପଡ଼ିବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ତ୍ରୀଙ୍କ ବିନା ଅନୁମତିରେ ଯଦି ସ୍ୱାମୀ ଶାରୀରିକ ସମ୍ପର୍କ ରଖୁଛନ୍ତି କିମ୍ବା ବଳପୂର୍ବକ ସମ୍ପର୍କ ରଖୁଛନ୍ତି ତାହେଲେ ତାକୁ ମ୍ୟାରିଟାଲ ରେପ୍‌ର ଅନ୍ତର୍ଭୁକ୍ତ କରାଯାଇ ସ୍ତ୍ରୀଙ୍କୁ ଗର୍ଭପାତ ଆଇନ ଅନୁଯାୟୀ କରିପାରିବ। ତେଣୁ କିଏ କିଭଳି ବ୍ୟବହାର କରିବ ତାହା ଉପରେ ନିର୍ଭର କରେ।

- ପ୍ରୀତିଛନ୍ଦା ଧଳ , ସାମାଜିକକର୍ମୀ



“ସ୍ୱାଧୀନତା ଓ ପସନ୍ଦ କରିବା ଅଧିକାର ଅନୁସାରେ ସୁପ୍ରିମକୋର୍ଟଙ୍କ ଏହି ରାୟ ସ୍ୱାଗତଯୋଗ୍ୟ। ଅନେକ ସମୟରେ ଜଣେ ଝିଅ ବା ନାରୀ ଇଚ୍ଛା ନ ଥାଇ ଗର୍ଭଧାରଣ କରୁଥିଲେ ସୁଦ୍ଧା ଅସହାୟ ହୋଇ ଗର୍ଭପାତ କରିପାରୁ ନ ଥିଲେ। ଏହି ରାୟ ଦ୍ୱାରା ସେମାନଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏଥିପାଇଁ ଏକକ ଓ ଅବିବାହିତ ମହିଳାମାନେ ଏମ୍‌ଟିପି ଆଇନ ଓ ନିୟମ ଅନୁସାରେ ୨୪ ସପ୍ତାହ ମଧରେ ଗର୍ଭପାତ କରିପାରିବେ। କିନ୍ତୁ ଏହି ରାୟର ଖରାପ ପ୍ରଭାବ ମଧ ରହିଛି। ଏହାର ଅପବ୍ୟବହାର ହେଲେ ଅନେକ ନାବାଳିକା ଝିଅ ଏହାର ବେଶି ଶିକାର ହେବେ। ଆଗରୁ ଏହା ଦ୍ୱାରା ବନ୍ଦ କରାଯାଇଥିବା ଅନେକ ଛୋଟ ବଡ଼ କ୍ଲିନିକ ପୁଣି ଖୋଲିବ। ବେଆଇନ ଭାବେ ସେମାନଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିବ। ତେଣୁ ଏସବୁକୁ ଦୃଷ୍ଟିରେ ରଖି ଏହାକୁ ଆୟତ୍ତ କରିବା ପାଇଁ ଏକ ପଦକ୍ଷେପ ନିଆଯିବା ଆବଶ୍ୟକ।

- ଲିଙ୍କନ ସୁବୁଦ୍ଧି, ସାମାଜିକକର୍ମୀ



“ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ସ୍ଥଳ ବିଶେଷରେ ଏହାର ଆବଶ୍ୟକତା ରହିଛି। କିନ୍ତୁ ଏହାର ଦୁରୁପଯୋଗ କରା ନ ଯାଉ। ଆଜିକାଲିର ଯୁବପିଢ଼ି ଏହାକୁ ଦୁରୁପଯୋଗ ନ କରନ୍ତୁ। ନଚେତ ଏହାର ପରିଣାମ ସମାଜ ଉପରେ କୁପ୍ରଭାବ ପକାଇବ। ତେଣୁ ଏହାକୁ ଲାଗୁ କରିବାକୁ ହେଲେ କିଛି ସର୍ତ୍ତମୂଳକ ନିୟମ ରଖାଯାଉ। ତାହା କିଛି କେସ ଷ୍ଟଡି ଆଉ କିଛି ଡାକ୍ତର କିମ୍ବା ଅନ୍ୟ ବ୍ୟକ୍ତିବିଶେଷଙ୍କ ପରାମର୍ଶ ନେଇ କରାଯାଉ। ତେବେ ଯାଇ ଆମେ ଏହାକୁ ଠିକ ବୋଲି କହିପାରିବା।

- ରୀନା ରାଉତରାୟ, ସାମାଜିକକର୍ମୀ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜିତୁନ



@ ଚିତ୍ତ



@ ନିରଞ୍ଜନ



@ ସତ୍ୟରଞ୍ଜନ



@ ସୁଜଳ

ପାର୍ବଣ ଋତୁ ଚାଲିଛି। ଏଣୁ ପୂଜା ଆସର ମଧରେ ଅଧିକରୁ ଅଧିକ ସେଲ୍‌ଫି ଉଠାଇ ପଠାନ୍ତୁ। ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଦିଅନ୍ତୁ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ମୂର୍ତ୍ତି ସମ୍ମୁଖରେ ସେଲ୍‌ଫି ଉଠାଇବା ଅନୁଚିତ।

## ଆଜି କ’ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍, ସାମ୍ୟବାଦୀ ନେତା, ବିପ୍ଲବୀ ପ୍ରାଣନାଥ ପଟ୍ଟନାୟକଙ୍କ ୫୨ତମ ଶ୍ରାଦ୍ଧୋତ୍ସବ, ୟୁନିଟ୍-୩ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ପୂର୍ବାହ୍ନ ୯ଟା।
- ବିଶ୍ୱ ଅନୁବାଦ ଦିବସ ଅବସରରେ ଜାତୀୟ ଅନୁବାଦକ ସମ୍ମିଳନୀ, ଗୀତ ଗୋବିନ୍ଦ ସଦନପୂର୍ବାହ୍ନ ୧୦ଟା।
- ‘ଜଳ ସୁରକ୍ଷା-ଜୀବନ ରକ୍ଷା’ ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା, ଓଏଏସ୍ ଆସୋସିଏସନ ପ୍ରେମିସେସ୍, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦।
- ବଳିପ୍ରଥା ନିଷେଧ ନିମିତ୍ତ ଗଣଧାରଣ, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ବୟନିକା ପକ୍ଷରୁ ୧୯ତମ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା-୨୦୨୨ ଅବସରରେ ୟଙ୍ଗ୍ ସିଙ୍ଗିଂ ଟ୍ୟାଲେଣ୍ଟ ଅଫ୍ ଓଡ଼ିଶା କାର୍ଯ୍ୟକ୍ରମ, ଏକାମ୍ର ହାଟ ଓ ପ୍ରଦର୍ଶନୀ ପଡ଼ିଆ, ପୂର୍ବାହ୍ନ ୧୧ଟା ୩୦।
- ରାଜ୍ୟସ୍ତରୀୟ ପ୍ରାଣନାଥ ସ୍ମୃତି ସନ୍ଧ୍ୟା ସମ୍ମାନ ପ୍ରଦାନ ଉତ୍ସବ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ୬ଷ୍ଠତମ ବିମୋହନ କଳା ସମ୍ମାନ ୨୦୨୨, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ଜାତୀୟ ନାଟକ ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ବିଶ୍ୱନାଥ ପଣ୍ଡିତ ପାର୍କ ୱାକର୍ସ କ୍ଲବର ବାର୍ଷିକ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।



ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଜାତୀୟ ନାଟ୍ୟ ଉତ୍ସବରେ ଗୁରୁବାର ସନ୍ଧ୍ୟାରେ ପରିବେଷିତ ନାଟକ ‘ଅଗରବତୀ’ର ଏକ ଦୃଶ୍ୟ।

## ବନ୍ଧାହେଲେ ଟୁଙ୍ଗୁରୁ ଭୋଳ

**ଭୁବନେଶ୍ୱର,୨୯।୯ (ବ୍ୟୁରୋ)**

ଜଣେ ମହିଳାଙ୍କୁ ବଳାତ୍କାର କରିବା ଓ ତାଙ୍କ ସହ ପ୍ରେମ ସମ୍ପର୍କିତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଆଲୋକ ଭୋଳ ଓରଫ ଟୁଙ୍ଗୁରୁଙ୍କୁ ଭରତପୁର ଥାନା ପୋଲିସ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଆଇଗଣିଆ ଅଞ୍ଚଳର ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ।



ସୂଚନାନୁସାରେ, ଟୁଙ୍ଗୁରୁ ବାପା, ମା’ଙ୍କ ସହ ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାନ୍ତି। ଭରତପୁର ଥାନା ଶରଧାପଲ୍ଲୀ ବସ୍ତିର ସୁଜୟନ୍ତୀ ଦିଗାଲ ଓରଫ ବର୍ଷା(୨୯)ଙ୍କୁ ଅଟୋରେ ନେବା ସମୟରେ ତାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟଙ୍କ ପ୍ରେମ ସମ୍ପର୍କ ଜାଣିବା ପରେ ବର୍ଷାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ବର୍ଷା ଟୁଙ୍ଗୁରଙ୍କୁ ବିବାହ କରିବାକୁ ଜିଦ୍ ଧରିଥିଲେ ମଧ ସେ ରାଜି ହୋଇ ନ ଥିଲେ। ବର୍ଷା ଫୁଲମାଳ, ସିନ୍ଦୂର ଏବଂ ଶଙ୍ଖା ଧରି ଭରତପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ଟୁଙ୍ଗୁରୁ ଭୋଳ ବର୍ଷାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଡାକି ବୁଝାଶୁଝା କରିଥିଲା। ପୁଣି ଅଗଷ୍ଟ ୧୦ ବିଳମ୍ବିତ ରାତିରେ ଟୁଙ୍ଗୁରୁ ବର୍ଷାଙ୍କ ଘରକୁ ଯାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ବର୍ଷା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା। ଟୁଙ୍ଗୁରୁଙ୍କୁ ଦୁଇ ଦିନ ଧରି ଭରତପୁର ପୋଲିସ ଅଟକ ରଖିବା ପରେ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି।

## ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଖାତାକୁ ଫେରିଲା ୧୪୨.୨୩ ଏକର ଜମି



**କଟକ ଅଫିସ,୨୯।୯**

ସରକାରୀ ଖାତାଭୁକ୍ତ ହୋଇଥିବା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଜମି ପୁଣି ମହାପ୍ରଭୁଙ୍କ ଖାତାକୁ ଫେରିଛି। ରାଜସ୍ୱ ପର୍ଷଦର ଗୁରୁବାର ନିର୍ଦ୍ଦେଶନାମା ଅନୁସାରେ ଭୁବନେଶ୍ୱରର ୬ଟି ମୌଜାରେ ଥିବା ମୋଟ ୧୪୨.୨୩ ଏକର ଜମି ସରକାରୀ ଖାତାରୁ ମୂଳ ଖାତାକୁ ଫେରିଥିବା ଜଣାଯାଇଛି। ଭୁବନେଶ୍ୱର ୟୁନିଟ-୨୭ରେ ୧୩.୭୯୪ ଏକର, ଭୀମପୁର ୟୁନିଟ୍ ୨୨ରେ ୪୬.୯୯୭ ଏକର, କପିଳପ୍ରସାଦରେ ୪୩.୮୭୬ ଏକର, ରାଜାରାଣୀରେ ୬.୧୮୧ ଏକର, ଗୌତମନଗରରେ ୩୦.୭୪୨ ଏକର ଓ ହରିପୁରପାଟଣାରେ ୦.୬୪ ଏକର ଜମି ଅନ୍ତର୍ଭୁକ୍ତ। ଜମିଦାରୀ ଉଚ୍ଛେଦ ଆଇନର ଧାରା ୭(କ) ଆଧାରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରଶାସନର ତତ୍କାଳୀନ ନିର୍ବାହୀ ଅଧିକାରୀ ୧୯୯୧ ଜୁନ୍ ୨୮ରେ ଏ ସଂକ୍ରାନ୍ତରେ ରାଜସ୍ୱ ପର୍ଷଦକୁ ରେକର୍ଡ ସଂଶୋଧନ ନିମନ୍ତେ ଆବେଦନ କରିଥିଲେ। ଭୁବନେଶ୍ୱର ତହସିଲ ଓ ଶ୍ରୀଲିଙ୍ଗରାଜ ମନ୍ଦିର କର୍ତ୍ତୃପକ୍ଷଙ୍କ ଦ୍ୱାରା ଯୁଗ୍ମ ଭାବେ ତଦନ୍ତ କରାଯାଇ ପ୍ରସ୍ତୁତ ରିପୋର୍ଟ ଉପରେ ଖୋର୍ଦ୍ଧା ଜିଲାପାଳ ସଂଶୋଧନ ନିମନ୍ତେ ସରକାରଙ୍କୁ ପ୍ରଦାନ କରିଥିଲେ। ଗୁରୁବାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି।

## ଲାଞ୍ଚ: ଖୋର୍ଦ୍ଧା ଏସିଏସ୍‌ଓ ଗିରଫ

**ଖୋର୍ଦ୍ଧା ଅଫିସ,୨୯।୯:** ଏକ ରାଇସ ମିଲ୍ ମାଲିକଙ୍କ ପ୍ରାଧିକୃତ ପ୍ରତିନିଧିଙ୍କ ଠାରୁ ଖୋର୍ଦ୍ଧା ଯୋଗାଣ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଯୋଗାଣ ଅଧିକାରୀ(ଏସିଏସ୍‌ଓ) ବିଷ୍ଣୁ ଚରଣ ପରିଡ଼ା ୫୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗୁରୁବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଚଢ଼ାଉ ଜାରି ରହିଛି। ଏନେଇ ଭିଜିଲାନ୍ସ ସେଲ୍ ଏକ ମାମଲା (ନଂ.୭/୨୨) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ଏସିଏସ୍‌ଓ ପରିଡା ଜଣେ ରାଇସ ମିଲ୍ ମାଲିକ ଚାଉଳ ପ୍ରଦାନ ବାବଦ କାଗଜପତ୍ର କରାଇ ଦେବା ଲାଗି ୫୦ହଜାର ଟଙ୍କା ମାଗିଥିଲେ। ଏନେଇ ସମ୍ପୃକ୍ତ ମାଲିକ ଭିଜିଲାନ୍ସ ସେଲ ସହ ଯୋଗାଯୋଗ କରିଥିଲେ। ଯୋଜନା ମୁତାବକ ଏସିଏସଓ ପରିଡା ସମ୍ପୃକ୍ତ ମାଲିକଙ୍କ ପ୍ରତିନିଧିଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା।



ବିଷ୍ଣୁ ଚରଣ ପରିଡ଼ା





ଆକାଶଛୁଆଁ ଦରବୃଦ୍ଧି ଓ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର, ବେକାରଙ୍କୁ ସ୍ଥାୟୀ ନିଯୁକ୍ତି, ବିନା ଥଇଥାନରେ ବିସ୍ଥାପନ ବନ୍ଦ ଆଦି ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇ ଓଡ଼ିଶା ଷ୍ଟେଟ୍ କମିଟି ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୁରୁବାର ଅନୁଷ୍ଠିତ ଗଣବିକ୍ଷୋଭ।



କଟକ ସେଖ୍ ବଜାର ପୂଜାମଣ୍ଡପରେ ଜଣେ ଶିଳ୍ପୀ ମା’ ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମାରେ ଚାନ୍ଦି ଓ ସୁନା ଅଳଙ୍କାର ପିନ୍ଧାଉଛନ୍ତି।

**ଆଜି ଦାୟିତ୍ୱ ନେବେ ନୂଆ ସିଡିଏସ**

ଭାରତର ନୂଆ ସିଡିଏସ୍ ଭାବେ ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ଅନିଲ ଚୌହାନ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିବେ। ଏହା ବ୍ୟତୀତ ସେ ପ୍ରତିରକ୍ଷା ବ୍ୟାପାର ବିଭାଗ ସଚିବ ଭାବେ ମଧ କାର୍ଯ୍ୟ କରିବେ। ହେଲିକପ୍ଟର ଦୁର୍ଘଟଣାରେ ପୂର୍ବତନ ସିଡିଏସ୍ ଜେନେରାଲ ବିପିନ ରାଉତଙ୍କର ମୃତ୍ୟୁ ଘଟିବା ପରେ ୯ ମାସ ହେଲା ଏହି ପଦବୀ ଖାଲି ପଡ଼ିଥିଲା। ୨୦୧୯ ବାଲାକୋଟ୍ ଏୟାର ଷ୍ଟ୍ରାଇକ୍ ବେଳେ ଲ୍ୟୁଟନାଣ୍ଟ ଜେନେରାଲ ଚୌହାନ ସାମରିକ ଅପରେଶନ ବିଭାଗ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ।

## ସଂକ୍ଷେପରେ

### ବ୍ୟାପମ୍ ଦୁର୍ନୀତି ମାମଲା: ୫ ଜଣଙ୍କୁ ୭ ବର୍ଷ ଜେଲ

**ଭୋପାଳ,୨୯।୯:** ବ୍ୟାପମ୍ ଦୁର୍ନୀତି ମାମଲାରେ ଭୋପାଳର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗୁରୁବାର ୫ ଜଣଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ସେମାନଙ୍କୁ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେଇଛି। ଏଥିସହିତ ସେମାନଙ୍କ ଉପରେ ୧୦,୦୦୦ ଟଙ୍କା ଲେଖାଏ ଜରିମାନା ଲଗାଯାଇଛି। ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ଅନ୍ୟ ୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯାଇଛି। ୨୦୧୩ରେ ମଧ୍ୟପ୍ରଦେଶରେ ହୋଇଥିବା ପୋଲିସ କନ୍‌ଷ୍ଟେବଲ ନିଯୁକ୍ତି ଦୁର୍ନୀତିରେ ଏମାନେ ସମ୍ପୃକ୍ତ ଥିଲେ। ଲାଞ୍ଚ ଦେଇଥିବା ପ୍ରାର୍ଥୀଙ୍କୁ ପରୀକ୍ଷା ବେଳେ କପି କରିବା ପାଇଁ ସ୍ୱତନ୍ତ୍ର ଭାବେ ସିଟ୍ ବ୍ୟବସ୍ଥା କରାଯାଇଥିଲା। ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପରିବର୍ତ୍ତେ ଡମି ପ୍ରାର୍ଥୀ ପରୀକ୍ଷା ଦେଇଥିଲେ।

### ଅମ୍ବାନୀଙ୍କ ସୁରକ୍ଷା ବଢ଼ିଲା

**ନୂଆଦିଲ୍ଲୀ,୨୯।୯:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦେଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଅଧକ୍ଷ ତଥା ପରିଚାଳନା



ନିର୍ଦ୍ଦେଶକଙ୍କ ଜୀବନ ପ୍ରତି ବିପଦ ଥିବା ଗୋଇନ୍ଦା ସଂସ୍ଥାର ରିପୋର୍ଟ ପରେ ତାଙ୍କୁ ଜେଡ୍ ପ୍ଲସ୍ ବର୍ଗର ସୁରକ୍ଷା ଯୋଗାଇଦେବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ତାଙ୍କୁ ଜେଡ୍ ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଗତବର୍ଷ ତାଙ୍କ ବାସଭବନ ଆଣ୍ଟିଲିଆ ବାହାରେ ବୋମା ରଖାଯିବା ଘଟଣା ପରେ ତାଙ୍କ ସୁରକ୍ଷା ବଢ଼ାଇବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିଚାର ବିମର୍ଶ ଚଳାଇଥିଲା। ଜେଡ୍ ପ୍ଲସ୍ ସୁରକ୍ଷାରେ ୧୦ରୁ ଊର୍ଦ୍ଧ୍ୱ ଏନ୍‌ଏସ୍‌ଜି କମାଣ୍ଡୋ, ପୋଲିସ ଅଧିକାରୀଙ୍କ ସମେତ ୫୫ ଜଣ ସୁରକ୍ଷା ଦାୟିତ୍ୱରେ ରହିବେ।

### ବୋଟ ବୁଡ଼ି ଅନେକେ ନିଖୋଜ

**ଗୁଆହାଟୀ, ୨୯।୯:** ଆସାମର ଧୁବ୍ରୀ ଜିଲା ଦେଇ ପ୍ରବାହିତ ବ୍ରହ୍ମପୁତ୍ର ନଦୀରେ ଗୁରୁବାର ସକାଳେ ଏକ ବୋଟ ବୁଡ଼ିଯିବାରୁ ଅନେକେ ନିଖୋଜ ହୋଇଛନ୍ତି। ନଦୀରେ ନିର୍ମାଣାଧୀନ ଏକ ବ୍ରିଜ୍‌କୁ ବୋଟ୍ ଧକ୍କାଦେବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୫୦ ଜଣଙ୍କ ମଧ୍ୟରୁ ୫ ଜଣ ଲୋକ ପହଁରି କୂଳରେ ଲାଗିଥିଲେ। ୧୫ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟମାନେ ନିଖୋଜ ଅଛନ୍ତି।

### ଚିକିତ୍ସା ସୁବିଧା ପାଇବା ବନ୍ଦୀଙ୍କ ମୌଳିକ ଅଧିକାର: ସୁପ୍ରିମକୋର୍ଟ

**ନଭଲଖାଙ୍କ ଚିକିତ୍ସା ଲାଗି ନିର୍ଦ୍ଦେଶ**

**ନୂଆଦିଲ୍ଲୀ,୨୯।୯:** ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପର୍କ ମାମଲାରେ ଜେଲ୍‌ରେ ଥିବା ସାମାଜିକ କର୍ମୀ ଗୌତମ ନଭଲଖାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ମୁମ୍ବାଇର ଯଶଲୋକ ହସ୍ପିଟାଲ ସ୍ଥାନାନ୍ତର କରିବାକୁ ସୁପ୍ରିମକୋର୍ଟ ଗୁରୁବାର ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା ସୁବିଧା ପାଇବା ବନ୍ଦୀମାନଙ୍କ ମୌଳିକ ଅଧିକାର ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ନଭଲଖାଙ୍କ ପାର୍ଟନର ସାଭା ହୁସେନ୍ ଏବଂ ଭଉଣୀ ତାଙ୍କୁ ହସ୍ପିଟାଲରେ ଭେଟିବା ଲାଗି ଜଷ୍ଟିସ୍ କେ.ଏମ୍. ଜୋସେଫ ଏବଂ ହୃଷୀକେଶ ରାୟଙ୍କ ଖଣ୍ଡପୀଠ ଅନୁମତି ଦେଇଛନ୍ତି। ମୁମ୍ବାଇ ନିକଟ ତଲୋଜା ଜେଲରେ ଥିବା ୭୦ ବର୍ଷୀୟ ସାମାଜିକ କର୍ମୀ ନଭଲଖା ସେଠାରେ ପର୍ଯ୍ୟାପ୍ତ ମେଡିକାଲ ଓ ମୌଳିକ ସୁବିଧା ନ ଥିବା ଦର୍ଶାଇ ତାଙ୍କୁ ଗୃହବନ୍ଦୀ କରିବା ପାଇଁ ଆବେଦନ କରିଥିଲେ। ବମ୍ବେ ହାଇକୋର୍ଟ ଗତ ଏପ୍ରିଲ ୨୬ରେ ତାଙ୍କ ଆବେଦନକୁ ଖାରଜ କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ସ୍ୱଳ୍ପ ସଞ୍ଚୟ ଜମା ସୁଧହାର ବଢ଼ିଲା

**ନୂଆଦିଲ୍ଲୀ,୨୯।୯:** କେନ୍ଦ୍ର ସରକାର ଗୁରୁବାର କିଷାନ ବିକାଶ ପତ୍ର, ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ସମେତ ୫ଟି ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ବୃଦ୍ଧି କରିଛନ୍ତି। ଏହି ସୁଧହାର ଅକ୍ଟୋବର ୧ରୁ ଆରମ୍ଭ ହେଉଥିବା ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ପାଇଁ ଲାଗୁ ହେବ। ଏହି ସୁଧହାର ୦.୧ରୁ ୦.୩ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ସବୁଠୁ ଲୋକପ୍ରିୟ ପିପିଏଫ୍ ଏବଂ ଏନ୍‌ଏସ୍‌ସି ସୁଧହାର ଅପରିବର୍ତ୍ତିତ ରହିଛି। ସଂଶୋଧିତ ହାର ଅନୁଯାୟୀ ୩ ବର୍ଷୀୟା ପୋଷ୍ଟ ଅଫିସ ଜମା ଉପରେ ସୁଧ ପରିମାଣ ୫.୫ ପ୍ରତିଶତରୁ ୫.୮ ପ୍ରତିଶତ ହୋଇଥିବାବେଳେ ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା ସୁଧ ୭.୪ ପ୍ରତିଶତରୁ ୭.୬ ପ୍ରତିଶତକୁ ବୃଦ୍ଧି ପାଇଛି। କିଷାନ ବିକାଶ ପତ୍ର ସୁଧ ହାର ୬.୯ ପ୍ରତିଶତରୁ ୭ ପ୍ରତିଶତ କରାଯାଇଥିବାବେଳେ ମାଚ୍ୟୁରିଟି ସମୟସୀମା ୧୨୪ ମାସରୁ ୧୨୩ ମାସକୁ ହ୍ରାସ କରାଯାଇଛି।



ଇଆନ୍ ଘୂର୍ଣ୍ଣିଝଡ଼ ଆମେରିକାର ଫ୍ଲୋରିଡାକୁ ମାଡ଼ି ଆସି ବିପର୍ଯ୍ୟୟ ଘଟାଇଛି। ଅନେକ ଘରଦ୍ୱାର ମାଟିରେ ମିଶିଯାଇଥିବାବେଳେ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଧରାଶାୟୀ ହୋଇଛି। ୨.୫ ନିୟୁତ ଲୋକ ଅନ୍ଧାରରେ ରହିଛନ୍ତି। ଆକାଶମାର୍ଗରୁ ହରିକେନ୍ ପ୍ରଭାବିତ ଫର୍ଟ ମିୟର୍ସର ଦୃଶ୍ୟ।

# ପୁଟିନ୍‌ଙ୍କ ଘାତକ ଘୋଷଣା ଆଜି

**ମସ୍କୋ/କିଭ୍,୨୯।୯**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ରେଡ୍ ସ୍କୋୟାର ଭିକ୍ଟ୍ରି କନ୍‌ସର୍ଟରେ ଯୋଗଦେଇ ୟୁକ୍ରେନ୍‌ର ୪ ଅଞ୍ଚଳକୁ ନିଜ ଦେଶରେ ମିଶ୍ରଣ ଘୋଷଣା କରିବେ। ରୁଷିଆ ଦଖଲରେ ଥିବା ଡୋନେସ୍କ, ଲୁହାନ୍‌ସ୍କ, ଖେରସୋନ ଓ ଜାପୋରିଝିଆରେ ୫ ଦିନ ଧରି ଚାଲିଥିବା ଗଣଭୋଟ ମଙ୍ଗଳବାର ଶେଷ ହେବା ପରେ ୟୁକ୍ରେନ୍‌ର ଏହି ୧୫% ଅଞ୍ଚଳଗୁଡ଼ିକ ଉପରେ ମସ୍କୋର ଆଧିପତ୍ୟ ଦସ୍ତାବିଜ ଉପରେ ସ୍ୱାକ୍ଷର କରିବେ। ୟୁକ୍ରେନ୍ ଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବନ୍ଧୁକ ମୁନରେ କରାଯାଇଥିବା ଏହି ଗଣଭୋଟକୁ ବେଆଇନ ଦର୍ଶାଇ ପ୍ରତ୍ୟାଖ୍ୟାନ କରିଥିବାବେଳେ ୱାଶିଂଟନ ସହ ୟୁରୋପୀୟ ସଂଘ(ଇୟୁ) ରୁଷିଆ ଉପରେ ଆହୁରି କଠୋର କଟକଣା ଜାରି କରିବାକୁ ଚେତାବନୀ ଦେଇଛନ୍ତି। ଏପରି କି ସର୍ବିଆ ଓ କାଜାଖସ୍ତାନ ଭଳି ରୁଷିଆର ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏହି ଆନେକ୍ସେଶନକୁ ସ୍ୱୀକୃତି ଦେଇନାହାନ୍ତି। କ୍ରେମ୍‌ଲିନ୍‌ର ସେଣ୍ଟ ଜର୍ଜ ହଲ୍‌ରେ ହେବାକୁ ଥିବା ପୁଟିନ୍‌ଙ୍କ ଆନେକ୍ସେଶନ ସେରେମନିରେ ରୁଷିଆ ସମର୍ଥିତ ଚେହେରାଙ୍କୁ ଉକ୍ତ ୪ ଅଞ୍ଚଳର ନେତା ଘୋଷଣା କରାଯିବ। ନିକଟରେ ୟୁକ୍ରେନୀୟ ସୈନ୍ୟ ଦେଶର ଉତ୍ତର-ପୂର୍ବାଞ୍ଚଳ ଯୁଦ୍ଧଭୂମିରୁ ରୁଷୀୟ ସଶସ୍ତ୍ର ବଳକୁ ଘଉଡ଼ି ସମ୍ପୃକ୍ତ ଅଞ୍ଚଳକୁ ପୁନଃ ଦଖଲ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋରେ ଗତ ୨୧ରେ ଦେଶବାସୀଙ୍କୁ ସମ୍ବୋଧିତ କରିବା ସହ ପାଶ୍ଚାତ୍ୟକୁ ଆଣବିକ ଅସ୍ତ୍ର ଭୟ ଦେଖାଇଥିଲେ। ପ୍ରକାଶ ଯେ, ୨୦୧୪ରେ ୟୁକ୍ରେନ୍‌ର କ୍ରିମିଆ ରିଜିୟନ୍‌କୁ ମସ୍କୋ ଦଖଲ କରିବା ପରେ ସେଠାରେ ଗଣଭୋଟ କରାଇଥିଲା। ଏହା ପରେ ଉକ୍ତ ଅଞ୍ଚଳକୁ ରୁଷିଆର ବୋଲି ଦାବି କରିଥିଲା।

ସେପଟେ ୩ ଲକ୍ଷ ରିଜର୍ଭ ସୈନ୍ୟଙ୍କୁ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ପଠାଇବାକୁ ପୁଟିନ୍‌ଙ୍କ ଘୋଷଣା ପରଠୁ ରୁଷୀୟମାନେ ଦେଶଛାଡ଼ି ପଳାୟନ କରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ଫିନ୍‌ଲାଣ୍ଡ ୟୁରୋପକୁ ଯିବା ପାଇଁ ଥିବା ଏକାଧିକ ପ୍ରବେଶପଥକୁ ବନ୍ଦ କରିଦେଇଛି। ଇୟୁ ଟୁରିଷ୍ଟ ଭିଜାଧାରୀ ରୁଷୀୟମାନଙ୍କୁ ଏହି ପଥ ଦେଇ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ଫିନ୍‌ଲାଣ୍ଡ କହିଛି।



- ୪ ଅଞ୍ଚଳର ମିଶ୍ରଣ ଦସ୍ତାବିଜରେ ସ୍ୱାକ୍ଷର କରିବେ ପୁଟିନ୍
- ରେଡ୍ ସ୍କୋୟାର ଭିକ୍ଟ୍ରି କନ୍‌ସର୍ଟରେ ଯୋଗଦେବେ
- ଆନେକ୍ସେଶନ୍ ପଦକ୍ଷେପକୁ ବେଆଇନ କହିଲେ ୟୁକ୍ରେନ୍, ପାଶ୍ଚାତ୍ୟ ରାଷ୍ଟ୍ର
- ଆମେରିକା, ୟୁରୋପୀୟ ସଂଘ ରୁଷିଆର ତୈଳ ରାଜସ୍ୱ ଓ ଅସ୍ତ୍ର ରପ୍ତାନି ଉପରେ ଜାରି କରିବେ କଠୋର କଟକଣା

## ୟୁକ୍ରେନୀୟ ମାନବାଧିକାର କର୍ମୀଙ୍କୁ ଅଲ୍ଟରନେଟିଭ୍ ନୋବେଲ

**ଷ୍ଟକ୍‌ହୋମ୍, ୨୯।୯**

ୟୁକ୍ରେନୀୟ ମାନବାଧିକାର କର୍ମୀ ଓଲେସ୍କାଣ୍ଡ୍ରା ମେଟ୍‌ଭିଚୁକ୍‌ଙ୍କୁ ଚଳିତ ବର୍ଷର ରାଇଟ୍ ଲାଇଭ୍‌ଲିହୁଡ୍ ଆୱାର୍ଡ ପ୍ରଦାନ କରାଯାଇଛି। ଅଲ୍ଟରନେଟିଭ୍ ନୋବେଲ ପ୍ରାଇଜ୍ ନାମରେ ପରିଚିତ ଏହି ପୁରସ୍କାର ପ୍ରଥମ ଥର ପାଇଁ ୟୁକ୍ରେନ୍ ହାତକୁ ଯାଇଛି। ସେଣ୍ଟର ଫର୍ ସିଭିଲ ଲିବର୍ଟିଜ୍ ମୁଖ୍ୟ ଓଲେସ୍କାଣ୍ଡ୍ରା ଗଣତାନ୍ତ୍ରିକ ବ୍ୟବସ୍ଥା ଓ ସାମାଜିକ ନ୍ୟାୟର ଜଣେ ଅଗ୍ରଦୂତ। ଦୀର୍ଘ ଏକ ଦଶନ୍ଧି ଧରି ସେ ୟୁକ୍ରେନ୍‌ର ସିଭିଲ ସୋସାଇଟି ଓ ଜାତୀୟ ପ୍ରତିଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ରୁଷିଆର ଆକ୍ରମଣ ପରେ ଯୁଦ୍ଧ ଅପରାଧ ଓ ମାନବାଧିକାର ଉଲ୍ଲଂଘନ ବିରୋଧରେ ଅନେକ ପଦକ୍ଷେପ ନେଇଛନ୍ତି। ଗୁରୁବାର ଷ୍ଟକ୍‌ହୋମ୍‌ରେ ଓଲେସ୍କାଣ୍ଡ୍ରାଙ୍କୁ ଚଳିତ ବର୍ଷର ବିଜେତା ଘୋଷଣା କରାଯାଇଛି।



ଓଲେସ୍କାଣ୍ଡ୍ରା ମେଟ୍‌ଭିଚୁକ୍

ସେହିପରି ସୋମାଲିଆର ମାନବାଧିକାର କର୍ମୀ ଫର୍ତୁନ୍‌ଅଦାନ୍ ଏବଂ ଭେନେଜୁଏଲାର ଆଇୱାର୍ଡ ଏଲ୍‌ମନ୍, ଉଗାଣ୍ଡାର ଆଫ୍ରିକା ଇନ୍‌ଷ୍ଟିଚ୍ୟୁଟ୍ ଫର ଏନର୍ଜୀ ଗଭର୍ନାନ୍ସକୁ ମଧ୍ୟ ମନୋନୀତ କରାଯାଇଛି। ୧୯୮୦ ମସିହାରେ ଏହି ପୁରସ୍କାର ବିଭିନ୍ନ ବ୍ୟକ୍ତିବିଶେଷ ଓ ସଙ୍ଗଠନକୁ ଦିଆଯାଉଛି।

## ଡ୍ରଗ୍ସ ନେଟ୍‌ୱର୍କ ଉପରେ ବଡ଼ କାର୍ଯ୍ୟାନୁଷ୍ଠାନ: ୧୭୫ ଗିରଫ

**ସିବିଆଇ ନେତୃତ୍ୱରେ ହୋଇଥିବା ଚଢ଼ାଉରେ ଏନ୍‌ସିବି, ଇଣ୍ଟରପୋଲ୍, ପୋଲିସ ସାମିଲ**



**ନୂଆଦିଲ୍ଲୀ,୨୯।୯(ପି.ଟି.)**

ବେଆଇନ ନିଶା କାରବାର ନେଟ୍‌ୱର୍କ ଉପରେ ସିବିଆଇ ପକ୍ଷରୁ ଦେଶବ୍ୟାପୀ ଚଢ଼ାଉ କରାଯାଇଛି। ବିଭିନ୍ନ ରାଜ୍ୟରେ ହୋଇଥିବା ଏହି ଚଢ଼ାଉରେ ସିବିଆଇ ସହ ଏନ୍‌ସିବି ଅଧିକାରୀ, ଇଣ୍ଟରପୋଲ୍ ଏବଂ ରାଜ୍ୟ ପୋଲିସ ସାମିଲ ଥିଲେ। ଚଢ଼ାଉ ବେଳେ ୧୭୫ ଜଣ ଡ୍ରଗ୍ ଚୋରାବେପାରିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଦେଶରେ ନେଟ୍‌ୱର୍କ ଥିବା ନିଶା କାରବାର ରୋକିବା ଲାଗି ସିବିଆଇ ପକ୍ଷରୁ 'ଅପରେଶନ ଗରୁଡ଼' ଆରମ୍ଭ ହୋଇଥିଲା। ଏଥିରେ ବର୍ତ୍ତମାନ ସୁଦ୍ଧା ୧୨୭ଟି ମାମଲା ରୁଜୁ ହୋଇଥିବା ସିବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ନିଶାଦ୍ରବ୍ୟ ଚୋରା କାରବାର ସମ୍ପର୍କିତ ଗୋଇନ୍ଦା ତଥ୍ୟ ବିନିମୟ ଓ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ଇଣ୍ଟରପୋଲ୍ ଜରିଆରେ ଅନ୍ତର୍ଜାତୀୟ ଅଭିଯାନ ଯୋଜନା ପ୍ରସ୍ତୁତ ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ଏହି ଅପରେଶନ ବେଳେ ପଞ୍ଜାବ, ଦିଲ୍ଲୀ, ହିମାଚଳପ୍ରଦେଶ, ମଣିପୁର, ମହାରାଷ୍ଟ୍ର ସମେତ ୮ ରାଜ୍ୟର ପୋଲିସ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ପକ୍ଷରୁ ୬,୬୦୦ ସନ୍ଦିଗ୍ଧ କାରବାରକୁ ଟ୍ରାକ୍ କରାଯାଇଥିଲା। ୬ ପଳାତକ ଏବଂ ପେସାଦାର ଅପରାଧୀଙ୍କ ସମେତ ୧୭୫ ଜଣଙ୍କୁ ଗିରଫ କରାଯାଇଛି।

ମୁଖ୍ୟତଃ ଭାରତ ମହାସାଗର ଅଞ୍ଚଳରେ ବେଆଇନ ଡ୍ରାଗ୍ସ ଏବଂ ଅନ୍ୟାନ୍ୟ ସାଇକୋଟ୍ରପିକ୍ ପଦାର୍ଥର ଚୋରା କାରବାର ଉପରେ ସ୍ୱତନ୍ତ୍ର ଫୋକସ୍ କରାଯାଇଥିଲା। ନିଶା ଚୋରାବେପାର ର୍‌ୟାକେଟ୍‌ର ଚେର ବିଭିନ୍ନ ଦେଶକୁ ମାଡ଼ିଥିବାରୁ ଏହାକୁ ରୋକିବାକୁ ହେଲେ ଅନ୍ତର୍ଜାତୀୟ ସ୍ତରରେ ଆଇନ ପ୍ରବର୍ତ୍ତନକାରୀଙ୍କ ସହଯୋଗ ଆବଶ୍ୟକ। ଏକ୍ଷେତ୍ରରେ ଅପରେଶନ ଗରୁଡ଼ ସିବିଆଇ ନେତୃତ୍ୱରେ ଏକ ବୈଶ୍ୱିକ ଅଭିଯାନ। ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ୫.୧୨୫ କିଲୋଗ୍ରାମ ହେରୋଇନ୍, ୩୩.୯୩୬ କିଲୋଗ୍ରାମ ଗଞ୍ଜେଇ, ୩.୨୯ କିଲୋଗ୍ରାମ ଚରସ୍, ୧,୩୬୫ ଗ୍ରାମ ମେଫେଡ୍ରନ୍, ୩୩.୮୦ ଗ୍ରାମ ସ୍ମାକ୍, ୮୭ ଟାବ୍‌ଲେଟ୍, ୧୨୨ ଇଞ୍ଜେକ୍ସନ, ୮୭ ବୁପ୍ରେନୋର୍ଫିନ୍ ସିରିଞ୍ଜ୍, ୯୪୬ ଆଲ୍‌ପାଜୋଲାମ ଟାବ୍‌ଲେଟ, ୧୦୫.୯୯୭ ଗ୍ରାମ ଟ୍ରାମାଡୋଲ, ୧୦ ଗ୍ରାମ ହାସ୍ ତେଲ, ୦.୯ ଗ୍ରାମ ଏକ୍‌ଷ୍ଟାସି ବଟିକା, ୧.୧୫୦ କିଲୋଗ୍ରାମ ଅଫିମ, ୩୦ କିଲୋ ପପି ହସ୍କ, ୧.୪୩୭ କିଲୋ ନିଶା ପାଉଡର ଏବଂ ବହୁ ପରିମାଣର ଟାବ୍‌ଲେଟ୍ ଓ କ୍ୟାପ୍‌ସୁଲ ଜବତ ହୋଇଥିବା ସିବିଆଇ ମୁଖପାତ୍ର କହିଛନ୍ତି।

## ୬୭ ପର୍ନ ୱେବ୍‌ସାଇଟ୍ ବ୍ୟାନ୍

**ନୂଆଦିଲ୍ଲୀ,୨୯।୯**

କେନ୍ଦ୍ର ସରକାର ୬୭ଟି ପର୍ନ ୱେବ୍‌ସାଇଟ୍ ବ୍ଲକ୍ କରିବାକୁ ଇଣ୍ଟରନେଟ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ଜାରି କରାଯାଇଥିବା ନୂଆ ଆଇଟି ନିୟମକୁ ଉଲ୍ଲଂଘନ ଓ କୋର୍ଟ ରାୟ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

ପୁଣେସ୍ଥିତ ଏକ କୋର୍ଟ ରାୟ ପରେ ଟେଲିକମ୍ ବିଭାଗ ପକ୍ଷରୁ ସର୍ଭିସ୍ ପ୍ରୋଭାଇଡର୍ସଙ୍କୁ ଏକ ଇ-ମେଲ୍ ପଠାଯାଇଛି। ଏଥିରେ ୬୩ ପର୍ନ ୱେବ୍‌ସାଇଟ୍ ବ୍ଲକ୍ କରିବା ପାଇଁ କୁହାଯାଇଛି। ସେହିପରି ଉତ୍ତରାଖଣ୍ଡ ହାଇକୋର୍ଟଙ୍କ ରାୟ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁସାରେ ଅନ୍ୟ ୪ଟି ୱେବ୍‌ସାଇଟ୍ ବନ୍ଦ କରିବାକୁ କୁହାଯାଇଛି। ପ୍ରକାଶ ଯେ, ୨୦୨୧ରେ କେନ୍ଦ୍ର ସରକାର ଇନ୍‌ଫର୍ମେଶନ ଟେକ୍ନୋଲୋଜି (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଏଥିକ୍ସ) ରୁଲ୍ସ ଆଣିଥିଲେ। ମହିଳାମାନଙ୍କ ଛବି ଖରାପ କରୁଥିବା ଭଳି ଉଲଗ୍ନ ଓ ଯୌନକ୍ରିୟାର ଦୃଶ୍ୟ ପ୍ରଦର୍ଶନକାରୀ ୱେବ୍‌ସାଇଟ୍‌ଗୁଡ଼ିକ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଲାଗି ଏଥିରେ ନିୟମ ରହିଛି।



## ଆତଙ୍କବାଦ ନିରୋଧୀ ଲଢ଼େଇରେ ଭାରତର ଭୂମିକା ଗୁରୁତ୍ୱପୂର୍ଣ୍ଣ: ରାଷ୍ଟ୍ରପତି

**ନୂଆଦିଲ୍ଲୀ,୨୯।୯(ପି.ଟି.)**

ବିଭିନ୍ନ କ୍ଷେତ୍ରରେ ଭାରତର ନେତୃତ୍ୱ ଏବେ ଚ୍ୟାଲେଞ୍ଜବିହୀନ ହୋଇଛି ଏବଂ ଆତଙ୍କବାଦ ବିରୋଧୀ ଲଢ଼େଇରେ ଏକ ଆଗୁଆ ରାଷ୍ଟ୍ର ଭାବେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର କହିଛନ୍ତି। ରାଷ୍ଟ୍ରପତି ଭବନରେ ୨୦୨୧ ବ୍ୟାଚ୍‌ର ଭାରତୀୟ ବିଦେଶ ସେବା (ଆଇଏଫ୍‌ଏସ୍) ପ୍ରଶିକ୍ଷଣ ନେଉଥିବା ଅଫିସରମାନଙ୍କୁ ଉଦ୍‌ବୋଧନ ଦେଇ ମୁର୍ମୁ କହିଛନ୍ତି, ଅନ୍ୟାନ୍ୟ କାରଣ ମଧ୍ୟରୁ ଦେଶର ଆର୍ଥିକ ପ୍ରଦର୍ଶନ ଆଧାରରେ ଭାରତର ସ୍ଥିତି ସୁଦୃଢ଼ ହୋଇଛି। ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାଗୁଡ଼ିକ ଏବେ ମହାମାରୀ କବଳରୁ ମୁକୁଳିବା



ଲାଗି ଉଦ୍ୟମ ଚଳାଇଥିବାବେଳ ଭାରତ ଏଥିରୁ ମୁକ୍ତ ହୋଇ ଆଗେଇ ଚାଲିବା ଆରମ୍ଭ କରିଛି। ଫଳରେ ଭାରତର ଅର୍ଥନୀତି ଦ୍ରୁତତମ ଅଭିବୃଦ୍ଧି ହାର ହାସଲ କରିପାରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

## ପ୍ରଫେଟ୍‌ଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା କରାଇ ପ୍ରଧାନଶିକ୍ଷକ ନିଲମ୍ବିତ

**ଗଡ଼ଗ, ୨୯।୯:** ସ୍କୁଲ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଫେଟ୍ ମହମ୍ମଦଙ୍କ ଉପରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଇ କର୍ଣ୍ଣାଟକ ଗଡ଼ଗ ଜିଲାର ଜଣେ ପ୍ରଧାନଶିକ୍ଷକ ନିଲମ୍ବିତ ହୋଇଛନ୍ତି। ନାଗଭି ଗ୍ରାମରେ ଥିବା ସରକାରୀ ସେକେଣ୍ଡାରୀ ସ୍କୁଲ୍‌ର ପ୍ରଧାନଶିକ୍ଷକ ଅବଦୁଲ ମୁନାଫ୍ ଶିକ୍ଷା ବିଭାଗ କିମ୍ବା କୌଣସି ସରକାରୀ ସଂସ୍ଥାର ନିର୍ଦ୍ଦେଶ ବିନା ପିଲାମାନଙ୍କ ମଧ୍ୟରେ ପ୍ରଫେଟ୍‌ଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା କରାଇଥିଲେ। ଏଥିସହିତ ସେ ପିଲାଙ୍କୁ 'ସମସ୍ତଙ୍କ ପାଇଁ ମହମ୍ମଦ' ଏବଂ 'କେବଳ ଜଣେ ପ୍ରଫେଟ୍' ନାମରେ ବହି ବାଣ୍ଟିଥିଲେ।



ରୁଷିଆର ଜଣେ ରିଜର୍ଭିଷ୍ଟ (ସାମରିକ ରିଜର୍ଭ ବଳ ସଦସ୍ୟ) ୟୁକ୍ରେନ୍ ସୀମାନ୍ତ ଭୋଲୋଝସ୍କି ଅଭିମୁଖେ ଯୁଦ୍ଧ ପାଇଁ ଯିବା ପୂର୍ବରୁ ନିଜ ପରିବାର ଲୋକଙ୍କଠାରୁ ବିଦାୟ ନେଉଛନ୍ତି।

## ୫.୨ କୋଟି କ୍ଷତିପୂରଣ ଦେବ ପିଏଫ୍‌ଆଇ

**କୋଚି, ୨୯।୯**

ଗତ ୨୩ ତାରିଖରେ ହରତାଳ କରି ହିଂସା ଭିଆଇବା ଏବଂ ଏଥିଯୋଗୁ ସର୍ବସାଧାରଣଙ୍କ ସମ୍ପତ୍ତି ନଷ୍ଟ ପାଇଁ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ(ପିଏଫ୍‌ଆଇ)କୁ ଉତ୍ତରଦାୟୀ କରାଯିବା କଥା ବୋଲି ଗୁରୁବାର କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି। ଏଥିସହ ସଦ୍ୟ ନିଷିଦ୍ଧ ଏହି ସଙ୍ଗଠନ ରାଜ୍ୟ ସଡ଼କ ପରିବହନ ନିଗମ (କେଏସ୍‌ଆର୍‌ଟିସି) ଏବଂ ସରକାରୀ ଭାବେ ଆକଳନ ହୋଇଥିବା କ୍ଷୟକ୍ଷତି ବାବଦରେ ୫.୨ କୋଟି ଟଙ୍କା ଗୃହ ବିଭାଗ ନିକଟରେ ଜମା କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହରତାଳ ରୋକିବା ଏବଂ ଆନ୍ଦୋଳନକାରୀ ବେଆଇନଭାବେ କରିଥିବା ରାସ୍ତାରୋକୋ ହଟାଇବାକୁ ରାଜ୍ୟ ପ୍ରଶାସନ ପଦକ୍ଷେପ ନେଇ ନ ଥିବା କହିଥିଲେ। ୨୦୧୯ରେ ହାଇକୋର୍ଟ ଦେଇଥିବା ରାୟର ଏହା ବିରୁଦ୍ଧାଚରଣ। ଏସବୁ ପାଇଁ ପିଏଫ୍‌ଆଇର ପୂର୍ବତନ ସାଧାରଣ ସମ୍ପାଦକଙ୍କୁ ଦାୟୀ କରାଯିବା କଥା ବୋଲି ଜଷ୍ଟିସ୍ ଏ.କେ. ଜୟଶଙ୍କରନ୍ ନମ୍ବିଆର ଏବଂ ମହମ୍ମଦ ନିଆସ୍ ସି.ପି.ଙ୍କ ଖଣ୍ଡପୀଠ କହିଛନ୍ତି। ଏହି ହିଂସା ସହ ଜଡ଼ିତ ଅଭିଯୁକ୍ତଙ୍କୁ ଜାମିନ ଦେବା ପୂର୍ବରୁ ସମ୍ପୃକ୍ତ କୋର୍ଟ ତାଙ୍କ ଦ୍ୱାରା ହୋଇଥିବା କ୍ଷତିର କ୍ଷତିପୂରଣ ଭରଣା ସର୍ତ୍ତ ରଖିବା କଥା ବୋଲି କୋର୍ଟ କହିଛନ୍ତି।

ପ୍ରକାଶଥାଉ କି, ପିଏଫ୍‌ଆଇକୁ କେନ୍ଦ୍ର ସରକାର ନିଷିଦ୍ଧ ଘୋଷଣା କରିବା ପୂର୍ବରୁ ପିଏଫ୍‌ଆଇ ସଦସ୍ୟଙ୍କୁ ଗିରଫ କରାଯିବା ପ୍ରତିବାଦରେ ଗତ ୨୩ରେ କର୍ଣ୍ଣାଟକରେ ହିଂସାତ୍ମକ ଆନ୍ଦୋଳନ କରାଯାଇଥିଲା। ବିକ୍ଷୋଭକାରୀ ଅନେକ ସରକାରୀ ବସ୍, ଆମ୍ବୁଲାନ୍ସ ଆଦି ଭଙ୍ଗାରୁଜା କରିବା ସହ ପୋଲିସ ଓ ସାଧାରଣ ଲୋକଙ୍କୁ ଆକ୍ରମଣ କରିଥିଲେ।

## ବିଚାରପତିଙ୍କ ପ୍ରଦର୍ଶନ ଭିତ୍ତିରେ ସୁପ୍ରିମକୋର୍ଟକୁ ପଦୋନ୍ନତି

**ନୂଆଦିଲ୍ଲୀ,୨୯।୯**

ହାଇକୋର୍ଟ ବିଚାରପତିମାନଙ୍କ ପ୍ରଦର୍ଶନ ଆଧାରରେ ସେମାନଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ଦିଆଯିବ। ବିଚାରପତିମାନେ କେତେ ସଂଖ୍ୟକ ମାମଲାର ଫଇସଲା କିଭଳି ଭାବେ କରିଛନ୍ତି ତାହା ଦେଖାଯିବ। ସିଜେଆଇ ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କଲେଜିୟମ୍‌ରେ ପ୍ରଥମ ଥର ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। କଲେଜିୟମ୍‌ରେ ବିଚାରପତିମାନଙ୍କ ଅତୀତର ଜୁଡିସିଆଲ ପରଫର୍ମାନ୍ସକୁ ଅନୁଧ୍ୟାନ କରାଯାଇ ସର୍ବୋଚ୍ଚ ଅଦାଲତକୁ ପ୍ରମୋଶନ ଲାଗି ସୁପାରିସ କରାଯାଇଛି। ଗତ ୨୬ରେ ଅନୁଷ୍ଠିତ ୫ ସଦସ୍ୟ ବିଶିଷ୍ଟ କଲେଜିୟମ୍ ଏହି ଆଧାରରେ ବମ୍ବେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଦୀପଙ୍କର ଦତ୍ତାଙ୍କୁ ସୁପ୍ରିମକୋର୍ଟ ବିଚାରପତି ରୂପେ ପଦୋନ୍ନତି ପାଇଁ ସୁପାରିସ କରିଥିବା ଜଣାପଡ଼ିଛି। ଅଗଷ୍ଟ ୨୭ରେ ଜଷ୍ଟିସ୍ ଲଳିତ ସିଜେଆଇ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ କଲେଜିୟମ୍ ପକ୍ଷରୁ ସୁପ୍ରିମକୋର୍ଟକୁ କୌଣସି ବିଚାରପତିଙ୍କୁ ପଦୋନ୍ନତି ଦେବାରେ ଏହା ହେଉଛି ପ୍ରଥମ। ସୁପ୍ରିମକୋର୍ଟରେ ୩୪ ବିଚାରପତିଙ୍କ ସ୍ଥାନରେ ସିଜେଆଇଙ୍କୁ ମିଶାଇ ୨୯ ଜଣ ଅଛନ୍ତି। ଜଷ୍ଟିସ ହେମନ୍ତ ଗୁପ୍ତା ଅକ୍ଟୋବର ୧୬ରେ ଅବସର ନେବାକୁ ଥିବାବେଳେ ସିଜେଆଇଙ୍କ କାର୍ଯ୍ୟକାଳ ନଭେମ୍ବର ୮ରେ ଶେଷ ହେବ।

### ମାଡ୍ରାସ ହାଇକୋର୍ଟ ଯିବେ ଜଷ୍ଟିସ୍ ମୁରଲୀଧର

ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ମାଡ୍ରାସ ହାଇକୋର୍ଟକୁ ବଦଳି ହୋଇ ଯିବେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ୟୁ.ୟୁ. ଲଳିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁପ୍ରିମକୋର୍ଟ କଲେଜିୟମ୍ ତାଙ୍କ ବଦଳି ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିବା ଗୁରୁବାର ସୂଚନା ମିଳିଛି। କଲେଜିୟମ୍‌ରେ ବୁଧବାର ହାଇକୋର୍ଟ ବିଚାରପତିମାନଙ୍କ ବଦଳି ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ବେଳେ ଏହି ନିଷ୍ପତ୍ତି ହୋଇଛି। ଜଷ୍ଟିସ୍ ମୁରଲୀଧର ୨୦୦୬ ମେ'ରେ ଦିଲ୍ଲୀ



ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ୨୦୨୧ ଜାନୁୟାରୀ ୪ରେ ସେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ।

## ଏଲ୍ଆଇସି ମ୍ୟୁଚୁଆଲ ଫଣ୍ଡର ଶୁଭାରମ୍ଭ

ନୂଆଦିଲ୍ଲୀ: ଏଲ୍ଆଇସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ-ଏଣ୍ଡେଡ୍ ଇକ୍ୱିଟି ଯୋଜନା ଏଲ୍ଆଇସି ଏମ୍ଏଫ୍ ମଲ୍ଟି କ୍ୟାପ୍ ଫଣ୍ଡ (ଏଲ୍ଆଇସିଏମ୍ଏଫ୍ ମଲ୍ଟିକ୍ୟାପ୍) ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ସମସ୍ତ ମାର୍କେଟ କ୍ୟାପିଟାଲାଇଜେଶନ ବର୍ଗରେ ନିବେଶ କରିବ। ଏଲ୍ଆଇସିଏମ୍ଏଫ୍ ମଲ୍ଟି କ୍ୟାପ୍ ଫଣ୍ଡ ବୃହତ୍, ମଧ୍ୟମ ଓ କ୍ଷୁଦ୍ର କ୍ୟାପ୍ ଷ୍ଟକ୍‌ଗୁଡ଼ିକ ମଧ୍ୟରୁ ପ୍ରତ୍ୟେକରେ ସର୍ବନିମ୍ନ ୨୫% ନିବେଶ କରିବ ଏବଂ ଅବଶିଷ୍ଟ ୨୫% ବିବିଧ ମାର୍କେଟ କ୍ୟାପିଟାଲାଇଜେଶନରେ ଫଣ୍ଡ ମ୍ୟାନେଜରଙ୍କୁ ତାଙ୍କ ଇଚ୍ଛା ମୁତାବକ ଏକ ଶୃଙ୍ଖଳିତ ଆଭିମୁଖ୍ୟ ପୋଷଣ କରି ନିବେଶ କରିବାର ନମନୀୟତା ପ୍ରଦାନ କରିବ।

# କାର୍‌ରେ ୬ ଏୟାରବ୍ୟାଗ୍ ବାଧ୍ୟତାମୂଳକ: ଗଡ଼କରୀ



ନୂଆଦିଲ୍ଲୀ,୨୯।୯

ସାରା ବିଶ୍ୱ ଏପରିକି ଭାରତରେ ମଧ୍ୟ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଶହ ଶହ ସଂଖ୍ୟାରେ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ବିଶେଷକରି ସଡ଼କ ସୁରକ୍ଷା ନିୟମାବଳୀର ଅବମାନନା ସାଙ୍ଗକୁ ସବୁ ବର୍ଗର ଗାଡ଼ିରେ ଅତ୍ୟାଧୁନିକ ସୁବିଧା ନ ଥିବାରୁ ସଡ଼କ ଦୁର୍ଘଟଣାରେ ମଧ୍ୟ ଜୀବନ ଯାଉଛି। ଏପରିକି ଚାରିଚକିଆ (କାର୍) ଯାନ ଦୁର୍ଘଟଣାରେ ଉଭୟ ପକ୍ଷର ଜୀବନ ଯାଉଥିବା ବେଳେ ଅଧିକାଂଶ କାରରେ ସମସ୍ତ ଅତ୍ୟାଧୁନିକ ସୁବିଧା ଥାଇ ମଧ୍ୟ ଲୋକଙ୍କ ଜୀବନ ଯାଉଛି। ଏହାକୁ ନଜରରେ ରଖି ସରକାର ଏକ ବୈଷୟିକ କମିଟି ଜରିଆରେ ଉକ୍ତ ସମସ୍ୟା (କାର୍ ଦୁର୍ଘଟଣା) ସମ୍ପର୍କରେ ବିସ୍ତୃତ ସୂଚନା ଦେବାକୁ କୁହାଯାଇଥିଲା। ବିଶେଷଜ୍ଞ ଦଳର ସୂଚନା ଅନୁଯାୟୀ ଅଧିକାଂଶ ଦୁର୍ଘଟଣା କାର୍ ମଧ୍ୟରେ ସୁରକ୍ଷା ବ୍ୟବସ୍ଥା (ଏୟାର ବ୍ୟାଗ୍) ର ତ୍ରୁଟି ବା ସଂଖ୍ୟା କମ୍ ଥିବାରୁ ଅଧିକ ସଂଖ୍ୟାରେ ମୃତ୍ୟୁବରଣ କରୁଛନ୍ତି। ଫଳରେ କେନ୍ଦ୍ର ସରକାର ଗତ ବର୍ଷ ଜୁଲାଇରେ ଘୋଷଣା କରିଥିଲେ ଯେ ୨୦୨୨ ଅକ୍ଟୋବର ୧ ରୁ ଭାରତୀୟ ବଜାରରେ ବିକ୍ରି ହେଉଥିବା କାର୍‌ଗୁଡ଼ିକରେ ୬ଟି ଏୟାରବ୍ୟାଗ୍ ବାଧ୍ୟତାମୂଳକ କରିବାକୁ କୁହାଯାଇଥିଲା। ହେଲେ କୋଭିଡ୍ କାରଣରୁ କେତେକ ସମସ୍ୟା ଓ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ସମସ୍ୟା ଯୋଗୁ ଉକ୍ତ (୬ଟି ଏୟାରବ୍ୟାଗ୍) ନିର୍ଦ୍ଦେଶକୁ ସ୍ଥଗିତ ରଖିବାକୁ ବିଭିନ୍ନ ସ୍ତରରୁ ପ୍ରସ୍ତାବ ଆସିଥିଲା। ଏପରିକି ଆଉ କିଛି ଦିନ ଦେବା ପାଇଁ କେନ୍ଦ୍ର

### ୨୦୨୩ ଅକ୍ଟୋବର ୧ରୁ ନୂଆ ନିୟମ କରିବେ ସରକାର

ସରକାରଙ୍କୁ ଅଟୋଶିଳ୍ପ ପକ୍ଷରୁ ଅନୁରୋଧ ବା ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଘଟଣାକୁ ଗୁରୁତ୍ୱର ସହ ଗ୍ରହଣକରି ସରକାର ମଧ୍ୟ ସମୟ ବୃଦ୍ଧି କରିଛନ୍ତି। ଏ ନେଇ ଗୁରୁବାର କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀ କହିଛନ୍ତି, କାର୍‌ଗୁଡ଼ିକରେ ୬ଟି ଏୟାର ବ୍ୟାଗ୍ ବାଧ୍ୟତାମୂଳକ କରିବା ପ୍ରସ୍ତାବକୁ ସରକାର ଆଉ ୧ବର୍ଷ ଘୁଞ୍ଚାଇ ଦେଇଛନ୍ତି। ୨୦୨୩ ଅକ୍ଟୋବର ୧ରୁ କାର୍‌ରେ ୬ଟି ଏୟାରବ୍ୟାଗ୍ ବାଧ୍ୟତାମୂଳକ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପରିକି ପୂର୍ବ ନିଷ୍ପତ୍ତି ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ୧ ପରିବର୍ତ୍ତେ ୨୦୨୩ ଅକ୍ଟୋବର ୧ ପର୍ଯ୍ୟନ୍ତ ଉକ୍ତ ନିର୍ଦ୍ଦେଶାବଳୀକୁ ସରକାର ସ୍ଥଗିତ ରଖିଛନ୍ତି।

# ଉତ୍କଳ ଗ୍ୟାଲେରିଆରେ 'ଖୁସିୟୋଁ କା ତ୍ୟୋହାର'

ଭୁବନେଶ୍ୱର,୨୯।୯




ଚଳିତ ବର୍ଷ ପାର୍ବଣ ଅବସରରେ କଳ୍ପନାସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ମଲ୍ ପରିସରରେ ଏକ ଅଭିନବ ପ୍ରୟାସ 'ଖୁସିୟୋଁ କା ତ୍ୟୋହାର'ର ଆରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଶୀ ନୃତ୍ୟଗୁରୁ ଶାଶ୍ୱତ ଜୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଉକ୍ତ ପର୍ବ ଅକ୍ଟୋବର ୨୮ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ ଗ୍ରାହକଙ୍କୁ କିଣାକିଣି ଉପରେ ସ୍ୱତନ୍ତ୍ର ଅଫର ମିଳିବ। ସବୁଠାରୁ ବଡ଼ କଥା ହେଲା ଉକ୍ତ ମଲ୍‌ରେ ୨୯୯୯ ଟଙ୍କାରୁ ଊର୍ଦ୍ଧ୍ୱ କ୍ରୟ ଉପରେ ଏକ ଲକି କୁପନ୍ ଦିଆଯାଉଛି। ଏହି ସ୍ୱତନ୍ତ୍ର ଅଫର ସମୟରେ ଗ୍ରାହକଙ୍କୁ ଅଧିକ କିଣା ଉପରେ ଅଧିକ କୁପନ ମିଳିବା ସହ ଅଧିକ ପୁରସ୍କାର ଜିତିବାର ସୁଯୋଗ ରହିଛି। ଶେଷ ଦିନ ଅକ୍ଟୋବର ୨୮ରେ ଲକି ଡ୍ର କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯିବ। ଉକ୍ତ ବିଜେତାଙ୍କୁ ସ୍କୁଟି, ଫ୍ରିଜ୍, ୱାଶିଂ ମେଶିନ, ଏଲଇଡି ଟିଭି, ଇଣ୍ଡକ୍ସନ ଚୁଲା, ଆଇରନ, ମାଇକ୍ରୋଓଭନ୍ ଏବଂ ସୁନା ମୁଦ୍ରା ପୁରସ୍କାର ସ୍ୱରୂପ ପ୍ରଦାନ କରାଯିବ ବୋଲି ମଲ୍‌ର ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଓଡ଼ିଶାର ଜୋନାଲ ମ୍ୟାନେଜର ଦୀପକ ସିଂହ, ଅରୁନ୍ଧତୀ ମୋଟର ବାଇକ୍ସର ସିନିୟର ସେଲ୍‌ସ ମ୍ୟାନେଜର ସତ୍ୟବ୍ରତ ମହାନ୍ତି, ଜେ ଓ ଟି ଜେମ୍‌ସ ଓ ଜ୍ୱୁଏଲେରିର ନିର୍ଦ୍ଦେଶକ ମଧୁଶ୍ରୀ ଚୌଧୁରୀ, ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଜେନେରାଲ ମ୍ୟାନେଜର କ୍ରିଷ୍ଣେନ୍ଦୁ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ଅରୁନ୍ଧତୀ ମୋଟର ବାଇକ୍ସ ଏବଂ ଜେ ଆଣ୍ଡ ଟି ଜେମ୍ସ ଜ୍ୱୁଏଲେରି ସହଯୋଗ କରୁଛନ୍ତି।

# ଟାଇମ୍ ୧୦୦ ନେକ୍ସଟ୍ ତାଲିକାରେ ଆକାଶ



ଆକାଶ ଅମ୍ବାନୀ

ନୂଆଦିଲ୍ଲୀ,୨୯।୯

ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀଙ୍କୁ ଏକ ସମ୍ମାନଜନକ ସ୍ୱୀକୃତି ମିଳିଛି। ବିଶେଷକରି ଲୋକପ୍ରିୟ ଟାଇମ୍ ପତ୍ରିକା ପକ୍ଷରୁ 'ଟାଇମ୍ ୧୦୦ ନେକ୍ସଟ' ତାଲିକାରେ ଆକାଶଙ୍କୁ 'ଲିଡର୍ସ' ବର୍ଗରେ ସାମିଲ କରାଯାଇଛି। ଏପରିକି ଆକାଶ ଅମ୍ବାନୀଙ୍କ ବିଷୟରେ ଟାଇମ୍ ପତ୍ରିକା ପକ୍ଷରୁ କୁହାଯାଇଛି ଯେ, ଆକାଶ ପାରିବାରିକ ବ୍ୟବସାୟ ବଢ଼ାଇବା ପାଇଁ କଠିନ ପରିଶ୍ରମ କରୁଛନ୍ତି। ନିକଟରେ ଗୁଗଲ୍ ଓ ଫେସ୍‌ବୁକ୍ ସହ ବିଲିଅନ ଡଲାରର ନିବେଶ ଡିଲ୍ କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ସେହିଭଳି ଟାଇମ୍ ୧୦୦ ନେକ୍ସଟରେ ଏକମାତ୍ର ଭାରତୀୟ ଭାବେ ଆକାଶ ଅମ୍ବାନୀ ସାମିଲ ହୋଇଛନ୍ତି। ଅପରପକ୍ଷରେ ବିଶ୍ୱର ଉଦୀୟମାନ ତାରକା ଆକାଶଙ୍କ ବିଷୟରେ ଟାଇମ୍ ପତ୍ରିକା ପକ୍ଷରୁ କୁହାଯାଇଛି ଯେ ମାତ୍ର ୨୨ବର୍ଷ ବୟସରେ ଆକାଶଙ୍କୁ ଜିଓ ବୋର୍ଡରେ ସ୍ଥାନ ମିଳିଥିଲା। ସେହିପରି ଚଳିତ ବର୍ଷ ଜୁନ୍ ମାସରେ ଆକାଶଙ୍କୁ ବିଶ୍ୱର ସବୁଠୁ ବଡ଼ ଟେଲିକମ୍ କମ୍ପାନୀ ଜିଓର ନେତୃତ୍ୱ ଭାର ମଧ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୪୨କୋଟି ୭୦ଲକ୍ଷରୁ ଊର୍ଦ୍ଧ୍ୱ ଗ୍ରାହକ ଥିବା କମ୍ପାନୀ ରିଲାଏନ୍ସ ଜିଓକୁ ସମ୍ଭାଳିବାର ଗୁରୁଦାୟିତ୍ୱ ବର୍ତ୍ତମାନ ଆକାଶଙ୍କ ଉପରେ ରହିଛି। ଉଲ୍ଲେଖଯୋଗ୍ୟ, ଟାଇମ୍ ପତ୍ରିକା ପ୍ରତିବର୍ଷ 'ଟାଇମ୍ ୧୦୦ ନେକ୍ସଟ୍' ତାଲିକା ପ୍ରକାଶ କରୁଛି। ଉକ୍ତ ତାଲିକାରେ ଦେଶ ଦୁନିଆ ବ୍ୟତୀତ ଉଦ୍ୟୋଗ ଜଗତର ୧୦୦ ଉଦୀୟମାନ ତାରକାଙ୍କୁ ମଧ୍ୟ ସାମିଲ କରାଯାଇଥାଏ।

# ୟାମାହା ମ୍ୟୁଜିକ୍ ସ୍କୋୟାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୨୯।୯

ସ୍ମାର୍ଟସିଟି ଭୁବନେଶ୍ୱରବାସୀଙ୍କୁ ଆହୁରି ସ୍ମାର୍ଟ କରିବା ଲାଗି ନିକଟରେ କଳ୍ପନା ଛକ ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ୟାମାହା ମ୍ୟୁଜିକ୍ ଇଣ୍ଡିଆ ଏବଂ ୟାମାହା କର୍ପୋରେଶନର 'ୟାମାହା ମ୍ୟୁଜିକ୍ ସ୍କୋୟାର'ର ଶୁଭାରମ୍ଭ ହୋଇଯାଇଛି। ସାରା ଦେଶରେ କମ୍ପାନୀର ଉପସ୍ଥିତି ରହିଥିବା ବେଳେ ଓଡ଼ିଶାର ଏହା ପ୍ରଥମ ଏକ୍ସକ୍ଲୁସିଭ ରିଟେଲ ଆଉଟ୍‌ଲେଟ୍ ଭାବେ ଉଦ୍‌ଘାଟନା କରାଯାଇଛି। ଏହି ଅବସରରେ ୟାମାହା ମ୍ୟୁଜିକ୍ ଇଣ୍ଡିଆର ସେଲ୍‌ସ ୟୁନିଟ୍ ମୁଖ୍ୟ ତାକାଓ ସୁଜୁକି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟାମାହା ମ୍ୟୁଜିକ ଇଣ୍ଡିଆର ବାଣିଜ୍ୟିକ ମୁଖ୍ୟ ରୋହନ ସିଦ୍ଦିକି, ପ୍ରବନ୍ଧକ ୟୁତାରୁ ୱାଟାନାବେ, ଆଉଟ୍‌ଲେଟ୍‌ର ସ୍ୱତ୍ୱାଧିକାରୀ ଅଭିଷେକ କୁମାର ଏବଂ ମଲ୍‌ର ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏଠାରେ ୟାମାହାର ବିସ୍ତୃତ ବର୍ଗର ମ୍ୟୁଜିକ୍ ଇନ୍‌ଷ୍ଟ୍ରୁମେଣ୍ଟ ଉପଲବ୍ଧ ହେବ। ଏହା ମଧ୍ୟରେ ପୋର୍ଟେବୁଲ କି ବୋର୍ଡ, ଡିଜିଟାଲ ୱାର୍କ ଷ୍ଟେଶନ, ବିଭିନ୍ନ ବର୍ଗର ଗିଟାର, ଡିଜିଟାଲ ପିଆନୋ, ଆକୋଷ୍ଟିକ ପିଆନୋ, ସିନ୍ଥେସାଇଜର ଏବଂ ଆସେସୋରିଜ, ୱିଣ୍ଡ ଇନ୍‌ଷ୍ଟ୍ରୁମେ, ପର୍କସନ ଓ ଡ୍ରମ ଆଦି ସାମିଲ ରହିଛି। ଏହା ବ୍ୟତୀତ ବିଭିନ୍ନ ଅଡିଓ ଭିଜୁଆଲ୍ ସାଉଣ୍ଡ ବାର୍ ଯଥା ହେଡ୍‌ଫୋନ୍, ଇୟରଫୋନ୍, ପୋର୍ଟେବୁଲ ପିଏ ସିଷ୍ଟମ, ଡି ଆଡାରିଓ ଗିଟାର ଷ୍ଟ୍ରିଙ୍ଗ୍, ସ୍କେକ୍ସମ, ଗିଟାର ଷ୍ଟ୍ରାପ୍, ଗିଟାର କ୍ୟାପୋ, ଡ୍ରମ୍ ଷ୍ଟିକ୍ ଭଳି ଅନ୍ୟ ଉତ୍ପାଦ ମଧ୍ୟ ଉପଲବ୍ଧ ରହିଛି। ୟାମାହାର ଏହା ଏକ୍ସପେରିଏନ୍ସ ଜୋନ୍ ହୋଇଥିବା ବେଳେ ଏଠାରେ ମଧ୍ୟ ଗ୍ରାହକ ପ୍ରିମିୟମ୍ ଉତ୍ପାଦଗୁଡ଼ିକର ଟଚ୍ ଆଣ୍ଡ ଫିଲ୍ ଲାଭ କରିପାରିବେ। ଏହି ପରିପ୍ରେକ୍ଷୀରେ ୟାମାହା ଡିଟିଏକ୍ସ ଡ୍ରମ୍ ଆର୍ଟିଷ୍ଟ ଜୁଡ୍ ପିଟର, ୱାର୍କ ଷ୍ଟେଶନ ସିରିଜର ଡେମନଷ୍ଟ୍ରେଟର ଗ୍ଲେନ୍ ଫର୍ନାଣ୍ଡିଜ,ପିଆନୋର ଇନ୍‌ହାଉସ ପ୍ରଡକ୍ଟ ସ୍ପେଶାଲିଷ୍ଟ ଦେବବ୍ରତ ଦେ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ ଷ୍ଟୋରଟି ଅଧିକୃତ ଡିଲର ପାର୍ଟନର ଆକ୍ୱାର୍ଡ ଭେର୍ସ ପ୍ରାଇଭେଟ୍ ଲିମିଟେଡ୍ ଆନୁକୂଲ୍ୟରେ ଖୋଲିଥିବା ଜଣାପଡ଼ିଛି।

# ବାଲୁଗାଁରେ ୟୁଏସ୍ଏଫ୍‌ବିଏଲ୍‌ର ନୂଆ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍

ଭୁବନେଶ୍ୱର,୨୯।୯

ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍ (ୟୁଏସ୍ଏଫ୍‌ବିଏଲ୍) ପକ୍ଷରୁ ନିକଟରେ ଖୋର୍ଦ୍ଧା ବାଲୁଗାଁ ଅଞ୍ଚଳରେ ଏକ ନୂଆ ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ୟୁଏସ୍ଏଫ୍‌ବିଏଲ୍‌ର ଏମ୍‌ଡି ଗୋବିନ୍ଦ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସିଂହ କହିଛନ୍ତି, ଓଡ଼ିଶାରେ ଆମେ ଆମ ଉପସ୍ଥିତିକୁ ସମ୍ପ୍ରସାରିତ କରିଥିବାରୁ ଆନନ୍ଦିତ ଏବଂ ସ୍ଥାନୀୟ ଗୋଷ୍ଠୀଙ୍କ ମଧ୍ୟରେ ଉଦ୍ୟମିତାର ଭାବ ଜାଗ୍ରତ କରିବା ଓ ସେମାନଙ୍କୁ ସମର୍ଥନ କରିବା ଲାଗି ଆମେ ଆମ ପ୍ରତିବଦ୍ଧତାକୁ ଦୋହରାଉଛୁ। ଏହା ସ୍ଥାନୀୟ ଗୋଷ୍ଠୀଙ୍କୁ ବିଚାର କରିବାର କେବଳ ଏକ ବିକଳ୍ପ ପ୍ରଦାନ କରିବ, ଯାହା କେବଳ ସେମାନଙ୍କ ଆର୍ଥିକ ବିଶ୍ୱାସ ଗଠନ କରିବାରେ ସହାୟକ ହେବ ନାହିଁ ବରଂ ନିଯୁକ୍ତି ଓ ସଫଳତାର ଏକ ପରିବେଶ ଗଠନ କରିବାରେ ତାହା ବେଶ୍ ସହାୟକ ହେବ। ଅପରପକ୍ଷରେ ୟୁଏସ୍ଏଫ୍‌ବିଏଲ୍ ପକ୍ଷରୁ ଗ୍ରାହକଙ୍କର ଚଳନ୍ତି ଓ ସଞ୍ଚୟ ଖାତା ଖୋଲିବା ସହ ଫିକ୍ସ ଓ ରିକରିଂ ଜମା, ଋଣ, ବୀମା ଏବଂ ନିବେଶ ଉତ୍ପାଦ ଆଦି ସୁବିଧା ପ୍ରଦାନ କରାଯାଉଛି। ବ୍ୟାଙ୍କ ପକ୍ଷରୁ ଶାଖା, ୨୪ ଘଣ୍ଟିଆ ଏଟିଏମ୍, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, ମୋବାଇଲ ବ୍ୟାଙ୍କିଙ୍ଗ୍, ୟୁପିଆଇ ଓ କଲ୍ ସେଣ୍ଟର ଜରିଆରେ ଉପରୋକ୍ତ ସେବାଗୁଡ଼ିକୁ ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କ ପକ୍ଷରୁ ଏକକାଳୀନ ସାରା ଦେଶରେ ୨୨ଟି ବ୍ୟାଙ୍କିଙ୍ଗ୍ ଆଉଟ୍‌ଲେଟର ଶୁଭାରମ୍ଭ କରାଯାଇଛି। ସେଥିରୁ ଗୋଟିଏ ବାଲୁଗାଁରେ ମଧ୍ୟ ଖୋଲାଯାଇଛି। ଏଥି ସହିତ ବ୍ୟାଙ୍କର ମୋଟ ଆଉଟ୍‌ଲେଟ୍ ସଂଖ୍ୟା ୭୩୭ରେ ପହଞ୍ଚିଛି। ବ୍ୟାଙ୍କର ଶାଖାଗୁଡ଼ିକ ୨୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି।

# ଫନ୍ ଆର୍ଟ୍ ୱାର୍କ, ଡିଭାଇନ ବାଇଟ୍‌ର ଶୁଭାରମ୍ଭ



ଭୁବନେଶ୍ୱର,୨୯।୯

ଡିଜିଟାଲ ଦୁନିଆରେ ପ୍ରବେଶ କଲେ ଅନେକ ସମସ୍ୟା ଆସିଥାଏ। ହେଲେ ଉକ୍ତ ସମସ୍ୟାର ସମାଧାନ ଥାଇ ବି ହୋଇପାରେନା। କିନ୍ତୁ ଏ ସବୁର ତତ୍କ୍ଷଣାତ ସମାଧାନ କରିବାକୁ 'ଫନ୍ ଆର୍ଟ୍ ୱାର୍କ' ନାମରେ ଏକ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରାଯାଇଛି। ଏହା ସହ ସୁସ୍ଥ ଓ ପୁଷ୍ଟିକର ଖାଦ୍ୟ ଯଦି ସାଙ୍ଗରେ ମିଳିଗଲା ତେବେ କାମ କରିବାର ମଜା କିଛି ନିଆରା ହୋଇଯିବ। ତେଣୁ ଏହାକୁ ଲକ୍ଷ୍ୟ ରଖି ନିକଟରେ ସ୍ଥାନୀୟ ଶହୀଦନଗରସ୍ଥିତ ଭବାନୀ ମଲ୍‌ରେ 'ଫନ୍ ଆର୍ଟ୍ ୱାର୍କ','ଡିଭାଇନ ବାଇଟ୍'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏପରିକି ସହରରେ ପ୍ରଥମ ଥର ପାଇଁ ଭିନ୍ନ ଏକ ଚିନ୍ତାଧାରାରେ ଆରମ୍ଭ କରାଯାଇଥିବା ଏଭଳି ଏକ ପ୍ଲାଟ୍‌ଫର୍ମର ଅନନ୍ତ ସଫଳତା କାମନା କରିଛନ୍ତି। ବିଶେଷକରି ଗ୍ରାହକଙ୍କୁ ଡେଡିକେଟେଡ୍ ୱାର୍କ ସ୍ପେସ୍, କଷ୍ଟମାଇଜ୍ ୱାର୍କଷ୍ଟେଶନ, ରିକ୍ରିଏସନ ଆଦି ସୁବିଧା ଯୋଗାଇଦେବା ହେଉଛି ଉକ୍ତ ସଂସ୍ଥା ମୂଳ କାର୍ଯ୍ୟ। ଏପରିକି ଘରେ ବସି ୱାର୍କ ଫ୍ରମ୍ ହୋମ୍ ଚାହୁଁଥିବା ଲୋକେ ଏହାର ବେଶ୍ ଫାଇଦା ଉଠାଇପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିଭଳି ଏଠାରେ ମଧ୍ୟ କନ୍‌ଫରେନ୍ସ ହଲ୍ ଓ କାଫେଟେରିଆର ସୁବିଧା ଉପଲବ୍ଧ ରହିଛି। ବିଶେଷକରି ପ୍ରାଇଭେଟ ୱାର୍କସ୍ପେସ୍‌ରେ ଜଣେ ଚାହିଁଲେ ନିଜେ କ୍ୟାବିନ ବ୍ୟବହାର କରିପାରିବ। ସେହିପରି ଦିନକୁ ଦିନ ଦୁନିଆ ଡିଜିଟାଲ ହେଉଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏହାର ଆବଶ୍ୟକତା ବଢ଼ିଛି। ତେଣୁ ବ୍ୟବହାରକାରୀ ଓ ଗ୍ରାହକଙ୍କ ଚାହିଦାକୁ ଦେଖି 'ଫନ୍ ଆର୍ଟ୍ ୱାର୍କ'ର ଅୟମାରମ୍ଭ କରାଯାଇଛି। ଅପରପକ୍ଷରେ କାମ କରିବା ସମୟରେ ସ୍ୱାସ୍ଥ୍ୟକର ଖାଦ୍ୟର ଆବଶ୍ୟକତା ଥିବାରୁ ଏହା ପୂରଣ କରିବାକୁ 'ଡିଭାଇନ ବାଇଟ୍' ନାମରେ ଏକ ଭିନ୍ନ ଧରଣର ଖାଦ୍ୟପେୟ ସଂସ୍ଥା ମଧ୍ୟ ସମାନ ଢଙ୍ଗରେ ଶୁଭାରମ୍ଭ କରାଯାଇଛି। ଗୋଟିଏ ଛାତ ତଳେ ଉଭୟ ଜିନିଷ ମିଳୁଥିବାରୁ ଲୋକେ ଏଥିପ୍ରତି ନିଶ୍ଚିତ ଆକୃଷ୍ଟ ହେବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍‌ରେ ପାର୍ବଣ ମହୋତ୍ସବ

ଭୁବନେଶ୍ୱର,୨୯।୯

ଚଳିତ ବର୍ଷ ପାର୍ବଣ ଅବସରରେ ନେକ୍ସସ୍ ଏସ୍‌ପ୍ଲାନେଡ୍ ମଲ୍ ପକ୍ଷରୁ ପାର୍ବଣ ମହୋତ୍ସବ ପାଳନ କରାଯାଉଛି। ଏହି ମହୋତ୍ସବ ୧୦ ଦିନ ଧରି ଜାରି ରହିବ। ଏପରିକି ଅକ୍ଟୋବର ୫ ପର୍ଯ୍ୟନ୍ତ ଉକ୍ତ ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ ମଧ୍ୟ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ଡାଣ୍ଡିଆ ନାଇଟ୍, ଲାଇଭ୍ ବ୍ୟାଣ୍ଡ ପ୍ରଦର୍ଶନ, ଗାୟକ ଏବଂ କଳାକାର ପ୍ରଦର୍ଶନ ସହ ଲାଇଭ୍ ଡିଜେ ଇତ୍ୟାଦି ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ହେବ। ଏହାବ୍ୟତୀତ ଯେଉଁମାନେ ନେକ୍ସସ୍ ଏସ୍‌ପ୍ଲାନେଡ ଫ୍ୟାଶନ ଆଇକନ୍ ନାମରେ ସେମାନଙ୍କର ପ୍ରଥମ ଫ୍ୟାଶନ ଟାଇଟଲ୍ ପାଇଛନ୍ତି, ସେମାନେ ଫ୍ୟାଶନିଆଷ୍ଟା ଯାଇ ମିଳୁଥିବା ସୁଯୋଗର ଲାଭ ଉଠାନ୍ତୁ। ଅପରପକ୍ଷରେ ଅକ୍ଟୋବର ୧ରୁ ସେମିଫାଇନାଲ୍ ଓ ଅକ୍ଟୋବର ୪ ରେ ଫାଇନାଲ କାର୍ଯ୍ୟକ୍ରମ ହେବ ବୋଲି ଜଣାପଡିଛି। ବିଶେଷକରି ମଲ୍ ପରିସରରେ ରଙ୍ଗିନ୍ ଗେଟ୍, ମା'ଙ୍କ ମୂର୍ତ୍ତି ଏବଂ ସୁନ୍ଦର ପରିବେଶରେ ପାର୍ବଣର ମଜା ଉଠାଇବେ। ଏପରିକି ମଲ୍ ପରିଦର୍ଶନ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ



ମଧ୍ୟ ଅଛି ଯଥା ପ୍ରଶ୍ନ ଉତ୍ତର ରାଉଣ୍ଡ କାର୍ଯ୍ୟକ୍ରମ, ଖେଳ ଏବଂ ଅନେକ କିଛି ଏବଂ ସନ୍ଧ୍ୟାରେ ଡାଣ୍ଡିଆ, ଡିଜେ, କଳାକାରମାନଙ୍କ ଦ୍ୱାରା କଳା ପ୍ରଦର୍ଶନ ସହ ଲନ୍ ଅଞ୍ଚଳରେ ସୁସ୍ୱାଦୁ ବ୍ୟଞ୍ଜନର ସମ୍ଭାର ପାଇବେ ବୋଲି ମଲ୍ ପକ୍ଷରୁ କୁହାଯାଇଛି।

# ଖସୁଛି ଶେୟାର ବଜାର କାରବାର

ନୂଆଦିଲ୍ଲୀ,୨୯।୯

କ୍ରମାଗତ ୭ମ ଦିନ ହେବ ଭାରତୀୟ ଶେୟାର ବଜାରର କାରବାର ମାନ୍ଦା ସାଙ୍ଗକୁ ଫଳାଫଳ ମଧ୍ୟ ଖରାପ ରହିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟଦିବସର ଫଳାଫଳ ଅନୁସାରେ ଦଲାଲ ଷ୍ଟ୍ରିଟ୍‌ର କାରବାର ମଧ୍ୟ ହ୍ରାସ ପାଉଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଉଛନ୍ତି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ପ୍ରାୟ ୧୮୮ (୧୮୮.୩୨) ପଏଣ୍ଟ ବା ୦.୩% ହ୍ରାସ ପାଇ ୫୬,୪୧୦ (୫୬,୪୦୯.୯୬) ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ପ୍ରାୟ ୪୧ (୪୦.୫୦) ପଏଣ୍ଟ ବା ୦.୩% ତଳକୁ ଖସି ୧୬,୮୧୮ (୧୬,୮୧୮.୧୦)ଅଙ୍କରେବନ୍ଦହୋଇଛି।

# କ୍ୟାରେଟ୍‌ଲେନ୍‌ର ନୂତନ କଲେକ୍ସନ 'ମୋଗ୍ରା'

ଭୁବନେଶ୍ୱର,୨୯।୯

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ କ୍ୟାରେଟ୍‌ଲେନ୍ ପକ୍ଷରୁ ଚଳିତ ପାର୍ବଣ ଉପଲକ୍ଷେ ଏକ ଭିନ୍ନଧରଣର ଏବଂ ସୁନ୍ଦର କାରୁକାର୍ଯ୍ୟରେ ପରିପୂର୍ଣ୍ଣ ନୂତନ କଲେକ୍ସନ 'ମୋଗ୍ରା'ର ବଜାର ପ୍ରବେଶ କରାଯାଇଛି। ଏପରିକରି ପାର୍ବଣ ଉପଲକ୍ଷେ ବ୍ରାଣ୍ଡ ନ୍ୟୁ ଗହଣା ସମ୍ଭାର ସହ ଭଳିକି ଭଳି ଡିଜାଇନ ମଧ୍ୟ ଷ୍ଟୋରରେ ଉପଲବ୍ଧ କରାଇଛି। ବିଶେଷକରି ବିଗତ ୨ବର୍ଷର ବ୍ୟବଧାନ ପରେ ଲୋକେ ପାର୍ବଣ ଓ ପୂଜାକୁ ଭଲ ଭାବେ ପାଳନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସେହିଭଳି ପୂଜା ବଜାରକୁ ନଜରରେ ରଖି ପ୍ରତିଷ୍ଠାନ ପକ୍ଷରୁ ନୂଆ କଲେକ୍ସନ ସହ ଷ୍ଟୋରଗୁଡ଼ିକୁ ମଧ୍ୟ ସୁସଜ୍ଜିତ କରାଯାଇଛି। ଅପରପକ୍ଷରେ ଗୁରୁବାର ଷ୍ଟୋର ପକ୍ଷରୁ ଏହାର ନୂଆ କଲେକ୍ସନ 'ମୋଗ୍ରା'ର ଉନ୍ମୋଚନ ମଧ୍ୟ ହୋଇଯାଇଛି। 'ମୋଗ୍ରା'କୁ ହୀରା ଏବଂ ପ୍ରଥମ ଥର ପାଇଁ ରାଇସ୍ ୱାଟର ପର୍ଲରେ ପ୍ରସ୍ତୁତ କରାଯାଇଛି। ମାଇକ୍ରୋ-ସେଟିଂ




ଟେକ୍ନିକ୍‌କୁ ବ୍ୟବହାର କରାଯାଇଛି। ଏପରିକି ଉକ୍ତ ଗହଣାଗୁଡ଼ିକୁ ଅତି ନିଖୁଣ ଭାବେ କାରିଗରଙ୍କ ଦ୍ୱାରା ପ୍ରସ୍ତୁତି କରାଯାଇଛି, ଯାହାକି ହୀରାର ଚମକକୁ ବହୁଗୁଣିତ କରୁଛି। ବିଶେଷ କରି ବଲିଉଡ୍ ଅଭିନେତ୍ରୀ ରାଧିକା ଆପ୍‌ଟେଙ୍କ ନିକଟରେ ଏହି କଲେକ୍ସନ ଦେଖିବାକୁ ମିଳିଥିଲା। ସେହିପରି ସୌନ୍ଦର୍ଯ୍ୟ ଦୃଷ୍ଟିକୋଣରୁ ଉକ୍ତ ଡିଜାଇନଗୁଡିକରେ କୌଣସି ଅଭାବ ନାହିଁ। ହେଲେ କ୍ୟାରେଟ୍‌ଲେନ୍ ଡିଜାଇନଗୁଡ଼ିକ ଉପହାର ପ୍ରଦାନ ସାଙ୍ଗକୁ ସମସ୍ତ ପ୍ରକାର ପାରିବାରିକ ଉତ୍ସବରେ ମଧ୍ୟ ପିନ୍ଧିବା ପାଇଁ ସର୍ବୋତ୍କୃଷ୍ଟ ରହିଥାଏ। ଅପରପକ୍ଷରେ ଉପହାର ଦେବା ପାଇଁ କ୍ୟାରେଟ୍‌ଲେନ୍‌ରେ ବିସ୍ତୃତ ଡିଜାଇନ ମଧ୍ୟ ରହିଛି, ଯେଉଁଗୁଡ଼ିକର ମୂଲ୍ୟ ୫୦୦୦ଟଙ୍କାରୁ ଆରମ୍ଭ ହେଉଛି। ଦମ୍ପତିଙ୍କ ପ୍ରଥମ ଦୀପାବଳି ହେଉ କିମ୍ବା ପରିବାର ତଥା ପ୍ରିୟବର୍ଗଙ୍କୁ ଉପହାର ପ୍ରଦାନ, କ୍ୟାରେଟ୍‌ଲେନ୍‌ରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି। ନିଜ ଖୁସି ପାଇଁ ତଥା ଛୋଟ ଛୋଟ ମୁହୂର୍ତ୍ତ କିମ୍ବା ବ୍ୟକ୍ତିଗତ ସଫଳତାକୁ ପାଳନ କରିବା ପାଇଁ ଅଧିକାଂଶ ଗ୍ରାହକ ଗହଣା କିଣିଥାନ୍ତି। ଏ ସମ୍ପର୍କରେ କ୍ୟାରେଟ୍‌ଲେନ୍‌ର ଭିପି (ମାର୍କେଟିଂ) ଜେନିଫର ପାଣ୍ଡ୍ୟା କହିଛନ୍ତି, ଗ୍ରାହକ କ୍ୟାରେଟ୍‌ଲେନ୍‌କୁ ପସନ୍ଦ କରନ୍ତି। କାରଣ ଆମ ଗହଣାଗୁଡ଼ିକର ଡିଜାଇନ ଅତି ଜଟିଳ ଏବଂ ସବୁ ଷ୍ଟାଇଲ ସହ ଭଲ ଭାବେ ଖାପ ଖାଇଥାଏ। ଗ୍ରାହକଙ୍କ ସୁବିଧା ପାଇଁ ବର୍ତ୍ତମାନ ଭୁବନେଶ୍ୱରରେ କ୍ୟାରେଟ୍‌ଲେନ୍‌ର ୩ଟି ଷ୍ଟୋର ରହିଛି। ଏପରିକି ରାଜ୍ୟରେ ମୋଟ ୫ଟି ଷ୍ଟୋର ଥିବା ବେଳେ ପୂର୍ବାଞ୍ଚଳରେ କମ୍ପାନୀର ମୋଟ ୩୨ ଷ୍ଟୋର ଅଛି। ଗ୍ରାହକ କମ୍ପାନୀର ଯେକୌଣସି ଷ୍ଟୋରକୁ ଯାଇ ଉକ୍ତ ଗହଣା କିଣିପାରିବେ କିମ୍ବା 'ଟ୍ରାଏ ଆଟ୍ ହୋମ୍'ସେବାକୁ ମଧ୍ୟ ଉପଲବ୍ଧ କରିପାରିବେ। ସର୍ବାଧିକ ବିକ୍ରି ହେଉଥିବା ଡିଜାଇନଗୁଡ଼ିକ ପାଇଁ କ୍ୟାରେଟ୍‌ଲେନ୍ ୨୪ରୁ ୪୮ ଘଣ୍ଟାର ଦ୍ରୁତ ଡେଲିଭରି ସର୍ଭିସ ମଧ୍ୟ ପ୍ରଦାନ କରୁଛି। ଚଳିତ ପାର୍ବଣ ଶପିଂକୁ ଅଧିକ ଖାସ କରିବା ପାଇଁ ଷ୍ଟୋରରେ ବ୍ୟାପକ ଅଫର ରହିଥିବା ଷ୍ଟୋର ପକ୍ଷରୁ କୁହାଯାଇଛି।

SBC
ସମ୍ବଲପୁରୀ ବସ୍ତ୍ରାଳୟ
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା୨୩।୦୯।୨୦୨୨ରୁ ତା୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223

# କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେନି ଗେହଲଟ୍

## ଜୟପୁର ଘଟଣା ପାଇଁ ସୋନିଆଙ୍କୁ କ୍ଷମା ମାଗିଲେ



ନୂଆଦିଲ୍ଲୀ,୨୯।୯ (ପି.ଟି.)

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଗୁରୁବାର ଘୋଷଣା କରିଛନ୍ତି। ତାଙ୍କ ରାଜ୍ୟରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ପାଇଁ ସେ ନିଜକୁ ନୈତିକ ଭାବେ ଦାୟୀ କରିବା ସହ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କ୍ଷମା ମାଗିଛନ୍ତି। ସେ ମୁଖ୍ୟମନ୍ତ୍ରୀ ପଦରେ ରହିବେ କି ନାହିଁ, ସେ ନିଷ୍ପତ୍ତି ସୋନିଆ ନେବେ ବୋଲି ଗେହଲଟ୍ କହିଛନ୍ତି।

ଗତ ରବିବାର ଗେହଲଟ୍‌ଙ୍କ ସମର୍ଥକ ବିଧାୟକମାନେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ନିର୍ଦ୍ଦେଶକୁ ଅବଜ୍ଞା କରି ସମାନ୍ତରାଳ ବୈଠକ କରାଇଥିଲେ। ସଚିନ ପାଇଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଉଦ୍ୟମକୁ ବିରୋଧ କରି ଗେହଲଟ୍‌ଙ୍କ ଅନୁଗତ ବିଧାୟକମାନେ ସମୂହ ଇସ୍ତଫା ଦେବାକୁ ଧମକ ଦେଇଥିଲେ। ଗେହଲଟ୍ ଗୁରୁବାର ସୋନିଆଙ୍କୁ ତାଙ୍କ ବାସଭବନରେ ଭେଟିବା ବେଳେ ଏଥିପାଇଁ କ୍ଷମା ମାଗିଛନ୍ତି। ୩ ଥର ମୁଖ୍ୟମନ୍ତ୍ରୀ ରହିଥିବା ଗେହଲଟ୍ ନିଜକୁ ଦଳର ଜଣେ ଶୃଙ୍ଖଳିତ ସୈନିକ ବୋଲି କହିଛନ୍ତି। ସେ ୫୦ ବର୍ଷ ହେଲା ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଏବଂ ସୋନିଆଙ୍କ ଅଧୀନରେ ଜଣେ ଅନୁଗତ ସୈନିକ ଭାବେ କାର୍ଯ୍ୟ କରି ଆସିଛନ୍ତି। ସେ ବିଭିନ୍ନ ଦଳୀୟ ପଦବୀରେ ରହିବା ସହ କେନ୍ଦ୍ରରେ ଏକାଧିକ ଥର ମନ୍ତ୍ରୀ ହୋଇଛନ୍ତି। ତେବେ ରବିବାରର ଘଟଣା ତାଙ୍କୁ ନିନ୍ଦିତ କରିଛି ଓ ଏହି ଘଟଣା ପାଇଁ ସେ ଅତ୍ୟନ୍ତ ଦୁଃଖିତ ବୋଲି କହିଛନ୍ତି। ଅଧ୍ୟକ୍ଷ ନିର୍ବାଚନରୁ ଗେହଲଟ୍ ଓହରିଯିବା ପରେ ଏବେ ବରିଷ୍ଠ ନେତା ଦିଗ୍‌ବିଜୟ ସିଂ ଏବଂ ଶଶୀ ଥରୁରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଦୁହେଁ ଶୁକ୍ରବାର ନାମାଙ୍କନ କରିବେ।

# 'ବନ୍ଧୁତ୍ୱପୂର୍ଣ୍ଣ ଲଢ଼େଇ ହେବ'

## ଦିଗ୍‌ବିଜୟଙ୍କୁ ଭେଟିଲେ ଥରୁର



ନୂଆଦିଲ୍ଲୀ,୨୯।୯

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନରେ ବରିଷ୍ଠ ନେତା ଶଶୀ ଥରୁର ଏବଂ ଦିଗ୍‌ବିଜୟ ସିଂ ପ୍ରାର୍ଥୀ ହେବାକୁ ଯାଉଥିବାବେଳେ ସେମାନେ ଗୁରୁବାର ପରସ୍ପରକୁ ଭେଟି ଆଗାମୀ ନିର୍ବାଚନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଉଭୟ ନେତାଙ୍କ କୋଳାଗ୍ରତ ସମୟର ଫଟୋକୁ ଥରୁର ଶେୟାର କରି ଏହା ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢ଼େଇ ନୁହେଁ, ବରଂ ସହକର୍ମୀଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି ବୋଲି ଲେଖିଛନ୍ତି। କଂଗ୍ରେସକୁ ବିଜୟୀ କରାଇବା ସାଧାରଣ ଲକ୍ଷ୍ୟ ବୋଲି ସେ କହିଛନ୍ତି। ତାଙ୍କର ଏହି ଟୁଇଟ୍‌କୁ ଦିଗ୍‌ବିଜୟ ରିଟୁଇଟ୍ କରି ସେ ଥରୁରଙ୍କ ସହ ଏକମତ ବୋଲି କହିଛନ୍ତି। ଉଭୟେ ଗାନ୍ଧୀ–ନେହେରୁ ଆଦର୍ଶରେ ବିଶ୍ୱାସୀ। ସେମାନଙ୍କର ଲଢ଼େଇ ସାମ୍ପ୍ରଦାୟିକ ଶକ୍ତି ବିରୋଧରେ ବୋଲି ଦିଗ୍‌ବିଜୟ ଉଲ୍ଲେଖ କରିଛନ୍ତି।

# ସୋନିଆଙ୍କୁ ଭେଟିଲେ ପାଇଲଟ

ନୂଆଦିଲ୍ଲୀ,୨୯।୯(ପି.ଟି.)



ବରିଷ୍ଠ କଂଗ୍ରେସ ନେତା ତଥା ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ଗୁରୁବାର ରାତିରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ରାଜସ୍ଥାନରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ଉପରେ ଆଲୋଚନା କରିଛନ୍ତି। ସେ ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ କଂଗ୍ରେସ ଅଧ୍ୟକ୍ଷାଙ୍କ ବାସଭବନରେ ରହିଥିଲେ। ଆଲୋଚନା ବେଳେ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଉପସ୍ଥିତ ଥିଲେ। ସେ ତାଙ୍କ ମତାମତ ଜଣାଇ ଦେଇଛନ୍ତି ଏବଂ କଂଗ୍ରେସ ଅଧ୍ୟକ୍ଷା ସକରାତ୍ମକ ନିଷ୍ପତ୍ତି ନେବେ ବୋଲି ପାଇଲଟ କହିଛନ୍ତି। ରାଜ୍ୟରେ ସମ୍ଭାବ୍ୟ ନେତୃତ୍ୱ ପରିବର୍ତ୍ତନକୁ ନେଇ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଅନୁଗତମାନଙ୍କ ଖୋଲା ବିଦ୍ରୋହ ପରେ ପାଇଲଟ କଂଗ୍ରେସ ଅଧ୍ୟକ୍ଷଙ୍କ ସହ ରାଜ୍ୟରେ ଦଳୀୟ ସ୍ଥିତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ତାଙ୍କ ପୂର୍ବରୁ ଗେହଲଟ୍ ମଧ୍ୟ ସୋନିଆଙ୍କୁ ଭେଟି ରାଜ୍ୟରେ ଦେଖାଦେଇଥିବା ସଙ୍କଟ ପାଇଁ କ୍ଷମା ମାଗିଥିଲେ।

# ଗୋଟିଏ ଦିନରେ କାର୍ଯ୍ୟକ୍ରମ: ବିଜେଡିକୁ ଟାର୍ଗେଟ କଲା ଭାଜପା

## ବିଜେଡି କହିଲା ଗୁଜରାଟ, ଦିଲ୍ଲୀ କି ଗୋଆ ମନ୍ତ୍ର ଏଠି କାମ ଦେବନି

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଭାଜପାର କାର୍ଯ୍ୟକ୍ରମକୁ ବିଜେଡି ଡରୁଛି କି? ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଯେଉଁଦିନ ସଭା, ସେହିଦିନ କାହିଁକି ବିଜେଡି ସମ୍ମିଳନୀ କଲା? ଭାଜପାକୁ ଏମାନଙ୍କ ଏତେ ଭୟ କାହିଁକି ବୋଲି ପ୍ରଶ୍ନ କରି ଶାସକ ବିଜେଡି ଉପରେ ବର୍ଷିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଜନତା ମଇଦାନଠାରେ ଗୁରୁବାର ଅନୁଷ୍ଠିତ ଶକ୍ତିକେନ୍ଦ୍ର କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ ଅପରାଜିତା କହିଛନ୍ତି, ୨୨ବର୍ଷ ଧରି ରାଜ୍ୟରେ ଶାସନ କରୁଥିବା ଦଳର ଡର ଅଛି କି? ଭାଜପା ସଭାପତି ଆସିବା ଶୁଣି ତରବରରେ ବରମୁଣ୍ଡା ପଡ଼ିଆରେ ସଭା କଲେ। ଆଉ କେବେ ସେମାନଙ୍କୁ ସମୟ ହେଲା ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଭାଜପାର ଏହି କାର୍ଯ୍ୟକ୍ରମକୁ ରାଜ୍ୟର ୧୦୦୮ ମଣ୍ଡଳରୁ କର୍ମୀ ଆସିଛନ୍ତି। ସେମାନଙ୍କୁ ରୋକିବାକୁ ପ୍ରଶାସନ ଲାଗିଛି। ହେଲେ ଏଥିରେ ସଫଳ ହୋଇପାରୁ ନ ଥିବା ଅପରାଜିତା କହିଛନ୍ତି। ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଏଠିକା ମୁଖ୍ୟମନ୍ତ୍ରୀ ସାଧକ ନୁହନ୍ତି ବାଧକ। ଶକ୍ତିକେନ୍ଦ୍ରଗୁଡିକ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ସରକାରକୁ ବଙ୍ଗୋପସାଗରେ ଫିଙ୍ଗିବା ପାଇଁ ସେ ଆହ୍ୱାନ କରିଛନ୍ତି।

ଭାଜପାର ଏଭଳି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡିର ଏହି କାର୍ଯ୍ୟକ୍ରମ ନୂଆ ନୁହେଁ। ପ୍ରତିବର୍ଷ ବିଜେଡି ଜନସମ୍ପର୍କ ପଦଯାତ୍ରା କରୁଛି। ଆମେ ସବୁ ବର୍ଷ ଲୋକଙ୍କ ପାଖକୁ ଯାଉ, ସେମାନଙ୍କ ସୁବିଧା ଅସୁବିଧା ବୁଝିଥାଉ। ଦିଲ୍ଲୀ, ଗୁଜରାଟ କି ଗୋଆରୁ ନେତା ଆମେ ଧାର ଉଧାର ଆଣୁନାହୁଁ। ଆମେ ଓଡ଼ିଆ ଜାତିର ଏବଂ ମାଟିର ନେତା ନବୀନ ପଟ୍ଟନାୟକଙ୍କ ସାଙ୍ଗରେ ଅଛୁ। ଦିଲ୍ଲୀ, ଗୋଆ ଓ ଗୁଜରାଟରୁ ମନ୍ତ୍ର ଆଣିଲେ ତାହା ଓଡ଼ିଶାରେ କାମ ଦେବ ନାହିଁ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ର କାମ ଦେବ ବୋଲି ସେ କହିଛନ୍ତି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ୬ ଲକ୍ଷ ଘର ଲୋକଙ୍କୁ ମିଳିବ, ଯାହା ଆବାସ ପୋର୍ଟାଲ ଖୋଲିଲେ ସମ୍ଭବ। ସେହି ପ୍ରସଙ୍ଗ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। କେନ୍ଦ୍ରକୁ ବିଭିନ୍ନ ଯୋଜନାରେ ଯେଉଁ ପାଣ୍ଠି ଆସିବା କଥା ତାହା ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଏପରି ଅନେକ ପ୍ରସଙ୍ଗ ଅଛି, ଯେଉଁଥିରେ ଓଡ଼ିଶାକୁ ହକ୍ ମିଳିବାର ଅଛି। ସେକଥା ସେମାନେ କୁହନ୍ତୁ ବୋଲି ସସ୍ମିତ କହିଛନ୍ତି।

# ଅଖିଳେଶ ଏସ୍‌ପି ଅଧ୍ୟକ୍ଷ ପୁନଃ ନିର୍ବାଚିତ

ଲକ୍ଷ୍ନୌ,୨୯।୯(ପି.ଟି.)



ଅଖିଳେଶ ଯାଦବ ଗୁରୁବାର ତୃତୀୟ ଥର ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ଦଳିତ ନେତା ଭୀମରାଓ ଆମ୍ବେଡ୍‌କର ଏବଂ ସମାଜବାଦୀ ନେତା ରାମ ମନୋହର ଲୋହିଆଙ୍କ ଅନୁଗାମୀମାନଙ୍କୁ ଏକାଠି କରି ସମାଜବାଦୀ ପାର୍ଟିକୁ ଜାତୀୟ ଦଳରେ ପରିଣତ କରିବାକୁ ଏହି ଅବସରରେ ସେ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ୪୯ ବର୍ଷୀୟ ଅଖିଳେଶ ତୃତୀୟ ଥର ଅଧ୍ୟକ୍ଷ ହୋଇଥିବାରୁ ତାଙ୍କ ନେତୃତ୍ୱରେ ଦଳ ୨୦୨୪ ଲୋକ ସଭା ନିର୍ବାଚନ ଏବଂ ୨୦୨୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଲଢ଼ିବ ବୋଲି ତାଙ୍କ ବାପା ତଥା ଏସ୍‌ପି ପ୍ରତିଷ୍ଠାତା ମୁଲାୟମ ସିଂ ଯାଦବ କହିଛନ୍ତି। ଏସ୍‌ପିକୁ ଜାତୀୟ ଦଳରେ ପରିଣତ କରିବା ଲାଗି ଆମେ ଉଦ୍ୟମ ଚଳାଇଆସିଛୁ। ଏବେ ମୋତେ ଆଉ ୫ ବର୍ଷ ପାଇଁ ସୁଯୋଗ ଦେଇଥିବାରୁ ଏହି ସମୟ ମଧ୍ୟରେ ଏସ୍‌ପିକୁ ଜାତୀୟ ଦଳରେ ପରିଣତ କରିବା ପାଇଁ ଶପଥ ନେବାକୁ ହେବ ବୋଲି ଅଖିଳେଶ ଦଳର ଜାତୀୟ ସମ୍ମିଳନୀରେ କହିଛନ୍ତି।

# ବିଜୟା ଦଶମୀରେ କେସିଆର୍‌ଙ୍କ ଜାତୀୟ ଦଳ



ହାଇଦ୍ରାବାଦ,୨୯।୯: ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଆସନ୍ତା ଅକ୍ଟୋବର ୫ ବିଜୟା ଦଶମୀରେ ତାଙ୍କର ଜାତୀୟ ଦଳ ଶୁଭାରମ୍ଭ କରିବେ ବୋଲି ଆଶା କରାଯାଉଛି। ସେଦିନ ଟିଆର୍‌ସି ବିଧାୟକ ଦଳ ବୈଠକ ବସି କେସିଆର୍‌ଙ୍କୁ ଜାତୀୟ ଦଳ ଆରମ୍ଭ କରିବା ଲାଗି ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ କରାଇବ। ପରେ ଟିଆର୍‌ଏସ୍ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଉ ଏକ ପ୍ରସ୍ତାବ ଗୃହୀତ କରାଇ କେସିଆର୍‌ଙ୍କୁ ଜାତୀୟ ଦଳ ଆରମ୍ଭ କରିବା ଲାଗି ଅନୁରୋଧ କରିବ। ଅକ୍ଟୋବର ୫ ତାରିଖ ଅପରାହ୍ନ ୧ଟା ବେଳେ ତେଲଙ୍ଗାନା ଭବନରେ କେସିଆର୍ ଜାତୀୟ ଦଳ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ପ୍ରଶାନ୍ତ କିଶୋରଙ୍କ ଆଇ-ପିଏସି କେସିଆର୍‌ଙ୍କ ସହ କାର୍ଯ୍ୟ ଜାରି ରଖିବ ବୋଲି କୁହାଯାଉଛି। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ କେସିଆର୍ ଦିଲ୍ଲୀରେ ଏକ ସାଧାରଣ ସଭା କରିବେ ବୋଲି ଆଶା କରାଯାଉଛି।

# କ୍ରାନ୍ତି-ଜାଗୃତି ସମାରୋହ ଉଦ୍‌ଯାପିତ

- ଇତିହାସରୁ ଲଢ଼େଇ କରିବାର ଶକ୍ତି ମିଳେ: ନରସିଂହ
- ଗ୍ରାମାଞ୍ଚଳର ନୂଆ ନେତୃତ୍ୱ ଗଣତନ୍ତ୍ରକୁ ସୁରକ୍ଷିତ ରଖିପାରିବେ: ପ୍ର. ମଧୁସୂଦନ ପତି

ବଲାଙ୍ଗୀର ଅଫିସ,୨୯।୯: ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ୫୦ଦିନିଆ କ୍ରାନ୍ତି-ଜାଗୃତି ସମାରୋହ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ସଦର ବ୍ଲକ ଚୁଡାପାଲି ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କମିଟି ସଭାପତି ଡ. ଶିବପ୍ରସାଦ ନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ମଧୁସୂଦନ ପତି, ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୋଗେଶ୍ୱର କୁମୁରାଙ୍କ ସୁପୁତ୍ର ଲୋକନାଥ କୁମୁରା ଓ ପୁତ୍ରବଧୂ ମାଧୁରୀ କୁମୁରା ମଞ୍ଚାସୀନ ଥିଲେ।

ମୁଖ୍ୟଅତିଥି ବିଧାୟକ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅତୀତକୁ ଭୁଲିଗଲେ ଅନେକ କିଛି ହରାଇବାକୁ ପଡ଼େ। ଆମର ଅତୀତ ଗୌରବମୟ ରହିଥିଲା। ପ୍ରାୟ ୯୦୦ ବର୍ଷ ପୂର୍ବରୁ ଏଠାରେ ଗଣତନ୍ତ୍ର ଶାସନ ଥିଲା। ଚାଇନା ପରିବ୍ରାଜକ ହୁଏନ୍‌ସାଂ ହରିଶଙ୍କର-ନୃସିଂହନାଥ ଓ ରାଣୀପୁର ଝରିଆଲଠାରେ ଦୁଇଟି ବିଶ୍ୱବିଦ୍ୟାଳୟ ରହିଥିବା ଉଲ୍ଲେଖ କରିଛନ୍ତି। ଏଠାରେ ଉନ୍ନତ ଶିକ୍ଷା ରହିଥିବାରୁ ବିଦେଶରୁ ଛାତ୍ରମାନେ ପଢ଼ିବାକୁ ଆସୁଥିଲେ। ପରବର୍ତ୍ତୀ ସମୟରେ ରାଜରାଜୁଡ଼ାମାନଙ୍କୁ ଇଂରେଜମାନେ ଗୁଲାମ କରି ଶାସନ କଲେ। ଇଂରେଜ ଏବଂ ରାଜରାଜୁଡ଼ାଙ୍କ ବିରୋଧରେ ଯୋଗେଶ୍ୱର କୁମୁରାଙ୍କ ଭଳି ଅନେକ ବ୍ୟକ୍ତି ସ୍ୱାଧୀନତା ଆନ୍ଦୋଳନରେ ଝାସଦେଇ ଲଢ଼େଇ କରିଥିଲେ। ଅତୀତର ସେମାନଙ୍କ ଲଢ଼େଇ ଆମକୁ ଅନ୍ୟାୟ ବିରୋଧରେ ଲଢ଼େଇ କରିବାକୁ ଉଦ୍‌ବୁଦ୍ଧ କରିବ ବୋଲି ବିଧାୟକ ମିଶ୍ର କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପଞ୍ଚାୟତସ୍ତରରୁ ନୂଆ ନେତୃତ୍ୱ ନ ବାହାରିଲେ ଭାରତ ଗଣତନ୍ତ୍ରର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଆମ ପୂର୍ବପୁରୁଷଙ୍କ ଆଦର୍ଶ ପ୍ରତି ଉଦାସୀନ ରହିଲେ କେବଳ ରାଜନୈତିକ ବିପର୍ଯ୍ୟୟ ଆଣିବ ନାହିଁ, ଏହା ସାମାଜିକ, ଅର୍ଥନୈତିକ ବିପର୍ଯ୍ୟୟର କାରଣ ହୋଇଥାଏ ବୋଲି ସେ କହିଥିଲେ। କ୍ରାନ୍ତି-ଜାଗୃତି ସମାରୋହ ସାମାଜିକ ଜାଗରଣ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ସଭାପତୀୟ ଅଭିଭାଷଣରେ ଡ. ନନ୍ଦ ବଲାଙ୍ଗୀର-ପାଟଣାର ଅତୀତ, ସ୍ୱାଧୀନତା ସଂଗ୍ରାମ ଓ ସଂଘର୍ଷ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ। ଏହି ଅବସରରେ ଅତିଥିମାନେ ବଲାଙ୍ଗୀର ଜିଲାର ସ୍ୱାଧୀନତା ସଂଗ୍ରାମ ଉପରେ ପ୍ରସ୍ତୁତ ଏକ ଇଂରାଜୀ ପୁସ୍ତକ 'ଦି ୱେ ଟୁ ଫ୍ରିଡମ୍'କୁ ଉନ୍ମୋଚନ କରିଥିଲେ। ସଭା ପ୍ରାରମ୍ଭରେ ଦୁଇ ଅତିଥି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଯୋଗେଶ୍ୱର କୁମୁରାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। କାର୍ଯ୍ୟକ୍ରମକୁ ଧର୍ମେନ୍ଦ୍ର ପ୍ରସାଦ ନନ୍ଦ ସଂଯୋଜନା କରିଥିଲେ। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଦେଇଥିଲେ।


**ZILLA SWASTHYA SAMITI, PURI**
DISTRICT PROGRAMME MANAGEMENT UNIT
NHM, PURI, ODISHA - 752001
E-mail: dpmupuri@gmail.com

Advt. Letter No. 3976 Dated: 28.09.2022

**AUCTION CALL NOTICE**

No. E-501: Sealed bidding documents are invited from the interested firms/agneices/organization having GSTIN for AUCTION of condemned cold chain equipment and instrument. For details pelase log in to Puri district website i.e. **www.puri.nic.in**. The documents complete in all respect must reach the Office of CDM & PHO, Puri, DHH, PIN - 752001, through Post/Courier on or before 21.10.2022 at 5 P.M. The authority reserves all the rights to accept or reject any of the documents fully or partially without assigning any reason thereof.

Sd./- Chief District Medical & Public Health Officer, Puri
OIPR-10021/11/0017/2223



GOVERNMENT OF ODISHA
**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR**
**INVITATION FOR BIDS (IFB)**
File No-C-IIM-IFB-06/2019 (PT) No.37093 Dtd. 28.09.2022
**1st Corrigendum (Re-tender) Bid Identification No. CE-DPI & R-15/2022-23**

**No.B-656:** The following changes are made to the work invited vide Bid Identification No. CE-DPI & R-15/2022-23 vide letter No.31512 dtd.17.08.2022.
1. The tender for the above work has been re-tendered in the website: www.tendersodisha.gov.in. 2. The Bid documents will be available in the website: www.tendersodisha.gov.in from 10.00 AM of 07.10.2022 to 5.30 PM of 26.10.2022 for online bidding. 3. Bids shall be received only on "on line" on or before 5.30 PM of 26.10.2022.4. Bids received online shall be opened at 11.30 Hours on 27.10.2022 in the office of the Engineer-in-Chief (Civil). Nirmana Saudha, Unit-V, Bhubaneswar. Odisha.

| Sl. No. | Name of Work | Approx. Value of Work (Rs.in Crore) (as per NIT) | Approx. Value of work (Rs. in Crore) (as per Corrigendum) | Class of bidder as per Notice | Modification Class of bidder as per Corrigendum |
|---|---|---|---|---|---|
| 1 | Widening and strengthening of Suakati-Dubuna road from 12/500 km to 31/000 km (Balance work such as construction of H.L. Bridge over Ranima Nallah at 20/450 km) under CRIF | 10.17 | 9.06 | Special Class/ Super Class | A Class/ Special Class |

All other terms and conditions remain unchanged.

OIPR-34111/11/0046/2223 Sd./- Chief Engineer, DPI & Roads, Odisha



**DIRECTORATE OF MEDICAL EDUCATION & TRAINING, ODISHA**
Heads of Department Building, Bhubaneswar - 751001
Tel. No.: 0674-2393847, 2394255
E-mail: dmetbbsr4@gmail.com / www.dmetodisha.gov.in

**ULTRASONOGRAPHY TRAINING (6th Batch)**

No. 11742 Dt.29.09.2022

No. E-500: In obedience to the orders of Hon'ble High Court of Orissa, vide Order No. 06, Dtd.24.09.2022 passed in WPC No. 21669 of 2022, the eligible candidates are invited to apply online for six months training in Ultrasonography in accredited Govt. Medical Colleges of the State and IGH Rourkela. The detail of application, fees, eligibility, etc. is available in the website of DMET, Odisha i.e. **www.dmetodisha.gov.in** under Ultrasonography Training link.
The candidates those who have applied earlier against Advt. No. 9573 Dt.10.08.2022 and verified their documents, need not apply again.

Sd./- Addl. Director of Medical Education & Training, Odisha
OIPR-10016/11/0026/2223



GOVERNMENT OF ODISHA No. B-658
**"e" - PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 19/2022-23

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of work : Bridge/Road Works
3. No. of Work : 07 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the website : From 10.00 A.M. of 12.10.2022 to 5.00 P.M. of 28.10.2022
7. Date of Opening of Bid : Dt.29.10.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0042/2223



GOVERNMENT OF ODISHA
**OFFICE OF THE SUPERINTENDING ENGINEER, KANTABANJI (R&B) DIVISION**
e-mail ID: eerbkbj@rediffmail.com, Tel/Fax No.- 06657-220216
**Bid Identification No. 06/KBJ/2022-2023**

No. B-651: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate bids in **Single System** to be received in online mode only for building works.
1. No. of work : 01 No.
2. Nature of work : Building work
3. Class of Contractor : D & C
4. Approximate value of work : Rs.17.36 lakh
5. Tender Cost : Rs.6,000/-
6. Date and time of availability of Bid documents in online : From 11.00 hours of Dt.01.10.2022 to 17.00 hours of Dt.15.10.2022
7. Date of Opening of Technical Bid (Cover-I) in Online : 11.30 hours on Dt.16.10.2022
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. Any corrigendum/addendum will be displayed in the above e-procurement portal.

Sd./- Superintending Engineer
Kantabanji (R&B) Division
OIPR-34099/11/0008/2223



GOVERNMENT OF ODISHA
**HEALTH & FAMILY WELFARE DEPARTMENT**
**OFFICE OF THE SUPERINTENDENT, VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017**
Email: vimsarsuptd@gmail.com

No.13311/VIMSAR Dated, Burla the 29th September, 2022

**TENDER CALL NOTICE**

No. E-505: Sealed tenders are hereby invited by the undersigned from the Authorized dealers/Registered firms for supply of different instruments required for Urology Department of VSS Institute of Medical Sciences & Research, Burla so as to reach the Office of the Superintendent, VSS Institute of Medical Science & Research, Burla on or before Dt.27.10.2022 upto 5.00 P.M. which will be opened in the next day at 12.30 P.M.
The detail list of instruments along with the terms and conditions of this tender call notice can be had from the Office of the Superintendent, VSS Institute of Medical Sciences & Research, Burla or can be downloaded from Dist. website **www.sambalpur.nic.in**.
The undersigned/committee reserves the full right to accept in full or reject any or all the tenders without assigning any reason thereof.

Sd./- Superintendent
VSS Institute of Medical Sc. & Research, Burla
OIPR-11056/11/0024/2223



**BIJU PATNAIK UNIVERSITY OF TECHNOLOGY, ODISHA, ROURKELA**
Tender Notice No.
BPUT/ CS&P/75/2022/5875 Date: 29.09.2022
**TENDER CALL NOTICE FOR SUPPLY OF GOLD MEDALS - 2022**

No. KK-172: Sealed Tenders are invited from the reputed and experienced agencies/ Firms for Supply of Gold Medal for 10th Convocation of the University. The details of the Tender is available in the website i.e **www.bput.ac.in**. The last date and time of receiving of sealed Tender by Speed Post/ Registered Post addressing to the "Registrar, Biju Patnaik University of Technology, Chhend, Rourkela - 769015 is 19.10.2022 up to 5.00 pm. University reserves right to reject any Tender without assigning any reason thereof. The Tender Notice No. BPUT/CS&P/75/2022/5068 dated 03.09.2022 stands cancelled.

Sd./- REGISTRAR
OIPR-44003/11/0010/2223



**BIJU PATNAIK UNIVERSITY OF TECHNOLOGY, ODISHA, ROURKELA**
Date: 29.09.2022
**TENDER CALL NOTICE**

No. KK-171: Sealed tenders are invited from the reputed and experienced Agencies/Firms for providing following services for ensuring 10th Convocation - 2022 of the University.

| Sl. | Tender No. & Date | Name of the Tender |
|---|---|---|
| 1. | BPUT/CS&P/74/2022/5872 | Tender for Catering Services during 10th Convocation |
| 2. | BPUT/CS&P/76/2022/5873 | Tender for Printing & Supply of Materials for 10th Convocation - 2022 |
| 3. | BPUT/CS&P/77/2022/5874 | Tender for Decoration during 10th Convocation |

Interested Agencies/Firms having valid registration, Licence, GST registration may apply in the prescribed tender documents available in the website of the BPUT. For details please visit University website i.e. **www.bput.ac.in**. Last date of receipt of tender through Speed Post/Regd. Post adressing to **"The Registrar, Biju Patnaik University of Technology, Chhend, Rourkela - 769015" is 19.10.2022 by 5.00 P.M.** The BPUT reserves the right to cancel the tender without assigning any reason threrof. All the earlier tenders in this regard stands cancelled.

Sd./- REGISTRAR
OIPR-44003/11/0009/2223

# ବଧିର ଟେଷ୍ଟ କ୍ରିକେଟ: ବେଙ୍ଗଲଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ବଧିର କ୍ରିକେଟ୍ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ହାଇଟେକ୍ ପଡ଼ିଆରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଏକ ଇନିଂସ ଓ ୫ ରନରେ ପରାଜିତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପ୍ରଥମ ଇନିଂସରେ ୭୮ ରନ୍ କରିଥିବାବେଳେ ଭ୍ରମଣକାରୀ ବେଙ୍ଗଲ ୧୧୩ ରନ୍ କରି ୩୫ ରନରେ ଅଗ୍ରଣୀ ହାସଲ କରିଥିଲା। ଓଡ଼ିଶାର ଦ୍ୱିତୀୟ ପାଳି ମାତ୍ର ୩୦ ରନରେ ଶେଷ ହୋଇ ଯାଇଥିଲା। ଫଳରେ ବେଙ୍ଗଲ ଏହି ମ୍ୟାଚ୍ ଜିତିଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ା ବିଭାଗର ଅଧିକାରୀ ରାଜେନ୍ଦ୍ର ପାଣି ଏବଂ ହାଇଟେକ୍ କଲେଜ୍ କ୍ରୀଡ଼ା ନିର୍ଦ୍ଦେଶକ ଲଳିତ ମହାନ୍ତି ଯୋଗଦେଇଥିଲେ।

# ଭାରତକୁ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ

ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି)

ଜର୍ଜିଆର ବାଟୁମିଠାରେ ବିଶ୍ୱ କ୍ୟାଡେଟ୍ ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ୮ ବର୍ଷରୁ କମ୍ (ବାଳିକା ଓ ବାଳକ), ୧୦ ବର୍ଷରୁ କମ୍ (ବାଳିକା ଓ ବାଳକ) ଓ ୧୨ ବର୍ଷରୁ କମ୍ (ବାଳିକା ଓ ବାଳକ) ବର୍ଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ମୋଟ ୭୪୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଭାରତରୁ ୨୫ ଜଣ ପ୍ରତିନିଧିତ୍ୱ କରିଥିଲେ। ଭାରତ ଏହି ପ୍ରତିଯୋଗିତାରୁ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛି। ଓଡ଼ିଶା ପାଇଁ ଗର୍ବର କଥା ହେଉଛି ଯେ, ଜଣେ ଓଡ଼ିଆ ଝିଅ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତା ଗୋଛିକାର ବାଳିକା ଦଳର ପ୍ରଶିକ୍ଷକ ଥିଲେ। ତାମିଲନାଡୁର ସୁବ୍ରମଣ୍ୟନ୍ ଏସ.ସି. ବାଳକ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ୍ (ଏଆଇସିଏଫ୍)ର ସମ୍ପାଦକ ବିପନେଶ ଭରଦ୍ୱାଜ ପ୍ରତିନିଧି ଦଳର ମୁଖ୍ୟ ଭାବେ ଯୋଗ ଦେଇଥିଲେ। ୧୨ ବର୍ଷରୁ କମ୍ ବାଳିକା ବର୍ଗରେ ଏଏଫ୍‌ଏମ୍ ଶୁଭି ଗୁପ୍ତା ସ୍ୱର୍ଣ୍ଣ, ୮ ବର୍ଷରୁ କମ୍ ବାଳିକା ବର୍ଗରେ ଚାରଭି ଏ. ସ୍ୱର୍ଣ୍ଣ ଏବଂ ୮ ବର୍ଷରୁ କମ୍ ଓପନ୍ ବର୍ଗରେ ଏଏଫ୍‌ଏମ୍ ସାଫିନ୍ ସଫରୁଲ୍ଲାଖାନ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅପରାଜିତାଙ୍କ ପ୍ରଶିକ୍ଷଣରେ ଉଭୟ ଚାରଭି ଓ ଶୁଭି ଶ୍ରେଷ୍ଠ ସଫଳତା ପାଇଛନ୍ତି। ମୋଟ ପଦକ ତାଲିକାରେ ରୁଷିଆ (ଫିଡେ ଭାବେ ପ୍ରତିନିଧିତ୍ୱ କରୁଥିବା) ୨ଟି ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଭାରତ ଦ୍ୱିତୀୟ ସ୍ଥାନରେ ଥିବାବେଳେ ୨ ସ୍ୱର୍ଣ୍ଣ ପଦକ ଜିତି ଫ୍ରାନ୍ସ ତୃତୀୟ ସ୍ଥାନରେ ରହିଛି।


ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ଶୁଭି ଗୁପ୍ତା ଓ ଚାରଭି ଏ.ଙ୍କ ସହ ଅପରାଜିତା ଗୋଛିକାର।



# ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ

**ଅହମଦାବାଦ, ୨୯।୯ (ପି.ଟି.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୩୬ତମ ଜାତୀୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ଗୁଜରାଟ ସୁଇମିଂ ଷ୍ଟାର ମାନା ପଟେଲ ଏକତାର ପ୍ରତିକାତ୍ମକ ମଶାଲ ଧରି ମଞ୍ଚକୁ ଆସି ପ୍ରଧାନମନ୍ତ୍ରୀଙ୍କୁ ହସ୍ତାନ୍ତର କରିଥିଲେ। ଏହି ଅବସରରେ ବହୁ ବର୍ତ୍ତମାନ ଓ ଅତୀତର କ୍ରୀଡ଼ା ଆଇକନ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ରହିଥିଲେ ଅଲିମ୍ପିକ ଚାମ୍ପିୟନ ନୀରଜ ଚୋପ୍ରା, ଅଲିମ୍ପିକ ପଦକ ବିଜୟିନୀ ପି.ଭି. ସିନ୍ଧୁ, ରବି ଦହିୟା, ମୀରାବାଈ ଚାନୁ, ଗଗନ ନାରଙ୍ଗ, ପୂର୍ବତନ ହକି ଅଧିନାୟକ, ହକି ଇଣ୍ଡିଆ ମୁଖ୍ୟ ଦିଲୀପ ତିର୍କୀ ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜୟିନୀ ଅଞ୍ଜୁ ବବି ଜର୍ଜ। ପ୍ରଧାନମନ୍ତ୍ରୀ ମଶାଲକୁ ପୋଡିୟମରେ ସ୍ଥାନିତ କରିଥିଲେ। ଏହି ଅବସରରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭,୦୦୦ରୁ ଅଧିକ ଆଥଲେଟଙ୍କୁ ସ୍ୱାଗତ କରିଥିଲେ।

# ଠକ୍‌ରାନଙ୍କୁ ଡବ୍ଲ୍ୟୁବିସି ଏସିଆ କଣ୍ଟିନେଣ୍ଟାଲ ଟାଇଟଲ



ବେଲ୍ଟ ପରିଧାନ କରୁଛନ୍ତି ଡବ୍ଲ୍ୟୁବିସି ଏସିଆ କଣ୍ଟିନେଣ୍ଟାଲ ଚାମ୍ପିୟନ ଶିବ ଠକରାନ।

**ବ୍ୟାଙ୍କକ୍, ୨୯।୯ (ପି.ଟି.):** ଭାରତୀୟ ସୁପର ମିଡିଲ ୱେଟ୍ ବକ୍ସର ଶିବ ଠକରାନ ଡବ୍ଲ୍ୟୁବିସି ଏସିଆ କଣ୍ଟିନେଣ୍ଟାଲ ଚାମ୍ପିୟନ ହୋଇଛନ୍ତି। ଏଠାରେ ଏକ ଟେକ୍‌ନିକାଲ ନକ୍‌ଆଉଟରେ ସେ ଆଦ୍‌ଲି ହାଫିଜ୍‌ଙ୍କୁ ହରାଇ ଦେଇଛନ୍ତି। ଠକ୍‌ରାନ ମାତ୍ର ୨୫ ବର୍ଷ ବୟସରେ ତାଙ୍କ ପ୍ରଫେସନାଲ ବକ୍ସିଂ କ୍ୟାରିୟର ଆରମ୍ଭ କରିଥିଲେ। ଅନ୍ୟ ଭାରତୀୟଙ୍କ ତୁଳନାରେ ସେ କମ୍ ବୟସରେ ତାଙ୍କ ପ୍ରଫେସନାଲ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୬ରେ ପ୍ରଫେସନାଲ ହେବା ପରଠାରୁ ଠକ୍‌ରାନ ୧୬ଟି ମୁକାବିଲାରେ ବିଜୟ ଲାଭ କରିଥିବା ବେଳେ ୩ଟିରେ ପରାଜୟ ବରଣ କରିଛନ୍ତି। ତନ୍ମଧ୍ୟରେ ୮ଟି ନକ୍‌ଆଉଟ ରହିଛି। କୋଭିଡ୍ ଲକ୍ ଡାଉନ ଓ କଟକଣା ଯୋଗୁ ଠକ୍‌ରାନଙ୍କୁ ଘରେ ବସି ରହିଥିବାକୁ ହୋଇଥିବା ବେଳେ ଗତ ୩ ବର୍ଷ ମଧ୍ୟରେ ଗ୍ଲୋବାଲ ସର୍କିଟରେ ଅନ୍ୟ ବକ୍ସରମାନେ ଯଥେଷ୍ଟ ଅଭିଜ୍ଞତା ହାସଲ କରିପାରିଛନ୍ତି।

# ବିଦେଶାଗତଙ୍କ ପାଇଁ କୋଭିଡ୍ ଟେଷ୍ଟ ଜରୁରୀ

ଜେନେଭା, ୨୯।୯ (ଏପି)

କାତାରରେ ହେବାକୁ ଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍ ଦେଖିବା ଲାଗି ଯିବାକୁ ଥିବା ଖେଳପ୍ରେମୀଙ୍କୁ କୋଭିଡ୍ ନେଗେଟିଭ୍ ପ୍ରମାଣପତ୍ର ଜରୁରୀ। ଆୟୋଜକଙ୍କ ପକ୍ଷରୁ ଗୁରୁବାର ଏହା ଘୋଷଣା କରାଯାଇଛି। ୧୮ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ସମସ୍ତ ଭ୍ରମଣକାରୀଙ୍କୁ ଏତେରାଜ ନାମକ ଏକ ସରକାରୀ ପରିଚାଳିତ ଫୋନ୍ ଆପ୍ଲିକେଶନ ଡାଉନ୍‌ଲୋଡ୍ କରିବାକୁ ହେବ। ଏହାଦ୍ୱାରା ଲୋକମାନଙ୍କ ଗତିବିଧିକୁ ଟ୍ରାକ୍ କରାଯାଇ ପାରିବ। କୌଣସି ସର୍ବସାଧାରଣ ଇନ୍‌ଡୋର ଅଞ୍ଚଳରେ ପ୍ରବେଶ ପାଇଁ ଏକ ଗ୍ରୀନ୍ ଏତେରାଜ ସାର୍ଟିଫିକେଟ ହାସଲକାରୀଙ୍କୁ ଅନୁମତି ମିଳିବ। ଯେଉଁମାନଙ୍କ ପାଖରେ କୌଣସି କୋଭିଡ୍ ଲକ୍ଷଣ ନ ଥିବ ସେମାନଙ୍କୁ ଏହା ମିଳିବ। ଦେଶରେ ପହଞ୍ଚିବାର ୪୮ ଘଣ୍ଟା ପୂର୍ବରୁ ଭ୍ରମଣକାରୀଙ୍କ ଏକ ଆରଟିପିସିଆର ଟେଷ୍ଟ ହୋଇଥିବ ଏବଂ ତାହା ପୁଣି ନେଗେଟିଭ ହୋଇଥିବା ଜରୁରୀ କିମ୍ବା ୨୪ ଘଣ୍ଟା ମଧ୍ୟରେ ଏକ ଅଫିସିଆଲ ରାପିଡ୍ ଟେଷ୍ଟ ହୋଇଥିବା ଜରୁରୀ। ୬ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ଭ୍ରମଣକାରୀ ଭ୍ୟାକ୍ସିନ ନେଇଥିଲେ ମଧ୍ୟ ସେମାନଙ୍କୁ କୋଭିଡ୍ ଟେଷ୍ଟ ନିୟମ ଦ୍ୱାରା ପରିଚାଳିତ ହେବାକୁ ପଡ଼ିବ। ନଭେମ୍ବର ୨୦ରୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟରେ ୧.୨ ନିୟୁତ ପର୍ଯ୍ୟଟକ ଆଶା କରାଯାଉଛି। ହେଲେ

**କାତାର ଫିଫା ବିଶ୍ୱକପ୍**

ଭ୍ୟାକ୍ସିନେଶନ ବାଧ୍ୟତାମୂଳକ କରାଯାଇ ନାହିଁ। କାତାରରେ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ଆଣ୍ଟିଜେନ୍ ଟେଷ୍ଟ ହୋଇଥିଲେ ତାହା ଗ୍ରହଣଯୋଗ୍ୟ ହେବ। ତେବେ ଏହି ଟେଷ୍ଟ ଅଫିସିଆଲ ମେଡିକାଲ ସେଣ୍ଟରରେ କରାଯାଇଥିବ। ବିଶ୍ୱକପ୍ ପବ୍ଲିକ ହେଲ୍‌ଥ ପଲିସି ସେପ୍ଟେମ୍ବର ୪ରୁ କାତାରରେ ପହଞ୍ଚୁଥିବା ସମସ୍ତ ପର୍ଯ୍ୟଟକଙ୍କ କ୍ଷେତ୍ରରେ ଲାଗୁ କରାଯାଇଛି। ପବ୍ଲିକ ଟ୍ରାନ୍ସପୋର୍ଟରେ ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି।

## ଫୁରସତ



"ମାଇଁ ନେମ୍ ଇଜ୍ ବିଜୟ ସାଲ୍‌ଗାଓଁକର...

# ଖୋଲିବ ମର୍ଡର ମିଷ୍ଟ୍ରି

**ନୂଆଦିଲ୍ଲୀ:** ସସ୍‌ପେନ୍ସରେ ଭରା 'ଦୃଶ୍ୟମ୍'ର ପ୍ରଥମ ଭାଗ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଖୁବ୍‌ଶୀଘ୍ର ଦୃଶ୍ୟମ୍-୨ ରିଲିଜ୍ ହେବାକୁ ଯାଉଛି। ଗୁରୁବାର ଫିଲ୍ମର ଟିଜର ମୁକ୍ତିଲାଭ କରିଛି। ଏହାର ବ୍ୟାକ୍‌ଗ୍ରାଉଣ୍ଡ୍‌ରେ ତବୁଙ୍କ ସ୍ୱର ଶୁଣିବାକୁ ମିଳୁଛି। ଡାଏଲଗ୍‌ରେ ତବୁ କହୁଛନ୍ତି, ମାଷ୍ଟରଷ୍ଟ୍ରୋକ୍। ପୋଲିସ ଡିପାର୍ଟମେଣ୍ଟର ଥଟ୍ଟା କରାଯାଇଛି। ଅପରାଧର ପ୍ରମାଣ ନ ମିଳିଲେ ଅପରାଧ ସ୍ୱୀକାର ହିଁ ସବୁଠୁ ବଡ଼ ପ୍ରମାଣ। ସଙ୍ଗେ ସଙ୍ଗେ ଭିଡିଓକୁ ଅଜୟ ଦେବଗନ୍ ଚାଲିଆସୁଛନ୍ତି। କ୍ୟାମେରା ଆଗରେ ସେ ଦୋଷ ମାନୁଥିବା ଟିଜରରେ ଦେଖିବାକୁ ମିଳିଛି। ୨୦୧୫ରେ ମୁକ୍ତିଲାଭ କରିଥିବା 'ଦୃଶ୍ୟମ୍'ର ଅଭିନେତ୍ରୀ ଶ୍ରୀୟା ସରନ୍, ଇଶିତା ଦତ୍ତ, ମୃଣାଳ ଯାଦବଙ୍କୁ ମଧ୍ୟ ଏହି ଟିଜରରେ ଦେଖିବାକୁ ମିଳିଛି। ପ୍ରକାଶଥାଉ କି, ଅଭିନେତା ଅଜୟ ଦେବଗନ 'ଦୃଶ୍ୟମ୍'ରେ ବିଜୟ ସାଲ୍‌ଗାଓଁକର୍ ଚରିତ୍ରରେ ଅଭିନୟ କରିଥିଲେ। ତାଙ୍କ ଝିଅ ଦ୍ୱାରା ଆକସ୍ମିକ ଭାବେ ହୋଇଥିବା ଏକ ହତ୍ୟାକାଣ୍ଡକୁ ଲୁଚାଇବା ସହ ପରିବାରକୁ ସୁରକ୍ଷା ଦେବା ପାଇଁ ବିଜୟ ସାଲ୍‌ଗାଓଁକର କିପରି ଚତୁରତାର ସହ ମାମଲା ଚପାଇ ଦେବାରେ ସକ୍ଷମ ହୋଇଥିଲେ, ତାହା ଦେଖିବାକୁ ମିଳିଥିଲା। ଅଭିଷେକ ପାଠକଙ୍କ ଦ୍ୱାରା ନିର୍ଦ୍ଦେଶିତ 'ଦୃଶ୍ୟମ୍ ୨' ଆସନ୍ତା ନଭେମ୍ବର ୧୮ରେ ମୁକ୍ତିଲାଭ କରିବ।

# ଗହଳିରୁ ରକ୍ଷାକରିବ ଏୟାର ଟାକ୍ସି

**ବେଙ୍ଗାଲୁରୁ:** ରାସ୍ତାରେ ଟ୍ରାଫିକ୍ ଜାମ୍ ହେଲେ ଦୀର୍ଘ ସମୟ ଅପେକ୍ଷା କରିବା ଅଧିକାଂଶଙ୍କ ପାଇଁ କାଠିକର ପାଠ। ଅନେକେ ଭାବନ୍ତି ଯଦି ଭିଡ଼ରୁ ଉଡ଼ିକରି ଯିବାର ସୁବିଧା ଥାଆନ୍ତା ତେବେ ସେମାନେ ନିଶ୍ଚୟ ଉଡ଼ିଯାଇଥାନ୍ତେ। ହେହଲେ ଏବେ ତାହା କେବଳ ଏକ ଭାବନା ସତ ହେବାକୁ ଯାଉଛି। ଟ୍ରାଫିକ୍ ଜାମ୍ ସମୟରେ ଏଥର ହେଲିକପ୍ଟର ସାହାଯ୍ୟରେ ରାସ୍ତା ପାର୍ କରିହେବ। ଲୋକଙ୍କ ପାଇଁ ଏପରି ସୁବିଧା ଟ୍ରାଫିକ୍ ଜାମ୍‌ର ସହର କର୍ଣ୍ଣାଟକର ବେଙ୍ଗାଲୁରୁରେ ହେବାକୁ ଯାଉଛି। ବ୍ଲେଡ୍ ଇଣ୍ଡିଆ ନାମକ ଏକ କମ୍ପାନୀ ଲୋକଙ୍କୁ ଟ୍ରାଫିକ୍ ଜାମ୍‌ରୁ ମୁକୁଳାଇବା ପାଇଁ ଏପରି ଅଫ୍‌ର ଦେଇଛି। ଏହି କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ଦ୍ୱାରା ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ପର୍ଯ୍ୟନ୍ତ ୨ଟି ହେଲିକପ୍ଟରର ସୁବିଧା ଯୋଗାଇଦେବ। ୧୦ ଅକ୍ଟୋବରରୁ ଏହି ସୁବିଧା ଆରମ୍ଭ କରାଯିବ। ଭିଡ଼ରୁ ବାହାରି ଲୋକେ ୧୨ ମିନିଟ୍‌ରେ ଯାଇ ଏୟାରପୋର୍ଟରେ ପହଞ୍ଚିପାରିବେ। ଏହି ଏୟାର ଟାକ୍ସିରେ ଥରକେ ୫ଜଣ ଯାତ୍ରୀ ଯାଇପାରିବେ। ହେଲେ ଏଥିପାଇଁ ସେମାନଙ୍କୁ ଦେବାକୁ ଅର୍ଥ ଦେବାକୁ ପଡିବ। ବାଙ୍ଗାଲୁରୁ ଅନ୍ତର୍ଜାତୀୟ ବିମାନବନ୍ଦର ଏବଂ ହାଲ୍ ମଧ୍ୟରେ ଏହି ଟ୍ୟାକ୍ସି ବ୍ୟବହାର କଲେ ସିଟ୍ ପିଛା ୩,୨୫୦ ଟଙ୍କା ଦେବାକୁ ପଡ଼ିବ। ଲୋକଙ୍କ ପାଇଁ ଏପରି ସେବା ପୂର୍ବାହ୍ନ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। ଲୋକଙ୍କୁ ଏୟାରପୋର୍ଟରେ ପହଞ୍ଚିବାକୁ ୧୨୦ ମିନିଟ୍ ସମୟ ଲାଗୁଥିବାବେଳେ ୧,୩୦୦ ଟଙ୍କା ଖର୍ଚ୍ଚ ହୋଇଥାଏ।



# ଶୂନ ମାଧ୍ୟାକର୍ଷଣରେ ଫୁଟ୍‌ବଲ୍ ମ୍ୟାଚ

**ଲିସ୍‌ବନ୍:** ଜିରୋ ଗ୍ରାଭିଟି ବା ଶୂନ ମାଧ୍ୟାକର୍ଷଣରେ ଫୁଟ୍‌ବଲ ମ୍ୟାଚ୍। ଅନେକଙ୍କୁ ଏହି କଥା ଆଶ୍ଚର୍ଯ୍ୟ ଲାଗୁଥାଇପାରେ। ହେଲେ ନିକଟରେ ପର୍ତ୍ତୁଗିଜ୍ ଫୁଟବଲ୍ ଲିଜେଣ୍ଡ ଲୁଇସ୍ ଫିଗୋଙ୍କ ସମେତ ଅନ୍ୟ ପ୍ରମୁଖ ଖେଳାଳି ପ୍ରାୟ ୨୦,୨୩୦ ଫୁଟ୍ ଉଚ୍ଚରେ ମ୍ୟାଚ୍ ଖେଳିଛନ୍ତି। ଏତେ ଉଚ୍ଚରେ ତଥା ଜିରୋ ଗ୍ରାଭିଟିରେ ଫୁଟବଲ୍ ଖେଳି ଅନ୍ତର୍ଜାତୀୟ ଖେଳାଳି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିଛନ୍ତି। ଏହି ମ୍ୟାଚ୍ ଏକ ସ୍ୱତନ୍ତ୍ର ବିମାନରେ ଖେଳାଯାଇଥିଲା। ଏହାକୁ ବିଶେଷଭାବେ ସେଟ୍‌ଅପ୍ କରାଯାଇ ପ୍ଲେନ୍ ମଧ୍ୟରେ ଏକ ଫୁଟ୍‌ବଲ୍ ପଡ଼ିଆ ପ୍ରସ୍ତୁତ କରାଯାଇଥିଲା। ଶୂନ ମାଧ୍ୟାକର୍ଷଣ ପରିବେଶ ସୃଷ୍ଟି ପାଇଁ ପ୍ଲେନ୍‌କୁ ପାରବୋଲିକ୍ ପାଥ୍‌ରେ ନିଆଯାଇଥିଲା। ମଜାଦାର କଥା ହେଉଛି, ଫିଗୋ ଏହି ମ୍ୟାଚରେ ନିଜ ରେଡ୍ ଟିମ୍‌କୁ ବିଜୟୀ କରାଇଥିଲେ। ୟେଲୋ ଟିମ୍ ରେଡ୍ ଟିମ୍‌କୁ ଟକ୍କର ଦେଇଥିଲେ ହେଁ ୨-୧ ଗୋଲ୍‌ରେ ପରାଜିତ ହୋଇଥିଲା।



# ଭାବ ଆଦାନପ୍ରଦାନକୁ ସହଜ କରେ ଅନୁବାଦ



**ଅନ୍ତର୍ଜାତୀୟ ଅନୁବାଦ ଦିବସ**

ସମସ୍ତେ ସବୁ ଭାଷା ବୁଝିପାରନ୍ତି ନାହିଁ। ସେଥିପାଇଁ ଭାଷାର ଅନୁବାଦ କରାଯାଇଥାଏ। ପାରସ୍ପରିକ ଭାବର ଆଦାନପ୍ରଦାନରେ ଅନୁବାଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନୁବାଦ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୩୦ରେ ଅନ୍ତର୍ଜାତୀୟ ଅନୁବାଦ ଦିବସ ପାଳନ କରାଯାଇଥାଏ। ଏହି ଦିବସ ଅନୁବାଦ ପେସାଦାରମାନଙ୍କୁ ସ୍ୱୀକୃତି ପ୍ରଦାନ କରୁଥିବା ଏକ ଅନ୍ତର୍ଜାତୀୟ ଦିବସ। ଏହା ବାଇବେଲ ଅନୁବାଦକ ସେଣ୍ଟ ଜେରୋମଙ୍କ ମହାପ୍ରୟାଣ ଦିବସକୁ ସ୍ମରଣ କରିବା ପାଇଁ ପାଳନ କରାଯାଇଥାଏ। ୨୪ ମେ ୨୦୧୭ରେ ଜାତିସଂଘର ସାଧାରଣ ସଭାରେ ଏହି ଦିବସ ପାଳନ ନେଇ ଏକ ପ୍ରସ୍ତାବ ପାରିତ ହୋଇଥିଲା। ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ଟ୍ରାନ୍ସଲେଟର୍ସ ବ୍ୟତୀତ ଏହି ସଂକଳ୍ପ ଗ୍ରହଣକୁ ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ୍ କନ୍‌ଫରେନ୍ସ ଇଣ୍ଟରପ୍ରେଟର୍ସ, କ୍ରିଟିକାଲ ଲିଙ୍କ୍ ଇଣ୍ଟରନ୍ୟାଶନାଲ, ଇଣ୍ଟରନ୍ୟାଶନାଲ ଆସୋସିଏଶନ ଅଫ ପ୍ରଫେଶନାଲ ଟ୍ରାନ୍ସଲେଟର୍ସ ଏବଂ ଇଣ୍ଟରପ୍ରେଟର୍ସ, ରେଡ ଟି, ୱାର୍ଲ୍ଡ ଆସୋସିଏଶନ ଅଫ୍ ସାଇନ ଭାଷା ଅନୁବାଦକ ସମେତ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏହି ଦିବସ ଅବସରରେ ଜାତିସଂଘରେ ଆରବ, ଚାଇନିଜ, ଇଂଲିଶ, ଫରାସୀ, ରୁଷୀୟ, ସ୍ପାନିଶ ଏବଂ ଜର୍ମାନରେ ଅନୁବାଦ ପାଇଁ ବାର୍ଷିକ ସେଣ୍ଟ ଜେରୋମ ଅନୁବାଦ ପ୍ରତିଯୋଗିତା ଆୟୋଜନ କରାଯାଇଥାଏ।


# ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଶ୍ରୀଧର ରାଉତ**

ଖମଙ୍ଗ, ବାଲିପାଟଣା, ଖୋର୍ଦ୍ଧା

ଆବିର୍ଭାବ-୦୧।୦୧।୧୯୫୧
ତିରୋଧାନ- ୧୯।୦୯।୨୦୨୨

ଆପଣ ଥିଲେ ଆମର ତଥା ସମଗ୍ର ଅଞ୍ଚଳ ପାଇଁ ମାର୍ଗ ଦର୍ଶକ। ବାଲିପାଟଣା ଅଞ୍ଚଳକୁ ଆପଣ ଶିକ୍ଷାର ଆଲୋକରେ ଆଲୋକିତ କରିଛନ୍ତି। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଶୋକସନ୍ତପ୍ତ: ଭ୍ରାତା, ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।

ଧ-୭୩୯୭୮

୨ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପ୍ରସନ୍ନ କୁମାର ତ୍ରିପାଠୀ**

ଆଇଆର୍‌ସି. ଭିଲେଜ, ଭୁବନେଶ୍ୱର

ଆବିର୍ଭାବ: ତା୩୧।୧୨।୫୧
ତିରୋଧାନ: ତା୨୧।୦୯।୨୦

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ଆମକୁ ଲାଗୁଛି ଆପଣ ଆମ ନିକଟରେ ଅଛନ୍ତି। ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ କର୍ମମୟ ଜୀବନଧାରା ଆମ୍ଭମାନଙ୍କୁ ସର୍ବଦା ପ୍ରେରଣା ଦେଉଅଛି। ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପତ୍ନୀ, କନ୍ୟା, ଜାମାତା ଓ ନାତି ତଥା ପରିବାରବର୍ଗ।

ଧ-୭୩୩୫୨

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ପୀତାମ୍ବର ପଟ୍ଟନାୟକ**

ମାତୃଭବନ, କଟକରୋଡ, ଭୁବନେଶ୍ୱର-୬

ଆବିର୍ଭାବ - ୦୧/୦୯/୧୯୦୭
ତିରୋଧାନ - ୨୮/୦୯/୧୯୮୪

ବାପା, ଆପଣଙ୍କର ୩୮ ତମ ଶ୍ରାଦ୍ଧଦିବସରେ ଆପଣଙ୍କର ତ୍ୟାଗପୂତ ଜୀବନରେ ସ୍ମୃତି ସ୍ମରଣ କରି ଆପଣଙ୍କର ଆଦର୍ଶମୟ ଜୀବନର ଏକନିଷ୍ଠ କର୍ତ୍ତବ୍ୟ ପରାୟଣତା ଓ ମହାନୁଭବତାକୁ ଆମ ଜୀବନର ସର୍ବଶ୍ରେଷ୍ଠ ପଥେୟ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

ଶୋକସନ୍ତପ୍ତ

ବୁଢ଼ା, ଫକୁ, ପତୁ, ପରୁ, ଲକ୍ଷ୍ମୀଧର, ପ୍ରଜ୍ଞା, ପ୍ରାଚୀ, ପୂଜା, ନାତି, ନାତୁଣୀ, ପରିବାରବର୍ଗ ଓ ନୀଳମଣି ଡେଣ୍ଟାଲ କ୍ଲିନିକ୍ ଏବଂ ଶାନ୍ତା ମେମୋରିଆଲ ଟ୍ରଷ୍ଟ ର ସଦସ୍ୟ।

ଧ-୭୩୮୭୮



ରୁଦ୍ର ପ୍ରସନ୍ନ ରଥ

# ଅଟକିଗଲା ଚକଦା ଏକ୍ସପ୍ରେସ୍

**ଭାରତୀୟ ମହିଳା କ୍ରିକେଟରେ ଚକଦା ଏକ୍ସପ୍ରେସଭାବେ ପରିଚିତ ଥିଲେ ଝୁଲଣ ଗୋସ୍ୱାମୀ। ଗତ ଦୁଇ ଦଶନ୍ଧି ମଧ୍ୟରେ ଅନେକ କୀର୍ତ୍ତିମାନ ସ୍ଥାପନ ପରେ ଏହି ଏକ୍ସପ୍ରେସ ଗତିରେ ବିରାମ ଲାଗିଛି। ୨୦୨୨ ସେପ୍ଟେମ୍ବର ୨୪ ତାରିଖ ଦିନ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା କ୍ରିକେଟ୍‌କୁ ଅଲ୍‌ବିଦା ଜଣାଇଛନ୍ତି ଏହି ତାରକା ବୋଲର...**



ଶେଷରେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ବିଶ୍ରାମ ନେଇଛି ଚକଦା ଏକ୍ସପ୍ରେସ୍। ଦୀର୍ଘ ଦୁଇ ଦଶନ୍ଧି ଧରି ଭାରତୀୟ ମହିଳା କ୍ରିକେଟ୍ ଟ୍ରାକ୍‌ରେ ହୁଙ୍କାର ଭରି ଦ୍ରୁତଗତିରେ ଦୌଡି ଚକଦା ଏକ୍ସପ୍ରେସ୍ ବିପକ୍ଷ ମନରେ ଭୟ ସୃଷ୍ଟି କରୁଥିଲା ଏବେ ଏହାର ଗତିରେ ବିରାମ ଲାଗିଛି। ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତୀୟ କ୍ରିକେଟ୍‌ରେ ଏହି ଏକ୍ସପ୍ରେସ୍ ଅନବରତଭାବେ ଦୌଡି ଅନେକ କୀର୍ତ୍ତିମାନ ସ୍ଥାପନ କରିଛି। ଝୁଲଣ ନିସହିତ୍ ଗୋସ୍ୱାମୀ– ପୂରା ନାମ। ଜନ୍ମ ୨୫ ନଭେମ୍ବର ୧୯୮୨ରେ ନଦିଆ ଜିଲାର ଛୋଟ ସହର ଚକଦାରେ। ମଧ୍ୟବିତ୍ତ ବଙ୍ଗାଳୀ ପରିବାର। ମଧ୍ୟବିତ୍ତ ପରିବାର କହିଲେ ପାଠଶାଠ ପଢି ମଣିଷ ହେବା ହିଁ ସବୁକିଛି। ସବୁକଥାରେ କଟକଣା। ଝିଅ ହେଲେ ତ କଥା ସରିଲା। କଟକଣାର ଏରୁଣ୍ଡି ବନ୍ଧ ଡେଇଁ ନିଜର ପରିଚୟ ସୃଷ୍ଟି କରିବା କାଠିକର ପାଠ। ତଥାପି ଝୁଲଣ ଏଥିରେ ହାରିଯାଇ ନ ଥିଲେ। ୧୫ ବର୍ଷ ବୟସରୁ କ୍ରିକେଟ୍‌କୁ ଭଲ ପାଇ ବସିଲେ। ଧୀରେ ଧୀରେ କ୍ରିକେଟ ତାଙ୍କ ଶୈଶବର ଝୁଙ୍କ ପାଲଟିଗଲା। ଆଉ ଯୌବନର ପରିଚୟ। ୧୯୯୨ରେ ଟିଭିରେ ବିଶ୍ୱକପ୍ କ୍ରିକେଟ ଦେଖି ସେ କ୍ରିକେଟ୍‌କୁ ଭଲପାଇ ବସିଲେ। ଚକଦାରେ ଖେଳିବା ପାଇଁ ବିଶେଷ ସୁବିଧା ନ ଥିଲା। ଝୁଲଣ ବାଧ୍ୟ ହୋଇ କୋଲକାତା ଆସିଲେ।

ଝୁଲଣ ଯେତେବେଳେ କ୍ରିକେଟ ଖେଳିବା ଆରମ୍ଭ କଲେ ସେତେବେଳେ ପୁରୁଷ କ୍ରିକେଟ ହିଁ ସବୁକିଛି ଥିଲା। ମହିଳା କ୍ରିକେଟ ଯଦିଓ ଜନ୍ମଲାଭ କରିଥିଲା ତଥାପି ଏଥିରେ ଖେଳିବାକୁ ବେଶି ପାରିଶ୍ରମିକ ମିଳୁ ନ ଥିଲା। ଏବେ ବି ଭାରତୀୟ ମହିଳା ଖେଳାଳିଙ୍କ ପାଇଁ ଆବଶ୍ୟକ ମ୍ୟାଚ ଖେଳିବାକୁ ମିଳୁନାହିଁ। ତେବେ ଆଜି ମହିଳା କ୍ରିକେଟ୍‌ର ସ୍ୱରୂପ ଯଦି ବଦଳିଛି ତାହାର ଗୋଟିଏ ବଡ଼ ଭାଗର ଶ୍ରେୟ ଯିବ ଝୁଲଣଙ୍କ ପାଖକୁ। ୨୦୦୨ରେ ଝୁଲଣ ନିଜର ଏକଦିବସୀୟ ଏବଂ ଟେଷ୍ଟ କ୍ରିକେଟ ଆରମ୍ଭ କରିଥିଲେ ଇଂଲଣ୍ଡ ବିପକ୍ଷରେ। ଏହି କୋଡିଏ ବର୍ଷରେ ସେ ଖେଳିଛନ୍ତି ମାତ୍ର ୧୨ଟି ଟେଷ୍ଟ, ୨୦୪ଟି ଏକଦିବସୀୟ ଏବଂ ୬୮ଟି ଟି୨୦ ମ୍ୟାଚ। ଏକଦିବସୀୟରେ ବିଶ୍ୱରେ ସର୍ବାଧିକ ଉଇକେଟ ହାସଲକାରୀ ହିସାବରେ ସେ ପାଇଛନ୍ତି ୨୫୫ଟି ଉଇକେଟ ଏବଂ ଟେଷ୍ଟରେ ୪୪ ଓ ଟି୨୦ରେ ୫୬ ଉଇକେଟ। ଝୁଲଣଙ୍କ ଦୁର୍ଭାଗ୍ୟ ଭାରତୀୟ ମହିଳାଦଳକୁ ଖେଳିବାପାଇଁ ବେଶି ଟେଷ୍ଟ ମ୍ୟାଚ ମିଳି ନାହିଁ। ଆଇସିସି ଟୁର୍ନାମେଣ୍ଟ ଛଡା ଦ୍ୱିପାକ୍ଷିକ ଶୃଙ୍ଖଳା ବି ଭାରତ ବେଶି ଖେଳିପାରି ନାହିଁ। ନ ହେଲେ ଏହି ରେକର୍ଡ କାହିଁ କେତେଗୁଣରେ ଅଧିକ ହୋଇଥାନ୍ତା। ଏହା ସତ୍ତ୍ୱେ ବି ସେ ନିଜ କ୍ୟାରିୟର ଭିତରେ ଅନେକ ସଫଳତା ପାଇଛନ୍ତି। ଭାରତୀୟ ଜାତୀୟ କ୍ରିକେଟ ଦଳର ଅଧିନାୟକ ପଦ ସହ ୨୦୦୭ରେ ଆଇସିସିର ମହିଳା କ୍ରିକେଟର ଅଫ ଦ ଇୟର ପୁରସ୍କାର ହାସଲ କରିଛନ୍ତି। ୨୦୧୦ରେ ଭାରତ ସରକାରଙ୍କଠାରୁ ଅର୍ଜ୍ଜୁନ ପୁରସ୍କାର ଏବଂ ୨୦୧୨ରେ ପଦ୍ମଶ୍ରୀ ପୁରସ୍କାର ବି ପାଇଛନ୍ତି। ଭାରତ ବିଶ୍ୱକପରେ ଜିତି ନ ପାରିବା ବୋଧହୁଏ ତାଙ୍କର ଏକମାତ୍ର ଅବସୋସ ଥିବ। ତେବେ ମଣିଷର ସବୁ ଆଶା ପୂରଣ ହୁଏ ନାହିଁ। କ୍ରିକେଟରଙ୍କ ସବୁ ଆଶା ବି ପୂରଣ କେମିତି ହେବ। ନିଜ ବନ୍ଧୁ ମହଲରେ ଗୋଜି ବୋଲି ପରିଚିତ ଝୁଲଣ ଭାରତୀୟ ମହିଳା କ୍ରିକେଟ୍‌ର ଜଣେ ଆଇକନ୍ ବୋଲି ନିଶ୍ଚିତ ରୂପେ କୁହାଯାଇ ପାରିବ। ସେ ନିଜର ବୋଲିଂରେ କେବଳ ଯେ ବିପକ୍ଷ ଦଳର ଉଇକେଟ ନେଇଛନ୍ତି ତା' ନୁହେଁ, ବରଂ ଭାରତୀୟ ମହିଳାମାନଙ୍କୁ ବେଶ୍ ଉତ୍ସାହିତ କରିଛନ୍ତି ମଧ୍ୟ। କ୍ରିକେଟ ପରି ଏକ କଷ୍ଟସାଧ୍ୟ ଖେଳରେ ଅବଳା ଭାରତୀୟ ମହିଳା ବିଶ୍ୱର ସର୍ବଶ୍ରେଷ୍ଠ ମଞ୍ଚରେ ନିଜର କୃତିତ୍ୱର ସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇପାରେ ତାହା ପ୍ରମାଣିତ କରିଛନ୍ତି। ତାଙ୍କୁ ଦେଖି ଅନେକେ ଖେଳାଳି ହେବାକୁ ମନ ବଳାଇଛନ୍ତି। ମହିଳାମାନେ ବି କ୍ରିକେଟରେ ସଫଳ ହୋଇ ପାରିବେ ତାହା ସେ ଦେଖାଇ ଦେଇଛନ୍ତି।

ଭାରତୀୟ କ୍ରିକେଟକୁ ଝୁଲଣଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ତାଙ୍କ ନାମରେ ଚକଦା ଏକ୍ସପ୍ରେସ୍ ବାଓପିକ୍ ଅଛି ପୁଣି ଭାରତ ସରକାର ଝୁଲଣଙ୍କ ନାମରେ ଡାକ ଟିକେଟ ବି ବାହାର କରି ମହିଳା କ୍ରିକେଟ୍‌କୁ ତାଙ୍କର ଅବଦାନକୁ ସ୍ୱୀକାର କରିଛନ୍ତି। ଭାରତୀୟ ମହିଳା କ୍ରିକେଟରେ ଝୁଲଣ ଜଣେ ଥିଲେ ଆଉ ସେ ଜଣେ ହିଁ ରହିବେ।

କ୍ୟାରିୟରର ଶେଷ ବେଳକୁ ସେ ଭାରତୀୟ ଦଳର ବୋଲିଂ ପରାମର୍ଶଦାତା ହୋଇ ରହିଥିଲେ। ପୁଣି ନିଜକୁ ଜଣେ କୋଚ୍ ଏବଂ ଖେଳାଳି ଭାବେ ଦଳ ସହ ଯାତ୍ରା କରୁଥିଲେ। ଢେର ଦିନରୁ ସେ ମହିଳା ଟି୨୦ ଦଳରୁ ଅବ୍ୟାହତି ନେଇସାରିଥିଲେ। ଆଉ ଶେଷରେ ୨୦୨୨ ସେପ୍ଟେମ୍ବର ୨୪ ତାରିଖ ଦିନ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ମ୍ୟାଚରେ ନିଜର ଶେଷ ଓଭରରେ ଉଇକେଟ ନେଇ ଭାରତୀୟ ମହିଳା କ୍ରିକେଟକୁ ସବୁଦିନ ପାଇଁ ଅଲ୍‌ବିଦା କହିଦେଲେ।

ଯାହା ଜଣାପଡୁଛି ଝୁଲଣ ସିନା ମହିଳା କ୍ରିକେଟକୁ ଅଲ୍‌ବିଦା କହିଦେଲେ ହେଲେ କ୍ରିକେଟ ତାଙ୍କୁ ଏତେ ସହଜରେ ଛାଡିଲା ପରି ଲାଗୁନାହିଁ। ଝୁଲଣଙ୍କର ଗତ ଦୁଇ ଦଶନ୍ଧିର ମହାର୍ଘ ଅନୁଭୂତି ଭାରତୀୟ ମହିଳା କ୍ରିକେଟ ପାଇଁ ଯେ ନିହାତି ଆବଶ୍ୟକ ତାହା ଯେ କେହି ଆଖି ବୁଜି କହି ଦେଇ ପାରିବ। ତେଣୁ ଆଗାମୀ ଦିନରେ ସେ ଭାରତୀୟ ମହିଳା ଦଳର କୋଚ୍ କିମ୍ବା ବୋଲିଂ ପରାମର୍ଶଦାତାଭାବେ ଦୀର୍ଘ ମିଆଦୀ ନିଯୁକ୍ତି ପାଇଲେ ଏହା ଭାରତୀୟ କ୍ରିକେଟ ପାଇଁ ଏକ ବରଦାନ ହେବ।

# ହକି ଲୋକପ୍ରିୟତା ପଛରେ ଓଡ଼ିଶା



ନିର୍ମଳ କୁମାର ମିଶ୍ର

ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ପାଇଁ ହକି ଖେଳର ଲୋକପ୍ରିୟତା ବୃଦ୍ଧି ପାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଓଡ଼ିଶା ସରକାର ଉଭୟ ମହିଳା ଓ ପୁରୁଷ ହକି ଦଳର ପ୍ରାୟୋଜକ ରହିଛନ୍ତି। କ୍ରିକେଟର ଲୋକପ୍ରିୟତା ସତ୍ତ୍ୱେ ଓଡ଼ିଶା ଦର୍ଶକ ହକିକୁ ଭରପୂର ସମର୍ଥନ ଦେଇଆସିଛନ୍ତି। ଯାହା ଫଳରେ ଓଡ଼ିଶା ଅନ୍ତର୍ଜାତୀୟ ହକି ଆୟୋଜନର ଏକ ହବ୍ ପାଲଟି ଯାଇଛି। ରାଜ୍ୟ ସରକାର ପ୍ରତ୍ୟକ୍ଷ ଭାବେ ଭାରତୀୟ ହକିକୁ ସହଯୋଗର ହାତ ବଢ଼ାଇବା ସହ ଗୋଟିଏ ପରେ ଗୋଟିଏ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ କରି ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଛନ୍ତି। ଦୀର୍ଘଦିନ ପରେ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ଜିତିବା ସହିତ ମହିଳା ହକି ଦଳ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଫଳରେ ଭାରତୀୟ ହକିର ହୃତଗୌରବ ଫେରୁଛି କହିଲେ ଭୁଲ୍ ହେବନାହିଁ।

ଓଡ଼ିଶାରେ ଲଗାତର ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା ଆୟୋଜନ ହେଉଥିବାରୁ ଅନ୍ୟ କେତେକ ରାଜ୍ୟ ଈର୍ଷା ପୋଷଣ କରୁଛନ୍ତି। ଏପରି କି କେତେକ ୟୁରୋପୀୟ ରାଷ୍ଟ୍ର ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଥର ବିଶ୍ୱକପ ଆୟୋଜନକୁ ସମାଲୋଚନା କରିଛନ୍ତି। ମାତ୍ର ଅନ୍ତର୍ଜାତୀୟ ହକି ମହାସଂଘ ଏପରି ବିରୋଧକୁ ଚତୁରତାର ସହ ମୁକାବିଲା କରି ପ୍ରତିବନ୍ଧକକୁ ଏଡାଇ ଦେଇଛନ୍ତି। ସୁନ୍ଦରଗଡଠାରେ ବିଶ୍ୱସ୍ତରୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେଠାରେ ଯେପରି ଅନ୍ତର୍ଜାତୀୟ ସ୍ତରର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ ଏବଂ ଓଡ଼ିଶାର ସମ୍ମାନ ଯେପରି ଅକ୍ଷୁଣ୍ଣ ରହିବ ସେଥିପ୍ରତି ସତର୍କ ଦୃଷ୍ଟି ରଖା ଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଭାରତ ଯଦି କୌଣସି ବର୍ଗର ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଉଛି ତେବେ ଅନ୍ୟ ସମସ୍ତ ରାଜ୍ୟକୁ ପଛରେ ପକାଇ ଓଡ଼ିଶା ପ୍ରଥମ ପସନ୍ଦ ବିବେଚିତ ହେଉଛି। ଅନ୍ତର୍ଜାତୀୟ ସ୍ତରର ଭିତ୍ତିଭୂମି, ଅତିଥିମାନଙ୍କୁ ଭବ୍ୟ ସ୍ୱାଗତ, ପ୍ରାୟୋଜକଙ୍କ ଆଗ୍ରହ, ଷ୍ଟାଡିୟମରେ ଭରପୂର ଦର୍ଶକ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଅନେକ ପୂର୍ବତନ ଅନ୍ତର୍ଜାତୀୟ ହକି ଖେଳାଳି ଓଡ଼ିଶାକୁ ଭୂୟସୀ ପ୍ରଶଂସା କରିଛନ୍ତି। ପ୍ରାୟୋଜକକୁ ନେଇ ଆମ ପାରମ୍ପରିକ ଖେଳ ହକି ସଙ୍କଟରେ ପଡ଼ିଥିବାବେଳେ ଓଡ଼ିଶା ସରକାରଙ୍କ ସମର୍ଥନ ଯୋଗୁ ଏବେ ପୁଣି ଉତ୍ଥାନ ପଥରେ ରହିଛି।

ହକି ପାଇଁ ଭୁବନେଶ୍ୱର ଦେଶର କ୍ରୀଡା ରାଜଧାନୀ ରୂପେ ଅଭିହିତ ହେବା ନିଶ୍ଚିତ ଆମ ପାଇଁ ଗର୍ବ ଓ ଗୌରବ। ଓଡ଼ିଶା ଜାତୀୟ ହକି ଦଳର ପ୍ରାୟୋଜକ ହେବା ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟ ସରକାରଙ୍କର ଏପରି ପ୍ରୟାସ ପରୋକ୍ଷରେ ଖେଳ ଦୁନିଆ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ୨୦୧୪ରେ ଚାମ୍ପିୟନ୍ସ ଟ୍ରଫି, ୨୦୧୭ରେ ବିଶ୍ୱ ହକି ଲିଗ୍ ଫାଇନାଲ୍ସ, ୨୦୧୮ରେ ହକି ବିଶ୍ୱକପ୍, ୨୦୧୯ରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ, ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ, ଏଫ୍‌ଆଇଏଚ୍ ପ୍ରୋ–ଲିଗ୍ ପରି ଅନ୍ତର୍ଜାତୀୟ ପ୍ରତିଯୋଗିତା ଦୀର୍ଘ ୮ ବର୍ଷ ଧରି ଆୟୋଜନ କରିବା ସହିତ ବେଶ୍ ସଫଳତା ପାଇଛି। ଏହା ନିଶ୍ଚିତ ଯେ କଳିଙ୍ଗ ଷ୍ଟାଡିୟମ ବିଶ୍ୱ ହକିର ପ୍ରାଣକେନ୍ଦ୍ର ହେବା ସହିତ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ହକି ଓ ଓଡ଼ିଶାର ସମ୍ପର୍କ ବହୁ ପୁରୁଣା।




ହକି ବିଶ୍ୱକପ ଲୋଗୋ ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଭୁବନେଶ୍ୱର ପରେ ରାଉରକେଲାରେ ଏକ ବିଶ୍ୱସ୍ତରୀୟ ଷ୍ଟାଡିୟମ ନିର୍ମାଣ ହେବା ଏବଂ ୨୦୨୩ରେ ବିଶ୍ୱକପ୍‌ର ୨୦ଟି ମ୍ୟାଚ ସେଠାରେ ଖେଳାଯିବା ନିଶ୍ଚିତ ରୂପେ ସ୍ୱତନ୍ତ୍ର ଅନୁଭୂତି ଆଣିବ।

ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ୨୦୨୩ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଓ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ନବନିର୍ମିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ୨୦ହଜାରରୁ ଉର୍ଦ୍ଧ୍ୱ ଦର୍ଶକ ମ୍ୟାଚ ଉପଭୋଗ କରିବା ସୁଯୋଗ ପାଇବେ। ତେଣୁ ନିଶ୍ଚିତ ରୂପେ ଏହା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଷ୍ଟାଡିୟମର ମାନ୍ୟତା ପାଇବ। ବିଶ୍ୱର ଶ୍ରେଷ୍ଠ ଷ୍ଟାଡିୟମଗୁଡିକର ସମସ୍ତ ସୁବିଧା ସୁଯୋଗ ଏଥିରେ ଉପଲବ୍ଧ ରହିବ। ଦୁଇଟି ଭେନ୍ୟୁରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଲଢେଇ କରିବେ। କେଉଁ ଦଳ କେଉଁ ଗ୍ରୁପରେ ରହିବେ ସେପ୍ଟେମ୍ବର ୮ରେ ଡ୍ର'ପରେ ତାହା ସ୍ପଷ୍ଟ ହୋଇଛି।

ଓଡ଼ିଶାରେ କ୍ରମାଗତ ଦ୍ୱିତୀୟ ଓ ଭାରତରେ ମୋଟ ୪ର୍ଥ ଥର ହକି ବିଶ୍ୱକପ ଆୟୋଜନ ହେବାକୁ ଯାଉଛି। ବିଶ୍ୱକପ ପାଇଁ ହୋଇଥିବା ଡ୍ର' ଅନୁସାରେ ପୁଲ୍–ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଫ୍ରାନ୍ସ ଏବଂ ଆର୍ଜେଣ୍ଟିନା ରହିଛନ୍ତି। ପୁଲ୍–ବି'ରେ ବେଲଜିୟମ, ଜାପାନ, କୋରିଆ, ଜର୍ମାନୀ, ପୁଲ୍–ସି'ରେ ନେଦରଲାଣ୍ଡସ୍, ଚିଲି, ମାଲେସିଆ, ନ୍ୟୁଜିଲାଣ୍ଡ ଏବଂ ପୁଲ୍–ଡି'ରେ ଆୟୋଜକ ଭାରତ ସହିତ ୱେଲ୍ସ, ସ୍ପେନ୍, ଇଂଲଣ୍ଡ ସ୍ଥାନ ପାଇଛି। ୱାର୍ଲ୍ଡ ନଂ–୧ ଅଷ୍ଟ୍ରେଲିଆ, ବିଶ୍ୱ ଚାମ୍ପିୟନ ବେଲଜିୟମ ଏବଂ ପୂର୍ବତନ ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡସ୍ ଏବଂ ଜର୍ମାନୀ ପରି ଦଳଠାରୁ ଦୂରରେ ରହିଥିବାରୁ ଗ୍ରୁପ–ଡି'ରେ ଶକ୍ତିଶାଳୀ ଇଂଲଣ୍ଡ ସହିତ ଭାରତର କଡ଼ା ମୁକାବିଲା ହେବା ଆଶା କରାଯାଏ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ସହ ୪–୪ରେ ମ୍ୟାଚ ଡ୍ର ରଖିଥିଲା ଭାରତ। ୨୦୧୮ ବିଶ୍ୱକପରେ ଭାରତ ମନପ୍ରୀତ ସିଂଙ୍କ ନେତୃତ୍ୱରେ ଚାମ୍ପିୟନ ବେଲଜିୟମ ସହ ୨–୨ ଡ୍ର ରଖିଥିବା ବେଳେ ନେଦରଲାଣ୍ଡସ୍‌ଠାରୁ କ୍ୱାର୍ଟର ଫାଇନାଲରେ ୧–୨ରେ ହାରିଯାଇଥିଲା। ଘରୋଇ ପରିବେଶରେ କ୍ରମାଗତ ଦ୍ୱିତୀୟ ଥର ଖେଳୁଥିବାରୁ ଏଥର ଭାରତ ପାଇଁ ଟାଇଟଲ ବିଜୟର ସୁଯୋଗ ରହିବ।

**ଅତୀତ ସ୍ମୃତିରୁ**



ଅଶୋକ ମହାନ୍ତି

# ଓଡ଼ିଶାର କିମ୍ବଦନ୍ତୀ କ୍ରୀଡ଼ାବିତ୍ ହାଇଜମ୍ପ କୁଇନ୍ ଉଷା

**ରାଜ୍ୟର ମହିଳା କ୍ରୀଡ଼ାବିତ୍‌ଙ୍କ ସଫଳତାର ଯାତ୍ରା ପ୍ରକୃତରେ ଆରମ୍ଭ ହୋଇଥିଲା ୭୦ ଦଶକରୁ ଏବଂ ଏହି ଧାରାର ଆଦ୍ୟ ସଫଳ ନାୟିକା ଥିଲେ ଉଷାରାଣୀ ମିଶ୍ର। ୭୦ ଦଶକରେ ରାଜ୍ୟର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ର ମାନ୍ୟତା ପାଇଥିବା ଉଷା ଦୌଡ଼କୁଦର ଚାରୋଟି ପ୍ରମୁଖ ବିଭାଗ ୧୦୦ମି. ସ୍ପ୍ରିଣ୍ଟ, ହର୍ଡଲ୍ସ, ଲଙ୍ଗଜମ୍ପ ଓ ହାଇଜମ୍ପରେ ବିଶେଷ ଦକ୍ଷତା ହାସଲ କରିଥିଲେ...**

ଗତ ନବେ ଦଶକ ପରଠାରୁ ରାଜ୍ୟର ମହିଳା କ୍ରୀଡ଼ାବିତ୍‌ମାନଙ୍କର ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସଫଳତା ଜାରିରହିଛି। ବିଶେଷ ଭାବେ ଦୌଡ଼କୁଦ ଏବଂ ହକିରେ ଆମର ମହିଳା କ୍ରୀଡ଼ାବିତ୍‌ମାନେ ସେମାନଙ୍କର ଉଚ୍ଚକୋଟୀର ପ୍ରଦର୍ଶନ ମାଧ୍ୟମରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଅନ୍ତର୍ଜାତୀୟ ଦୌଡ଼କୁଦରେ ରାଜ୍ୟର ପ୍ରଥମ ପଦକ ବିଜେତା ପ୍ରଣତି ମିଶ୍ର (୧୯୯୦ ସିଓଲ ଏସୀୟ କ୍ରୀଡ଼ାର ୪ × ୪୦୦ ମି. ରିଲେରେ ରୌପ୍ୟ ପଦକ)ଙ୍କଠାରୁ ଆରମ୍ଭ ହୋଇଥିବା ଏହି ସଫଳତାର ଧାରା ପରବର୍ତ୍ତୀ ସମୟରେ ଯେଉଁ କ୍ରୀଡ଼ାବିତ୍‌ମାନେ ବଜାୟ ରଖି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ରଚିତା ପଣ୍ଡା, ଅନୁରାଧା ବିଶ୍ୱାଳ, ସୁଷମା ବେହେରା, ସାହେବାଣୀ ଓରାମ, ଜଉନା ମୁର୍ମୁ, ପୂର୍ଣ୍ଣିମା ହେମ୍ବ୍ରମ୍, ଶ୍ରାବଣୀ ନନ୍ଦ ଏବଂ ବର୍ତ୍ତମାନ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ଧାବିକା ଦୂତୀ ଚାନ୍ଦ।

ଏହି ପରିପ୍ରେକ୍ଷୀରେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟର ମହିଳା କ୍ରୀଡ଼ାବିତ୍‌ଙ୍କ ସଫଳତାର ଯାତ୍ରା ପ୍ରକୃତରେ ଆରମ୍ଭ ହୋଇଥିଲା ୭୦ ଦଶକରୁ ଏବଂ ଏହି ଧାରାର ଆଦ୍ୟ ସଫଳ ନାୟିକା ଥିଲେ ଉଷାରାଣୀ ମିଶ୍ର। ୭୦ ଦଶକରେ ରାଜ୍ୟର ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍‌ର ମାନ୍ୟତା ପାଇଥିବା ଉଷା ଦୌଡ଼କୁଦର ଚାରୋଟି ପ୍ରମୁଖ ବିଭାଗ ଯଥା– ୧୦୦ମି. ସ୍ପ୍ରିଣ୍ଟ, ହର୍ଡଲ୍ସ, ଲଙ୍ଗଜମ୍ପ ଓ ହାଇଜମ୍ପରେ ବିଶେଷ ଦକ୍ଷତା ହାସଲ କରିଥିଲେ। ୧୯୫୮ରେ ଜନ୍ମିତ ଉଷା କଟକସ୍ଥିତ ସନତନକିନୀ ବାଳିକା ବିଦ୍ୟାଳୟରେ ପଢୁଥିବା ସମୟରେ ଦୌଡ଼କୁଦ ପ୍ରତି ଆକର୍ଷିତ ହୋଇଥିଲେ। ଏହି ଲେଖକ ସହିତ ଟେଲିଫୋନ ବାର୍ତ୍ତାଳାପରେ ପ୍ରକାଶ କରିଥିବା ତାଙ୍କର ବକ୍ତବ୍ୟ ଥିଲା ଏହିପରି– ''ବିଦ୍ୟାଳୟରେ ପଢୁଥିବା ସମୟରେ ମୁଁ ହଷ୍ଟେଲରେ ଅବସ୍ଥାନ କରୁଥିଲି ଏବଂ କଠୋର ଅନୁଶାସନ ମଧ୍ୟରେ ରହୁଥିଲି। ଆମ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷୟିତ୍ରୀ ଆଇରନ ଲତିକା ଦାସ (ଯିଏକି କ୍ରୀଡ଼ା ମହଲରେ ଆଇରନ ଦିଦି ଭାବେ ପରିଚିତ ଥିଲେ) ମୋତେ କ୍ରୀଡ଼ା କାର୍ଯ୍ୟକ୍ରମରେ ଭାଗନେବା ପାଇଁ ଉତ୍ସାହିତ କରିଥିଲେ ଏବଂ ନିଜ ଝିଅ ଭଳି ଭଲ ପାଉଥିଲେ ଓ ତାଲିମ ପ୍ରଦାନ କରୁଥିଲେ। ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ କ୍ରୀଡ଼ା ଅଭ୍ୟାସରେ ମନୋନିବେଶ କଲି ଏବଂ କ୍ରୀଡ଼ାକ୍ଷେତ୍ରରେ ଅଗ୍ରସର ହେଲି। ପରବର୍ତ୍ତୀ ସମୟରେ ଓଡ଼ିଶା ଅଲିମ୍ପିକ ସଂଘର ତତ୍କାଳୀନ ଆଥଲେଟିକ କୋଚ ଅସୀମା ଦାସ ଏବଂ ଏମ୍‌ଏସ୍ ଲ' କଲେଜର କ୍ରୀଡ଼ା ଅଧିକାରୀ ଓ ଆଥ୍ଲେଟିକ କୋଚ ପୂର୍ଣ୍ଣ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୋର କ୍ରୀଡ଼ା ଦକ୍ଷତା ଅଧିକ ଶାଣିତ ହୋଇଥିଲା।''

୭୦ଦଶକରେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମେ କନିଷ୍ଠ ଏବଂ ପରେ ବରିଷ୍ଠ ବର୍ଗରେ ୧୦୦ମି ଦୌଡ଼, ୬୦ ଏବଂ ୮୦ମି. ହର୍ଡଲ୍ସ ଓ ପରେ ୧୦୦ମି ହର୍ଡଲ୍ସ, ଲଙ୍ଗଜମ୍ପ ଏବଂ ହାଇଜମ୍ପରେ ଲଗାତର ଭାବେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଉଷା ଜାତୀୟ ସ୍ତରରେ ହାଇଜମ୍ପ ଇଭେଣ୍ଟକୁ ଅଗ୍ରାଧିକାର ଦେଇ ପ୍ରୟାସ ଜାରି ରଖିଥିଲେ। ୧୯୭୦ରୁ ୧୯୭୯ ମଧ୍ୟରେ ସେ ହାଇଜମ୍ପ ଇଭେଣ୍ଟରେ ଦେଶର ଶ୍ରେଷ୍ଠ ହାଇଜମ୍ପର ଭାବେ ୯ଥର ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। ୧୯୭୭ରେ ମାଡ୍ରାସଠାରେ ଅନୁଷ୍ଠିତ ଆନ୍ତଃରାଜ୍ୟ ଜାତୀୟ ଆଥ୍ଲେଟିକ ମିଟ୍‌ର ହାଇଜମ୍ପରେ ୧.୬୭ ମିଟର ଉଚ୍ଚତା ଅତିକ୍ରମ କରି ଜାତୀୟ କୀର୍ତ୍ତିମାନ ସ୍ଥାପନ କରିଥିଲେ, ଯାହାକି ପରବର୍ତ୍ତୀ ୧୨ ବର୍ଷ ପର୍ଯ୍ୟନ୍ତ ଅତୁଟ ରହିଥିଲା। ଏହି ବିରଳ ରେକର୍ଡ ଅଧିକାରୀ ହେବାରେ ସେ ଥିଲେ ରାଜ୍ୟର ପ୍ରଥମ କ୍ରିଡ଼ାବିତ୍। ଏପରିକି ଅନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ପ୍ରଥମ ମହିଳା ଆଥଲେଟ୍ ଭାବେ ଉଷା ୧୯୭୪ରେ ଭାରତୀୟ ବିଦ୍ୟାଳୟ ଦଳର ସଦସ୍ୟ ଭାବେ ଇଟାଲିର ଫ୍ଲୋରେନ୍ସ ସହରରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ବିଦ୍ୟାଳୟ ଆଥଲେଟିକ୍ ମିଟ୍‌ରେ ଭାଗ ନେବାର କୃତିତ୍ୱ ହାସଲ କରିଥିଲେ। (ଏଠାରେ ଉଲ୍ଲେଖଯୋଗ୍ୟ ଯେ ଉଷାଙ୍କ ସମସାମୟିକ ବଲାଙ୍ଗୀର ଜିଲାର ଆନନ୍ଦିନୀ ଦର୍ଜି ମଧ୍ୟ ୭୦ ଦଶକରେ ରାଜ୍ୟରେ ଶ୍ରେଷ୍ଠ ମଧ୍ୟମ ଦୂର ଇଭେଣ୍ଟସ (୪୦୦ମି ଓ ୮୦୦ମି)ର ଶ୍ରେଷ୍ଠ ଆଥଲେଟ୍ ହେବା ସହିତ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଥିଲେ ଏବଂ ଫ୍ରାନ୍ସର ପ୍ୟାରିସଠାରେ ଏକ ପ୍ରତିଯୋଗିତା (୧୯୭୪) ରେ ଭାଗ ନେଇଥିଲେ)। ଜଣେ ଅତ୍ୟନ୍ତ ସରଳ ଓ ଶୃଙ୍ଖଳିତ କ୍ରୀଡ଼ାବିତ୍‌ଭାବେ ପ୍ରତିଷ୍ଠା ଅର୍ଜନ କରିଥିବା ଉଷାରାଣୀ ମିଶ୍ର ସୀତାଂଶୁ ଲେସ୍‌ଲିଙ୍କୁ ବିବାହ କରିବା ପରେ ଉଷା ଲେସ୍‌ଲି ଭାବେ ପରିଚିତ ହୋଇଥିଲେ। ଜାତୀୟ ସ୍ତରରେ ତାଙ୍କ କ୍ରୀଡ଼ା ସଫଳତାକୁ ବିଚାରକୁ ନେଇ ଭାରତୀୟ ରେଳ ମନ୍ତ୍ରାଳୟ୧୯୭୯ରେ ତାଙ୍କୁ ଟିକେଟ କଲେକ୍ଟର ଭାବେ ନିଯୁକ୍ତି ପ୍ରଦାନ କରିଥିଲା। ୨୦୧୮ରେ ଅବସର ନେଲାପରେ ଉଷା ବର୍ତ୍ତମାନ ପରିବାର ସହିତ ବାଲେଶ୍ୱରରେ ଅବସ୍ଥାନ କରୁଛନ୍ତି।

୭୦ ଦଶକର ଏହି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ୨୦୦୭ରେ କ୍ରୀଡ଼ା ପ୍ରତି ଜୀବନ ବ୍ୟାପୀ ଅବଦାନ ପାଇଁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରିଥିଲା।



## କ୍ରେଡିଟ୍

ହକିର ପୁରୁଣା ଗଡ଼ ହାଇଦ୍ରାବାଦ
ଭୋପାଳ, ଲକ୍ଷ୍ନୌରୁ ଖୋଜି
ଭଲ ପ୍ରତିଭାଙ୍କୁ ପ୍ରାୟୋରିଟି ଦେବି
କହଇ ଦିଲୀପ ଆଜି
ବିନା ଲଢ଼େଇରେ ପାଜି
ହକି ଇଣ୍ଡିଆର ସଭାପତି ତିର୍କୀ
ହକି ବାଡ଼ି ମାଜି ମାଜି।

ଭୁବନେଶ୍ୱର ଓ ରାଉରକେଲାରେ
ହବ ବିଶ୍ୱକପ ହକି
ସୁନ୍ଦରଗଡ଼ର ନିଉ ବିର୍ସାମୁଣ୍ଡା
ଷ୍ଟାଡିୟମ ହେବ ସାଖୀ
ମନପ୍ରୀତ ସିଂ ଲକି
ଟିମ୍ ଇଣ୍ଡିଆର କ୍ୟାପ୍‌ଟେନ ଖେଳିବ
ଶ୍ରେନ୍ ସଙ୍ଗେ କାନ୍ଧ ରଖି।

ଏକଦା ହକିର ଅନ୍ତୁଡ଼ିଶାଳଟା
ହୋଇଯାଉଥିଲା କଣ୍ଢା
ବୀରପୁତ୍ର ବିଜୁ ବାବୁଙ୍କ ସୁପୁତ୍ର
ନବୀନ ଭିଡ଼ିଲେ ଅଣ୍ଟା
ଥୁଣ୍ଟାକୁ କରିଲେ ମେଣ୍ଟା
ଅଲ୍ କ୍ରେଡିଟ୍ ଗୋଜ୍ ଟୁ ଆୱାର ସିଏମ୍
କୁଲ ମ୍ୟାନ୍ ପିଏ ଫାଣ୍ଟା।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୩୦/୨୦୨୨ Bhubaneswar, Friday, September 30/ 2022



ବାରବାଟୀ ଷ୍ଟାଡିୟମରେ ଗୁରୁବାର ଲିଜେଣ୍ଡ ଲିଗ୍ କ୍ରିକେଟ ମ୍ୟାଚ ପୂର୍ବରୁ ଖେଳାଳି ଓ ଅନ୍ୟ ଅଫିସିଆଲଙ୍କ ସହ ରାଜ୍ୟପାଳ ଗଣେଶୀ ଲାଲ।

# ଟାଇଗର୍ସଙ୍କୁ ହରାଇଲା କ୍ୟାପିଟାଲ୍ସ

**କଟକ, ୨୯।୯,(ସ୍ପୋର୍ଟସ୍ ବ୍ୟୁରୋ)**

ଲିଜେଣ୍ଡସ୍ ଲିଗ୍ କ୍ରିକେଟ୍‌ର ଓଡ଼ିଶା ସଂସ୍କରଣର ଅନ୍ତିମ ମ୍ୟାଚ ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ମଣିପାଲ ଟାଇଗର୍ସଙ୍କୁ ୭ ଉଇକେଟରେ ପରାସ୍ତ କରିଛି ଇଣ୍ଡିଆ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ହରଭଜନ ସିଂଙ୍କ ଦଳ ୧୬୧ ରନ କରିଥିବା ବେଳେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା ଗମ୍ଭୀରଙ୍କ ଦଳ। ହାମିଲଟନ୍ ମାସାକାଡ୍‌ଜା ଅପରାଜିତ ୬୮ ରନ୍ କରିଥିଲେ। ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୌତମ ଗମ୍ଭୀର।

ମଣିପାଲ ଟାଇଗର୍ସର ଆରମ୍ଭ ଏତେଟା ଭଲ ରହି ନ ଥିଲା। ଗତ ମ୍ୟାଚର ଅର୍ଦ୍ଧଶତକ

**ଲିଜେଣ୍ଡସ୍ ଲିଗ୍ କ୍ରିକେଟ**

ହାସଲକାରୀ ଟାଟେଣ୍ଡା ଟାଇବୁ ପ୍ରଥମ ଓଭରରେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ। ପୂର୍ବତନ ଅଷ୍ଟ୍ରେଲୀୟ ପେସର ମିଚେଲ ଜନସନ୍ ତାଙ୍କୁ ଆଉଟ କରିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ଶତକୀୟ ପାର୍ଟନରଶିପ୍ ଗଢ଼ି ମଣିପାଲ ଟାଇଗର୍ସଙ୍କୁ ଦୃଢ ସ୍ଥିତିରେ ପହଞ୍ଚାଇଥିଲେ ମହମ୍ମଦ କୈଫ୍ ଓ ଜେସି ରାଇଡର। ମଣିପାଲ ତରଫରୁ ଉଭୟ ଚଳିତ ସିଜନରେ ନିଜର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ରାଇଡର(୭୯) ଓ କୈଫ୍(୬୭)ଙ୍କ ମଧ୍ୟରେ ୧୨୬ ରନର ପାର୍ଟନରଶିପ୍ ହୋଇଥିଲା। ୫୬ ବଲ ଖେଳିଥିବା ରାଇଡର ୫ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ସେହିପରି କୈଫ୍ ୪୮ ବଲ୍ ଖେଳି ୯ ଚୌକା ଓ ୧ ଛକା ମାରିଥିଲେ। ୧୮ ଓଭର ସୁଦ୍ଧା ଦଳ ୧୫୦ ରନ୍ ପାର କରିଥିବାରୁ ମଣିପାଲ ଏକ ବଡ଼ ସ୍କୋର କରିବା ଆଶା କରାଯାଉଥିଲା। ମାତ୍ର ଲିଆମ୍ ପ୍ଲଙ୍କେଟ ଏବଂ ରଜତ ଭାଟିଆ ରନ ଗତି ଉପରେ ଅଙ୍କୁଶ ଲଗାଇଥିଲେ। ୧୯ ତମ ଓଭର ବୋଲିଂ କରୁଥିବା ପ୍ଲଙ୍କେଟ୍ ମାତ୍ର ୮ ରନ୍ ଦେଇ ଉଭୟ କୈଫ୍ ଓ ରାଇଡରଙ୍କୁ ପ୍ୟାଭିଲିୟନ୍ ପଠାଇଥିଲେ। ଶେଷ ଓଭରରେ ରଜତ ଭାଟିଆ ମଧ୍ୟ ୪ ରନ୍ ଦେଇ ୨ ଉଇକେଟ ନେବାରୁ ମଣିପାଲ ୧୬୧ ରନରେ ସୀମିତ ରହିଥିଲା। ଇଣ୍ଡିଆ କ୍ୟାପିଟାଲ୍ସ ପକ୍ଷରୁ ଲିଆମ୍ ପ୍ଲଙ୍କେଟ ଓ ରଜତ ଭାଟିଆ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଜନସନଙ୍କ ହାତରେ ଲାଗିଥିଲା ଗୋଟିଏ ସଫଳତା।



ହାମିଲଟନ ମାସାକାଡ୍‌ଜାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି।

ଏହି ଅର୍ଦ୍ଧଶତକ ସହିତ ମହମ୍ମଦ କୈଫ୍ ଚଳିତ ସିଜନରେ ସର୍ବାଧିକ ରନ୍ ସଂଗ୍ରହକାରୀଙ୍କ ତାଲିକାରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

୧୬୨ ରନ୍ ଲକ୍ଷ୍ୟର ପିଛା କରୁଥିବା ଇଣ୍ଡିଆ କ୍ୟାପିଟାଲ୍ସ ପକ୍ଷରୁ ଦୁଇ ଓପନର ଗୌତମ ଗମ୍ଭୀର ଓ ସୋଲୋମନ୍ ମିର୍ ୨.୪ ଓଭରରେ ଯୋଡିଥିଲେ ୨୩ ରନ୍। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଗମ୍ଭୀର ୧୫ ରନ କରି ଆଉଟହେବା ପରେ ଦ୍ୱିତୀୟ ଉଇକେଟରେ ୨୮ ରନ ଯୋଡିଥିଲେ ମିର ଓ ମାସକାଡ୍‌ଜା। ଦଳୀୟ ସ୍କୋର ୫୧ରେ ଦିଲହାରା ଫର୍ନାଣ୍ଡୋଙ୍କ ବଲରେ ମିର ଆଉଟ ହୋଇଥିଲେ। ୧୯ ବଲ ଖେଳି ସେ ୩ ଚୌକା ଓ ୧ ଛକା ସହିତ ୨୮ ରନ କରିଥିଲେ। ଲିଜେଣ୍ଡସ୍ ଲିଗ୍‌ରେ ପଦାର୍ପଣ କରିଥିବା ରସ୍ ଟେଲର(୨୯) ଓ ମାସାକାଜା ୮୬ ରନର ଭାଗୀଦାରି କରି ଦଳକୁ ବିଜୟର ନିକଟତର କରିଥିଲେ। ବିଜୟ ପାଇଁ ୨୫ ରନ୍ ଆବଶ୍ୟକ ଥିବା ବେଳେ ଟେଲର ମୁରଲୀଧରନଙ୍କ ବଲକୁ ବଡ ଶଟ୍ ଖେଳିବାକୁ ଯାଇ ମିଡ ଉଇକେଟରେ ଧରାପଡିଥିଲେ। ହାମିଲଟନ ମାସାକାଜା ଓ ଆସଲେ ନର୍ସ(୨୧) ଦଳକୁ ବିଜୟୀ କରିଥିଲେ। ମାସାକାଜା ୩୯ ବଲ ଖେଳି ୭ ଚୌକା ଓ ୪ ଛକା ମାରିଥିଲେ। ଟାଇଗର୍ସ ପକ୍ଷରୁ ମୁରଲୀଧରନ, ଦିଲହାରା ଫର୍ନାଣ୍ଡୋ ଓ କ୍ରିସ ମୋଫୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହାମିଲଟନ ମାସାକାଡ୍‌ଜାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ଓ କୋଷାଧକ୍ଷ ବିକାଶ ପ୍ରଧାନ ଅତିଥି ଭାବରେ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମଣିପାଲ ଟାଇଗର୍ସ ୨୦ ଓଭରରେ ୧୬୧/୫ (ଜେସି ରାଇଡର-୭୯, ମହମ୍ମଦ କୈଫ-୬୭, ଲିଆମ ପ୍ଲଙ୍କେଟ-୨/୩୧, ରଜତ ଭାଟିଆ-୨/୧୪,ମିଚେଲଜନସନ-୧/୨୮)। ଇଣ୍ଡିଆ କ୍ୟାପିଟାଲ୍ସ: ୧୭.୨ ଓଭରରେ-୧୬୨/୩ (ହାମିଲଟନ ମାସ୍‌କାଡ୍‌ଜା-୬୮*, ରସ୍ ଟେଲର-୨୯, ସୋଲୋମନ ମିର୍-୨୮, ଆଶଲେ ନର୍ସ-୨୧*; ମୁରଲୀଧନନ-୧/୧୫, ଦିଲହରା ଫର୍ନାଣ୍ଡୋ-୧/୧୯)।

## ଟସ୍ ପକାଇଲେ ରାଜ୍ୟପାଳ

ଗୁରୁବାର ଇଣ୍ଡିଆ କ୍ୟାପିଟାଲ୍ସ ଓ ଗୁଜୁରାଟ ଜାଏଣ୍ଟସ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ଟସ ପକାଇଥିଲେ। ଇଣ୍ଡିଆ କ୍ୟାପିଟାଲ୍ସ ଜିତି ବୋଲିଂ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ପୁତ୍ର ମନିଷ ସିଂ ଲାଲ ମଧ୍ୟ ଉପସ୍ଥିତ ଥିଲେ। ଟସ ପକାଇବା ପରେ କିଛି ସମୟ ପାଇଁ ଷ୍ଟାଡିୟମ ପରିସରରେ ଉପସ୍ଥିତ ରହି ସେ ଖେଳ ଉପଭୋଗ କରିଥିଲେ।

## ୬,୭ ନମ୍ବର ଗ୍ୟାଲେରୀ ଛାଡ଼ି ସବୁ ଭରପୁର

ବାରବାଟୀ ଷ୍ଟାଡିୟମରେ ଗୁରୁବାର ଲିଜେଣ୍ଡସ୍ ଲିଗ୍‌ର ଶେଷ ମ୍ୟାଚ୍ ହୋଇଥିବାରୁ ଦର୍ଶକଙ୍କ ବେଶ୍ ଭିଡ଼ ଜମିଥିଲା। କିଏ ପ୍ରଥମ ଥର ଷ୍ଟାଡିୟମରେ ଖେଳ ଦେଖିବାକୁ ଆସିଥିଲା ତ ଆଉ କିଏ ନିଜ ପ୍ରିୟ ଖେଳାଳିଙ୍କ ପାଇଁ ଆସିଥିଲା। ୧, ୨, ୩, ୪, ୫ ନମ୍ବର ଗ୍ୟାଲେରିରେ ଲୋକ ଭରିଯାଇଥିଲେ।

## ଆସନ୍ତା ବର୍ଷ ଆସିବୁ

ଏଲ୍ଏଲ୍‌ସି ଚେୟାରମ୍ୟାନ ବିବେକ ଖୁସଲାନି କହିଛନ୍ତି ଏଠାରେ ଆମର ବହୁତ ଭଲ ଅନୁଭୂତି ହୋଇଛି। ଆଶା ନ ଥିଲା ହେଲେ ଶେଷ ଦିନ ଷ୍ଟାଡିୟମରେ ଜନ ଗହଳି ଦେଖିବାକୁ ମିଳିଛି। ଆମେ ଚାହୁଁଥିଲୁ କି ୫ ତାରିଖ ଫାଇନାଲ ମ୍ୟାଚ ମଧ୍ୟ ବାରବାଟୀରେ ଅନୁଷ୍ଠିତ ହେଉ। ହେଲେ ତାହା ସମ୍ଭବପର ହୋଇପାରିନି। କିନ୍ତୁ ଆମେ ଆସନ୍ତା ବର୍ଷ ନିଶ୍ଚିନ୍ତ ଆସିବୁ। ୬ଟି ଟିମ୍‌କୁ ନେଇ ପୁରା ପ୍ରସ୍ତୁତ ହୋଇ ଆସିବୁ ୯୦ ଜଣ ବଦଳରେ ୧୩୦,୧୪୦ ଖେଳାଳିଙ୍କୁ ନେଇ କରିଆସିବୁ।

## ବାରବାଟୀରେ ଖେଳିବା ସର୍ବଦା ସ୍ୱତନ୍ତ୍ର

ଲିଜେଣ୍ଡସ୍ ଲିଗ୍ ଖେଳିବା ସର୍ବଦା ସ୍ୱତନ୍ତ୍ର ବୋଲି କହିଛନ୍ତି ଲିଆମ୍ ପ୍ଲଙ୍କେଟ ଓ ରସ୍ ଟେଲର୍। ଇଣ୍ଡିଆ କ୍ୟାପିଟାଲ୍ସ ବିଜୟୀ ହେବା ପରେ ପ୍ଲଙ୍କେଟ କହିଥିଲେ ପୂର୍ବରୁ ମୁଁ ଏହି ଗ୍ରାଉଣ୍ଡରେ ଖେଳିଛି। ପୂର୍ବ ମ୍ୟାଚର ଅଭିଜ୍ଞତା ଆମକୁ ବେଶ ସହାୟକ ହେଲା ବୋଲି ସେ କହିଛନ୍ତି। ଏହି ମ୍ୟାଚରେ ପ୍ଲଙ୍କେଟ ୧୯ ତମ ଓଭରରେ ୮ରନ ଦେଇ ଦୁଇଟି ଉଇକେଟ ନେଇଥିଲେ। ଅନ୍ୟପକ୍ଷରେ ବିଜୟୀ ଦଳରେ ରହିଥିବାରୁ ମୁଁ ବେଶ ଖୁସି ଅନୁଭବ କରୁଛି ବୋଲି କହିଥିଲେ ରସ୍ ଟେଲର୍।

# ଟି୨୦ ବିଶ୍ୱକପ୍‌ରୁ ବୁମ୍‌ରା ଆଉଟ

**ନୂଆଦିଲ୍ଲୀ,୨୯।୯(ପି.ଟି.)**

ପିଠିରେ ଇଞ୍ଜୁରି ଯୋଗୁ ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଆସନ୍ତା ମାସରେ ଅଷ୍ଟ୍ରେଲିଆରେ ହେବାକୁଥିବା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଖେଳିପାରିବେ ନାହିଁ। ତାଙ୍କ ଅନୁପସ୍ଥିତିରେ ଟୁର୍ନାମେଣ୍ଟରେ ଭାରତର ବିଜୟ ସମ୍ଭାବନା ପ୍ରତି ଶକ୍ତ ଧକ୍କା ହୋଇଛି। ଇଞ୍ଜୁରି ପାଇଁ ବୁମ୍‌ରା ୬ମାସ ଧରି ଖେଳିପାରିବେ ନାହିଁ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ବୁମ୍‌ରାଙ୍କ ସ୍ଥାନରେ ଦୀପକ ଚହର କିମ୍ବା ମହମ୍ମଦ ଶାମିଙ୍କୁ ମୁଖ୍ୟ ଦଳରେ ସ୍ଥାନ ମିଳିପାରେ। ଉଭୟ ଖେଳାଳି ଏହି ସମ୍ମାନଜନକ ଟୁର୍ନାମେଣ୍ଟ ପାଇଁ ଷ୍ଟାଣ୍ଡବାଇ ଖେଳାଳି ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଟି୨୦ ଖେଳିଥିବା ବୁମ୍‌ରା ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ଓପନର ଖେଳିବା ଲାଗି ଦଳ ସହିତ ଥିରୁଭାନନ୍ତପୁରମ ଯାଇ ନ ଥିଲେ। ରବୀନ୍ଦ୍ର ଜାଡେଜାଙ୍କ ପରେ ୨୮ ବର୍ଷୀୟ ଫାଷ୍ଟ ବୋଲର ଦ୍ୱିତୀୟ ଖେଳାଳି ଭାବେ ବିଶ୍ୱକପ୍ ଖେଳିପାରିବେ ନାହିଁ। ଜାଡେଜାଙ୍କ ଆଣ୍ଠୁରେ ଅସ୍ତ୍ରୋପଚାର ହୋଇଛି। ସେ କ୍ରମେ ସୁସ୍ଥ ହେଉଛନ୍ତି।



ଯଶପ୍ରୀତ ବୁମ୍‌ରା

ଭାରତୀୟ ଦଳରେ ଏବେ ଅସ୍ଥିରତା ପରିଲକ୍ଷିତ ହେଉଥିବା ବେଳେ ବୁମ୍‌ରା ଓ ଜାଡେଜାଙ୍କ ଅନୁପସ୍ଥିତି ଦଳ ପାଇଁ ବଡ଼ ଚିନ୍ତାର ବିଷୟ ପାଲଟିଛି। କାରଣ ଏହି ଦୁଇ ଖେଳାଳିଙ୍କୁ ନେଇ ଟି୨୦ ବିଶ୍ୱକପର ରଣନୀତି ପ୍ରସ୍ତୁତ କରାଯାଇଥିଲା। ବହୁ ସିନିୟର ଖେଳାଳିଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇଥିଲା। କୌତୂହଳର କଥା ୨୦୨୨ରେ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ତରଫରୁ ଆଇପିଏଲ୍ ଗେମ୍ ବ୍ୟତୀତ ମାତ୍ର ୫ ଟେଷ୍ଟ, ୫ ଅନ୍ତର୍ଜାତୀୟ ଦିନିକିଆ ଓ ସମାନ ସଂଖ୍ୟକ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।

## ଫାଇନାଲରେ ଶ୍ରୀୟଙ୍କା



**ଭୁବନେଶ୍ୱର, ୨୯।୯ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟରେ ଚାଲିଥିବା ଜାତୀୟ କ୍ରୀଡ଼ା ଶୁଟିଂ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ। ଅହମଦାବାଦର ରାଇଫଲ କ୍ଲବରେ ଅନୁଷ୍ଠିତ ଶୁଟିଂରେ ୧୦ ମିଟର ଏୟାର ରାଇଫଲରେ ମୋଟ୍ ୬୨୯.୩ ପଏଣ୍ଟ ରଖି ଶ୍ରୀୟଙ୍କା ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଶୁକ୍ରବାର ଫାଇନାଲ ଇଭେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ୧୬ ଶୁଟର ଏଥିରେ ଭାଗନେଇଥିଲେ ବୋଲି ଟିମ୍ ମ୍ୟାନେଜର ଗୌରୀ ମହାନ୍ତି ଜଣାଇଛନ୍ତି।

# ସୁନ୍ଦରଗଡ଼-କିଟ୍ ଫାଇନାଲ

**ଭୁବନେଶ୍ୱର, ୨୯।୯**
**(ସ୍ପୋର୍ଟସ୍ ବ୍ୟୁରୋ)**

ହକି ଆସୋସିଏଶନ ଅଫ୍ ଓଡ଼ିଶା (ଏଚ୍ଓଏ) ଆନୁକୂଲ୍ୟରେ ଚାଲିଥିବା ରାଜ୍ୟ ସବ୍-ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଫାଇନାଲ ସୁନ୍ଦରଗଡ଼ ଓ କିଟ୍/କିସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ହେବ। ସେମିଫାଇନାଲରେ ସୁନ୍ଦରଗଡ଼ ୩-୧ ଗୋଲ୍‌ରେ ଢେଙ୍କାନାଳକୁ ପରାସ୍ତ କରିଥିବା ବେଳେ କିଟ୍/କିସ୍ ୨-୦ ଗୋଲ୍‌ରେ ଦେଓଗଡ଼କୁ ହରାଇ ଦେଇଛି। ୩ୟ ଓ ୪ର୍ଥ ସ୍ଥାନ ପାଇଁ ଦେଓଗଡ଼ ଓ ଢେଙ୍କାନାଳ ମଧ୍ୟରେ ମୁକାବିଲା ହେବ। ହକି ଆସୋସିଏଶନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ପ୍ରଥମ ଥର ଆୟୋଜିତ ସବ୍-ଜୁନିୟର ହକି ଚାମ୍ପିୟନଶିପ୍‌ରେ ବିଭିନ୍ନ ଜିଲା, ଏକାଡେମୀ ଓ ପ୍ରତିଷ୍ଠାନରୁ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଟୁର୍ନାମେଣ୍ଟରୁ ଚିହ୍ନଟ ପ୍ରତିଭା ଖେଳାଳି ୨୦୨୩ରେ ଆୟୋଜିତ ହେବାକୁଥିବା ହକି ଇଣ୍ଡିଆ ଜାତୀୟ ଚାମ୍ପିୟନଶିପ୍ ୨୦୨୩ରେ ଓଡ଼ିଶା ଦଳରୁ ପ୍ରତିନିଧିତ୍ୱ କରିବେ। ଏହି ପରିପ୍ରେକ୍ଷୀରେ ହକି ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ତଥା ହକି ପ୍ରମୋଶନ କାଉନ୍‌ସିଲ ଚେୟାରମ୍ୟାନ ଦିଲୀପ ତିର୍କୀ କହିଛନ୍ତି ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍‌ରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା

**ରାଜ୍ୟ ସବ୍‌ଜୁନିୟର ପୁରୁଷ ହକି**

ହୋଇଥିଲା। ଚାପ ପରିସ୍ଥିତିରେ ଆମ ଖେଳାଳିଙ୍କଠାରୁ ଉଚ୍ଚସ୍ତର ଖେଳ ଦେଖିବାକୁ ମିଳିଥିଲା। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସମର୍ଥନ ଓ ମାର୍ଗଦର୍ଶନ ଯୋଗୁ ଟୁର୍ନାମେଣ୍ଟର ଆୟୋଜନ ସମ୍ଭବ ହୋଇପାରିଛି। ସେ ଆହୁରି ମଧ୍ୟ ଟୁର୍ନାମେଣ୍ଟ ବେଳେ ଖେଳାଳିଙ୍କ ରହଣୀ ବ୍ୟବସ୍ଥା କରିଥିବାରୁ କିଟ୍ ୟୁନିଭର୍ସିଟି ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଫାଷ୍ଟ ଏଡ୍ ବକ୍ସ ସ୍ଥାପିତ



ଜଟଣୀ,୨୯।୯(ଡି.ଏନ୍.ଏ.):ଜଟଣୀର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ସ୍ଥାପନ କରାଯାଇଛି ଫାଷ୍ଟ ଏଡ୍ ବକ୍ସ। ଦୁର୍ଘଟଣାଗ୍ରସ୍ତ ପଥଚାରୀଙ୍କୁ ତ୍ୱରିତ ସେବା ଯୋଗାଇଦେବା ପାଇଁ ଜଟଣୀ ସହରର କେତେକ ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନରେ ସ୍ଥାପନ କରାଯାଇଛି ଫାଷ୍ଟ ଏଡ୍ ବକ୍ସ। ଡା.ଲକ୍ଷ୍ମଣ କୁମାର ରାୟଙ୍କ ଉପସ୍ଥିତିରେ ସୀତାରାମ ଛକ ନିକଟ ନୀଳଚକ୍ର ମାର୍କେଟ୍‌ର ସଂଯୋଗ ସ୍ଥାନରେ ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ଦାଶ, ସଭାପତି ସନ୍ତୋଷ କୁମାର ହୋତା, ଆଇନ ପରାମର୍ଶଦାତା ଅକ୍ଷୟ କୁମାର ଦାସ, କୋଷାଧ୍ୟକ୍ଷ ନିରୁପମା ସ୍ୱାଇଁ, ମୁଖ୍ୟ ପରାମର୍ଶଦାତା ଭାସ୍କର ଚନ୍ଦ୍ର ଡାକୁଆ, ବ୍ୟବସାୟୀ ଶ୍ୟାମ ଅଗ୍ରୱାଲଙ୍କ ସମେତ ବହୁ ବ୍ୟବସାୟୀ ଓ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଧବଳେଶ୍ୱର ମନ୍ଦିର ପରିସର ସଫେଇ

ଖୋର୍ଦ୍ଧା ଅଫିସ,୨୯।୯: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପର୍ଯ୍ୟାବରଣ ଗତିବିଧି, ସଂସ୍କୃତି ସୁରକ୍ଷା ସମିତି ଏବଂ ବିବେକାନନ୍ଦ ୟୁଥ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଗୁରୁଜଙ୍ଗ ସ୍ଥିତ ଶ୍ରୀ ଧବଳେଶ୍ୱର ପୀଠରେ ମନ୍ଦିର ପରିସର, ପୋଖରୀ ସଫା କରାଯାଇଛି। ମନ୍ଦିର ପରିସର ସଫେଇ ସହ ଦେବାଳୟ ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ଲାଗି ଆହ୍ୱାନ ଦେଇଥିଲେ। ପର୍ଯ୍ୟାବରଣ ଗତିବିଧି ବିଭାଗ ପ୍ରମୁଖ ନିରଞ୍ଜନ ସାହୁ, ସଂସ୍କୃତି ସୁରକ୍ଷା ସମିତିର ଟ୍ରଷ୍ଟି ବେଲେଶ୍ୱର ସାହୁ, ସଦସ୍ୟ କିଶୋର ଚନ୍ଦ୍ର ବରାଳ, ସୌମେନ୍ଦ୍ର ଶତପଥୀ, ଆଦିତ୍ୟ ମହାରଣା, କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଏକାଦଶାହରେ ସ୍ମୃତିସଭା

ଜଟଣୀ,୨୯।୯(ଡି.ଏନ୍.ଏ.): ଜଟଣୀର ବିଶିଷ୍ଟ ବ୍ୟବସାୟୀ ତଥା ସାମାଜିକ କର୍ମୀ ଜଗଦୀଶ ପ୍ରସାଦ ଅଗ୍ରୱାଲଙ୍କ ମାତା ଜାବିତ୍ରୀ ଦେବୀଙ୍କ ଏକାଦଶାହ ଅବସରରେ ଗୁରୁବାର ସନ୍ଧ୍ୟାରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରୱାଲ ଧର୍ମଶାଳା ପରିସରରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଜାବିତ୍ରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସ୍ମୃତିଚାରଣ କରିଥିଲେ। ଜାବିତ୍ରୀ ଜଣେ ଧର୍ମପରାୟଣା, ପରୋପକାରୀ, ମିଷ୍ଟଭାଷୀ ଏବଂ ସ୍ନେହୀ ମହିଳାଭାବେ ପରିଚିତ ଥିଲେ ବୋଲି ମତପ୍ରକଶ ପାଇଥିଲା। ଜଗଦୀଶ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଗୋପାଳ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଲକ୍ଷ୍ମଣ ନାୟକଙ୍କ ବୀରତ୍ୱର ଗାଥା ଦେଖିଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା ଅଫିସ/ ଜଟଣୀ,୨୯।୯(ଡି.ଏନ୍.ଏ.)



ଅହିଂସା ରଥକୁ ସ୍ୱାଗତ ଅବସରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ତଥା ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଅଗଷ୍ଟ ୧୫ରୁ ଅହିଂସା ରଥ ରାଜ୍ୟ ବ୍ୟାପୀ ପରିକ୍ରମା କରୁଥିବା ବେଳେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିବସରେ ଭୁବନେଶ୍ୱରରେ ପହଞ୍ଚିବ। ଏହି ରଥ ବୁଧବାର ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯଇଥିଲା। ଗୁରୁବାର ରଥ ପରିକ୍ରମାର ଦ୍ୱିତୀୟ ଦିନରେ ଜଟଣୀ ବ୍ଲକ ଅଧୀନ ବେଣାପଞ୍ଜରୀ ଏବଂ ତରବୋଇ ପଞ୍ଚାୟତରେ ଏହି ରଥ ପରିକ୍ରମା କରିଥିଲା। ବେଣାପଞ୍ଜରୀ ପଞ୍ଚାୟତ ହାଇସ୍କୁଲ ଠାରେ ଜଟଣୀ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ ସ୍ୱାଗତ କରିଥିଲେ। ପଞ୍ଚାୟତ ହାଇସ୍କୁଲ ପକ୍ଷରୁ ରଥକୁ ସ୍ୱାଗତ କରିବା ପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୁରୁଜରେ ସମଗ୍ର ରାସ୍ତାକୁ ଚିତା ଓ ଝୋଟିରେ ଚିତ୍ରଣ କରାଯାଇଥିଲା। ଏହି ଅବସରରେ ଏକ ସଭା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଲଇଡି ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଏବଂ ବୀରତ୍ୱର କାହାଣୀ ପ୍ରଦର୍ଶିତ କରାଯାଇଥିଲା। ପରେ ବ୍ଲକ ଅଧୀନ ତାରାବୋଇ ପଞ୍ଚାୟତ ଅଭିମୁଖେ ରଥ ଯାଇଥିଲା। ସ୍ୱାଗତ ଅବସରରେ ବେଣାପଞ୍ଜରୀ ସରପଞ୍ଚ, ସମିତି ସଭ୍ୟ, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଅପରାହ୍ନରେ ରଥ ବାଲିପାଟଣା ଅଭିମୁଖେ ଯାତ୍ରା କରିଥିଲା। ସେହିପରି ବାଣପୁର ବ୍ଲକ ପ୍ରଶାସନ ପକ୍ଷରୁ ଚିଲିକା ବ୍ଲକକୁ ଅହିଂସା ରଥ ହସ୍ତାନ୍ତର କରାଯିବା ପରେ ବ୍ଲକ ପରିସରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହା ପରେ ଅହିଂସା ରଥକୁ ହରିପୁର ସ୍ଥିତ ଲକ୍ଷ୍ମୀଧର ସରକାରୀ ଉଚ୍ଚ ବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ସ୍ଥାନୀୟ ଗ୍ରାମବାସୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଅଭିଭାବକମାନେ ସ୍ୱାଗତ କରିଥିଲେ। ଭିଡିଓ ମାଧ୍ୟମରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଉପରେ ଆଧାରିତ ଫିଲ୍ମ ଦେଖାଯାଇଥିଲା। ଲକ୍ଷ୍ମଣ ନାୟକଙ୍କ ବୀରତ୍ୱର କାହାଣୀ ଦେଖିଥିଲେ ଗ୍ରାମବାସୀ ଓ ଛାତ୍ରୀଛାତ୍ର। ପରେ ଚିଲିକା ବ୍ଲକର ହାଟବରଡି, ସୋରଣ ପଞ୍ଚାୟତ ଓ କାଲୁପଡାଘାଟ ଠାରେ ମଧ୍ୟ ସ୍ୱାଗତ କରାଯାଇଥିଲା। ଏହାପରେ ରଥ ଟାଙ୍ଗୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବ୍ଲକ ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧି ସ୍ୱାଗତ କରିଥିଲେ। ପରେ ବଳରାମଦେବ ବିଦ୍ୟାପୀଠରେ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚିଲିକା ବିଡିଓ ଜଗଦୀଶ ଷଡ଼ଙ୍ଗୀ, ତହସିଲଦାର ପ୍ରଦୀପ କୁମାର ସାହୁ, ଟାଙ୍ଗୀ ବିଡିଓ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତରାୟ, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ଜିଲା ପରିଷଦ ସଦସ୍ୟ, ଜନ ପ୍ରତିନିଧି, ଏମ୍‌ପି ଓ ବିଧାୟକଙ୍କ ପ୍ରତିନିଧି, ସିଡିପିଓ, ଫାଣ୍ଡି ଓ ଥାନାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିରଙ୍ଗା ପତାକା ଧରି ଛାତ୍ରୀଛାତ୍ର ଦେଶାତ୍ମବୋଧକ ସଙ୍ଗୀତ ତାଳରେ ନୃତ୍ୟ ପରିବେଷଣ କରୁଥିବା ଦେଖିବାକୁ ମିଳିଥିଲା। ଶୁକ୍ରବାର ଏହି ରଥ ବୋଲଗଡ଼ ଓ ବେଗୁନିଆ ଗସ୍ତ କରିବ।

### ଅହିଂସା ରଥକୁ ଭବ୍ୟ ସ୍ୱାଗତ



ଜଟଣୀ: ଅହିଂସା ରଥକୁ ସ୍ୱାଗତ ଅବସରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଡିଜିପିଙ୍କୁ ଭେଟିଲେ ଜୁଡୋ ପ୍ରତିଯୋଗୀ

ଭୁବନେଶ୍ୱର, ୨୯।୯ (ବ୍ୟୁରୋ)

ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତାରେ ପଦକ ଜିତିଥିବା ପ୍ରତିଯୋଗୀମାନେ ଗୁରୁବାର ପୋଲିସ ସେବାଭବନଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ କୁମାର ବଂଶଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ବଂଶଲ କ୍ରୀଡ଼ାବିତମାନଙ୍କ ସାଫଲ୍ୟରେ ସନ୍ତୋଷ ବ୍ୟକ୍ତ କରିବା ସହ ଭବିଷ୍ୟତରେ କଠିନ ପରିଶ୍ରମ କରି ରାଜ୍ୟ ପୋଲିସ ପାଇଁ ଅଧିକ ସଫଳତା ଆଣିବାକୁ ପରାମର୍ଶ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ଆର. କେ. ଶର୍ମା ଉପସ୍ଥିତ ଥିଲେ। ମ୍ୟାନେଜର କେ. ହୃଷୀକେଶ ବେହେରା, ଟିମ କ୍ୟାପଟେନ ପ୍ରଭୁଦତ୍ତ ଦଳାଇ, ରାଜ୍ୟ ପୋଲିସ ମୁଖ୍ୟାଳୟ ଖେଳ ବିଭାଗର ସେକ୍ସନ ଅଫିସର ମହମ୍ମଦ ସାହିଦ ଜବାର ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସିଆଇଏସ୍ଏଫ୍ ଆନୁକୂଲ୍ୟରେ ନୂଆଦିଲ୍ଲୀଠାରେ ଗତ ସେପ୍ଟେମ୍ବର ୧୯ରୁ ୨୪ ପର୍ଯ୍ୟନ୍ତ ସପ୍ତମ ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଡ. ସନ୍ତୋଷ ବେହେରାଙ୍କୁ ହରିରାମଜୀ ତୋଶନିୱାଲ ପୁରସ୍କାର

ଭୁବନେଶ୍ୱର,୨୯।୯(ବ୍ୟୁରୋ)

ଇଲେକ୍ଟ୍ରୋନିକ୍ସ ଏବଂ ଟେଲି ଯୋଗାଯୋଗ ଇଞ୍ଜିନିୟର୍ସ ଅନୁଷ୍ଠାନ (ଆଇଟିଇ) ପକ୍ଷରୁ ପ୍ରତିବର୍ଷ ଇଞ୍ଜିନିୟରିଂ କ୍ଷେତ୍ରରେ ବୃତ୍ତିଗତମାନଙ୍କୁ ସ୍ୱୀକୃତି ଦିଆଯାଇଥାଏ। ଚଳିତବର୍ଷ ଆଇଟିଇ ୬୫ତମ ବାର୍ଷିକ ସମ୍ମିଳନୀରେ ଆୟୋଜିତ ପୁରସ୍କାର ସମାରୋହରେ ସିଏସ୍ଆଇଆର-ଆଇଏମ୍ଏମ୍‌ଟିର ବୈଜ୍ଞାନିକ ଡ. ସନ୍ତୋଷ କୁମାର ବେହେରାଙ୍କୁ ହରିରାମଜୀ ତୋଶନିୱାଲ ପୁରସ୍କାର ପ୍ରଦାନ କରାଯାଇଛି। ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଦ୍ୱାରା ଦେଶ ଏବଂ ବିଦେଶରେ ବ୍ୟବହାର ପାଇଁ ଇଲେକ୍ଟ୍ରୋନିକ୍ ଉପକରଣ ଓ ଆନୁସଙ୍ଗିକ ବ୍ୟବସ୍ଥାର ବିକାଶ, ଉତ୍ପାଦନ କ୍ଷେତ୍ରରେ ଅବଦାନ ଥିବା ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦିଆଯାଇଥାଏ। ଡ. ବେହେରାଙ୍କ ଦ୍ୱାରା ବିକଶିତ ଆଇ-ଅନ୍-ପେଲେଟ୍ ଏବଂ ଏକ୍ସପର୍ଟ-ଆଇ-ଅନ୍-ପେଲେଟ ନାମକ ଟେକ୍ନୋଲୋଜି ଭାରତର ଅଗ୍ରଣୀ ଇସ୍ପାତ କାରଖାନା ଦ୍ୱାରା ବ୍ୟବହାର କରାଯାଉଛି।

## ବ୍ଲକସ୍ତରୀୟ ପୋଷଣ ମାସ ଉଦ୍‌ଯାପିତ

କୃଷ୍ଣପ୍ରସାଦ,୨୯।୯(ଡି.ଏନ୍.ଏ.)

### ପ୍ରସୂତି, ଶିଶୁଙ୍କ ପାଇଁ ସୁଷମ ଖାଦ୍ୟ ପ୍ରଦର୍ଶନୀ

ପୋଷଣ ମାସ ଅବସରରେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୧୩୪ ଅଙ୍ଗନୱାଡି, ୨ ମିନିକେନ୍ଦ୍ରରେ ପ୍ରସୂତି ଓ ଶିଶୁଙ୍କ ଉଦ୍ଦେଶ୍ୟରେ ବୁଧବାର ପୋଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପରିସରରେ ଏହି ବ୍ଲକସ୍ତରୀୟ ପୋଷଣ ମାସ ଉଦ୍‌ଯାପିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ମନୋରମା ଦେବୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା କାର୍ଯ୍ୟାଳୟ ପରିସରରୁ ବାହାରି ବ୍ଲକ, ତହସିଲ, ମେଡିକାଲ ପରିକ୍ରମା କରି ପୋଷଣ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ଏନେଇ ଏକ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ମଣ୍ଡଳ ଉନ୍ନୟନ ଅଧିକାରୀ ମନୋଜ ନାୟକ ଯୋଗଦେଇ ବିଭିନ୍ନ ପୁଷ୍ଟିକର ଖାଦ୍ୟ ଖାଇ କିପରି ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୂରେଇ ରହିବେ, ସେ ସମ୍ପର୍କରେ ସଚେତନ କରାଇଥିଲେ। ସୁପରଭାଇଜର ମାଗୁଣି ପ୍ରଧାନ, ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରମୋଦ ମହାରଣା, ଦୀପ୍ତିରାଣୀ ଦଣ୍ଡପାଟ, ରମାମଣି ନାୟକଙ୍କ ସମେତ ୧୩୪ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଯୋଗ ଦେଇଥିଲେ। ପୁଷ୍ଟିକର ଖାଦ୍ୟର ଉପକାରିତା ଦିଗରେ ସଚେତନତା କରାଯାଇଥିଲା। ଚିଲିକା ନୂଆପଡା ସେକ୍ଟର ପକ୍ଷରୁ ଜହ୍ନିକୁଦା ଅଙ୍ଗନୱାଡି କର୍ମୀ ବବିତା ପଣ୍ଡା, ଅଁଳାକୁଦା କର୍ମୀ ସଂଯୁକ୍ତା ଜେନା, ଖଟିସାହି କର୍ମୀ ସୁଷମା ଜେନାଙ୍କ ସମେତ ବିଭିନ୍ନ ଅଙ୍ଗନୱାଡିର କର୍ମୀମାନେ ଗର୍ଭବତୀ ଓ ଶିଶୁଙ୍କ ନିମନ୍ତେ ସୁଷମ ଖାଦ୍ୟର ପ୍ରଦର୍ଶନ କରିଥିଲେ। ସୁଶ୍ରୀସା ସଂଘମିତ୍ରା ଜେନା ମଞ୍ଚ ପରିଚାଳନା କରିଥିଲେ। ମମତା ପ୍ରଧାନ, ମୌସୁମୀ ପ୍ରଧାନ ପୋଷଣ ମାସ ପାଳନର ଉପକାରିତା ସମ୍ପର୍କରେ କହିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଅଙ୍ଗନୱାଡି କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସୁଷମ ଖାଦ୍ୟର ପ୍ରଦର୍ଶନ।

## 'ମୋ ସ୍କୁଲ' ସହ ଅଧିକରୁ ଅଧିକ ସ୍କୁଲ ଯୋଡ଼ିବାକୁ ନିର୍ଦ୍ଦେଶ

### ଡିଇଓ, ଡିପିସି ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୯।୯(ବ୍ୟୁରୋ)

ଜିଲା ଶିକ୍ଷାଧିକାରୀ (ଡିଇଓ) ଏବଂ ଜିଲା ପ୍ରକଳ୍ପ ସଂଯୋଜକ (ଡିପିସି)ଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍. ଯୋଗଦେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ପରିଷଦ, ମଧ୍ୟାହ୍ନଭୋଜନ କାର୍ଯ୍ୟାଳୟ, ମୋ ସ୍କୁଲ, ସମଗ୍ର ଶିକ୍ଷା ଓ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ। ଅଧିକରୁ ଅଧିକ ସ୍କୁଲ 'ମୋ ସ୍କୁଲ' ସହ ଯୋଡ଼ିବାକୁ ଅଶ୍ୱଥୀ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ହାଇସ୍କୁଲ ରୂପାନ୍ତରଣ କାର୍ଯକ୍ରମ ଅଧୀନରେ ସ୍କୁଲସ୍ତରରେ ଡିପିଆର୍ ପ୍ରସ୍ତୁତି ପାଇଁ ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲା ଶିକ୍ଷାଧିକାରୀ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ରୂପାନ୍ତରିତ ସ୍କୁଲର ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଯଦି କୌଣସି ରୂପାନ୍ତରିତ ସ୍କୁଲରୁ ଅଭିଯୋଗ ଆସେ, ତେବେ ତୁରନ୍ତ ତାହାକୁ ବିଭାଗର ଦୃଷ୍ଟିକୁ ଆଣିବାକୁ ଜିଲା ଶିକ୍ଷାଧିକାରୀଙ୍କୁ କୁହାଯାଇଛି। ଏଥିସହ ବୈଠକରେ ଶିକ୍ଷକ ନିଯୁକ୍ତି, ନୂତନ ମୂଲ୍ୟାୟନ ପଦ୍ଧତି, ମଧ୍ୟାହ୍ନଭୋଜନ ସୁପରିଚାଳନା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା'ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଘାଟିତ

### କଳିକାପ୍ରସାଦ ବିଜୟୀ

ବୋଲଗଡ଼,୨୯।୯(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ କଚେରୀବର ଠାରେ ୪୨ତମ ମା' ରାମଚଣ୍ଡୀ କବାଡ଼ି ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହି ଉଦ୍‌ଘାଟନୀ ମ୍ୟାଚରେ ନୟାଗଡ଼ ଜିଲା ଭାପୁର ବ୍ଲକର କଳିକାପ୍ରସାଦ ଟିମ୍ ଆୟୋଜକ ବାଙ୍କୋଇର ମା'ରାମଚଣ୍ଡୀ କବାଡ଼ି ଟିମ୍ ଠାରୁ ଅଧିକ ୧୫ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି। ଶିକ୍ଷକ ନେତା ସୁମନ୍ତ କୁମାର ଛୋଟରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ, ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ସାମାଜିକ କର୍ମୀ ଜୟକୃଷ୍ଣ ଫତେସିଂହ, କୃଷ୍ଣ ଚନ୍ଦ୍ର ପ୍ରଧାନ, ପ୍ରମୋଦ କୁମାର ମହାପାତ୍ର, ପ୍ରଦୀପ କୁମାର ପଟ୍ଟନାୟକ, ଶିକ୍ଷାବିତ୍ କୁଳମଣି ହୋତା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଆୟୋଜକ ରାମଚଣ୍ଡୀ ଟିମ୍ ୧୭ ପଏଣ୍ଟ ପାଇଥିବା ବେଳେ କଳିକାପ୍ରସାଦ ଟିମ୍ ୩୫ପଏଣ୍ଟ ପାଇଥିଲା। ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା କଳିକାପ୍ରସାଦ ଟିମ ୪୭ ପଏଣ୍ଟ ଏବଂ ରାମଚଣ୍ଡୀ ଟିମ ମୋଟ ୩୨ ପଏଣ୍ଟ ପାଇଥିଲା। ଗୋପାଳ ମାହାନ୍ତି, ନୀଳକଣ୍ଠ ବେହେରା ଓ କାହ୍ନୁ ଚରଣ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ ଚନ୍ଦ୍ର ସାମନ୍ତରାୟଙ୍କ ସମେତ ରାମଚଣ୍ଡୀ କବାଡି ଆସୋସିଏଶନର ସଦସ୍ୟ ଓ ସ୍ୱେଚ୍ଛାସେବୀ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।



କଚେରୀବରଠାରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତା।

# ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ସତ୍ତ୍ୱେ ବିକାଶ ହେଉନି

### ଖୋର୍ଦ୍ଧା ଜିଲା ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

ଖୋର୍ଦ୍ଧା ଅଫିସ,୨୯।୯

ଖୋର୍ଦ୍ଧା ଜିଲାର ପର୍ଯ୍ୟଟନ କ୍ଷେତ୍ର ଅବହେଳିତ ଅବସ୍ଥାରେ ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମି ଅଭାବରୁ ଅସ୍ତିତ୍ୱ ହଜିବାକୁ ବସିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ, ଜିଲା ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ପର୍ଯ୍ୟଟନକ୍ଷେତ୍ରଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ଧୀରେ ଧୀରେ ପର୍ଯ୍ୟଟକ ମୁହଁ ଫେରାଉଛନ୍ତି। ପାଇକ ବିଦ୍ରୋହର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ରହିଛି ବରୁଣେଇ ପାହାଡ। ଏଠାରେ ମା'ବରୁଣେଇ ଓ କରୁଣେଇଙ୍କ ଆସ୍ଥାନ ରହିଛି। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ମିଳିଛି। ଆବଶ୍ୟକ ଭିତ୍ତିଭୂମି ପ୍ରତି ଗୁରୁତ୍ୱ ଦିଆଯାଉନି। ଚାରିଆଡେ ଅଳିଆ, ଆବର୍ଜନା ପଡି ରହିଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ମୌଳିକ ସୁବିଧା ନାହିଁ। ପାଣି ଟ୍ୟାପ ଭାଙ୍ଗିରୁଜୁ ଯାଇଥିବା ବେଳେ ପାଦଦେଶରୁ ମାଙ୍କ ପୀଠକୁ ଯାଇଥିବା ପାହାଚ ମଧ୍ୟ ଭାଙ୍ଗିଲାଣି। ବରୁଣେଇ ପାହାଡ ଉପରେ ଐତିହାସିକ ସୀତାକୁଣ୍ଡ, ପାଣ୍ଡବ ଗୁମ୍ଫା ରହିଛି। ଗବେଷକଙ୍କ ମତରେ ଏଠାରେ ଦୁଇ ହଜାର ବର୍ଷ ତଳର ବୌଦ୍ଧ କିର୍ତ୍ତୀରାଜୀ ଶିଳାଲେଖ ରହିଛି। ପାଇକ ବୀରମାନେ ପାହାଡ ଉପରେ ରହି ବ୍ରିଟିଶ ସୈନ୍ୟ ବାହିନୀକୁ ନିରୀକ୍ଷଣ କରୁଥିଲେ। ତେବେ ବରୁଣେଇ ପାଦଦେଶରୁ ଉପରକୁ ସଂଯୋଗ ଲାଗି ପ୍ରସ୍ତାବିତ ରୋପ ୱେ ସରକାରୀ ନାଲିଫିତା ଚାପି ହୋଇ ରହିଯାଇଥିବା ବେଳେ ଉପରକୁ ପାହାଚ ନିର୍ମାଣ ଅଧାରେ ଅଟକି ରହିଛି। ସେହିପରି ଖୋର୍ଦ୍ଧାଗଡ ବିଲୁପ୍ତ ଅବସ୍ଥାରେ ରହିଛି। ଏହାର ଅସ୍ତିତ୍ୱ ହଜିବାକୁ ବସିଛି। ଗଡର ପୁନରୁଦ୍ଧାର ଲାଗି କୌଣସି ବ୍ୟବସ୍ଥା କରାଯାଉନାହିଁ। ଗଡଖୋର୍ଦ୍ଧା ସ୍ଥିତ ରଘୁନାଥ ମନ୍ଦିର ସମ୍ମୁଖରୁ ୧୯୮୦ଦଶକରେ ବାହାରିଥିବା ବହୁ ଐତିହ୍ୟ କୀର୍ତ୍ତିରାଜୀର ପଦଚିହ୍ନ ସ୍ୱରୂପ ସୂକ୍ଷ୍ମ କାରୁକାର୍ଯ୍ୟ ପୂର୍ଣ୍ଣ ଶିଳା, ପଥର ଉଦ୍ଧାର କରାଯାଇଥିଲା। ତେବେ ଏହା ଏବେ କେଉଁଠି ଅଛି, ତାହାର କୌଣସି ଖବର ପ୍ରଶାସନ ନିକଟରେ ନାହିଁ। କେବଳ ସଂସ୍କୃତି ଭବନ ପରିସରରେ ଗୋଟିଏ ଦୁଇଟି ଭଗ୍ନ ଶିଳା ଅବ୍ୟବହୃତ ଭାବେ ପଡିଛି। ଗଡଖୋର୍ଦ୍ଧା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ବ୍ରିଟିଶ ଆକ୍ରମଣ ସମୟରେ ତୋପ କମାଣର ଚିହ୍ନକୁ ନିଜ ବକ୍ଷରେ ସାଇତି ରଖିଥିବା କୁଞ୍ଜବନ ମଠ ଅବହେଳିତ ଅବସ୍ଥାରେ ରହିଛି। ସେହିପରି ଗୁରୁଜଙ୍ଗର ଶ୍ରୀ ଧବଳେଶ୍ୱର ପୀଠ ପର୍ଯ୍ୟଟନର ମାନ୍ୟତା ପାଇଛି। ପୀଠର ଭିତ୍ତିଭୂମି ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଜାଗୁଳିପାଟଣା ସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ପୀଠୁ ପର୍ଯ୍ୟଟନ କ୍ଷେତ୍ରୀ ମାନ୍ୟତା ସତ୍ତ୍ୱେ ଭିତ୍ତିଭୂମିର ବିକାଶ ହେଉନାହିଁ। ସଂଯୋଗ କରୁଥିବା ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇଥିବା ବେଳେ ଚନ୍ଦନ ପୋଖରୀ ପୁନରୁଦ୍ଧାର କରାଯାଉନାହିଁ। ଜରିପୁଟ ଗ୍ରାମ ନିକଟରେ ତନ୍ତ୍ର ମୁଣ୍ଡିଆ ପାହାଡ ଉପରେ ବିଜେ କରିଛନ୍ତି ସଙ୍କଟମୋଚନ। ଏହି ମନ୍ଦିର ମଧ୍ୟ ପର୍ଯ୍ୟଟନର ମାନ୍ୟତା ମିଳିଛି। ମନ୍ଦିରକୁ ଉଠିବାକୁ ଗୋଟିଏ ପଟେ ଶହେରୁ ଊର୍ଦ୍ଧ୍ୱ ପାହାଡ ରହିଥିବା ବେଳେ ଅନ୍ୟପଟେ ମନ୍ଦିର ପ୍ରବେଶ ଲାଗି ଏକ ଅଙ୍କାବଙ୍କା ହୋଇ ରାସ୍ତାଟିଏ ଯାଇଛି। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମସ୍ଥଳୀ, ପାନୀୟଜଳର ସେଭଳି କୌଣସି ବ୍ୟବସ୍ଥା ନାହିଁ। ସେହିପରି ମା ଉଗ୍ରତାରା ଏବଂ ଭଗବତୀ, ଐତିହାସିକ ଦକ୍ଷେଶ୍ୱରଙ୍କ ମନ୍ଦିର ରହିଛି। ପର୍ଯ୍ୟଟନର ମାନ୍ୟତା ସତ୍ତ୍ୱେ ସେଭଳି କୌଣସି ଆଖିଦୃଶିଆ ବିକାଶ ହୋଇନାହିଁ। ଟାଙ୍ଗୀଠାରୁ ବାଣପୁର ମଧ୍ୟରେ ରାସ୍ତା ପାର୍ଶ୍ୱରେ ପ୍ରସିଦ୍ଧ ଶୈବପୀଠ ଚଣ୍ଡେଶ୍ୱର, ପଶ୍ଚିମଶମ୍ଭୀ, ନାଚୁଣୀ ସ୍ଥିତ ଶୈବପୀଠର ମାହାତ୍ମ୍ୟ ରହିଛି। ତେବେ ଏହି ପୀଠର ପୁନରୁଦ୍ଧାର କିମ୍ବା ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଚିଲିକା କାଙ୍କଣଶିଖରୀ(ଏକ ଟାପୁ)ରେ ମହାପ୍ରଭୁଙ୍କ ଲୀଳାକ୍ଷେତ୍ରର ପଦଚିହ୍ନ ସ୍ୱରୂପ ନନ୍ଦିଘୋଷ ରଥର ଚକା ଏବଂ ଚତୁର୍ଦ୍ଧା ବିଗ୍ରହ ପୂଜା ପାଉଛନ୍ତି। ଏହାକୁ ପର୍ଯ୍ୟଟନର ମାନ୍ୟତା ମିଳିଛି। ଚିଲିକା ଦେଇ କାଙ୍କଣଶିଖରୀ ଯିବାକୁ ପ୍ରଶାସନ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଗଡମାଣିତ୍ରୀ ଠାରେ ମହାପ୍ରଭୁଙ୍କ ନବକଳେବର ଅନୁଷ୍ଠିତ ହୋଇଥିଲା। ଏହାର ଦାଣ୍ଡରେ ମହାପ୍ରଭୁଙ୍କ ରଥଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ତେବେ ଐତିହ୍ୟ ବିକାଶ ପ୍ରତି ସେଭଳି କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସ୍ୱାଧିନତା ସଂଗ୍ରାମୀଙ୍କ ଗ୍ରାମ ଭାବେ ପରିଚିତ ବୋଲଗଡ ବ୍ଲକର ଚମ୍ପାଇଲେ ଗ୍ରାମକୁ ଆଜି ପର୍ଯ୍ୟନ୍ତ ଐତିହ୍ୟ ଗ୍ରାମର ମାନ୍ୟତା ଘୋଷଣାରେ ରହିଗଲା। ଅତ୍ରି ସ୍ଥିତ କୁଆକୁଣ୍ଡ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଏ ସମ୍ପର୍କରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉଛି।



**ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ**

**କଟକ ଅଫିସ:** କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଗୁରୁବାର କଲେଜଛକ ନିକଟରୁ ପୁରୀଘାଟସ୍ଥିତ ଦେବୀଗଡା ଘାଟ ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଦୁର୍ଗାପୂଜା ଓ ଭସାଣି ଶୋଭାଯାତ୍ରା ସମୟରେ ମେଢ଼ଗୁଡିକ ଯେଭଳି ଠିକ୍ ଭାବେ ଯାଇପାରିବ ସେଥିପାଇଁ ସିଏମ୍‌ସି ପକ୍ଷରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ୨ଦିନ ଧରି ରାଣୀହାଟ, ମଙ୍ଗଳାବାଗ, ବକ୍ସିବଜାର, ଦରଘାବଜାର, ଚୌଧୁରୀବଜାର, ପୁରୀଘାଟ ଆଦି ଅଞ୍ଚଳର ରାସ୍ତା ପାର୍ଶ୍ୱରେ ବେଆଇନ ଭାବେ ଥିବା କ୍ୟାବିନ୍ ଓ ହୋର୍ଡିଂ ଉଚ୍ଛେଦ କରାଯାଇଥିଲା। ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତିଙ୍କ ନେତୃତ୍ୱରେ ଏହି ଉଚ୍ଛେଦ କରାଯାଇଥିଲା।


ଷୋଳପୂଜା ଅବସରରେ ଗୁରୁବାର ମା' କଟକ ଚଣ୍ଡୀଙ୍କ ବନଦୁର୍ଗା ବେଶ।


ଗଡ଼ଚଣ୍ଡୀଙ୍କ ଅନ୍ନପୂର୍ଣ୍ଣା ବେଶ।


ଝାଞ୍ଜିରୀ ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ।


ବାସନ୍ତୀ ଦୁର୍ଗାଙ୍କ ଗଜଲକ୍ଷ୍ମୀ ବେଶ।


ପୀଠାପୁରସ୍ଥିତ ଧାକୁଲେଇଙ୍କ ଅନ୍ନପୂର୍ଣ୍ଣା ବେଶ।


ବାଙ୍କୀର ମା' ଚର୍ଚ୍ଚିକାଙ୍କ ତ୍ରୟୋଦଶ ଦିବସର ବେଶ।

## ସଂକ୍ଷେପରେ

### ଭାଜପା କଟକ ଜିଲା ଯୁବ ମୋର୍ଚ୍ଚା କମିଟି କର୍ମକର୍ତ୍ତାଙ୍କ ନାଁ ଘୋଷଣା

**କଟକ ଅଫିସ, ୨୯।୯:** ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଗୁରୁବାର କଟକ ଜିଲା ଯୁବ ମୋର୍ଚ୍ଚା କମିଟି କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ଅନୁମୋଦନ କ୍ରମେ ଯୁବ ମୋର୍ଚ୍ଚା ଜିଲା ସଭାପତି ଦେବଦତ୍ତ କର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। କମିଟିର ଉପସଭାପତି ଭାବେ ସତିଶ ରାଉତ, ନିରୋଜ ବାରିକ, ସନ୍ତୋଷ କପା ଓ ବିଶ୍ୱଜିତ ଭୋଳ ମନୋନୀତ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ଭାବେ ଜ୍ଞାନ ରଞ୍ଜନ ପଣ୍ଡା ଓ ବିଶ୍ୱମ୍ଭର ଜେନା, ଜିଲା ସମ୍ପାଦକ ଭାବେ ରଞ୍ଜିତ ପଣ୍ଡା, ଗୌତମ ସାହୁ, ଜଗନ୍ନାଥ ନାୟକ, ପ୍ରଭୁ ପ୍ରସାଦ ପାତ୍ର ଓ ମିଥୁନ ମଲ୍ଲିକ ଏବଂ କୋଷାଧକ୍ଷ ଭାବେ ଅଶୋକ କୁମାର ନାୟକଙ୍କୁ ମନୋନୀତ କରାଯାଇଛି। ଏଥିସହ କାର୍ଯ୍ୟକାରିଣୀ କମିଟି ପାଇଁ ୧୩ ଜଣ ସଦସ୍ୟ ଅନିଲ ମହାନ୍ତି, ଜ୍ୟୋତିରଞ୍ଜନ ବଳବନ୍ତରାୟ, ଦେବବ୍ରତ ମହାନ୍ତି, ରାକେଶ ରାଉତ, ସୁଶିଲ ମଲ୍ଲିକ, ମିହିର ନାୟକ, ସୁଶାନ୍ତ ମହାନ୍ତି, କାର୍ତ୍ତିକ ପ୍ରଧାନ, ରମାକାନ୍ତ ସାମନ୍ତରାୟ, ତପନ ପ୍ରଧାନ, ତାରାକାନ୍ତ ସାହୁ, ପ୍ରିୟବ୍ରତ ସାହୁ ଓ ପ୍ରିୟଙ୍କା ମଲ୍ଲିକ ମନୋନୀତ ହୋଇଛନ୍ତି।

### ପୂଜା ପୂର୍ବରୁ ପ୍ରତିକାର ବ୍ୟବସ୍ଥା କର

**କଟକ ଅଫିସ,୨୯।୯:** ସହରରେ ଦଶହରା ପ୍ରସ୍ତୁତି ସମ୍ପର୍କରେ ଜାଣିବା ପାଇଁ ସିଏମ୍‌ସି ମେୟର ସୁବାସ ସିଂ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ବିଭିନ୍ନ ପୂଜା ମଣ୍ଡପ ବୁଲି ସ୍ଥିତି ଅନୁଧାନ କରିଛନ୍ତି। ସେମାନେ ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସଙ୍କ ସହ ସିଡିଏ ସେକ୍ଟର-୬, ୭, ୮, ୯, ୧୦ ଓ ସେକ୍ଟର-୧୧ର ମଣ୍ଡପଗୁଡିକ ବୁଲି ଦେଖିଥିଲେ। ଉକ୍ତ ଅଞ୍ଚଳରେ ରାସ୍ତା ମରାମତି, ବିଦ୍ୟୁତ୍ ଯୋଗାଣ, ପାନୀୟଜଳ, କେବୁଲ ତାର ହଟାଇବା, ଗଛ କାଟିବା, ଭସାଣି ଦିନ ଶୌଚାଳୟ ସମସ୍ୟା ବୁଝି ପ୍ରତିକାର ବ୍ୟବସ୍ଥା କରିବା ପାଇଁ ମେୟର ଓ କମିଶନର ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ କର୍ପୋରେଟରମାନେ, ପୂଜା କମିଟି ସଭାପତି ଓ ସମ୍ପାଦକ ମାନେ ,ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ରାଜୀବ ମହାନ୍ତି , ପ୍ରଫୁଲ୍ଲ ସିଂ, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

### ନିଃଶୁଳ୍କ ଫିଜିଓଥେରାପି ଶିବିର



**କଟକ ଅଫିସ,୨୯।୯:** ବାଲିକୁଦା ଟ୍ରାଫିକ ଛକ ନିକଟରେ ଫିଜିଓଥେରାପି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଣ୍ଟା, ବେକ ବ୍ୟଥା, କାନ୍ଧଯନ୍ତ୍ରଣା, ପାରାଲିସିସ, ସ୍ନାୟବିକ ଦୁର୍ବଳତା ଅନୁଭବ କରୁଥିବା ସ୍ଥାନୀୟ ଲୋକମାନେ ଯୋଗଦେଇ ଥେରାପି ସେବା ଓ ପରାମର୍ଶ ଗ୍ରହଣ କରିଥିଲେ। ଡା. ଶୁଭଶ୍ରୀ ରାଏ ଓ ସହକର୍ମୀମାନେ ଶିବିର ପରିଚାଳନା କରିଥିଲେ।

# ଏସ୍‌ସିବିରେ ଖୁବ୍‌ଶୀଘ୍ର ହେବ ଯକୃତ ପ୍ରତିରୋପଣ

**କଟକ ଅଫିସ,୨୯।୯**

କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ଖୁବ୍‌ଶୀଘ୍ର ଯକୃତ ପ୍ରତିରୋପଣ ଆରମ୍ଭ ହେବ। ଏଥିପାଇଁ ରୋଗୀଙ୍କୁ ଦେୟ ଦେବାକୁ ପଡ଼ିବ ନାହିଁ। ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ରୋଗୀଙ୍କଠାରେ ଯକୃତ ପ୍ରତିରୋପଣ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଘୋଷଣା କରିଛନ୍ତି। ଏସ୍‌ସିବି ମେଡିକାଲରେ ଯକୃତ ଚିକିତ୍ସା ପାଇଁ ଉଦ୍ଦିଷ୍ଟ ହେପାଟୋଲୋଜି ବିଭାଗର ନୂତନ ଓପିଡିକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଗୁରୁବାର ଉଦ୍‌ଘାଟନ କରିଛନ୍ତି। ଏସ୍‌ସିବି ମେଡିକାଲରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରୋଗୀଙ୍କଠାରେ କରାଯାଉଥିବା ବିଭିନ୍ନ ପରୀକ୍ଷାନିରୀକ୍ଷାକୁ ବିଳମ୍ବିତ ନ କରାଇବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ସମେତ ଭାରତର ଲୋକମାନେ ଏସ୍‌ସିବି ମେଡିକାଲ ଉପରେ ନିର୍ଭରଶୀଳ। ଏଠାରେ କାର୍ଯ୍ୟରତ ବିଭିନ୍ନ ଆଉଟସୋର୍ସିଂ ସଂସ୍ଥାର ଲୋକମାନେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରୁଥିବାର ଅଭିଯୋଗ ଆସୁଛି। ତେଣୁ ସେହି ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କ ଆଧାରକାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ୍ ବୁକ୍ ଆଦି ତନଖିବାକୁ ମନ୍ତ୍ରୀ କହିଥିଲେ। ଯକୃତ ପ୍ରତିରୋପଣ ପାଇଁ ପଞ୍ଜିକୃତ ହୋଇଥିବା ରୋଗୀ ରୁଦ୍ର ନାରାୟଣ ପାଣିଙ୍କ ସହ ଆଲୋଚନା କରି ଚିକିତ୍ସାର ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ। ୨୪୦ ଜଣ ରୋଗୀ ଯକୃତ ପ୍ରତିରୋପଣ ପାଇଁ ପଞ୍ଜିକୃତ ହୋଇଛନ୍ତି। ୩ ଜଣ ରୋଗୀ ଯକୃତ ଦାନ କରିବେ ବୋଲି ହେପାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

ସେହିପରି ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗ ଅଧୀନ ବର୍ନ ସେଣ୍ଟରର ୯ ଶଯ୍ୟା ବିଶିଷ୍ଟ ଆଇସିୟୁକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକ ପୋଡ଼ିଯାଇଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ଏଠାରେ ଥିବା ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏଥିସହ ମେଡିସିନ ବିଭାଗରେ ପ୍ରଥମଥର ପାଇଁ ନିର୍ମିତ କ୍ୟାବିନ ବ୍ଲକ ମଧ୍ୟ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ବ୍ଲକ୍‌ରେ ୧୫ଟି ଶୀତତାପ ନିୟନ୍ତ୍ରିତ କ୍ୟାବିନ ରହିଥିବା ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ଡିଏମ୍‌ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଯୁଗ୍ମ ଡିଏମ୍‌ଇଟି ପ୍ରଫେସର ବ୍ରଜ ଦାସ, ମେଡିକାଲ କଲେଜର ଡିନ୍ ଓ ଅଧକ୍ଷ ପ୍ରଫେସର ଡା. ପ୍ରସେନଜିତ୍ ମହାନ୍ତି, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ଲୁସି ଦାସ, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ବିଭିନ୍ନ ବିଭାଗର ପ୍ରଫେସରମାନେ ଉପସ୍ଥିତ ଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

- ହେପାଟୋଲୋଜି ଓପିଡି, ବର୍ନ ସେଣ୍ଟର ଆଇସିୟୁ, ମେଡିସିନ କ୍ୟାବିନ ବ୍ଲକ ଉଦ୍‌ଘାଟିତ
- ପରୀକ୍ଷାନିରୀକ୍ଷା ବିଳମ୍ବିତ ନ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

# 'ବିଶ୍ୱବ୍ୟାପୀ ମୃତ୍ୟୁର ପ୍ରଧାନ କାରଣ ହୃଦ୍‌ରୋଗ'

**କଟକ ଅଫିସ, ୨୯।୯**

**ବିଶ୍ୱ ହୃତ୍‌ପିଣ୍ଡ ଦିବସ**

କଟକସ୍ଥିତ ରୋଟାରୀ କ୍ଲବ ଗ୍ରେଟର ଏବଂ ଅଭିନବ ବିଡ଼ାନାସୀ ପଥଚାରୀ ସଂଘ ପକ୍ଷରୁ ଗୁରୁବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସିଡିଏ ସେକ୍ଟର-୭ସ୍ଥିତ ପଥଚାରୀ ବୈଠକ ସ୍ଥଳରେ ସଂଘ ସଭାପତି ଦେବେନ୍ଦ୍ର ସୂତାରଙ୍କ ଅଧକ୍ଷତାରେ ସ୍ୱାସ୍ଥ୍ୟ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରୋଟାରୀ କ୍ଲବ ସଭାପତି ଡା. ବିଶ୍ୱନାରାୟଣ ମହାନ୍ତି ଯୋଗଦେଇ କହିଥିଲେ, ବିଶ୍ୱବ୍ୟାପୀ ମୃତ୍ୟୁର ପ୍ରଧାନ କାରଣ ହୃଦ୍‌ରୋଗ। ପୃଥିବୀରେ ବର୍ଷକୁ ପ୍ରାୟ ୨ କୋଟି ଲୋକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟୁଛି। ଏଥିପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ୱାର୍ଲଡ ହାର୍ଟ ଫେଡେରେଶନ୍ ପକ୍ଷରୁ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ ୱାର୍ଲଡ ହାର୍ଟ ଡେ ଭାବେ ପାଳନ କରାଯାଉଛି ବୋଲି ସେ କହିଥିଲେ। ସେହିପରି ଏସ୍‌ସିବି ମେଡିକାଲ କଲେଜର ହୃଦ୍‌ରୋଗ ବିଶେଷଜ୍ଞ ଡା. ସୁରକିଶୋର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନଶୈଳୀର ପରିବର୍ତ୍ତନ, ସନ୍ତୁଳିତ ଆହାର, ଧୂମପାନ ଏବଂ ମଦ୍ୟପାନ ତ୍ୟାଗ କରିବା, କୋଲେଷ୍ଟ୍ରଲର ମାତ୍ରା ନିୟନ୍ତ୍ରଣ କରିବା, ପ୍ରତିଦିନ ବ୍ୟାୟାମ କରିବା, କମ୍ ଫ୍ୟାଟ୍ ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ଡା. ନିରଞ୍ଜନ ମହାନ୍ତି, ଡା. ମଦନ ମୋହନ ମହାପାତ୍ର, ବୁଲ୍‌ଗାରିନ୍ ମହାପାତ୍ର, ତପନ ମହାପାତ୍ର, ଡା. ପ୍ରଶାନ୍ତ କୁମାର ମିଶ୍ର, ଦୁର୍ଗାପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସାହୁ, ମୀରାବାଳା ମହାପାତ୍ର, ମିଲୋନିକା ମହାନ୍ତି, ପ୍ରଗତି ମିଶ୍ର, ସତ୍ୟବ୍ରତ ମହାନ୍ତି, ହୃଷୀକେଶ ପାଣି, ଡକ୍ଟର ବିଷ୍ଣୁଚରଣ ମହାନ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଦୀପ କୁମାର ସିହ୍ନା ଅତିଥି ପରିଚୟ ଏବଂ କୁଞ୍ଜବିହାରୀ ଜେନା ଧନ୍ୟବାଦ ଦେଇଥିଲେ।



ସିଡିଏ ସେକ୍ଟର-୭ସ୍ଥିତ ପଥଚାରୀ ବୈଠକ ସ୍ଥଳରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# 'କବିଙ୍କୁ ପ୍ରେରଣା, ନୂତନ ସମ୍ଭାବନା ଦିଏ ବର୍ଷା'


କଟକ ସାରଳା ଭବନରେ ଗୁରୁବାର ଅନୁଷ୍ଠିତ ବର୍ଷା ସାରସ୍ୱତ ଆସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ,୨୯।୯**

**ବର୍ଷା ସାରସ୍ୱତ ଆସର**

ସାରଳା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା ସାରସ୍ୱତ ଆସର କଟକ ସାରଳା ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ମଦନ ମୋହନ ଦାସ ଉଦ୍‌ଘାଟନ କରିଥିଲେ। ସଂସଦ ପ୍ରତିଷ୍ଠାତା ଓ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ବର୍ଷାର ଆଗମନରେ ପ୍ରକୃତି ସବୁଜ ଓଢଣି ଢାଙ୍କି ଲାଜକୁଳି ହୋଇଥାଏ। କବିଠାରୁ କାବ୍ୟ ଯାଏ ସବୁକିଛି ଉତ୍ସବମୁଖର ହୋଇଉଠେ। କବି ଓ ଲେଖକଙ୍କ ପାଇଁ ବର୍ଷା ପ୍ରେରଣା ଓ ନୂତନ ସମ୍ଭାବନା ଆଣିଦିଏ ବୋଲି ସେ କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ସମ୍ମାନିତ ଅତିଥି ଭାବେ ଡା. ନିମାଇଁ ଚରଣ ପରିଜା, କବି ପ୍ରସନ୍ନ କୁମାର ଜେନା, ଡ. ସୁଲୋଚନା ଦାସ, ଗାଳ୍ପିକା ସୋହାଗିନୀ ବେହେରା, କୈଳାସ ଚନ୍ଦ୍ର ଦଳାଇ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ କବି ନିର୍ମଳା ନୀଳୋତ୍ପଳା, ବିଜୟଲକ୍ଷ୍ମୀ ନାୟକ, ଗୋପା ଦାସ, ପ୍ରଫେସର ରାଜକିଶୋର ଦାସ, ଦୀନବନ୍ଧୁ ସାହୁ ପ୍ରମୁଖ କବିତା ପାଠ କରିଥିଲେ। ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଓ ଡ. ଚୌଧୁରୀ ସତ୍ୟ ଦାସ ଧନ୍ୟବାଦ ଦେଇଥିଲେ।

## ଅହିଂସା ରଥକୁ ସମ୍ବର୍ଦ୍ଧନା

**ଚୌଦ୍ୱାର,୨୯।୯(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀଙ୍କ ଅହିଂସା ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଅହିଂସା ରଥ ଭ୍ରମଣ କରୁଛି। ବୁଧବାର ଏହି ରଥକୁ ଚୌଦ୍ୱାର ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରଥଟି ଚାରବାଟିଆ ବିରାଟ ବଜାର ନିକଟରେ ପହଞ୍ଚିବା ପରେ ଉପସ୍ଥିତ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାଗତ କରିଥିଲେ। ଆନ୍ତର୍ଜାତିକ ଘୋଡାନୃତ୍ୟ ପଦ୍ମଶ୍ରୀ ଡ.ଉତ୍ସବ ଚରଣ ଦାସ ଓ ସାଥୀଙ୍କ ଦ୍ୱାରା ପରିବେଷିତ ସମ୍ବର୍ଦ୍ଧନା ଗୀତ ଓ ନୃତ୍ୟ ଲୋକାଦୃତ ହୋଇଥିଲା। ପରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ, ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରାଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଓ ଜନସାଧାରଣ ହାତରେ ତ୍ରିରଙ୍ଗା ଧରି ରଥକୁ କଳିଙ୍ଗ ବିଦ୍ୟାପୀଠରେ ପହଞ୍ଚାଇଥିଲେ। ଏହି ଅବସରରେ ଟାଉନହଲ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ରଥକୁ ପୌରକାର୍ଯ୍ୟାଳୟ ନିଆଯାଇ ସସମ୍ମାନେ ବିଦାୟ ଦିଆଯାଇଥିଲା।

# ରାତି ୧୨ଟା ସୁଦ୍ଧା ଭସାଣି ଶେଷ କର

**ଚୌଦ୍ୱାର,୨୯।୯(ଡି.ଏନ୍.ଏ.)**

**ରୂପଯାତ୍ରା ପ୍ରସ୍ତୁତି ବୈଠକ**

ଚୌଦ୍ୱାର ଅଞ୍ଚଳରେ ରୂପଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସ୍ଥାନୀୟ ଥାନାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଡିସିପି ଅନୀଲ ମିଶ୍ର, ଜୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ, ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରମୁଖ ଯୋଗଦେଇ ରୂପଯାତ୍ରା ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଚଳିତବର୍ଷ ବିଭିନ୍ନ ମଣ୍ଡପରେ ମୋଟ୍ ୪୩ ଠାକୁରଙ୍କୁ ପୂଜା କରାଯିବ। ଆସନ୍ତା ଅକ୍ଟୋବର ୧୧ ଓ ୧୨ ତାରିଖରେ ମେଢ଼ ଶୋଭାଯାତ୍ରା, ମେଳଣ ଓ ଭସାଣି ଶୋଭାଯାତ୍ରାରେ ବହୁ ଜନସମାଗମ ହେବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କିଛି କଟକଣା ଜାରି କରାଯାଇଛି। ଭସାଣି ଶୋଭାଯାତ୍ରା ପାଇଁ ପୋଲିସଠାରୁ ଲାଇସେନ୍ସ ନେବା, ଶୋଭାଯାତ୍ରାରେ ୬୫ ଡେସିବଲରୁ କମ୍ ଜୋର୍‌ରେ ଗୀତ ବଜାଇବା, ରାତି ୧୨ଟା ମଧ୍ୟରେ ଭସାଣୀ ଶେଷ କରିବା, ବାଣ ନ ଫୁଟାଇବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଡିଜେ ବଜାଇବା, ବେଆଇନ୍ ଚାନ୍ଦା ଆଦାୟ, ନିଶାସେବନ ଉପରେ ସମ୍ପୂର୍ଣ୍ଣ ଭାବେ ରୋକ୍ ଲଗାଯାଇଛି। ଏହି ବୈଠକରେ ରୂପଯାତ୍ରା କମିଟି ସଭାପତି ସୁବୋଧ ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭଜନ ସିଡ଼ୀ 'ଶାରଦୀୟ ଅଭିନନ୍ଦନ' ଉନ୍ମୋଚିତ

**କଟକ ଅଫିସ, ୨୯।୯**

ଦଶହରା ଅବସରରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳଙ୍କ ଶାରଦୀୟ ଅଭିନନ୍ଦନ ଭଜନ ସିଡ଼ୀ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ବିଧାୟକ ବିଶ୍ୱାଳ ସମସ୍ତଙ୍କୁ ମୋର ଶାରଦୀୟ ଅଭିନନ୍ଦନ ନାମକ ଭଜନ ବୋଲିଛନ୍ତି। କଟକ ସର୍କିଟ ହାଉସ୍‌ଠାରେ ଆୟୋଜିତ ଏକ ଉତ୍ସବରେ ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଭଜନ ବିଧାୟକ ବିଶ୍ୱାଳଙ୍କ କାର୍ଯ୍ୟଶୈଳୀକୁ ନେଇ ଲେଖକ ବିଭୂତି ସ୍ୱାଇଁ, ମ୍ୟୁଜିସିଆନ୍ ମୁନା ମହାନ୍ତିଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବିଧାୟକ ବିଶ୍ୱାଳ କହିଛନ୍ତି, ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ନାମରେ 'ତ୍ରାହି ତ୍ରାହି ମହାବାହୁ' ଭଜନ ଶ୍ରୋତାଙ୍କ ମନକୁ ଛୁଇଁଥିଲା। ଉକ୍ତ ଭଜନ ମଧ୍ୟ ପୂର୍ବ ସଫଳତା ବଜାୟ ରଖିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ବିଜେଡି ମହାନଗର ସଭାପତି ମଧୁସୂଦନ ସାହୁ, ଟ୍ରକ ସଂଘ ସଭାପତି ରବି ଶତପଥୀ, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ତାପସ ସାମନ୍ତରାୟ, ପ୍ରଲୟା ବେଉରା, ଇଂ. ସୁବ୍ରତ ଘଡ଼ାଇ, ମଧୁସ୍ମିତା ବାରିକ, ବିଶ୍ୱବନ୍ଦିତା ପଣ୍ଡା, ଅରବିନ୍ଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ବନିମ୍ନ ପେନ୍‌ସନ୍ ପ୍ରଦାନ ଦାବିରେ ବିକ୍ଷୋଭ

**କଟକ ଅଫିସ,୨୯।୯**

ଇପିଏଫ୍ ପେନ୍‌ସନ୍‌ଭୋଗୀଙ୍କୁ ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କା ପ୍ରଦାନ ଆଦି ଦାବି ନେଇ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘ ପକ୍ଷରୁ କଟକସ୍ଥିତ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ସଂଘର ୧୫ ଜଣିଆ ପ୍ରତିନିଧି ଦଳ ପେନ୍‌ସନ୍‌ଭୋଗୀଙ୍କ ସମସ୍ୟା ସମ୍ପର୍କରେ ଆର୍‌ଡିସିଙ୍କ ସହିତ ଆଲୋଚନା କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆର୍‌ଡିସିଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ସଂଘ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଛନ୍ତି, କେନ୍ଦ୍ର ସରକାର ଓ ଇପିଏଫ୍‌ଓ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ପେନ୍‌ସନ୍‌ଭୋଗୀଙ୍କୁ ବର୍ଦ୍ଧିତ ପେନ୍‌ସନ୍ ଓ ମହଙ୍ଗା ଭତ୍ତା ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ତୁରନ୍ତ ଦାବି ପୂରଣ ନ ହେଲେ ଆସନ୍ତା ଅକ୍ଟୋବରରେ ରାଜ୍ୟପାଳଙ୍କୁ ଭେଟି ସଂଘ ଦାବି ଜଣାଇବ ବୋଲି ସେ କହିଥିଲେ। ସଂଘ ସଭାପତି ବିଜୟ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ କଟକ ଜିଲା ସଭାପତି ରାଜକିଶୋର ସ୍ୱାଇଁ, ସମ୍ପାଦକ ବିନୋଦ ବେହେରା, ଉପଦେଷ୍ଟା ପ୍ରଦୀପ ସାହୁ, କୃଷ୍ଣଚନ୍ଦ୍ର ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ, ମାୟାଧର ନାୟକ, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଉର୍ବଶୀ ମିଶ୍ର, ଅପର୍ଣ୍ଣା ନାୟକ, ପ୍ରଫୁଲ୍ଲ ଦାସ, ମାୟାଧର ମଲ୍ଲିକ, ସରୋଜକାନ୍ତ ମଲ୍ଲିକ, ସଚ୍ଚିଦାନନ୍ଦ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ।



ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ସଂଘ ପକ୍ଷରୁ କଟକସ୍ଥିତ ଆର୍‌ଡିସି କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ।

**ଆର୍‌ଡିସିଙ୍କୁ ସ୍ମାରକପତ୍ର**




୨୯।୯।୨୦୨୨

| | |
|---|---|
| ୨,୩୯,୪୬୦ ଟଙ୍କା | |
| ସୁନା | ୩.୫୦୦ ଗ୍ରାମ |
| ରୁପା | ୮୫ ଗ୍ରାମ |

## ସଂକ୍ଷେପରେ

### ହୋଟେଲରୁ ମହିଳାଙ୍କ ମୃତଦେହ ଜବତ

ପୁରୀ ଅଫିସ,୨୯।୯: ପୁରୀ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଏକ ଘରୋଇ ତାରକା ହୋଟେଲରୁ ଜଣେ ମହିଳାଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହକୁ ଗୁରୁବାର ପୋଲିସ ଜବତ କରିଛି। ମୃତା ହେଲେ କର୍ଣାଟକ ବେଲାରି ଅଞ୍ଚଳର ଐଶ୍ୱର୍ଯ୍ୟା ପି ସାହାନିବାଗ(୨୭)। ଏନେଇ ପୋଲିସ ଏକ ମାମଲା (ନଂ.୨୭/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପରିବାରଲୋକଙ୍କ ଉପସ୍ଥିତିରେ ସନ୍ଧ୍ୟାରେ ପୋଲିସ ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ସୂଚନା ଅନୁଯାୟୀ, ଐଶ୍ୱର୍ଯ୍ୟା ଜିଆଇଜେଡ ନାମକ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି। କମ୍ପାନୀର ଏକ ବୈଠକ ପାଇଁ ସବୁ କର୍ମଚାରୀ ପୁରୀ ଆସିଥିଲେ। ଉକ୍ତ ଘରୋଇ ତାରକା ହୋଟେଲର ରୁମ ନଂ.୧୧୧୧ରେ ଐଶ୍ୱର୍ଯ୍ୟା ବୁଧବାର ରାତିରେ ରହିଥିଲେ। ରାତି ସାଢ଼େ ୧୧ଟା ସମୟରେ ତାଙ୍କ ସ୍ୱାମୀ ବାରମ୍ବାର କଲ୍ କରିଥିଲେ। ହେଲେ ସେ ଫୋନ ଉଠାଇ ନ ଥିଲେ। ପ୍ରାୟ ୧୦ରୁ ଉର୍ଦ୍ଧ୍ୱଥର କଲ୍ ନ ଉଠାଇବାରୁ ସ୍ୱାମୀ ବାଧହୋଇ ଐଶ୍ୱର୍ଯ୍ୟାଙ୍କ ଅଫିସ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଫିସ କର୍ମଚାରୀ ଐଶ୍ୱର୍ଯ୍ୟାଙ୍କ ରୁମ୍‌କୁ ଯିବାବେଳକୁ ଭିତରପଟୁ କବାଟ ବନ୍ଦ ଥିଲା । ତେଣୁ ସେମାନେ ହୋଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ପରେ ପୋଲିସ ରାତି ସାଢ଼େ ୧୨ଟାରେ ଆସି ମାଷ୍ଟର ଚାବିରେ କବାଟ ଖୋଲିବାବେଳକୁ ଐଶ୍ୱର୍ଯ୍ୟା ଫ୍ୟାନରେ ଝୁଲୁଥିବା ଦେଖିଥିଲେ।

### ବଟି ମାଗି ୨ ଗିରଫ

ପୁରୀ ଅଫିସ, ୨୯।୯- ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦୋଳମଣ୍ଡପ ସାହିର ବିକାଶ ବାରିକ (୨୮) ଏବଂ କାହ୍ନା ବାରିକ (୨୭)। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଏକ ଛୁରି ଏବଂ ୨ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଟାଉନ ଥାନା ପୋଲିସ କେସ ନଂ. ୩୧୪/୨୨ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଦୋଳମଣ୍ଡପ ସାହି ଜହ୍ନି ମୁଣ୍ଡିଆ ଛକ ନିକଟରେ ୨ଜଣ ବ୍ୟକ୍ତି ମାରଣାସ୍ତ୍ର ଦେଖାଇ ଅଟୋ ଚାଳକମାନଙ୍କଠାରୁ ବଟି ଆଦାୟ କରୁଥିଲେ। ଖବରପାଇ ପୋଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

# ପୁରୀରେ ଶୀଘ୍ର ନଷ୍ଟ ହୋଇଯାଉଛି ନୋଟ୍

ପୁରୀ ଅଫିସ,୨୯।୯:







**ବ୍ୟାଙ୍କ ଉପରେ ବଢୁଛି ମୁଦ୍ରା ବୋଝ**
- ୧, ୨ ଓ ୫ ଟଙ୍କିଆ ମୁଦ୍ରା ଚଳୁ ନ ଥିବା ଗୁଜବ
- ସଚେତନତା ସୃଷ୍ଟି ଲାଗି ପଦକ୍ଷେପ ନିଆଯାଉନି
- କାର୍ଯ୍ୟକାରୀ ହେଉନି ଆର୍ଥିକ ସାକ୍ଷରତା ଯୋଜନା

ଓଡ଼ିଶାର ଅନ୍ୟ ଜିଲା ତୁଳନାରେ ପୁରୀରେ ନୋଟ୍ (କାଗଜ ଟଙ୍କା) ଶୀଘ୍ର ନଷ୍ଟ ହୋଇ ଯାଉଛି ବୋଲି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏସ୍‌ବିଆଇ ପକ୍ଷରୁ ସୂଚନା ମିଳିଛି। ଗୋଟିଏ ନୋଟ୍ ବଜାରକୁ ଯିବା ପରେ ଏହା ବିଭିନ୍ନ ଲୋକଙ୍କ ପାଖକୁ କ୍ରମାଗତ ଭାବେ ସ୍ଥାନାନ୍ତରିତ ହୋଇଥାଏ। ଅନୁଗୋଳ ଓ ଢେଙ୍କାନାଳ ପରି ଜିଲାରେ ନୋଟ୍‌ଗୁଡ଼ିକ ୧୦ରୁ ୧୧ ହାତ ହେବା ସତ୍ତ୍ୱେ ବ୍ୟବହାର ଉପଯୋଗ ହୋଇରହୁଛି। ମାତ୍ର ପୁରୀ ଜିଲାରେ ଏଭଳି ହେଉ ନ ଥିବା ଜଣାପଡ଼ିଛି। ଆନୁମାନିକ ଭାବେ ଗୋଟିଏ ନୋଟ୍ ୩ରୁ ୪ ଜଣଙ୍କ ହାତକୁ ଯିବା ପରେ ଏହା ସବୁ କ୍ଷେତ୍ର ପାଇଁ ବ୍ୟବହାର ଉପଯୋଗୀ ହୋଇରହୁନାହିଁ। ଏହାପଛର ମୁଖ୍ୟ କାରଣ ପୁରୀର ଲୁଣି ଜଳବାୟୁ ହୋଇଥାଇପାରେ ବୋଲି ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାର ମ୍ୟାନେଜର ବିଜୟ ଶତପଥୀ କହିଛନ୍ତି।

ଶତପଥୀ କହିଛନ୍ତି, ପୁରୀ ଏସବିଆଇକୁ ସବୁଠାରୁ ଅଧିକ ନୋଟ୍ ବଦଳି ପାଇଁ ଆସୁଛି। ତେବେ ଜଲଦି ନୋଟ୍ ନଷ୍ଟ ହେବା କାରଣରୁ ଆର୍ଥିକ କାରବାର ପ୍ରଭାବିତ ହେଉଛି। ବ୍ୟାଙ୍କ ମାଧ୍ୟମରେ ଲୋକଙ୍କ ନିକଟରେ ନୋଟ୍ ପହଞ୍ଚୁଥିବାବେଳେ ସେଗୁଡ଼ିକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଥାଏ। ସବୁଠାରୁ ଭଲ ନୋଟ୍ ଏଟିଏମ୍‌ରେ ଭର୍ତ୍ତି ପାଇଁ ଚୟନ କରାଯାଏ। ମଧ୍ୟମ ଧରଣର ନୋଟ୍‌କୁ ବଜାରକୁ ଛଡ଼ାଯାଏ ଓ ନଷ୍ଟ ହୋଇଯାଇଥିବା ନୋଟ୍‌କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ଦାଖଲ କରାଯାଇଥାଏ। ପୁରୀ ଜିଲାରେ ନଷ୍ଟ ହୋଇଯାଉଥିବା ଏବଂ ଏଟିଏମ୍‌କୁ ଯାଇପାରୁ ନ ଥିବା ନୋଟ୍ ସଂଖ୍ୟା ଅନ୍ୟ ଜିଲା ତୁଳନାରେ ଅଧିକ। ଫଳରେ ପୁରୀ ଜିଲାକୁ ଅଧିକ ନୂଆ ନୋଟ୍ ଦରକାର ପଡୁଛି।

ଅନ୍ୟପକ୍ଷରେ ଟଙ୍କିକିଆ, ଦୁଇଟଙ୍କିଆ ଓ ପାଞ୍ଚଟଙ୍କିଆ ମୁଦ୍ରା ନେଣଦେଣ ଲାଗି ଲୋକେ ରାଜି ହେଉନାହାନ୍ତି। ଆର୍‌ବିଆଇ ପକ୍ଷରୁ ସମ୍ପୃକ୍ତ ମୁଦ୍ରା ପ୍ରଚଳିତ ଥିଲେ ମଧ୍ୟ ବଜାରରେ ଏହାକୁ ଚଳାଇବା କଷ୍ଟକର ହୋଇପଡୁଛି। ପୁରୀ ସଦର, ନିମାପଡ଼ା, ଗୋପ, କାକଟପୁର ଓ ବ୍ରହ୍ମଗିରି ପ୍ରଭୃତି ଅଞ୍ଚଳରେ ଟଙ୍କିକିଆ ଓ ଦୁଇଟଙ୍କିଆ ମୁଦ୍ରା ଅଚଳ ବୋଲି ଗୁଜବ ସୃଷ୍ଟି ହୋଇଛି। ଏଥିଯୋଗୁ ବ୍ୟବସାୟିକ କାରବାର ପ୍ରଭାବିତ ହେଉଛି। ଫଳରେ ସଂପୃକ୍ତ ମୁଦ୍ରାଗୁଡ଼ିକ ବହୁ ସଂଖ୍ୟାରେ ବ୍ୟାଙ୍କରେ ଜମା ହେଉଛି। କଣାସ ବ୍ଲକର କେତେକ ସ୍ଥାନରେ ଗତ କିଛି ମାସ ହେବ ଲୋକେ ୫ଟଙ୍କିଆ ମୁଦ୍ରା ନେଣଦେଣକୁ ମଧ୍ୟ ବନ୍ଦ କରିସାରିଲେଣି। ଏହା ବ୍ୟାଙ୍କଗୁଡ଼ିକ ପାଇଁ ସମସ୍ୟା ବଢ଼ାଉଛି। ଆର୍‌ବିଆଇ ଗାଇଡଲାଇନ୍ ଅନୁଯାୟୀ, କୌଣସି ବ୍ୟକ୍ତି ଅନାୟାସରେ ବ୍ୟାଙ୍କରେ ମୁଦ୍ରା ଦାଖଲ କରିପାରିବେ। ଏଣୁ ଲୋକେ ବଜାରରେ ଚଳୁ ନ ଥିବା ଟଙ୍କାକୁ ବ୍ୟାଙ୍କରେ ଜମା କରୁଛନ୍ତି। ଯେଉଁ ମୁଦ୍ରା ବଜାରରେ ଚଳୁ ନାହିଁ ତାହା କେବଳ ଏକ ଧାତୁ ସହ ସମାନ ବୋଲି କୁହାଯାଇପାରିବ। ଆର୍ଥିକ ଢାଞ୍ଚା ମଧ୍ୟରେ ସାମିଲ ନ ହୋଇ ପାରିବାରୁ ମୁଦ୍ରା ନିଜର ଆର୍ଥିକ କ୍ଷମତା ହରାଇସାରିଛି। ତେବେ ଏହା ପଛର ଏକ କାରଣ ହେଉଛି ୟୁପିଆଇ। ଗ୍ରାମାଞ୍ଚଳରେ ଲୋକେ ୨ରୁ ୪ ଟଙ୍କା ପାଇଁ ମଧ୍ୟ ୟୁପିଆଇକୁ ମାଧ୍ୟମ କଲେଣି। ଏଥିଯୋଗୁ ମୁଦ୍ରାର ବ୍ୟବହାର ଓ ଆର୍ଥିକ ମୂଲ୍ୟ ନଷ୍ଟ ହେଉଛି ବୋଲି ଆର୍ଥିକ ପରାମର୍ଶଦାତା ଦେବାଶିଷ ପଟ୍ଟନାୟକ କହିଛନ୍ତି। ବୁଦ୍ଧିଜୀବୀ ପ୍ରକାଶ ମିଶ୍ର କହିଛନ୍ତି, ଗ୍ରାମାଞ୍ଚଳରେ ଲୋକେ ପରସ୍ପରଠାରୁ ଗୁଜବ ଶୁଣି ଏଭଳି କରୁଛନ୍ତି। ପ୍ରଶାସନର ସଚେତନତା ଏଭଳି ଅବ୍ୟବସ୍ଥାକୁ ଭାଙ୍ଗିଦେବ। ସେହିପରି ମୁଦ୍ରା ନେବାକୁ ମନା କରୁଥିବା ଲୋକଙ୍କ ବିରୋଧରେ ଏତଲା ଦିଆଯାଉ। ଆର୍ଥିକ ସାକ୍ଷରତା ଯୋଜନା କାର୍ଯ୍ୟକାରୀ ସହ ଗ୍ରାମାଞ୍ଚଳରେ ଲୋକଙ୍କୁ ସଚେତନ କରାଇବାକୁ ପ୍ରଶାସନ ଓ ବ୍ୟାଙ୍କ ପଦକ୍ଷେପ ନେବା ଉଚିତ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ର କହିଛନ୍ତି, ଏନେଇ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଅଧିକାରୀମାନଙ୍କ ସହ ଆଲୋଚନା କରିବୁ। କେତେ ମୁଦ୍ରା ପ୍ରଚଳନ ହୋଇପାରୁନାହିଁ ଓ କିଭଳି ପୁନଃ ପ୍ରଚଳନ କରିହେବ ସେନେଇ ଚେଷ୍ଟା କରାଯିବ। ସଚେତନତା କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯିବ।

## ପୁରୀରେ ପହଞ୍ଚିଲେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

ପୁରୀ ଅଫିସ,୨୯।୯:

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରାତ୍ର ସାଢେ ୯ଟାରେ ପୁରୀରେ ପହଞ୍ଚିଛନ୍ତି। ଅଠରନଳାଠାରେ ଭାଜପାର ସମସ୍ତ ଜିଲାସ୍ତରୀୟ ନେତା ଓ ଶତାଧିକ କର୍ମୀମାନେ ନଡ୍ଡାଙ୍କୁ ସ୍ୱାଗତ କରିବା ପାଇଁ ଉପସ୍ଥିତ ରହିଥିଲେ। ନଡ୍ଡା ପହଞ୍ଚିବା ପରେ ତାଙ୍କୁ ପାଛୋଟି ନିଆଯାଇଥିଲା। ଦଳୀୟ ନେତାମାନେ ନଡ୍ଡାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ନଡ୍ଡା ଅଠରନଳାରୁ ପୁରୀ ମେ ଫେୟାର ଅଭିମୁଖେ ଯାତ୍ରା କରିଥିଲେ। ସେ ସେଠାରେ ରାତ୍ରିଯାପନ କରିବାର କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସକାଳ ୭ଟା ସମୟରେ ନଡ୍ଡା ଶ୍ରୀମନ୍ଦିର ଯିବେ। ମହାପ୍ରଭୁଙ୍କ ଦର୍ଶନ ସାରି ସେ ପୁରୀ ଛାଡ଼ିବେ। ସକାଳ ୮ଟାରେ ପୁରୀ ହେଲିପ୍ୟାଡ୍‌ରୁ ହେଲିକେପ୍ଟର ଯୋଗେ ସେ ଭଦ୍ରକରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯିବା ନେଇ କାର୍ଯ୍ୟକ୍ରମ ରହିଛି। ଉଲ୍ଲେଖଯୋଗ୍ୟ, ଜେ.ପି ନଡ୍ଡା ଓଡ଼ିଶା ଗସ୍ତରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଅଠରନଳାଠାରେ ହୋଇଥିବା ମଞ୍ଚ ସମ୍ବର୍ଦ୍ଧନାରେ ପୁରୀ ଜିଲାର ଭାଜପା ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କ ସମେତ ଅନ୍ୟ ନେତୃବୃନ୍ଦମାନେ ଉପସ୍ଥିତ ଥିଲେ।



ପିପିଲି ବ୍ଲକ ଅଞ୍ଚଳର ଜଣେ ଭାଗ ଚାଷୀଙ୍କ ବିଲକୁ ନଷ୍ଟ କରିଥିବା ଦୁର୍ବୃତ୍ତଙ୍କୁ ଗିରଫ ଓ ନ୍ୟାୟ ଦାବିରେ ରାଜ୍ୟ ଦଳିତ ମାଇନରିଟି ମହାସଂଘ ପକ୍ଷରୁ ଗୁରୁବାର ବିଲରେ ଧାରଣା ଦିଆଯାଇଛି ।

## ବିଲରେ ଧାରଣା ପରେ ନବୀନ ନିବାସକୁ ପଦଯାତ୍ରା

ପିପିଲି,୨୯।୯(ସ୍ୱ.ପ୍ର.)

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ ଦେଲା ଦଳିତ ମହାସଂଘ**

ପିପିଲି ବ୍ଲକ ଅଞ୍ଚଳର ଜଣେ ଚାଷୀ ନ୍ୟାୟ ଦାବିରେ ନଷ୍ଟ ହୋଇଥିବା ବିଲରେ ଧାରଣା ଦେଇଥିଲେ। ହେଲେ କୌଣସି ଅଧିକାରୀ ନ ଆସିବାରୁ ଚାଷୀଙ୍କ ସହିତ ଥିବା ରାଜ୍ୟ ଦଳିତ ମାଇନରିଟି ମହାସଂଘ ନବୀନ ନିବାସ ଅଭିମୁଖେ ପଦଯାତ୍ରା କରିଛନ୍ତି। ପଦଯାତ୍ରା ନବୀନ ନିବାସରେ ପହଞ୍ଚି ଅଭିଯୋଗ ପ୍ରକୋଷ୍ଠରେ ମହାସଂଘ ଅଭିଯୋଗ କରିଛି। ସୂଚନାଯୋଗ୍ୟ, ପିପିଲି ଏନ୍‌ଏସି ହସନପୁର ଗ୍ରାମର ସୁଦର୍ଶନ ବେହେରା ଭାଗଚାଷୀ ଭାବେ ୮୫ ଡିସିମିଲ ଧାନ ଚାଷ କରୁଥିଲେ। ହେଲେ କେହି ଦୁର୍ବୃତ୍ତ ସେଠାରେ କୀଟନାଶକ ସ୍ପ୍ରେ କରି ନଷ୍ଟ କରିଦେଇଥିଲେ। ଜମି ମାଲିକ ଓ ସୁଦର୍ଶନଙ୍କ ମଧ୍ୟରେ ପୂର୍ବରୁ ବିବାଦ ଥିବାରୁ ଜମି ମାଲିକ ହିଁ ଲୋକ ଲଗାଇ ଜମି ନଷ୍ଟ କରିଥିବା ନେଇ ପିପିଲି ଥାନାରେ ସୁଦର୍ଶନ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ ତଦନ୍ତରେ ଶିଥିଳତା କରୁଥିବାରୁ ସୁଦର୍ଶନ ରାଜ୍ୟ ଦଳିତ ମାଇନୋରିଟି ମହାସଂଘର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଦଳିତ ମହାସଂଘ ନ୍ୟାୟ ପାଇଁ ତହସିଲଦାରଙ୍କୁ ଅବଗତ କରିବା ସହ ବୁଧବାର ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏନେଇ ଗୁରୁବାର ଦଳିତ ମହାସଂଘର ରାଜ୍ୟ ସଭାପତି ବିଜୟ ସେଠୀଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାଙ୍କ ସହ ଚାଷୀ ସୁଦର୍ଶନ ନଷ୍ଟ ହୋଇଥିବା ଚାଷ ବିଲରେ ଧାରଣା ଦେଇଥିଲେ। ହେଲେ କେହି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ସେମାନେ ରାଜରାସ୍ତାରେ ଚାଲି ନବୀନ ନିବାସ ଅଭିମୁଖେ ଯାତ୍ରା କରିଥିବା ମହାସଂଘର ସଭାପତି ସେଠୀ କହିଛନ୍ତି।

## ଛାତ୍ର କଂଗ୍ରେସ କର୍ମୀଙ୍କୁ ଉଠାଇନେଲା ପୋଲିସ

ପୁରୀ ଅଫିସ,୨୯।୯

**ଜେ.ପି. ନଡ୍ଡାଙ୍କୁ ବିରୋଧ ଯୋଜନା**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ଓଡ଼ିଶା ତଥା ପୁରୀ ଗସ୍ତକୁ ବିରୋଧ କରିବାକୁ ପୁରୀ ଛାତ୍ର କଂଗ୍ରେସ ଯୋଜନା କରୁଥିଲେ। ଖବରପାଇ ପୁରୀ ସଦରଥାନା ପୋଲିସ ବିକ୍ଷୋଭକାରୀଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଛି। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି, ଜେ.ପି. ନଡ୍ଡା ଓଡ଼ିଶା ଆସିଲେ ବିଜେଡି ବିରୋଧରେ କମ୍ ଓ କଂଗ୍ରେସକୁ ଅଧିକ ବିରୋଧ କରିଲେ। ଏହି ସବୁ ଡୋର ଭାରତ ଯୋଡ଼ ଯାତ୍ରାକୁ ନେଇକରି ସୃଷ୍ଟି ହୋଇଛି। ତେଣୁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ପୁରୀ ଆସୁଥିବା ବେଳେ ପୁରୀ ଛାତ୍ର କଂଗ୍ରେସ ତରଫରୁ ସେତେବେଳେ ଘେରିବାକୁ ଯୋଜନା କରି ଭୁବନେଶ୍ୱର-ପୁରୀ ଏନ୍‌ଏଚ୍‌ର ବଢେଇବାଙ୍କଠାରେ ଏକ ଦୋକାନ ତଳେ ଛାତ୍ର କଂଗ୍ରେସ ପକ୍ଷରୁ ଜଗିରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୁରୀ ସଦର ଥାନା ଅଧିକାରୀଙ୍କ ସହ ପୁରୀ ସଦର ଏସ୍‌ଡିପିଓ ୨ଟି ଭ୍ୟାନ୍‌ରେ ଘଟଣାସ୍ଥଳକୁ ଆସି ସମସ୍ତଙ୍କୁ ସେଠାରୁ ବଳପୂର୍ବକ ଉଠାଇ ଥିଲେ। ଓଡ଼ିଶାରେ ବିଜେଡି ସହ ଭାଇ ଭାଇର ସମ୍ପର୍କ ରଖିଥିବା ଭାଜପା ଦଳର ଅଧ୍ୟକ୍ଷ କାହିଁକି ଦରଦାମ କଥା ବେକାରି ସମସ୍ୟା କଥା ଉଠାଉ ନାହାନ୍ତି, ରାଜ୍ୟର ଛାତ୍ର ଓ ଯୁବକଠାରୁ ନାରୀ, ଶ୍ରମିକ, କୃଷକ, ଅଙ୍ଗନୱାଡି ଓ ଆଶାଦିଦି ସମସ୍ତେ ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି। ଅଧ୍ୟକ୍ଷ ପୁରୀ ଆସୁଛନ୍ତି ହେଲେ ପୁରୀରେ ସ୍ୱାସ୍ଥ୍ୟାବସ୍ଥା ବିପର୍ଯ୍ୟୟ, ଶ୍ରୀମନ୍ଦିର ଐତିହ କରିଡର, ନବକଳେବର ଓ ରତ୍ନଭଣ୍ଡାର କଥାରେ ଭାଜପା ଚୁପ ରହିଛି। ଏହି ଭାଇ ଭାଇର ସରକାର ପାଇଁ ଜନସାଧାରଣ ହତାଶ ହୋଇପଡିଲେଣି ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ପୋଲିସ ପକ୍ଷରୁ ଯୁବ କଂଗ୍ରେସ ନେତା ଆଲୋକ ଦାଶ, ବସ୍ତି ନେତା ମନୋଜ ମଣ୍ଡଳ, ଛାତ୍ର କଂଗ୍ରେସ ଜିଲା ସଭାପତି ଆଶୁତୋଷ ମିଶ୍ର, ପୁରୀ ବିଧାନସଭା ଛାତ୍ର କଂଗ୍ରେସ ସଭାପତି ଅଗଷ୍ଟିନ ଜୋସେଫ, ଛାତ୍ର ଉପସଭାପତି ରୀସାନ ଦାଶ, ସଦର ଯୁବ ନେତା ବିଜୟ ସେନାପତି, ଛାତ୍ର କଂଗ୍ରେସ ଜିଲା ସାଧାରଣ ସମ୍ପାଦକ ଆଲୋକ ପଲେଇ, ଛାତ୍ର ନେତା ସାହିଲ ମହାନ୍ତି ଏବଂ ମହେଶ ସାହୁଙ୍କୁ ଥାନାରେ ଅଟକ ରଖାଯାଇଛି।

## ସ୍ୱାସ୍ଥ୍ୟ ସ୍ୱଚ୍ଛତା ସଚେତନ

ପୁରୀ ଅଫିସ,୨୯।୯

ସଂକଳ୍ପ ଫାଉଣ୍ଡେଶନ ଟ୍ରଷ୍ଟ ପରିସରରେ ଏକ ଦୁଇଦିନିଆ ସ୍ୱାସ୍ଥ୍ୟ ସ୍ୱଚ୍ଛତା ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଡ.ହିତବ୍ରତ ବାହିନୀପତି, ବିଜେତା ମିଶ୍ର ଏବଂ ବିଦ୍ୟୁତ୍‌ଲତା ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନ୍ତେବାସୀଙ୍କୁ ପରିଷ୍କାର ପରିଚ୍ଛନ୍ନ ରହିବା। ଠିକ୍ ସମୟରେ ଭୋଜନ କରିବା ସହିତ ଦିନଚର୍ଯ୍ୟାକୁ ସ୍ୱଚ୍ଛତା ସହିତ ସୁସ୍ଥ ଚିନ୍ତାଧାରାର ଶୁଦ୍ଧତା ମଣିଷକୁ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରେ। ସେଥିପାଇଁ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ଦେଶର ମୁଖ୍ୟ ଉଜ୍ଜ୍ୱଳ କରିଥାନ୍ତି। ତେଣୁ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି ଅତିଥିମାନେ କହିଛନ୍ତି। କାର୍ଯ୍ୟକ୍ରମରେ ସଂକଳ୍ପ ପରିବାରର ସଦସ୍ୟ ସଦସ୍ୟା ପୁଷ୍ପା ମଞ୍ଜରୀ ପାତ୍ର, ସୁରେଶ ସାହୁ, ରାଜେନ୍ଦ୍ର ସ୍ୱାଇଁ, ପ୍ରିୟଦର୍ଶିନୀ ମହାପାତ୍ର, ହରିହର ବେହେରା, ମନୋରଞ୍ଜନ ଜେନା, ପୁଷ୍ପା ପାତ୍ର, ପୂର୍ଣ୍ଣିମା ରଥ ଉପସ୍ଥିତ ଥିଲେ। ଅଧ୍ୟକ୍ଷା ସୁଚରିତା ପାଢୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କଲା କଂଗ୍ରେସ

ପିପିଲି,୨୯।୯(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ଜାତୀୟ କଂଗ୍ରେସ ପକ୍ଷରୁ ଗୁରୁବାର କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଜିଲା ସଭାନେତ୍ରୀ ନିରୁପମା ପାତ୍ର, ନଗର ସଭାପତି ଏସ୍.କେ. ମେହେବୁବାଙ୍କ ସମେତ କଂଗ୍ରେସ କର୍ମୀମାନେ ପିପିଲି ବଜାରରେ ପଦଯାତ୍ରା କରିବା ସହ ମନ୍ତ୍ରୀ ଦାଶଙ୍କ ବିରୋଧ ବିଭିନ୍ନ ନାରାବାଜି ଦେଇଥିଲେ। ବହୁଚର୍ଚ୍ଚିତ ପୁରୀ ଜିଲା ୧୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ପରେ ଭାଇରାଲ ହେଉଥିବା ଅଡିଓକୁ ନେଇ ଗଣଶିକ୍ଷା ମନ୍ତ୍ରୀଙ୍କ ଭୂମିକା ଥିବାନେଇ କଂଗ୍ରେସ ଦାବି କରି ରାଜରାସ୍ତାକୁ ଓହ୍ଲାଇଛି। ସେଥିପାଇଁ ଏକ ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟ ସରକାର ଗଣଶିକ୍ଷା ମନ୍ତ୍ରୀଙ୍କୁ ପକ୍ଷଭୁକ୍ତ କରିବା ସହ ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବଦଳରେ ଅନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଦାବି କରିଛି କଂଗ୍ରେସ।

## ବିଶ୍ୱ ହୃଦୟ ଦିବସରେ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ,୨୯।୯:

ବିଶ୍ୱ ହୃଦୟ ଦିବସ ଅବସରରେ ଗୁରୁବାର ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଓ କେୟାର ହସ୍ପିଟାଲ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମାରୋହ ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଶତାଧିକ ସ୍ଥାନୀୟ ଲୋକେ, ବୁଦ୍ଧିଜୀବୀ ଓ ଶ୍ରୀମନ୍ଦିର କର୍ମଚାରୀମାନେ ଶୋଭାଯାତ୍ରାରେ ସାମିଲ ହୋଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସଚେତନତା ବାଣ୍ଟିଥିଲେ। ହୃଦୟକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ଚାଲିବା ଅଭ୍ୟାସ କରିବା ସହ ସନ୍ତୁଳିତ ଖାଦ୍ୟ ଖାଇବା ପାଇଁ ଡାକ୍ତର ହେମନ୍ତ ଦାଶ ପରାମର୍ଶ ଦେଇଥିଲେ। ତେବେ ଶୋଭାଯାତ୍ରା ସରିବା ପରେ ନୀଳାଦ୍ରି ଭକ୍ତନିବାସରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପରେ ହୃଦୟ, ଆଖି, ଇଏନ୍‌ଟି ଆଦି ବିଭାଗର ଡାକ୍ତରମାନେ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ହୃଦରୋଗ ବିଶେଷଜ୍ଞ ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ ଉପସ୍ଥିତ ରହି ସେବାୟତ ଓ କର୍ମଚାରୀଙ୍କ ହୃଦରୋଗ ଯାଞ୍ଚ କରିବା ଇସିଜି, ବ୍ଲଡ୍ ସୁଗାର, ରକ୍ତଚାପ, ବୋନ୍ ମିନେରାଲ୍ ଡେନ୍‌ସିଟି ସ୍କ୍ରିନିଂ ଓ ଚକ୍ଷୁ ପରୀକ୍ଷା କରିଥିଲେ। ସମୁଦାୟ ୧୬୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡା. ତନ୍ମୟ କୁମାର ଦାଶ, ବିକ୍ରମ କେଶରୀ ମହାପାତ୍ର, ସାକ୍ଷୀ ସିଂ, ରବି ସିଂ ଓ ମେଡିସିନ ବିଭାଗର ସ୍ୱରୂପ କୁମାର ପ୍ରମୁଖ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇଥିଲେ।




ଶ୍ରୀମନ୍ଦିର ପ୍ରଶାସନ ଓ କେୟାର ହସ୍ପିଟାଲ୍ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଶ୍ରୀକ୍ଷେତ୍ରରେ ନାଗା ଉପାସନା ଅନନ୍ୟ

ପୁରୀ ଅଫିସ,୨୯।୯

- ଧର୍ମରକ୍ଷା, ଶ୍ରୀମନ୍ଦିର ସୁରକ୍ଷା ପାଇଁ ନାଗାମାନେ ଲଢ଼ିଥିଲେ
- ବାଲିସାହି ଆଖଡ଼ାରେ ରହିଛି ବୀରତ୍ୱର ଗାଥା

ଶାରଦୀୟ ଦୁର୍ଗା ପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜାର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏହି ଗୋଷାଣୀ ପୂଜନ ମଧ୍ୟରେ ନାଗା ଉପାସନା ଏକ ନିଆରା ଉପାସନା। ଯାହା ବୀରର ପ୍ରତୀକକୁ ଦର୍ଶାଇଥାଏ। ଏହି ନାଗା ଉପାସନା ସମ୍ପର୍କରେ ଐତିହ ବିଶାରଦ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଆଦିଶଙ୍କରଙ୍କ ଦ୍ୱାରା ସୃଷ୍ଟି ଦଶନାମୀ ସମ୍ପ୍ରଦାୟର ନାଗା ସମ୍ପ୍ରଦାୟ ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହି ସମ୍ପ୍ରଦାୟ ତତ୍କାଳୀନ ହିନ୍ଦୁମଠ, ମନ୍ଦିର ଓ ପୃଷ୍ଠପୋଷକଙ୍କ ରକ୍ଷା ପାଇଁ ସୃଷ୍ଟି। ସେମାନେ ସମଗ୍ର ଭାରତରେ ପ୍ରଥମେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ପ୍ରତିହତ କରୁଥିଲେ। ପରେ ମୁସଲମାନ ଓ ମୋଗଲଙ୍କୁ ମଧ୍ୟ ପ୍ରତିହତ କଲେ। ସେଥିପାଇଁ ମୁଖ୍ୟ ତୀର୍ଥକ୍ଷେତ୍ରରେ ଆଖଡ଼ାମାନ ପ୍ରତିଷ୍ଠା ହୋଇ ନାଗାମାନଙ୍କୁ ନାଗାସାଧୁ ରୂପେ ଆଖ୍ୟା ଦେଇ ରକ୍ଷଣାବେକ୍ଷଣ କରାଯାଇଥିଲା। ନାଗା ସାଧୁ ମୁଖ୍ୟତଃ ୨ପ୍ରକାରର ଥିଲେ। ଗୋଟିଏ ଗୋଷ୍ଠୀ ଖାଦ୍ୟ ସଂଗ୍ରହ କରିବା, ଆଖଡାର ରକ୍ଷଣାବେକ୍ଷଣା ଦାୟିତ୍ୱରେ ରହୁଥିଲେ। ଅନ୍ୟଗୋଷ୍ଠୀର ନାଗାମାନେ ମଲ୍ଲଯୋଦ୍ଧା କରିବା ସହ କୁସ୍ତି କସରତ କରୁଥିଲେ। ସେମାନଙ୍କୁ ନାଗାଯାଗା ସାଧୁ ବୋଲି କୁହାଯାଉଥିଲା। ଧର୍ମରକ୍ଷା ପାଇଁ ସେମାନେ ସମର୍ପିତ ଥିଲେ। ସେହି ନାଗାମାନଙ୍କର ବୀରତ୍ୱକୁ ନେଇ ଶ୍ରୀକ୍ଷେତ୍ରରେ ନାଗା ପୂଜା ଉପାସନା ଆରମ୍ଭ ହୋଇଛି। ତେବେ କେବେଠାରୁ ପୂଜା ବିଧି ଆରମ୍ଭ ହେଲା ତାହାର ଇତିହାସ ନାହିଁ। ନାଗାମାନେ ପରମ ବୈଷ୍ଣମ। ନାଗାମାନଙ୍କୁ ବନ ଦୁର୍ଗା ମନ୍ତ୍ରରେ ପୂଜା କରାଯାଏ।

୧୬୪୭ ଖ୍ରୀଷ୍ଟାବ୍ଦ ପରେ ଏହି ନାଗା ଉପାସନା ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ମନେ କରାଯାଏ। ଅମୀର ନବାବ ଫତେ ଖାଁ ପୁରୀର ବାଲିସାହିସ୍ଥିତ ଶ୍ରୀନଅର ଉପରେ ଆକ୍ରମଣ କରି ନରସିଂହ ଦେବଙ୍କୁ ହତ୍ୟା କରିଥିଲା। ତାଙ୍କୁ ସେତେବେଳ ନାଗାସାଧୁମାନେ ପ୍ରତିରୋଧ କରି ପ୍ରାଣପାତ କରିଥିଲେ। ଏପରିକି ଶ୍ରୀମନ୍ଦିର ଲୁଣ୍ଠନ ପାଇଁ ଫତେ ଖାଁକୁ ସିଂହଦ୍ୱାର ବାଟେ ଶ୍ରୀମନ୍ଦିରରେ ପ୍ରବେଶ କରାଇ ଦେଇ ନ ଥିଲେ। ଫତେ ଖାଁ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରି ଧନରତ୍ନ ଲୁଣ୍ଠନ କରି ଫେରିଯାଇଥିଲା। ଫଳରେ ବଡ଼ଦାଣ୍ଡରେ ନାଗାମାନେ ଫତେ ଖାଁର ସୈନ୍ୟମାନଙ୍କୁ ହତ୍ୟା କରିବା ଜନମାନସରେ ଗଭୀର ରେଖାପାତ କରିଥିଲା। ନାଗାମାନଙ୍କର ବୀରତ୍ୱର ଗାଥା ଧରମାର କିମ୍ବଦନ୍ତୀ ହେବା ପୂର୍ବରୁ



ବୀରତ୍ୱର ଉପାସକ ପୁରୀର ବାଲିସାହିର ଜାଗାଆଖଡ଼ା ଓ ହରଚଣ୍ଡୀ ସାହିର ଜାଗା ଆଖଡା ପୃଷ୍ଠପୋଷକମାନେ ନାଗାମୂର୍ତ୍ତି ଗଢ଼ି ପୂଜାର ପ୍ରଚଳନ କରାଇଥିଲେ। ଜାଗା ଆଖଡ଼ାରେ ଯେଉଁମାନେ ନାଗା ବିଗ୍ରହ ପୂଜା କଲେ ସେମାନଙ୍କୁ ବୀରତ୍ୱର ପ୍ରତିମୂର୍ତ୍ତି କଲେ। ଆମ ସଂସ୍କୃତିର ବୀରତ୍ୱ ବିଗ୍ରହର ପ୍ରତୀକ ହେଉଛନ୍ତି ମହିଷା ମର୍ଦ୍ଦିନୀ। ତେଣୁ ବୀର ନାଗା ବିଗ୍ରହରେ ଦୁର୍ଗାଦେବୀଙ୍କର ଆବାହନ କରି ବନଦୁର୍ଗା ମନ୍ତ୍ରରେ ପୂଜାର୍ଚ୍ଚନା କଲେ। ହରଚଣ୍ଡୀ ସାହି ଓ ବାଲିସାହିରେ ଦୁର୍ଗା ବିଗ୍ରହର ଉପାସନା ସହିତ ନାଗା ବିଗ୍ରହ ମଧ୍ୟ ଦୁର୍ଗାଙ୍କର ସେହି ବୀର ସ୍ୱରୂପକୁ ଦେଖିପାରିଲେ। ସେଥିପାଇଁ ମା' ଦୁର୍ଗାଙ୍କର ବୀରତ୍ୱର ପ୍ରତୀକ ରୂପେ ନାଗା ପୂଜାକୁ ଦୁର୍ଗାପୂଜାରେ ସାମିଲ କରିଥିଲେ। ବର୍ତ୍ତମାନ ମଧ୍ୟ ଶ୍ରୀକ୍ଷେତ୍ରରେ ନାଗା ଉପାସନା ଦେଖାଯାଏ। ତେବେ ବାଲି ସାହି ଆଖାଡାରୁ ଆରମ୍ଭ ହୋଇଥିବା ନାଗା ଉପାସନା ପୁରୀର ସାତ ସାହି ୪୨କନ୍ଦିର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥାଏ। ପୁରୀ ସହରରେ ପ୍ରଥମ ନାଗା ବାଲି ସାହି ଆଖଡା ହିଞ୍ଜଳ ଜାଗା ପକ୍ଷରୁ ନିର୍ମାଣ କରାଯାଇଥିବାରୁ ଉକ୍ତ ନାଗାକୁ ଗାଦି ନାଗା ବୋଲି କୁହାଯାଏ ।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଷଷ୍ଠୀ ଓଷାର ନାଗାଙ୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ହିଞ୍ଜଳ ଜାଗାର ସମ୍ପାଦକ ଜିତେନ୍ଦ୍ର ମୁଦୁଲି ନାଗା ନିର୍ମାଣ ସମ୍ପର୍କରେ କହିଛନ୍ତି, ବାଲି ସାହି ନାଗାର ବେଶ୍ ପ୍ରସିଦ୍ଧ ରହିଛି। ନାଗାର ଉଚ୍ଚତା ୧୬ ଫୁଟ। ୪ଜଣ ମୁଖ୍ୟ କାରିଗର ସହ ୩ଜଣ ସହଯୋଗୀ ମୂର୍ତ୍ତି ନିର୍ମାଣ କରୁଛନ୍ତି। ତେବେ ବାଲି ସାହି ନାଗା ସହ ପଞ୍ଜାବର ସମ୍ପର୍କ ରହିଛି। ଯେଉଁ ସମୟରେ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଉପରେ ମୁସଲମାନ ଆକ୍ରମଣ କରିଥିଲେ ସେ ସମୟରେ ଗୁରୁ ଗୋବିନ୍ଦ ସିଂହଙ୍କ ଜଣେ ଶିଷ୍ୟ ବସନ୍ତ ରାଏ ପୁରୀ ଆସିଥିଲେ। ସେ ସମୟରେ ଦେଉଳ କରଣଙ୍କ ସହ ତାଙ୍କର ସାକ୍ଷାତ ହୋଇଥିଲା। ପରେ ଦେଉଳ କରଣ ବସନ୍ତଙ୍କୁ ବାଟ ଲୋକନାଥ ନିକଟରେ ଥିବା ସେତେବେଳର ଖଣ୍ଡିଆ ପଡା ଥିଲା ସେଠାରେ ରହି ପୁରୀ ସାହି ଯାଗା ଆଖଡାର ଯୁବକ ମାନଙ୍କୁ ନେଇ ସମର କଳା ପ୍ରଶିକ୍ଷଣ ଦେଇଥିଲେ। ପରେ ପଞ୍ଜାବରେ ଯେପରି ବୀରମାନେ ନିଜ ଶରୀରରେ ୧୬ ହତିଆର ଧାରଣ କରିଥାନ୍ତି ସେହିପରି ୧୬ ହତିଆର ରଖି ହିଞ୍ଜଳ ଜାଗାରେ ନାଗାମୂର୍ତ୍ତି ନିର୍ମାଣ କରିଥିଲେ। ସେବେଠାରୁ ପୁରୀରେ ନାଗା ପରମ୍ପରା ଚାଲି ଆସୁଛି। ଅତିତରେ ନାଗାମାନଙ୍କୁ ସାହିର ଯୁବକମାନେ କାନ୍ଧରେ ବୋହି ରାଜନହର ଓ ସିଂହଦ୍ୱାରକୁ ନେଉଥିଲେ। କିନ୍ତୁ ଏବେ ଗାଡିରେ ନାଗାକୁ ସଭାକୁ ନିଆଯାଇଥାଏ। ତେବେ ନାଗାମାନଙ୍କୁ ସପ୍ତମୀ, ଅଷ୍ଟମୀ ଏବଂ ନବମୀ ତିନିଦିନ ଧରି ପୂଜା କରାଯାଏ। ଦଶମୀରେ ବିସର୍ଜନ କର୍ମ କରାଯାଏ। ଏକାଦଶୀରେ ସିଂହଦ୍ୱାରସ୍ଥିତ ସଭାକୁ ନିଆଯାଏ। ପରେ ପୁଷ୍କରିଣୀରେ ବିସର୍ଜନ କରାଯାଏ। ତେବେ ବର୍ତ୍ତମାନ ବାଲି ସାହି ନାଗା ବ୍ୟତୀତ, ହରଚଣ୍ଡୀ ସାହି ନାଗା, ପଶ୍ଚିମ ଦ୍ୱାର ନାଗା, ନରେନ୍ଦ୍ର କୋଣସ୍ଥିତ ନାଗା, ମାର୍କଣ୍ଡେଶ୍ୱର ସାହି ନାଗା, ବଳଗଣ୍ଡିସ୍ଥିତ ମାଳଣା ଜାଗା ନାଗା ବେଶ୍ ପ୍ରସିଦ୍ଧ ଲାଭ କରିଛନ୍ତି।

## ସଂକ୍ଷେପରେ

### ବଟି ମାଗି ଜଣେ ଗିରଫ

ଖୋର୍ଦ୍ଧା ଅଫିସ,୨୯।୯: ବଟି ମାଗିବା ଅଭିଯୋଗରେ ଗୁରୁବାର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମୁକୁନ୍ଦପ୍ରସାଦର ଅଲ୍ଲୀମୁଦ୍ଦିନ ସାହା(୩୧)। ସୂଚନା ମୁତାବକ, ମଧ୍ୟାହ୍ନରେ ୧୦/୧୫ଜଣ ଶିଳ୍ପାଞ୍ଚଳର ବିଭିନ୍ନ କମ୍ପାନୀ ଠାରୁ ବଟି ମାଗୁଥିବା ଅଭିଯୋଗ ହୋଇଥିଲା। ପୋଲିସକୁ ଦେଖି ଅନ୍ୟମାନେ ଖସି ପଳାଇଥିବା ବେଳେ ଅଲ୍ଲୀମୁଦ୍ଦିନଙ୍କୁ କାବୁ କରିଥିଲା ପୋଲିସ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୪୮୪/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି।

### ମାଛ ଜାଲରୁ ୧୦ ଫୁଟ ଲମ୍ବର ଅଜଗର ଉଦ୍ଧାର

ବୋଲଗଡ଼,୨୯।୯(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ମାଗୁରା ଗ୍ରାମ ନିକଟ ହଡ଼ା ନଈରେ କେତେଜଣ ଯୁବକ ମାଛ ମାରିବା ପାଇଁ ମୁଣ୍ଡୁଳି ଜାଲ ବସାଇ ଥିଲେ। ଗୁରୁବାର ଭୋରରୁ ମାଛ ଜାଲ ଝାଡ଼ିବା ବେଳେ ଏକ ୧୦ଫୁଟ ଲମ୍ବର ଅଜଗର ସାପକୁ ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଅଜଗର ଦୀର୍ଘ ସମୟ ଧରି ଜାଲରେ ଫସିରହିଥିବା ବେଳେ ଗ୍ରାମବାସୀ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀ ଅଜଗରକୁ ବୋଲଗଡ଼ ବନ ବିଭାଗ କର୍ମଚାରୀ ପହଞ୍ଚିବା ପରେ ହସ୍ତାନ୍ତର କରିଥିଲେ। ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ଅଜଗରକୁ ଛଡ଼ାଯାଇଥିବା ବନପାଳ ପ୍ରଦୀପ୍ତ ପଟ୍ଟନାୟକ କହିଛନ୍ତି।

### କୁମାର ଜଗତବଲ୍ଲଭ ମହାରଥୀ ହେଲେ ଆତ୍ମା ଅଧକ୍ଷ

ବାଣପୁର,୨୯।୯(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ଆତ୍ମା କମିଟିର ଅଧକ୍ଷ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ତୋରସିହ ପଞ୍ଚାୟତ ଭାଟପଡା ଗ୍ରାମର କୁମାର ଜଗତବଲ୍ଲଭ ମହାରଥା ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆତ୍ମାର ୨୪ଜଣ ସଭ୍ୟଙ୍କ ମଧ୍ୟରୁ ୨୦ଜଣ ଉପସ୍ଥିତ ଥିଲେ। ସମସ୍ତ ସଭ୍ୟ ମହାରଥାଙ୍କୁ ସମର୍ଥନ କରିଥିଲେ। ବାଣପୁର କୃଷି ଅଧିକାରୀ ଅଜୟ କୁମାର କର, ମିଶନ ଶକ୍ତି ଅଧିକାରୀ ରଶ୍ମିତା ଇନ୍ଦ୍ରଜୀତ, ଡା.ସନ୍ଦୀପ କୁମାର ପଟ୍ଟନାୟକ, ମତ୍ସ୍ୟ ବିଭାଗ ଅଧିକାରୀ ପର୍ଶୁରାମ ଶବର, ଉଦ୍ୟାନ ବିଭାଗ ଅଧିକାରୀ ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ। ଏନେଇ ମହାରଥା ସମସ୍ତ ସଭ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ସ୍ମୃତିସଭା

ବୋଲଗଡ଼,୨୯।୯(ଡି.ଏନ୍.ଏ.): ଓଡ଼ିଶାର ପ୍ରଥମ ମହିଳା ଏମପି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଗୁରୁବାର ସନ୍ଧ୍ୟାରେ ବୋଲଗଡ଼ ନନ୍ଦିଘୋଷ ଅନୁଷ୍ଠାନ ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦିଘୋଷ ଅନୁଷ୍ଠାନର ଉପ ସଭାପତି ହରିବନ୍ଧୁ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାର ପ୍ରାରମ୍ଭରେ ସ୍ୱର୍ଗତ ପଟ୍ଟନାୟକଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ସହ ଧୂପ, ଦୀପ ପ୍ରଦାନ କରାଯାଥିଲା। ପରେ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ରବୀନ୍ଦ୍ର କୁମାର ପରିଡା, ଗୁଣନିଧି ହୋତା, ଗୋପୀନାଥ ଖାଡେଙ୍ଗା, ଧୀରେସ ଚନ୍ଦ୍ର ମହାପାତ୍ର, ବାଲ୍ମୀକି ବଳିୟାରସିଂହ, ଲଲାଟେନ୍ଦୁ କେଶରୀ ସିଂହ, ପ୍ରଫୁଲ୍ଲ କୁମାର ସିଂହ,କୃପାସିନ୍ଧୁ ରାଉଳଙ୍କ ସମେତ ଅନ୍ୟମାନେ ଯୋଗଦେଇ ସ୍ମୃତି ଚାରଣ କରିଥିଲେ।

# ଜବରଦଖଲ ଉଚ୍ଛେଦ ଦାବିରେ ଜାତୀୟ ରାଜପଥ ଅବରୋଧ

ବୋଲଗଡ଼,୨୯।୯(ଡି.ଏନ୍.ଏ.)



ଜବରଦଖଲ ଉଚ୍ଛେଦ ଦାବିରେ ଗ୍ରାମବାସୀ ପିଟୁକୁଳି ବଜାର ସ୍ଥିତ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ଓ ନୂଆ ସାହି ରାସ୍ତା ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କ ବାଉଁଶ ବୁଦା ରାସ୍ତାକୁ ମାଡ଼ି ଆସିଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏହାକୁ ଉଚ୍ଛେଦ ଦାବିରେ ଗୁରୁବାର ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀ ପିଟୁକୁଳି ବଜାରସ୍ଥିତ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବରପାଇ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ରାଜସ୍ୱ ନିରିକ୍ଷୀକ ପ୍ରଫୁଲ୍ଲ କୁମାର ଦାସ, ପିଟୁକୁଳି ସମବାୟ ସଭାପତି ପ୍ରବିତ୍ର ମୋହନ ମାଝି, ସମିତିସଭ୍ୟ ସଞ୍ଜୟ ଗୁମାନସିଂହଙ୍କ ଉପସ୍ଥିତିରେ ବୋଲଗଡ଼ ତହସିଲଦାର ସନ୍ତୋଷିନୀ ଦାସଙ୍କ ସହ ଫୋନରେ କଥା ହୋଇ ୧୫ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ଶତପଥୀ କହିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ମୁତାବକ, ବୋଲଗଡ଼ ବ୍ଲକ ପିଟୁକୁଳି ପଞ୍ଚାୟତ କାର୍ଯ୍ୟାଳୟ ଓ ନୂଆ ସାହି ରାସ୍ତା ପାର୍ଶ୍ୱରେ ଜଣେ ବ୍ୟକ୍ତିଙ୍କ ବାଉଁଶ ବୁଦା ରାସ୍ତାକୁ ମାଡ଼ି ରହିଥିବା ବେଳେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏନେଇ ଏକ ବର୍ଷ ପୂର୍ବେ ଜିଲାପାଳଙ୍କୁ ଅଭିଯୋଗ ହୋଇଥିଲା। ତେବେ ୬ମାସ ପୂର୍ବେ ସରଜମିନ ତଦନ୍ତ ଓ ମାପଚୁପରେ ବାଉଁଶ ବୁଦା ମଧ୍ୟରେ ଥିବା ଜମି ସରକାରୀ ରାସ୍ତାର ଜଣାପଡିଥିଲେ ମଧ ସମ୍ପୃକ୍ତ ବ୍ୟକ୍ତି ଏହାକୁ ଛାଡିବାକୁ ଅସ୍ୱୀକାର କରିଥିଲେ। ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥିଲା। ଗତ ୭ ଦିନ ପୂର୍ବେ ସରପଞ୍ଚ ଜୟନ୍ତୀ ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ବେଗୁନିଆ ତହସିଲଦାର, ବିଡିଓ, ଥାନା ଅଧିକାରୀଙ୍କ ସହ ଜିଲାପାଳଙ୍କୁ ଉକ୍ତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ୭ଦିନ ମଧ୍ୟରେ ଦାବି ପୂରଣ ନହେଲେ ଜାତୀୟ ରାଜପଥ କରିବେ ବୋଲି ଚେତାବନୀ ଦେଇଥିଲେ। ତେବେ ସମସ୍ୟାର ସମାଧାନ ନ ହେବାରୁ ଗୁରୁବାର ରାସ୍ତା ଅବରୋଧ କରାଯାଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ବସନ୍ତ ନରେନ୍ଦ୍ର, ଗୌତମ ଜେନା, ଆନନ୍ଦ ରଣସିଂହ, ପପୁ ନାୟକ, ଆନନ୍ଦ ସାମନ୍ତରାୟ, ନୃସିଂହ ପରିଡା, ପବିତ୍ର ଚୌଧୁରୀ, ଅଭିମନ୍ୟୁ ବାରିକ, ବୁଢା କରଣ, ଭାଗୀରଥ ଛୁଆଳସିଂହ ପ୍ରମୁଖଙ୍କ ସମେତ ଶତାଧିକ ମହିଳା ରାସ୍ତା ଅବରୋଧରେ ସାମିଲ ଥିଲେ।

## ବଜ୍ରପାତରେ ଚାଷୀ ମୃତ

ବେଗୁନିଆ,୨୯।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିଛଳ ଗ୍ରାମରେ ଗୁରୁବାର ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପରିଛଳ(ଦଳକ) ଆଦିବାସୀ ସାହିର ଦୁର୍ଯ୍ୟୋଧନ ନାୟକ (୬୧)। ସୂଚନା ମୁତାବକ, ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ଦୁର୍ଯ୍ୟୋଧନ କାମ ସାରି ଜମିରୁ ଘରକୁ ଫେରୁଥିଲେ। ହଠାତ୍ ବଜ୍ରପାତ ହେବାରୁ ସଂସ୍ପର୍ଶରେ ଆସି ସେଠାରେ ପଡ଼ିଯାଇଥିଲେ। ପରିବାର ଓ ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୬/୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ମୃତକଙ୍କ ପରିବାରକୁ ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# 'ରାଷ୍ଟ୍ରୀୟତା ଭାବକୁ ଉଜ୍ଜୀବିତ କରିବ'


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ବାଘାଯତୀନ ସାଇକେଲ ଆରୋହୀମାନେ।

ଖୋର୍ଦ୍ଧା ଅଫିସ,୨୯।୯

**ବାଘାଯତୀନ ସାଇକେଲ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା**

ଦିଲ୍ଲୀ ସ୍ଥିତ ପ୍ରବାସୀ ଓଡ଼ିଆ ବିକାଶ ସମିତି(ପିଓଭିଏସ୍) ପକ୍ଷରୁ ବାଘାଯତୀନ ସ୍ମୃତି ପରିଷଦ ପକ୍ଷରୁ ଆସିଥିବା ୭୫ଜଣ ସାଇକେଲ ଆରୋହୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପିଓଭିଏସର ସଭାପତି ସୂର୍ଯ୍ୟନାରାୟଣ ମିଶ୍ର ସ୍ୱାଗତ ଭାଷଣରେ ସମସ୍ତ ଯାତ୍ରୀ ଏବଂ ଅତିଥିଙ୍କୁ ସ୍ୱାଗତ କରିବା ସହ ବାଘାଯତୀନଙ୍କ ବୀରତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡ.ସଞ୍ଜୀବ ପାଟଯୋଶୀ ସମ୍ମାନିତ ଅତିଥିଭାବେ ସ୍ୱାଗତ କରିବା ସହ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ଯୋଜନାର ଲାଭ ସାଧାରଣ ଲୋକ ନେଇ ଏକ ଉତ୍ତମ ଜୀବନ ଯାପନ କରନ୍ତୁ। ଓଡ଼ିଆ ସଙ୍ଗଠିତ ହୋଇ ସବୁ ଜାଗାରେ ରହିବାକୁ ପରାମର୍ଶ ଦେଇଥିଲେ। ପୂର୍ବତନ ବିଚାରପତି ଜଷ୍ଟିସ ଅନଙ୍ଗ ପଟ୍ଟନାୟକ ସାଇକେଲ ଆରୋହୀଙ୍କ ସାହସକୁ ପ୍ରଶଂସା କରିଥିଲେ। ଦେଶ ଯୋଡ଼ିବାକୁ ଏହି ଯେଉଁ ପ୍ରୟାସ ତାହା ରାଷ୍ଟ୍ରଉନ୍ନତି ପାଇଁ ନୂତନ ଦିଗଦର୍ଶନ ଦେବ ବୋଲି ଅଭିବ୍ୟକ୍ତ କରିଥିଲେ। ନୂଆଦିଲ୍ଲୀ ଗ୍ରୀନପାର୍କ ସ୍ଥିତ ଜଗନ୍ନାଥ ଶ୍ରୀନୀଳାଚଳ ସେବା ସମିତି ସହଯୋଗରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ସମ୍ପାଦିକା ବିଜୟା ନବମୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରିୟଦର୍ଶୀ ବଳ ସ୍ମୃତି ଚିହ୍ନ ଅର୍ପଣରେ ସହଯୋଗ କରିଥିଲେ। ବାଘାଯତୀନ ସ୍ମୃତି ପରିଷଦର ସଭାପତି ତାଙ୍କ ଯାତ୍ରା ବିବରଣୀ ଏବଂ ଅଭିଜ୍ଞତା କହିଥିଲେ। ମଳୟ ପ୍ରଧାନ ଏବଂ ସନ୍ତୋଷ ରାଉତ କାର୍ଯ୍ୟ ସମ୍ପାଦନ କରିଥିଲେ। ସୁଶାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦେଢ଼ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ଜଣେ ମହିଳାଙ୍କ ସମେତ ୫ ଗିରଫ**

ଖୋର୍ଦ୍ଧା ଅଫିସ,୨୯।୯

ବ୍ରାଉନସୁଗାର କାରବାର ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୋଲିସ ଗୁରୁବାର ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବଡ଼ଆର୍ଯ୍ୟପଲ୍ଲୀର ଆର୍.ଦେବରାଜ ଓରଫ କାଳିଆ ଓ ଏ.ଜଗାରାଓ, ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ସ୍ୱପ୍ନେଶ୍ୱର ସାହିର ଦାଶରଥି ମହଲା ଓରଫ ଅନାମ ଓ ମାମିନା ସାହୁ, ଅର୍ଜୁନପୁରର ପ୍ରତାପ ମଙ୍ଗରାଜ ଓରଫ୍ ନୀଲୁ। ଏମାନଙ୍କ ନିକଟରୁ ୧୫ ଗ୍ରାମ ବ୍ରାଉନସୁଗାର ସହ ୨ ବାଇକ୍, ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ। ଖୋର୍ଦ୍ଧା ସଦର ଥାନା ଅଧୀନ ଓସିସି ଛକ ଠାରେ ବ୍ରାଉନସୁଗାର କାରବାର ଚାଲୁଥିବା ଖବରପାଇ ପୋଲିସ ଚଢ଼ାଉ କରି ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୮୮/୨୨)ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ପ୍ରଦୀପ୍ତ ରାଉତରାୟ ସୂଚନା ଦେଇଛନ୍ତି।

## 'ଜୀବଜନ୍ତୁ କାମୁଡ଼ିଲେ ମେଡିକାଲ ଯାଅ'

**ମଲ୍ଲୀପୁର ପଞ୍ଚାୟତରେ ବିଶ୍ୱ ଜଳାତଙ୍କ ଦିବସ**

ଖୋର୍ଦ୍ଧା ଅଫିସ,୨୯।୯

ଖୋର୍ଦ୍ଧା ବ୍ଲକର ମଲ୍ଲୀପୁର ପଞ୍ଚାୟତ ଆନୁକୂଲ୍ୟରେ ବୁଧବାର ବିଶ୍ୱ ଜଳାତଙ୍କ ରୋଗ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନସ୍ୱିତା ପରିଡ଼ା ଜଳାତଙ୍କ ରୋଗର କାରଣ ଓ ନିରାକରଣ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ବିଶେଷଭାବେ ଗାଁ ଗହଳିରେ ଲୋକେ ଘରେ ଘରେ କୁକୁର ବିଲେଇ ପାଳନ କରୁଥିବା ବେଳେ ବିଲୁଆ, ମାଙ୍କଡ଼, ନେଉଳ, ଗଧିଆ ଭଳି ଜୀବଜନ୍ତୁମାନେ କାମୁଡ଼ିଲେ ଜଳାତଙ୍କ ରୋଗ ହୋଇଥାଏ। ତେଣୁ ଏହି ଜୀବଜନ୍ତୁ କାମୁଡ଼ିଲେ ଘରୋଇ ଚିକିତ୍ସା କିମ୍ବା ଗୁଣି ଗାରେଡ଼ି କରିବା ପରିବର୍ତ୍ତେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚିକିତ୍ସିତ ହେବା ପାଇଁ ପରାମର୍ଶ ଦେଇଥିଲେ। ଭୟଭୀତ ନ ହୋଇ ଠିକ ସମୟରେ ପଦକ୍ଷେପ ନେବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ସୁଦାମ ସେଠୀ, ସାମାଜିକ କର୍ମୀ ମାନସ କୁମାର ମହାପାତ୍ର, ସୁଶାନ୍ତ କୁମାର ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ଭାରତୀ ବେଉରା, ଆଶାକର୍ମୀ ସବିତା ପ୍ରଧାନ, ଇନ୍ଦୁମତୀ ମହାପାତ୍ରଙ୍କ ସମେତ ୱାର୍ଡ ସଭ୍ୟାସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## କୁଷ୍ମାଣ୍ଡ ବେଶରେ ଦର୍ଶନ ଦେଲେ ମା'ଉଗ୍ରତାରା, ବନଦୁର୍ଗା




ନିରାକାରପୁର,୨୯।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ସାନରାଉତପଡା ପଞ୍ଚାୟତ ଅନ୍ତର୍ଗତ ମୂଳୀଝରଗଡ଼ ସ୍ଥିତ ମା'ଉଗ୍ରତାରାଙ୍କ ପୀଠରେ ଶାରଦୀୟ ଦିନାତ୍ମକ ପୂଜାର ତ୍ରୟୋଦଶ ଦିବସ ଓ ନବରାତ୍ରର ଚତୁର୍ଥ ଦିବସରେ ମା' ଉଗ୍ରତାରା କୁଷ୍ମାଣ୍ଡ ବେଶରେ ଦର୍ଶନ ଦେଇଛନ୍ତି। ସକାଳେ ମା'ଙ୍କ ମଙ୍ଗଳ ଆଳତି, ବାଳଭୋଗ, ପାୟୋସଭୋଗ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପରେ ଆମିଷ ଭୋଗ, ଚଣ୍ଡିପାଠ, ସନ୍ଧ୍ୟାରେ ଭୋଗ ଆଳତି ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ରାମେଶ୍ୱର ସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ଶାରଦୀୟ ଷୋଡଶପୂଜାର ଚତୁର୍ଥ ଦିବସରେ କୁଷ୍ମାଣ୍ଡ ବେଶରେ ମା' ଦର୍ଶନ ଦେଇଛନ୍ତି । ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଚିଲିକା ବିଧାୟକଙ୍କ ମାମଲା ଖୋର୍ଦ୍ଧା କୋର୍ଟକୁ ସ୍ଥାନାନ୍ତର

ଖୋର୍ଦ୍ଧା ଅଫିସ,୨୯।୯

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ସମ୍ମୁଖରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇଦେବା ମାମଲା ବାଣପୁର ଜେଏମ୍‌ଏଫ୍‌ସି କୋର୍ଟରେ ବିଚାରାଧୀନ ରହିଥିବା ବେଳେ ଗୁରୁବାର ଏହାର ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବାହ୍ନରେ ବିଧାୟକ ଜଗଦ୍ଦେବ କୋର୍ଟରେ ହାଜର ହୋଇଥିଲେ। ସିଆର୍‌ପିସି ଧାରା ୨୦୯ ପ୍ରକାରେ ତାଙ୍କ ମାମଲା ଜନିତ ସମସ୍ତ କାଗଜପତ୍ର ଖୋର୍ଦ୍ଧା ଅତିରିକ୍ତ ଜିଲା ଦୌରାଜଜ୍-୧ଙ୍କ କୋର୍ଟକୁ ହସ୍ତାନ୍ତର କରାଯାଇଥିବା ସରକାରୀ ଓକିଲ ପ୍ରାଚୀପ୍ରଭା ନନ୍ଦ ସୂଚନା ଦେଇଛନ୍ତି। ଆସନ୍ତା ଅକ୍ଟୋବର ୧୪ ରେ ବିଧାୟକ ଜଗଦ୍ଦେବ ଖୋର୍ଦ୍ଧା ଏଡିଜେ-୧ଙ୍କ କୋର୍ଟରେ ହାଜର ଲାଗି ନିର୍ଦ୍ଦେଶ ରହିଛି। ପରେ ଏହି ମାମଲା ଖୋର୍ଦ୍ଧାରୁ ଭୁବନେଶ୍ୱର ଏମ୍‌ପି, ଏମ୍‌ଏଲ୍‌ଏ ସ୍ୱତନ୍ତ୍ର କୋର୍ଟକୁ ହସ୍ତାନ୍ତର ପରେ ବିଚାର ହେବ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୨ ତାରିଖରେ ବାଣପୁର ବ୍ଲକ ଚେୟାରମ୍ୟାନ ନିର୍ବାଚନ ହେଉଥିବା ବେଳେ ପଲଟନ ପଡିଆ ପଟୁ ଏକ ଶୋଭାଯାତ୍ରା ଆସୁଥିଲା। ଏହି ସମୟରେ ବିଧାୟକ ଜଗଦ୍ଦେବ ଏକ ଲ୍ୟାଣ୍ଡ ରେଭର ରେଞ୍ଜର (ଡିସ୍କଭରି) ଗାଡ଼ିରେ ଆସି ଧସେଇ ପଶିବା ବେଳେ ସେଠାରେ ଡ୍ୟୁଟିରେ ଥିବା ପୋଲିସ ତାଙ୍କୁ ଅଟକାଇଥିଲେ। ତେବେ ବିଧାୟକ ଜବରଦସ୍ତି ପଶିବା ସହ ସାଧାରଣ ଲୋକ ଓ ପୋଲିସ ଉପରକୁ ଗାଡ଼ି ମଡ଼ାଇ ଦେଇଥିଲେ। ଏଥରେ ଦୁଇ ପୋଲିସ ସମେତ ୨୦ଜଣ ଆହତ ହୋଇଥିଲେ। ଫଳରେ ଉପସ୍ଥିତ ଲୋକେ ଉତ୍ତେକ୍ଷିପ୍ତ ହୋଇ ବିଧାୟକଙ୍କୁ ଗାଡ଼ିରୁ ଟାଣି ଆଣି ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ଗାଡ଼ି ଭଙ୍ଗାରୁଜା କରିଥିଲେ। ଲହୁଲୁହାଣ ଅବସ୍ଥାରେ ପୋଲିସ ତାଙ୍କୁ ଉଦ୍ଧାର କରି ବାଣପୁର ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହେବା ପରେ ବାଣପୁର ଥାନା ଏସ୍‌ଆଇ ଦେବାସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେ ସ୍ୱାସ୍ଥ୍ୟଗତ କାରଣରୁ ହାଇକୋର୍ଟରୁ ଦୁଇଥର ଅନ୍ତରୀଣ ଜାମିନ ପାଇଥିଲେ। ହାଇକୋର୍ଟରେ ତାଙ୍କ ନିୟମିତ ଜାମିନ ଖାରଜ ହେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ବର୍ଷେ ପର୍ଯ୍ୟନ୍ତ ବିଧାୟକ ଜଗଦ୍ଦେବ ଚିଲିକା ନିର୍ବାଚନ ମଣ୍ଡଳୀକୁ ଯାଇପାରିବେ ନାହିଁ। ୫ଜଣରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ସଭାସମିତି କରିପାରିବେ ନାହିଁ। ଏପରିକି ନିର୍ବାଚନ ମଣ୍ଡଳୀ ଗସ୍ତ କରିବାକୁ ହେଲେ ଜିଲାପାଳଙ୍କ ଅନୁମତି ନେବାକୁ ପଡିବ ବୋଲି ନିର୍ଦ୍ଦେଶ ରହିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବିଧାୟକ ଜଗଦ୍ଦେବ ବାଣପୁର କୋର୍ଟରେ ହାଜାର ହୋଇ ଜାମିନ ଆବେଦନ କରିଥିଲେ। ବାଣପୁର କୋର୍ଟରେ ଓକିଲଙ୍କ ଧର୍ମଘଟ ଯୋଗୁ ନିୟମିତ ଜାମିନ ବଦଳରେ ପିଆର ବଣ୍ଡରେ ଜାମିନ ପାଇଥିଲେ। ପରେ ଗତ ଅଗଷ୍ଟ ୪ ରେ ବାଣପୁର ଜେଏମଏଫସିଙ୍କ କୋର୍ଟରେ ହାଜର ହୋଇ ନିୟମିତ ଜାମିନ ପାଇଥିଲେ।

# ଫୁଲବାଣୀରୁ ସୁରଟ ହେଉଥିଲା ଚାଲାଣ

ବାଲୁଗାଁ,୨୯।୯(ଡି.ଏନ୍.ଏ.)

- ୪ ଲକ୍ଷ ଟଙ୍କାର ଗଞ୍ଜେଇ ଓ ବାଇକ୍ ଜବତ
- ଜଣେ ବ୍ୟବସାୟୀ ଗିରଫ



ବାଲୁଗାଁ ପୋଲିସ ଗୁରୁବାର ଚଢ଼ାଉ କରି ୨୭କେଜି ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା କୋଦଳା ଗ୍ରାମର ଅକ୍ଷୟ ଜେନା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୯୨/୨୨)ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବାଲୁଗାଁ ଆଇଆଇସି ରଶ୍ମିରଞ୍ଜନ ଦାସ ସଦଳବଳ ଏକ ଟିମ୍ ନାଭାଲ ଫାଣ୍ଡି ନିକଟ ନୂଆଗଡ଼ ଓଭରବ୍ରିଜ୍ ଠାରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଅଭିଯୁକ୍ତ ଜଣକ ଦ୍ରୁତ ଗତିରେ ଆସି ଖସି ପଳାଇଥିଲେ। ଉକ୍ତ ବାଇକ୍‌ରେ ଏକ ବସ୍ତା ବନ୍ଧା ହୋଇଥିବା ବେଳେ ସନ୍ଦେହରେ ପୋଲିସ ପିଛା କରି ୧୬ ନମ୍ବର ଜାତୀୟ ରାଜପଥର ଧୂଆଁଳ ଛକ ଠାରେ ବାଇକକୁ ଅଟକାଇଥିଲେ। ପୋଲିସ ଉକ୍ତ ବସ୍ତାକୁ ତଲାସିବାରୁ ୨୭ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ଗଞ୍ଜେଇ ଫୁଲବାଣୀ ଅଞ୍ଚଳରୁ ସୁରଟ ଚାଲାଣ ନିମନ୍ତେ ବାଲୁଗାଁ ରେଳଷ୍ଟେଶନକୁ ନେଉଥିବା ଅଭିଯୁକ୍ତ ସ୍ୱୀକାର କରିଥିଲା। ଏହି ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଆଇଆଇସି ଦାସ କହିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ପବିତ୍ର ମୋହନ ପ୍ରଧାନ, ଏଏସ୍‌ଆଇ ତ୍ରିପତି ନାୟକ ପ୍ରମୁଖ ସାମିଲ ଥିଲେ।

# ଆକର୍ଷଣ ସାଜିବ ୪୦ ଫୁଟ୍‌ର ତୋରଣ

ଖୋର୍ଦ୍ଧା ଅଫିସ, ୨୯।୯




ଖୋର୍ଦ୍ଧା ଟ୍ରାଫିକ ଛକ ପୂଜା କମିଟି ଆନୁକୂଲ୍ୟରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଟାଉନ ହଲ ସମ୍ମୁଖରେ ହରପାର୍ବତୀଙ୍କ ପୂଜା ଆୟୋଜିତ ହୋଇଆସୁଛି। ଦୁଇବର୍ଷ ପରେ ବିନା କଟକଣାରେ ପୂଜା ହେବାକୁ ଯାଉଥିବାରୁ ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ମା'ଙ୍କ ପୂଜା ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ସମବାୟ ଛକଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ଶହେ ଜଣ ବ୍ୟବସାୟୀଙ୍କୁ ନେଇ ଏହି ସଂଘ ଗଠିତ। ଚଳିତବର୍ଷ ଆକର୍ଷଣୀୟ ସାଜସଜ୍ଜା ସହ ପୂଜାମଣ୍ଡପ ଆଗରେ ୪୦ଫୁଟର ତୋରଣ, ରାସ୍ତାର ଉଭୟ ପାର୍ଶ୍ୱରେ ରଙ୍ଗିନ ଆଲୋକମାଳା, ଲାଇଟ ଗେଟ୍ ଲଗାଯିବ ବୋଲି କମିଟି ସମ୍ପାଦକ ଜିତେନ୍ଦ୍ର ଭଞ୍ଜ କହିଛନ୍ତି। ସେ କହିଛନ୍ତି, ଏବେ ଯେଉଁଠି ଶହୀଦ ମାର୍କେଟ ରହିଛି, ସେଠାରେ ପୂର୍ବେ ରାସ୍ତାକଡ଼ରେ କେତେଜଣ ବେପାରୀ ବ୍ୟବସାୟ କରୁଥିଲେ। ସେହି ସମୟରେ ୨୦ରୁ ୨୫ଜଣ ବେପାରୀ ମିଶି ଟାଉନ ହଲ ଆଗରେ ମା'ଙ୍କ ପୂଜା ଆରମ୍ଭ କରିଥିଲେ। ସେହି ପୂଜାବିଧି ଆଜି ମଧ ଉଜ୍ଜୀବିତ ରହିଛି। ଏଥିରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ସମସ୍ତ ବ୍ୟବସାୟୀଙ୍କ ସହଯୋଗରେ ପୂଜାର୍ଚ୍ଚନା ଆଡ଼ମ୍ବରରେ କରାଯାଇଥାଏ ବୋଲି ଭଞ୍ଜ କହିଛନ୍ତି।



"୫ଦିନ ବ୍ୟାପୀ ଧୁମ୍‌ଧାମରେ ପୂଜା ଆୟୋଜନ ହୋଇଥାଏ। ଷଷ୍ଠୀରେ ବିଲ୍ୱବରଣ, ସପ୍ତମୀରେ ଶୁଖିଲା ଭୋଗ, ଅଷ୍ଟମୀରେ ଖିରି, କାକରା, ନବମୀରେ ଅନ୍ନଭୋଗ କରାଯାଏ। ଦଶମୀ ଦିନ ମା'ଙ୍କୁ ମେଲାଣି ଦିଆଯାଏ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।

**-କପିଳ ସାହୁ, ସାଙ୍ଗଠନିକ ସମ୍ପାଦକ**



"ଚଳିତବର୍ଷ ପୂଜାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ହରପାର୍ବତୀଙ୍କ ମୂର୍ତ୍ତି ୬ ଫୁଟ ପରିବର୍ତ୍ତେ ୧୦ଫୁଟ ରହିଛି। ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ରାଧାଷ୍ଟମୀରେ ମାଟିଉଠା କାର୍ଯ୍ୟକ୍ରମ ପରେ ମୂର୍ତ୍ତିନିର୍ମାଣ ଆରମ୍ଭ ହୋଇଥିଲା। ପୂଜା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

**-ଲକ୍ଷ୍ମୀଧର ପୃଷ୍ଟି, କୋଷାଧ୍ୟକ୍ଷ**

## ସଂକ୍ଷେପରେ

### ଲକ୍ଷେ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

ଡେଲାଙ୍ଗ,୨୯।୯(ଡି.ଏନ୍.ଏ.)- ଡେଲାଙ୍ଗ ପୋଲିସ ଗୁରୁବାର ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହରିରାଜପୁର ଗ୍ରାମର ବଳରାମ ଶ୍ରୀଚନ୍ଦନ ଓରଫ ବଳିଆ (୪୨)। ପୋଲିସ ତାଙ୍କଠାରୁ ୧୫ ଗ୍ରାମ ବ୍ରାଉସୁଗାର ସହ ଗୋଟେ ବାଇକ୍ ଓ ମୋବାଇଲ ଜବତ କରିଛି। ଏହାର ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଏନେଇ ଏକ ମାମଲା (ନଂ. ୨୭୩/୨୨) ରୁଜୁ କରି ତଦନ୍ତ ଚଳାଇଛି। ଘଟଣାନୁଯାୟୀ, ବଳରାମ ବ୍ରାଉନସୁଗାର ବେପାର କରୁଥିବା ପୋଲିସ ପାଖରେ ଖବର ଥିଲା। ତାଙ୍କୁ ପୋଲିସ ୨/୩ ଥର ଧରିବାକୁ ଚେଷ୍ଟା କରି ମଧ ବିଫଳ ହୋଇଥିଲା। ଡେଲାଙ୍ଗ ପୋଲିସ ବୁଧବାର ହରିରାଜପୁର ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ହରିରାଜପୁର ଛକ ନିକଟରେ ବଳରାମ ବ୍ରାଉନସୁଗାର ବେପାର କରୁଥିବା ପୋଲିସ ଖବର ପାଇଥିଲା। ପାଟ୍ରୋଲିଂ ଦଳ ସେଠାରେ ଚଢ଼ାଉ କରି ତାଙ୍କୁ ଧରିବାରେ ସଫଳ ହୋଇଥିଲା। ଆଇଆଇସି ଅନୀଲ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ହରିରାଜପୁର ଫାଣ୍ଡି ଅଞ୍ଚଳରେ ଏସ୍ଆଇ ପ୍ରଭୁଦତ୍ତ ବିଶ୍ୱାଳ, ଫାଣ୍ଡି ଅଧିକାରୀ ଗଦାଧର ନାୟକ, ଏଏସ୍ଆଇ ଗୋପବନ୍ଧୁ ରାଉତ, ରବୀନ୍ଦ୍ରନାଥ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ପଶୁ ଆକ୍ରମଣରେ ଚାଷୀ ଗୁରୁତର

ସାକ୍ଷୀଗୋପାଳ, ୨୯।୯- (ଡି.ଏନ୍.ଏ/ ସ୍ୱ.ପ୍ର.)- ବିଲରେ କାମ କରୁଥିବା ସମୟରେ ଏକ ଜଙ୍ଗଲୀ ପ୍ରାଣୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସତ୍ୟବାଦୀ ବ୍ଲକ ସାରଙ୍ଗଯୋଡି ପଞ୍ଚାୟତ ଅଧୀନ ଧ୍ୱଜାମୁଣ୍ଡେଇ ଗୁଆବାରି ହରିଜନ ସାହିର ଭୀମ ଭୋଇ(୩୦)। ସ୍ଥାନୀୟ ଲୋକେ ତାଙ୍କୁ ସାକ୍ଷୀଗୋପାଳ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ପୁରୀ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୀମ ଭୋଇ ଏବଂ ତାଙ୍କ ବାପା କାଶୀ ଭୋଇ ସକାଳୁ ଗାଁ ମୁଣ୍ଡ ଗହୀରରେ ଥିବା ତାଙ୍କ ଜମିରେ ଚାଷ କାର୍ଯ୍ୟ କରୁଥିଲେ। ସେହି ସମୟରେ ଏକ ଜଙ୍ଗଲି ପ୍ରାଣୀ ଭୀମଙ୍କୁ ପଛପଟୁ ଆକ୍ରମଣ କରିଥିଲା। ସେ ଚିତ୍କାର କରିବାରୁ ଗାଁ ଲୋକେ ଘଟଣାସ୍ଥଳକୁ ଆସିଥିଲେ। ଭୟରେ ପ୍ରାଣୀଟି ସେଠାରୁ ପଳାଇ ଯାଇଥିଲା। ପ୍ରାଣୀଟିକୁ ଧରିବା ପାଇଁ ଉକ୍ତ ସାହିର ଲୋକେ ଏବଂ ସାରଙ୍ଗଯୋଡି ସରପଞ୍ଚ ଜ୍ୟୋତି ରଥ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏଥିସହ ଆକ୍ରମଣରେ ଆହତ ଭୀମଙ୍କ ସମସ୍ତ ଖର୍ଚ୍ଚ ସରକାର ବହନ କରିବା ପାଇଁ ପରିବାର ଲୋକ ନିବେଦନ କରିଛନ୍ତି। ଏହି ଜଙ୍ଗଲୀ ପ୍ରାଣୀର ଉପଦ୍ରବ ଓ ଆକ୍ରମଣରୁ ରକ୍ଷା ପାଇବା ନିମନ୍ତେ ମୌଜାର ଚାଷୀ ଜଙ୍ଗଲ ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ବଟି ମାଗି ଆକ୍ରମଣ ଅଭିଯୋଗ, ଜଣେ ଗିରଫ

ପୁରୀ ଅଫିସ ୨୯।୯ - ବଟି ମାଗିବା ସହ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୁଡଙ୍ଗ ସାହି ଖୁଣ୍ଟିଆ ବଗିଚାରେ ରହୁଥିବା ବଲଙ୍ଗା ଥାନା ଅନ୍ତର୍ଗତ କେତକୀ ଗାଁର କ୍ଷଣ ଓରଫ ଅମିତ ଦାସ (୨୦)।ପୋଲିସ ଅଭିଯୁକ୍ତ ନିକଟରୁ ଏକ ଲୁହା ଖଣ୍ଡା ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୩୧୬/୨୨) ରୁଜୁ କରିଛି। ସୂଚନା ଅନୁଯାୟୀ, ଟାଉନ ଥାନା ହାଡଗୋଡିଆ ସାହିର କୁନି ଦାସଙ୍କ ବାନାମ୍ବର ଛକରେ ଏକ ଗ୍ରାରମେଣ୍ଟ ଦୋକାନ ରହିଛି। ଅମିତ ଖଣ୍ଡା ଦେଖାଇ ତାଙ୍କୁ ବଟି ମାଗିଥିଲା। ସେ ନ ଦେବାରୁ ତାଙ୍କ ସ୍ୱାମୀଙ୍କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏ ନେଇ କୁନି ଥାନାରେ ଅଭିଯୋଗ କରିଥିଲେ।

# ଟାଟା ପାୱାରର ମନମୁଖି କାର୍ଯ୍ୟ ନେଇ ପ୍ରତିବାଦ

ପିପିଲି,୨୯।୯(ଡି.ଏନ୍.ଏ./ସ୍ୱ.ପ୍ର.)



ପିପିଲିସ୍ଥିତ ଟାଟାପାୱାର କାର୍ଯ୍ୟାଳୟ ଆଗରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି ।

ଟାଟା ପାୱାର କେନ୍ଦ୍ରୀୟ ଓଡ଼ିଶା ବିତରଣ ଲିମିଟେଡ୍ (ଟିପିସିଓଡିଏଲ) ପିପିଲି-ଡେଲାଙ୍ଗ ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ଗ୍ରାହକଙ୍କୁ ନାନା ହଇରାଣ କରୁଛି। ଗ୍ରାହକଙ୍କୁ ଶୋଷଣ କରିବା, ଅଧିକ ବିଦ୍ୟୁତ୍ ବିଲ୍ ଆସିବା, ମନଇଚ୍ଛା ଘରେ ପଶି ଫାଇନ ଆଦାୟ କରିବା, ବିଦ୍ୟୁତ୍ କାଟିବା ଆଦିକୁ ନେଇ ଥିବା ଦୀର୍ଘଦିନର ଅସନ୍ତୋଷ ଗୁରୁବାର ଆକ୍ରୋଶର ରୂପ ନେଇଥିଲା। ପିପିଲିଠାରେ ଥିବା ଟାଟା ପାୱାର କାର୍ଯ୍ୟାଳୟରେ ଶତାଧିକ କଂଗ୍ରେସ କର୍ମୀ ପହଞ୍ଚି ଏହାର ଗେଟକୁ ତାଲା ପକାଇ ଦେଇଥିଲେ ଏବଂ ସେଠାରେ ଏକ ପ୍ରତିବାଦ ସଭା କରିଥିଲେ । ଏକ ଜନହିତକର ରାଷ୍ଟ୍ରରେ ଏକ ଘରୋଇ ସଂସ୍ଥାର ଏଭଳି ବେନିୟମ କାର୍ଯ୍ୟ ଓ ଜୁଲୁମ ବନ୍ଦ ନ ହେଲେ ସେମାନଙ୍କୁ ଏଠାରେ କାର୍ଯ୍ୟ କରାଇଦିଆଯିବ ନାହିଁ ବୋଲି କଂଗ୍ରେସ କର୍ମୀମାନେ ଚେତାବନୀ ଦେଇଥିଲେ। ସ୍ଥାନୀୟ କଂଗ୍ରେସ ନେତା ତଥା ନବନିଯୁକ୍ତ ପିସିସି ସଭ୍ୟ ଓ ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ହୋଇଥିଲା।

ମିଶ୍ର କହିଲେ ଯେ, ସରକାର ବିଦ୍ୟୁତ୍ ବିଭାଗର ଘରୋଇକରଣ କରିବା ଅର୍ଥ ନୁହେଁ ଯେ ସମ୍ପୃକ୍ତ ସଂସ୍ଥା ମନଇଚ୍ଛା ଲୋକଙ୍କ ଉପରେ ଜୁଲୁମ କରିବ। ଏହି ପ୍ରତିବାଦ ସଭା ଦ୍ୱାରା ଲୋକମାନେ ଜଣାଇଦେଲେ ଯେ ଆଗକୁ ଏପରି ହେଲେ କମ୍ପାନୀ ଏଠାରେ କାର୍ଯ୍ୟ କରିବା କଠିନ ହୋଇପଡିବ। ଆମେ ଗଣତାନ୍ତ୍ରିକ ଶୈଳୀରେ ପ୍ରତିବାଦ ଜଣାଇଛୁ। ଏବେ ଠାରୁ କମ୍ପାନୀ ରାଜ ବନ୍ଦ ନ ହେଲେ ଆଗକୁ ପରିଣତି ଖରାପ ହେବ ବୋଲି ସେ ଚେତାବନୀ ଦେଇଥିଲେ। ଅପରାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ବିରୋଧରେ ବିଭିନ୍ନ ପଞ୍ଚାୟତ ଓ ଏନ୍ଏସିର କଂଗ୍ରେସ କର୍ମୀମାନେ ଯୋଗଦେଇଥିଲେ। ପ୍ରତିବାଦ ଯୋଗୁ ୪ ଘଣ୍ଟା ଧରି ବିଦ୍ୟୁତ କାର୍ଯ୍ୟାଳୟ ତାଲା ପଡିବାରୁ କର୍ମଚାରୀମାନେ ବାହାରକୁ ଆସି ପାରି ନଥିଲେ। ଖବରପାଇ ଘଟଣାସ୍ଥଳରେ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ ଓ ଏସ୍ଡିପିଓ ଦେବଦତ୍ତ ବରାଳ ପହଞ୍ଚି ମିଶ୍ର ଓ ଅନ୍ୟାନ୍ୟ କଂଗ୍ରେସ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଭବିଷ୍ୟତରେ ଟାଟା ପାୱାର କର୍ମଚାରୀଙ୍କୁ ବେଆଇନ ଭାବେ କାହା ଘରେ ପଶି ଜୁଲୁମ କରିବା ଓ ଫାଇନ ପକାଇବା ଆଦିରୁ ବିରତ ରହିବାକୁ କୁହାଯିବ ବୋଲି ଏସ୍ଡିପିଓ ପ୍ରତିଶ୍ରୁତି ଦେଇଥିଲେ। ପରେ ଏହି ଅଧିକାରୀଙ୍କ ଜରିଆରେ ରାଜ୍ୟପାଳ ଓ ପୋଲିସ ଡିଜିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ପ୍ରତିବାଦ ସଭାରେ ନେତ୍ରୀ ନିରୁପମା ପାତ୍ର, ଏନ୍ଏସି କଂଗ୍ରେସ ସଭାପତି ଶେଖ ମେହାବୁବ, ସଞ୍ଜୟ ଶତପଥୀ, ଭରତ ଜେନା, ସୁରେନ୍ଦ୍ର ସେଠୀ, ଭରତ ବାରିକ, ରମେଶ ବେହେରା, ସୁଶାନ୍ତ ସେଠୀ, ଜୟମନୁ ସାମନ୍ତରାୟ, ଆରିଫ ଖାଁ, ଏସ.କେ.ଶର୍ବି, ଭାସ୍କର ସାହୁ, ଦେବରାଜ ସାହୁ, ହିମତ ଅଲ୍ଲୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଅଫିସ୍ ଗେଟରେ ତାଲା ପକାଇଲା କଂଗ୍ରେସ**

# ମା'ମଙ୍ଗଳାଙ୍କ ରଘୁନାଥ ବେଶ

ଅସ୍ତରଙ୍ଗ/କାକଟପୁର, ୨୯।୯(ଡି.ଏନ୍.ଏ.)



ପୁରୀ ଜିଲା କାକଟପୁରବାସିନୀ ମା' ମଙ୍ଗଳାଙ୍କ ମନ୍ଦିରରେ ଆଶ୍ୱିନ ମୂଳାଷ୍ଟମୀ ତିଥିରୁ ପୂଜା ଆରମ୍ଭ ହୋଇଯାଇଛି। ଗୁରୁବାର ପଞ୍ଚମୀ ତିଥିରେ ମା' ରଘୁନାଥ ବା ଧନୁ, ତୀର, କମାଣ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପୂର୍ବରୁ ମା'ଙ୍କୁ ପାଦପଦ୍ମ ଓ ଭୁଜ ଲାଗି କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ମା'ଙ୍କ କାତିଖର୍ପର ବା କାତ୍ୟାୟନୀ ବେଶ, ଶନିବାର ରାତିରେ ପ୍ରସିଦ୍ଧ ସିଂହ ବାହିନୀ ବେଶ, ଭଜନ ସମାରୋହ, ରବିବାର ମହାଷ୍ଟମୀ ରାତିରେ ମା'ଙ୍କ ମହିଷମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ମା'ଙ୍କ ସେବକ ନଳିନୀକାନ୍ତ ଦୀକ୍ଷିତ କହିଛନ୍ତି। ଶାରଦୀୟ ପାର୍ବଣ ପୂଜା ପାଇଁ କାକଟପୁର ଅଞ୍ଚଳ ଓ ମା' ମଙ୍ଗଳାଙ୍କ ମନ୍ଦିର ଉତ୍ସବମୁଖର ହୋଇଉଠିଛି।

# ଯୁବଗୋଷ୍ଠୀଙ୍କୁ କୁଶଳୀ ହେବାକୁ ଆହ୍ୱାନ

କୋଣାର୍କ,୨୯।୯(ଡି.ଏନ୍.ଏ.)

**ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କର୍ମଶାଳା**

କୋଣାର୍କସ୍ଥିତ ଯାତ୍ରୀନିବାସଠାରେ ବୁଧବାର ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର କେନ୍ଦ୍ରଗୁଡିକର ୩ ଦିନିଆ କୌଶଳ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟର ୧୫ଟି ଗୋଷ୍ଠୀ ବେତାର କେନ୍ଦ୍ରରୁ ୩୦ଜଣ ଗୋଷ୍ଠୀ ବେତାର ଖବରଦାତା ଯୋଗ ଦେଇଥିଲେ। ୟୁନିସେଫ୍ ସହାୟତାରେ ସାମାଜିକ ସଂଗଠନ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ର ଗୃହମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଥିଲେ। ୟୁନିସେଫ୍ ଯୋଗାଯୋଗ ପରାମର୍ଶଦାତା ଚକ୍ରଧର ସାହୁ ଏବଂ ବିପୁଳ ମାଲବ୍ୟ, ବରିଷ୍ଠ ବେତାର ପ୍ରସାରକ ଅଶୋକ ପାଣିଗ୍ରାହୀ, ଡା. ବିଧୁଭୂଷଣ ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ରାଜ୍ୟ ଗୋଷ୍ଠୀ ବେତାର ମହାସଂଘ ସଭାପତି ଏସ୍ଏ ସଫିକ୍, ଜାତୀୟ ଗୋଷ୍ଠୀ ବେତାର ମହାସଂଘ ଉପସଭାପତି ଡ. ଶିଶିର ଦାଶ, ୟଙ୍ଗ୍ ଇଣ୍ଡିଆ ସଭାପତି ଏନ୍ଏ ଶାହ ଅନ୍ସାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ବେତାରର ଆବଶ୍ୟକତା ଓ ଯୁବ ଗୋଷ୍ଠୀର ଭୂମିକା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାଜ ପରିବର୍ତ୍ତନ ନିମନ୍ତେ ଯୁବ ଗୋଷ୍ଠୀଙ୍କୁ ଅଧିକ କୁଶଳୀ କରିବା ବାଞ୍ଛନୀୟ ବୋଲି ମହାସଂଘ ସଭାପତି ସଫିକ୍ କହିଥିଲେ। ୟଙ୍ଗଇଣ୍ଡିଆ ସଭାପତି ଅନ୍ସାରୀଙ୍କ ଅଧ୍ୟକ୍ଷତାରେ ମହାସଂଘ ଉପସଭାପତି ଦାଶ ଗୋଷ୍ଠୀ ବେତାର କେନ୍ଦ୍ରର ସଂକଳ୍ପନା ଏବଂ ଇତିହାସ ସମ୍ବନ୍ଧରେ କହିଥିଲେ। ଗୋଷ୍ଠୀ ବେତାର ଖବରଦାତାଙ୍କ ସହିତ ବିଭିନ୍ନ ଟିକାକରଣ, ଗୋଷ୍ଠୀ ବେତାର କିପରି ସଚେତନତାମୂଳକ କାର୍ଯ୍ୟକ୍ରମ କରିପାରିବେ ପରାମର୍ଶଦାତା ସାହୁ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଓଡିଶାର ୫୩ଟି ବ୍ଲକର ୫୦ ଲକ୍ଷ ଲୋକଙ୍କ ପାଖରେ ଏହା ପହଞ୍ଚିବା ଅଭିଯାନର ଲକ୍ଷ୍ୟ। କର୍ମଶାଳାକୁ ୟଙ୍ଗ୍ ଇଣ୍ଡିଆର ସଂଯୋଜକ ଅନ୍ଦାଜ ଆରନ, ଶିକ୍ଷାବିତ୍ ପ୍ରତାପ ରାଉତ, ରୋଜାଲିନ୍ ପ୍ରଧାନ, ଏସ୍. କାଜଲ, ଅନୁପ ସାହୁ, ଜ୍ଞାନରଞ୍ଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ମହାସଂଘର ସଭାପତି ସଫିକ୍ ଧନ୍ୟବାଦ ଦେଇଥିଲେ।

## ମା' କନକ ଦୁର୍ଗାପୀଠରେ ଷୋଳପୂଜା

ପିପିଲି,୨୯।୯(ଡି.ଏନ୍.ଏ.): ପିପିଲି ବଜାର ଉପକଣ୍ଠରେ ଥିବା ମା' କନକ ଦୁର୍ଗାଙ୍କ ଷୋଡ଼ଶ ପୂଜା ନୀତି ବିଧିବିଧାନରେ ଆରମ୍ଭ କରାଯାଇଛି। ଦୈନନ୍ଦିନ ମା'ଙ୍କ ପୀଠରେ ପଣ୍ଡିତ ସତ୍ୟଜିତ୍ ମିଶ୍ର, ବିବେକାନନ୍ଦ ତ୍ରିପାଠୀ, ଡ. ପ୍ରକାଶ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚଣ୍ଡୀପାଠ କରାଯିବା ସହିତ ପ୍ରତ୍ୟେକ ଦିନ ପଞ୍ଚକର୍ମ, ସୂର୍ଯ୍ୟପୂଜା, ପଞ୍ଚସ୍ନାନ, ବାଲଭୋଗ, ଷୋଡ଼ଶ ଉପଚାର ପୂଜା, ସନ୍ଧ୍ୟା ଆଳତି, ଦେବୀମନ୍ତ୍ର ପାଠ, ରାତ୍ରିକାଳୀନ ଷୋଡ଼ଶ ଉପଚାର ପୂଜା, ଭୋଗ, ବଳିଦାନ, ଦଶାବତାର ପାଠ କରାଯାଏ। ପ୍ରତ୍ୟେକ ଦିନ ମା'ମଶାଣି ଚଣ୍ଡୀ ବିଭିନ୍ନ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ଶ୍ରୀଶ୍ରୀ କନକ ଦୁର୍ଗା ଦେବୀ ଟ୍ରଷ୍ଟ ବୋର୍ଡର ମୁଖ୍ୟ ବିକ୍ରମ ସିଂଙ୍କ ନେତୃତ୍ୱରେ ବିଶ୍ୱନାଥ ସାହୁ, ରାଜେଶ ଅଗ୍ରୱାଲା, ମହେନ୍ଦ୍ର ପୃଷ୍ଟି, ଜିତେନ୍ଦ୍ର ମହାପାତ୍ର, ସ୍ମୃତି ରଞ୍ଜନ ସିହ୍ନା ପ୍ରମୁଖ ସମସ୍ତ କାର୍ଯ୍ୟ ତଦାରଖ ଓ ପରିଚାଳନା କରୁଛନ୍ତି।

## ବରିଷ୍ଠ ନାଗରିକ ଜୀବନ ସମ୍ପର୍କିତ ସେମିନାର

ପୁରୀ ଅଫିସ ୨୯।୯

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ର ବଳିଆପଣ୍ଡାସ୍ଥିତ ଓଁ ଶାନ୍ତି ଅଡିଟୋରିମରେ ଗୁରୁବାର ବିଶ୍ୱ ହୃତ୍ପିଣ୍ଡ ଦିବସ ଓ ବରିଷ୍ଠ ନାଗରିକଙ୍କ ଜୀବନ ସମୃଦ୍ଧ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱୈତ ସାମୂହିକ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ତଥା ହସପିଟାଲର ଆସୋସିଏଟ୍ ପ୍ରଫେସର (ଭେଷଜ ବିଭାଗ ) ଡା. ସନ୍ତୋଷ ସ୍ୱାଇଁ , ମାଉଣ୍ଟଆବୁ ମୋଦି ହେଲ୍ଥ କେୟାର ସେଣ୍ଟର ଆବୁରୋଡ ରାଜସ୍ଥାନର ଡା. ମହେଶ ଏନ୍ ହେମାଦ୍ରୀ କର୍ଣାଟକର ସ୍କାଉଟ କମିଶନର ହନମନ୍ତ ଭରସେଟ୍ଟୀ ଏବଂ ସାଧନାକେନ୍ଦ୍ର ରାଜଯୋଗୀନୀ ଡା. ନିରୁପମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଡା. ସ୍ୱାଇଁ କହିଥିଲେ, ହୃତପିଣ୍ଡକୁ କ୍ରିୟାଶୀଳ ଓ ସଶକ୍ତ କରିବା ନିମନ୍ତେ ଜୀବନଶୈଳୀର ପରିବର୍ତ୍ତନ, ଶାରୀରିକ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ ପାନୀୟର ବିଶେଷ ଭୂମିକା ରହିଛି। ଯାହାକୁ ଧ୍ୟାନ ଦେଲେ ଆମେ ଦୀର୍ଘାୟୁ ହୋଇପାରିବୁ। ଏଥିରେ ଡା.ହରମନ୍ତ ଭରସେଟୀ ଶାରୀରିକ ସମ୍ବନ୍ଧିତ ବିଭିନ୍ନ ଅଭ୍ୟାସ କରାଇଥିଲେ। ବ୍ରହ୍ମକୁମାର ସତ୍ୟାନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ବଉଳାବନ୍ଧ ପଞ୍ଚାୟତର ୨୦ଜଣ ଗୋ ଭକ୍ତ ପୁରୀର ଗୋବିନ୍ଦ ଗୋଧାମ ଗୋଶାଳାକୁ ପରିଦର୍ଶନ କରୁଛନ୍ତି ।

# ବଉଳାବନ୍ଧରେ ନିର୍ମାଣ ହେବ ଗୋବିନ୍ଦ ଗୋଧାମ

ପୁରୀ ଅଫିସ,୨୯।୯

**ଗୋବିନ୍ଦ ଗୋଧାମ ପରିଦର୍ଶନ କଲେ ଖୋର୍ଦ୍ଧାର ଗୋ ଭକ୍ତ**

ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ବଉଳାବନ୍ଧ ପଞ୍ଚାୟତର ୨୦ଜଣ ଗୋ ଭକ୍ତ ଗୁରୁବାର ପୁରୀର ଗୋବିନ୍ଦ ଗୋଧାମ ଗୋଶାଳା ପରିଦର୍ଶନ କରିଛନ୍ତି। ଏହି ଗୋଶାଳାଟି ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ବ୍ରହ୍ମଗିରି ରୋଡ ଆଲିପଡ଼ାଠାରେ ଅବସ୍ଥିତ। ଗୋଶାଳା ପ୍ରତିଷ୍ଠାତା ତଥା ଟ୍ରଷ୍ଟର ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଗୋ ସେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବଉଳାବନ୍ଧ ସରପଞ୍ଚ ରଶ୍ମିତା ବେହେରା ବଉଳାବନ୍ଧରେ ଉକ୍ତ ଗୋଶାଳା ନିର୍ମାଣ ନିମନ୍ତେ ସହଯୋଗ ପାଇଁ ପୁରୀ ଗୋବିନ୍ଦ ଗୋଶାଳା ମୁଖ୍ୟଙ୍କୁ ଲିଖିତ ଆକାରରେ ଏକ ଚିଠି ପ୍ରଦାନ କରିଛନ୍ତି। ଏନେଇ ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ୩ଦିନ ପୂର୍ବରୁ ପୁରୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ୪ ଏକର ଜମିରେ ଗୋଶାଳା ହେବ ବୋଲି ସ୍ଥିର କରାଯାଇଛି। ପରିଦର୍ଶନରେ ଆସିଥିବା ବଉଳାବନ୍ଧର ଆନନ୍ଦ ଚନ୍ଦ୍ର ନାୟକ, ସରପଞ୍ଚଙ୍କ ପ୍ରତିନିଧି ବିଜୟ ବେହେରା, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା, ବିଜୟ ନାୟକ, ଚିଲିକା ବିଜେଡି ସଭାପତି ଆଲୋକ ନାୟକଙ୍କୁ ଟ୍ରଷ୍ଟର ମାର୍ଗଦର୍ଶକ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀମନ୍ଦିର ବରିଷ୍ଠ ସେବକ ରଜତ ପ୍ରତିହାରୀ ସମସ୍ତଙ୍କୁ ଉତ୍ସାହିତ କରିବା ସହ ସାଧୁବାଦ ଜଣାଇଛନ୍ତି ବୋଲି ଟ୍ରଷ୍ଟର ମୁଖପାତ୍ର ବିଷ୍ଣୁଦତ୍ତ ଦାସ ପ୍ରକାଶ କରିଛନ୍ତି।

# କୋଣାର୍କକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଲକ୍ଷ୍ୟ

କୋଣାର୍କ,୨୯।୯(ଡି.ଏନ୍.ଏ.)

**ନାଟ୍ୟଦୀପ ପକ୍ଷରୁ ପର୍ଯ୍ୟଟନ ସଚେତନତା କର୍ମଶାଳା**

କୋଣାର୍କ ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନ ନାଟ୍ୟଦୀପ ଆନୁକୂଲ୍ୟରେ ଏକ ଦିନିକିଆ ପର୍ଯ୍ୟଟନ ସଚେତନତା କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ସହାୟତାରେ ପ୍ରେମ୍ କନଭେନଶନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ଅନୁଷ୍ଠାନର ନିର୍ଦ୍ଦେଶକ କାଳନ୍ଦୀ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଅଶୋକ ପଣ୍ଡା, ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଭୁବନେଶ୍ୱର ଶାଖାର ସହନିର୍ଦ୍ଦେଶକ ସୋନିଆ ରଶ୍ମି ତୀର୍କି ପ୍ରମୁଖ ଯୋଗଦେଇଥିଲେ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କକୁ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ପ୍ରଦାନ କରିବା ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି ଓ ଏହା ଉପରେ ନିର୍ଭରଶୀଳ ବ୍ୟକ୍ତି ବିଶେଷଙ୍କୁ ସ୍ୱାବଲମ୍ବୀ କରିବା ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ। ବିଶ୍ୱ ଦରବାରରେ କୋଣାର୍କକୁ ସ୍ୱଚ୍ଛତା ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସାମୂହିକ ପ୍ରଚେଷ୍ଟା କରିବା ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଭୁବନେଶ୍ୱର ଶାଖାର ପର୍ଯ୍ୟଟନ ସୂଚନା ଅଧିକାରୀ ଜଗନ୍ନାଥ ବେହେରା ଯୋଗଦେଇ କହିଥିଲେ, ପର୍ଯ୍ୟଟନ ସଚେତନତା କର୍ମଶାଳା ମାଧ୍ୟମରେ ପର୍ଯ୍ୟଟକଙ୍କୁ ସଚେତନ କରିବା ସହ ବୁଣାକାର କାରିଗର କିଭଳି ଆତ୍ମନିଯୁକ୍ତିର ସୁଯୋଗ ପାଇବେ, ସେ ଦିଗରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। କୋଣାର୍କ ନିକଟସ୍ଥ ରାଉଳପାଟଣାସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପର୍ଯ୍ୟଟନ ସମ୍ବନ୍ଧୀୟ କୁଇଜ୍, ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ସହନିର୍ଦ୍ଦେଶକ ତୀର୍କି ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରିଥିଲେ।

# ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ପବିତ୍ର ମାଟି, ଦୟାନଦୀ ଜଳ ସଂଗ୍ରହ

ଡେଲାଙ୍ଗ,୨୯।୯(ଡି.ଏନ୍.ଏ.)

ଚଳିତବର୍ଷ ଗାନ୍ଧୀ ଜୟନ୍ତୀକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେଥିପାଇଁ ଜୟନ୍ତୀ ପୂର୍ବରୁ ବାପୁଙ୍କ ଆଦର୍ଶ, ବିଚାର ଜୀବନୀ ଓ ଓଡ଼ିଶା ଆଗମନ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଅହିଂସା ରଥ ନାମରେ ୪ଟି ରଥ ସମଗ୍ର ଓଡ଼ିଶା ପରିକ୍ରମା କରି ସ୍ୱାଧୀନତାର ଗାଥା ବାଣ୍ଟୁଛି। ସେହିପରି ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକସେବା ଭବନ ପରିସରରେ ଶାନ୍ତି ଓ ପ୍ରଗତିର ପ୍ରତୀକ ସ୍ୱରୂପ ଅଶ୍ୱତ୍ଥ ଚାରା ରୋପଣ କରାଯିବ। ଏଥିପାଇଁ ବାପୁ ଆଗମନ କରିଥିବା ରାଜ୍ୟର ପ୍ରତ୍ୟେକ ଜିଲାରୁ ପବିତ୍ର ମାଟି ଓ ନଦୀରୁ ଜଳ ସଂଗ୍ରହ କରାଯାଉଛି। ଏଣୁ ଡେଲାଙ୍ଗ ବ୍ଲକର ବେରବୋଇ ଗାନ୍ଧୀ ପୀଠରୁ ବୁଧବାର ମାଟି ସଂଗ୍ରହ ସହ ଦୟାନଦୀରୁ ଜଳ ସଂଗ୍ରହ କରାଯାଇଛି। ଏହି ମାଟି ସଂଗ୍ରହ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷା ଦୁର୍ବାସା ନିଶଙ୍କ, ସ୍ଥାନୀୟ ସରପଞ୍ଚ ମଳୟ ସେଠୀ, ଗାନ୍ଧୀ ସ୍ମାରକୀ ସମିତି ସଭାପତି ବିଚିତ୍ରା ନନ୍ଦ ମହାନ୍ତି, ଚନ୍ଦ୍ରଶେଖର ବିଶ୍ୱାଳ, ଗାନ୍ଧୀବାଦୀ ପ୍ରଚାରକ ଅନାମ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଗାନ୍ଧୀ ପୀଠରେ ପୂଜାର୍ଚ୍ଚନା କରାଯାଇ ମାଟି ସଂଗ୍ରହ କରାଯାଇଥିବାବେଳେ ଗଡ ବେଗୁନିଆ ପଡା ଘାଟରେ ଦୟାନଦୀରୁ ଜଳ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଦିଲ୍ଲୀପ ଷଡଙ୍ଗୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ପରିଚାଳନା କରିଥିଲେ। ପବିତ୍ର ମାଟି ଓ ଜଳକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସେଠୀ ବିଧାୟକଙ୍କୁ ହସ୍ତାନ୍ତର କରିଥିଲେ।


ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ଅଧିକାରୀମାନେ ଗାନ୍ଧୀ ପୀଠରୁ ମାଟି ସଂଗ୍ରହ କରିଛନ୍ତି ।

# ଆଧୁନିକ ନାଚ ଗୀତ ବଦଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ

କୋଣାର୍କ,୨୯।୯(ଡି.ଏନ୍.ଏ.)



ଦୁର୍ଗାପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୋଲିସ ଓ ଅନ୍ୟ ଅତିଥି ।

**ଶାରଦୀୟ ଦୁର୍ଗାପୂଜାର ପ୍ରସ୍ତୁତି ବୈଠକ**

କୋଣାର୍କସ୍ଥିତ ଶ୍ରୀଶ୍ରୀ ନରସିଂହ ଦେବ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁବାସ ଚନ୍ଦ୍ର ବେଉରା, ବରିଷ୍ଠ ଉପଦେଷ୍ଟା ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ କୋଣାର୍କ ଆରକ୍ଷୀ ନିରୀକ୍ଷକ ରଞ୍ଜନ ମଲ୍ଲିକ, ଅଗ୍ନିଶମ ବିଭାଗର ପ୍ରମୋଦ ମଲ୍ଲିକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ସମ୍ପାଦକ ସୁବୋଧ ଖଟୁଆ, କୋଷାଧ୍ୟକ୍ଷ ନଟବର ମହାରଣା, ଉପଦେଷ୍ଟା ବୀରବର ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ଚଳିତବର୍ଷ ଦୁର୍ଗାପୂଜା ସମୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥା କରାଯିବା ସହ ଆଧୁନିକ ନାଚଗୀତ ବଦଳରେ ଭଜନ, ଲୋକନୃତ୍ୟ ଓ ଘୋଡାନାଚ ପରିବେଷଣ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। କୋଣାର୍କରେ ଯେପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ସେଥିପାଇଁ କୋଣାର୍କ ପୋଲିସ ପ୍ରଶାସନ ପକ୍ଷରୁ ସିସି ଟିଭି ଲଗାଯିବାର ବ୍ୟବସ୍ଥା ହୋଇଛି। ଆସନ୍ତା ଶନିବାର ମା'ଙ୍କ ପାଣି ତୋଳା, ରବିବାର ଚକ୍ଷୁ ଦାନ, ସୋମବାର ମହାଷ୍ଟମୀରେ ସନ୍ଧି ପୂଜା ସହିତ ଘଣ୍ଟ, ମର୍ଦ୍ଦଳ, ପଞ୍ଜାବୀ ବାଜା ବଜାଇ ମହାଆଡମ୍ବରରେ ମା'ଙ୍କ ଭସାଣି ହେବାର ବ୍ୟବସ୍ଥା ରହିଛି।

# ମେଗା ଉଠାଜଳସେଚନର ସୁବିଧା କରାଯିବ

ଡେଲାଙ୍ଗ,୨୯।୯(ଡି.ଏନ୍.ଏ.)

**ନିର୍ବାଚନମଣ୍ଡଳୀୟ ଉନ୍ନୟନମୂଳକ ସମୀକ୍ଷା ବୈଠକ**

ଡେଲାଙ୍ଗ ବ୍ଲକ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ନିର୍ବାଚନମଣ୍ଡଳୀୟ ଉନ୍ନୟନମୂଳକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଦିଲ୍ଲୀପ ଷଡ଼ଙ୍ଗୀ, ପିପିଲି ବ୍ଲକ ଉନ୍ନୟନ ଅଧିକାରିଣୀ ରଶ୍ମୀତା ନାଥ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ମିନୀ ନନ୍ଦ, ପିପିଲି ପୌରପରିଷଦ ଅଧ୍ୟକ୍ଷ ଏସ୍. କେ. ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ କାଳିଆ ଯୋଜନା ଓ ପିଏମ୍ କିଶାନରୁ ଅନେକ ହିତାଧିକାରୀ ବଞ୍ଚିତ ରହିଥିବା ବୈଠକରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଓ ପ୍ରସନ୍ନ ସାହୁ ଅଭିଯୋଗ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ, ସ୍ତ୍ରୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ନ ଥିବାରୁ ସାଧାରଣ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ପିପିଲି ବ୍ଲକର କମାକନ୍ତିଆ ଗ୍ରାମରେ ନିର୍ମାଣାଧୀନ ଉପସ୍ୱାସ୍ଥ୍ୟ କେନ୍ଦ୍ରଟି ନିମ୍ନମାନର ବୋଲି ଅଭିଯୋଗ ହୋଇଥିଲା। ଅନେକ ଚାଷୀ ଉଠାଜଳସେଚନରେ ଚାଷ କରୁଥିବା ବେଳେ ପିପିଲି ବ୍ଲକରେ ୨୫ଟି ଲିଫ୍ଟ ମଧ୍ୟରୁ ୧୩ଟି ଅକାମୀ ହୋଇପଡିଛି। କୋଠବାଡ ପଞ୍ଚାୟତ ପାଇଁ ୨ଟି ଉଠା ଜଳ ସେଚନର ଆବଶ୍ୟକତା ଥିବା ଜିଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ କହିଥିଲେ। ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଉଠାଜଳସେଚନର ସହକାରୀ ନିର୍ବାହୀ ଯନ୍ତ୍ରୀ ନିମାଇ ଚରଣ ବେହେରା ଲୁଣାନଦୀ, ବେନୁପଡା ଧାନକ୍ଷେତ, ବଡଆଙ୍କୁଲା ଓ ଗୋଲାସାହି ଗହୀରକୁ ଯାଇ କ୍ଷେତ୍ର ପରିଦର୍ଶନ କରିବା ସହିତ ଡେଲାଙ୍ଗ ହାଟ ବଜାର ଲିଫ୍ଟକୁ ବର୍ଦ୍ଧିତ କରାଯିବ। ବଡଆଙ୍କୁଲା ପାଇଁ ମେଗା ଉଠାଜଳ ସେଚନର ସୁବିଧା କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଧାୟକ ମହାରଥୀ ସମସ୍ତ ସମସ୍ୟା ଅବଗତ ହେବା ପରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମହାପାତ୍ର ବିଭାଗୀୟ ଅଧିକାରୀଙ୍କୁ ତାଗିଦା କରି ତୁରନ୍ତ କାର୍ଯ୍ୟାରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, ଜେଇ ଚିତ୍ରୋତ୍ପଳା ନାୟକ, ସ୍ୱାଗତିକା ପ୍ରଧାନ, ଜିପିଓ ରତିକାନ୍ତ ସାହୁ, ଏମ୍ଆଇ ଅକ୍ଷୟ ସେଠୀ, ଡେଲାଙ୍ଗ ବ୍ଲକ ଉପାଧ୍ୟକ୍ଷ ନିଶଙ୍କ, ପିପିଲି ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ଜିଲା ପରିଷଦସଭ୍ୟା ପ୍ରଜ୍ଞା ଛୋଟରାୟ, କୃଷି ବିଭାଗ ଅଧିକାରୀ ରାକେଶ ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩୦ ସେପ୍ଟେମ୍ବର ୨୦୨୨

## ଟ୍ରାଫିକ ନିୟନ୍ତ୍ରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କଟକ ଅଫିସ,୨୯।୯: ଦୁର୍ଗାପୂଜାବେଳେ ସ୍ୱଚ୍ଛତା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ କଟକ ସାରଳା ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭାରତ ବିକାଶ ସମିତି, କଟକ ମହାନଗର ନିଗମ ଓ କମିଶନରେଟ ପୋଲିସର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ଅଧକ୍ଷ ୱାଲିଦ୍ ପଟେଲ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଡିସିପି ସେକ୍ ସରିଫଉଦ୍ଦିନ, କର୍ପୋରେଟର ବସନ୍ତ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, ଲିଜାରାଣୀ ରାଉତ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଦେବେନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ



## ସଂକ୍ଷେପରେ

### ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ

ତିଗିରିଆ, ୨୯।୯ (ଡି.ଏନ୍.ଏ.)
ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ସମସ୍ତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଗୁରୁବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି। ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ବିଶ୍ୱବିକାଶ ରାଉତରାୟଙ୍କ ତତ୍ତ୍ୱାବଧାନରେ ଅଚଳକୋଟ, ଖଣ୍ଡହତା, ବାସୁଦେବପୁର, ପୁରୁଣା ତିଗିରିଆ, ବିଷ୍ଣୁପୁର ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

### ଧାର୍ମିକ ସ୍ଥଳରେ ଏମ୍‌ପି ପାଣ୍ଠି ଖର୍ଚ୍ଚ ଉପରେ ଅଙ୍କୁଶ

କଟକ ସଦର, ୨୯।୯(ଡି.ଏନ୍.ଏ.)- କଟକ ଜିଲାର କୌଣସି ଧାର୍ମିକ ସ୍ଥଳରେ ଏମ୍‌ପି ପାଣ୍ଠି ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ଲକର ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦେବୋତ୍ତର, ପିରୋତ୍ତର, ୱାକ୍‌ଅଫ୍ ବୋର୍ଡ, ମିଶନାରୀ ଜାଗାରେ ଉଭୟ ଲୋକ ସଭା ଓ ରାଜ୍ୟ ସଭା ସାଂସଦ ପାଣ୍ଠି ଖର୍ଚ୍ଚ କରାଯାଇପାରିବ ନାହିଁ ବୋଲି କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ପତ୍ରସଂଖ୍ୟା ୯୦୬/୨୨।୮।୨୦୨୨ରେ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। କାରଣ କଟକ ସହରର ଏକ ହିନ୍ଦୁ ଧାର୍ମିକ ସ୍ଥଳରେ ଜଣେ ରାଜ୍ୟ ସଭା ସାଂସଦ ପାଣ୍ଠି ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହାକୁ ଅସୁଲ କରିବା ପାଇଁ ତତ୍କାଳୀନ ଜିଲାପାଳ ପତ୍ରସଂଖ୍ୟା ୧୬୬୭/୨୮।୭।୨୦୧୮ ଓ ରିମାଇଣ୍ଡର ସଂଖ୍ୟା ୧୧୬୧୧/୨୧।୮।୨୦୨୦ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜିପର୍ଯ୍ୟନ୍ତ ଏହାର ଉତ୍ତର ନ ମିଳିବାରୁ ଜିଲା ପ୍ରଶାସନ ଏହି କଡ଼ା ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ଠକେଇ: ଅଭିଯୁକ୍ତ ଗିରଫ

ଫୁଲନଖରା, ୨୯।୯(ଡି.ଏନ୍.ଏ.)- ସମ୍ପର୍କୀୟ ପୁତୁରାଙ୍କଠାରୁ ଟଙ୍କା ଠକିନେବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ କଟକ ସଦର ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଏହି ଥାନା ଅଧୀନ କୋରକୋରା ଗ୍ରାମର ଦିନେଶ ନାୟକ। ପୋଲିସ ସୂତ୍ରରୁ ପ୍ରକାଶ, କୋରକୋରା ଗ୍ରାମର ବିଶ୍ୱଜିତ୍ ନାୟକ ବଜାଜ ଫାଇନାନ୍ସ କମ୍ପାନୀରୁ ୨ ଲକ୍ଷ ଟଙ୍କା ଲୋନ୍ କରି ନିଜ ଆକାଉଣ୍ଟରେ ରଖିଥିଲେ। ଦିନେଶ ଏହା ଜାଣିବା ପରେ ଦେଢ଼ ଲକ୍ଷ ଟଙ୍କା ତାଙ୍କୁ ମାଗିଥିଲେ। ୧୫ ଦିନ ମଧ୍ୟରେ ଟଙ୍କା ଫେରସ୍ତ କରିଦେବ ବୋଲି କହି ଦେଢ଼ ଲକ୍ଷ ଟଙ୍କା ବିଶ୍ୱଜିତ୍‌ଙ୍କ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିନେଇଥିଲେ। କିଛିଦିନ ପରେ ବିଶ୍ୱଜିତ୍ ଟଙ୍କା ମାଗିବାରୁ ସେ ତାଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ବିଶ୍ୱଜିତ୍ ଗତ ଅଗଷ୍ଟ ୨୬ ତାରିଖରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୭୫/୨୨) ରୁଜୁ କରିଥିଲା।

### ବାଙ୍କୀ-କଳାପଥର ରାସ୍ତା ପ୍ରଶସ୍ତ ହେବ

ବାଙ୍କୀ,୨୯।୫ (ସ୍ୱ.ପ୍ର) ବାଙ୍କୀ-ବୈଦ୍ୟେଶ୍ୱର-କଳାପଥର ରାସ୍ତା ପ୍ରଶସ୍ତି ଓ ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଗୁରୁବାର କେନ୍ଦୁପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ କାର୍ଯ୍ୟ ଶୁଭାରମ୍ଭ କରିବା ସହ ପଞ୍ଚାୟତରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ର ଏବଂ ଗ୍ରାମୀଣ ବଜାର ଲୋକାର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ବିଡିଓ କିଶୋର ଚନ୍ଦ୍ର ଦାସ, ଜୟନ୍ତୀ ବଳ, ଜିଲା ପରିଷଦ ସଦସ୍ୟା ରଶ୍ମିତା ସାହୁ, ଜିଲାପରିଷଦ ଷ୍ଟାଡିଙ୍ଗ କମିଟି ଅଧକ୍ଷ ଆଶିଷ ସାହୁ, ଅଧୀକ୍ଷଣ ଯନ୍ତ୍ରୀ ଅନୁପ ବେହେରା, ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁ, ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ ଓ ବିଜେଡି ନେତା ମିର୍ଜାସର୍ଦ୍ଦାର ଅଲ୍ଲିବେଗ, ବିପିନ ବିହାରୀ ନନ୍ଦ, ମହେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି ଅତିଥି ପରିଚୟ କରିଥିଲେ। ପ୍ରେମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଥରର ଆକର୍ଷଣ ବାହୁବଳୀ ରାଜପ୍ରାସାଦ ତୋରଣ

କଟକ ଅଫିସ,୨୯।୯

ଶାରଦୀୟ ପୂଜା ପାଇଁ ଚଳଚଞ୍ଚଳ ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଏହି ପୂଜା ଦୌଡରେ ସାମିଲ ହୋଇଛି ଶଙ୍କରପୁର-ବାଦାମବାଡି ପୂଜା କମିଟି। ଏଥର କମିଟି ପକ୍ଷରୁ ବାଦାମବାଡି ଛକରେ ନିର୍ମାଣ କରାଯାଉଛି ବାହୁବଳୀ ତୋରଣ। ଚର୍ଚ୍ଚିତ ଚଳଚ୍ଚିତ୍ର ବାହୁବଳୀରେ ଥିବା ମାହେଷ୍ମତି ସାମ୍ରାଜ୍ୟର ରାଜପ୍ରସାଦ ତୋରଣର ଏଥରର ମୁଖ୍ୟ ଆକର୍ଷଣ ସାଜିବ। ଏଥିପାଇଁ କମିଟି ପକ୍ଷରୁ ପ୍ରାୟ ୧୩ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ୧୯୫୬ରେ ବାଦାମବାଡି ଅଞ୍ଚଳରେ ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ଏକ ଚାଳଘରେ ମହାଦେବଙ୍କର

**ଶଙ୍କରପୁର-ବାଦାମବାଡି ପୂଜା କମିଟି**



ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଗଲା। ପରେ ଅର୍ଥାତ୍ ୧୯୮୦ରେ ନୂତନ ଗୃହ ନିର୍ମାଣ ହେଲା। ସେବେଠାରୁ ଉକ୍ତ ଘରେ ମା’ ଦୁର୍ଗାଙ୍କର ଏକ ସ୍ଥାୟୀ ମୂର୍ତ୍ତି ପୂଜା କରାଯାଉଛି। ଏଠାରେ ବର୍ଷାତମାମ ଏକ ଅଖଣ୍ଡ ଦୀପ ଜଳିଥାଏ। ଜରି ମେଢ ପରିବର୍ତ୍ତେ ୨୦୦୮ରୁ ଚାନ୍ଦିମେଢ ନିର୍ମାଣ କରାଗଲା। ଏହାର ଓଜନ ପ୍ରାୟ ୩ କୁଇଣ୍ଟାଲ ୫୦ କେଜି ରହିଥିଲା। ଚଳିତବର୍ଷ ଆଉ ୨୦ କେଜି ଚାନ୍ଦି ବ୍ୟବହାର କରାଯାଇଛି। ସେହିପରି ପୂଜାକୁ ଆକର୍ଷଣୀୟ କରିବା ପାଇଁ ଲାଇଟ୍ ଓ ଗେଟ୍‌କୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ କଟକ ଡିସିପି ପିନାକ ମିଶ୍ର ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏଥର ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି କାର୍ଯ୍ୟକ୍ରମ ହେବ। ଏଥିରେ କଟକ ସହରର ନାମୀଦାମୀ ମେଲୋଡି ଗ୍ରୁପ୍‌ର କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ସପ୍ତମୀଠାରୁ ବିଭିନ୍ନ ଦିବସରେ ସ୍ଥାନୀୟ ନେତୃବୃନ୍ଦ, ପୂଜା କମିଟି ସଦସ୍ୟ ଏବଂ ବରିଷ୍ଠ ମୁରବୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଭସାଣୀ ଶୋଭାଯାତ୍ରାରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ନାଇଡୁ ବ୍ୟାଣ୍ଡପାର୍ଟିକୁ କମିଟି ପକ୍ଷରୁ ଅଣାଯିବ। ଚଳିତବର୍ଷ ପୂଜା ବଜେଟ୍ ପ୍ରାୟ ୩୦ ଲକ୍ଷ ଟଙ୍କା ରହିଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ଜଣାପଡିଛି।



“ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶୃଙ୍ଖଳିତ ପୂଜା ଓ ଭଷାଣୀ ଉତ୍ସବକୁ ଗୁରୁତ୍ୱ ଦିଆଯାଉଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ପେଶାଲ ଫୋର୍ସକୁ ନିୟୋଜିତ ଲାଗି ଆଲୋଚନା ହୋଇଥିବାବେଳେ କମିଟି ପକ୍ଷରୁ ମଣ୍ଡପ ନିକଟରେ ୨୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବ। ଯୁବକ ସଂଘର ସଦସ୍ୟମାନେ ମଧ ପୂଜା ଆୟୋଜନରେ ସାମିଲ ହେବେ। ପୂର୍ବାହ୍ନ ୧୧ଟାରୁ ଭସାଣୀ ଶୋଭାଯାତ୍ରା ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି।

ପ୍ରମୋଦ ପାତ୍ର, ସଭାପତି



“ପ୍ରତିବର୍ଷ ଦଶହରାରେ କମିଟି ପକ୍ଷରୁ ମହାଦେବଙ୍କ ପୂଜା କରାଯାଉଛି। ଦଶମୀରେ ପାଣି କଖାରୁ ବଳି ଦିଆଯିବ। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ବାଦାମବାଡି ବଜାର ଅଞ୍ଚଳ, ବସ୍ ଓ ଅଟୋଷ୍ଟାଣ୍ଡରେ ଚାଳକଙ୍କ ସହ ଗ୍ରାମବାସୀଙ୍କୁ ଭୋଗ ଦିଆଯିବ। ପ୍ରାୟ ୧୫ କୁଇଣ୍ଟାଲ ଲଡୁ ଭୋଗ କରାଯାଇ ବଣ୍ଟନ ପାଇଁ ନିଷ୍ପତି ହୋଇଛି।

କୃଷ୍ଣଚନ୍ଦ୍ର ପରିଡା, ଯୁଗ୍ମ ସମ୍ପାଦକ

# ଦୁର୍ଗାପୂଜା ପାଇଁ ଝଲସୁଛି ହସ୍ତତନ୍ତ ଗ୍ରାମ



ତିଗିରିଆ, ୨୯।୯ (ଡି.ଏନ.ଏ )
ତିଗିରିଆ ବ୍ଲକ ଅନ୍ତର୍ଗତ ବିଶ୍ୱ ପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ନୂଆପାଟଣା ଦୁର୍ଗାପୂଜା ପାଇଁ ଆଲୋକମାଳା ଓ ତୋରଣରେ ଝଲସୁଛି। କରୋନା ଯୋଗୁ ଗତ ୨ ବର୍ଷ ହେଲା କଟକଣାରେ ଦୁର୍ଗାପୂଜା ହୋଇଥିଲା। ଚଳିତବର୍ଷ କୌଣସି କଟକଣା ନ ଥିବାରୁ ଏବେଠାରୁ ନୂଆପାଟଣାର ଚାରି ବଜାର ଯଥା ମଙ୍ଗଳା ବଜାର, ଦୁର୍ଗା ବଜାର, ଚଣ୍ଡୀବଜାର ଓ କଳାପାଟ ବଜାର ଚଳଚଞ୍ଚଳ ହୋଇ ଉଠିଛି। ଏସବୁ ବଜାର ମଣ୍ଡପରେ ମା’ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି। ଅକ୍ଟୋବର ୧ରୁ ଷଷ୍ଠୀ ଆରମ୍ଭ ହୋଇ ୫ରେ ବିଜୟା ଦଶମୀ ପୂଜା ଅନୁଷ୍ଠିତ ହେବ। ଏନେଇ ଚଳିତ ବର୍ଷ ଗୋଟିଏ ଦିନ ଯାତ୍ରାକୁ ଚାରି ବଜାର କମିଟି ତରଫରୁ ବୃଦ୍ଧି କରାଯାଇଥିବା ନେଇ ନୂଆପାଟଣା ଦୁର୍ଗାପୂଜା କମିଟି ସଭାପତି ପ୍ରକାଶ ଦାସ କହିଛନ୍ତି।

# ଢାବାରେ ସାମ୍ବାଦିକଙ୍କୁ ଆକ୍ରମଣ, ୩ ଗିରଫ

ମଙ୍ଗୁଳି,୨୯।୯(ଡି.ଏନ୍.ଏ.)
ଢାବାରେ ଖାଇବା ବେଳେ ଜଣେ ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଟାଙ୍ଗୀ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉଚ୍ଚପଦା ଗ୍ରାମର ଶ୍ରୀପତି ସାମଲ (ଢାବା ମାଲିକ), ନିହାର ରଞ୍ଜନ ପ୍ରଧାନ ଓ ରମେଶ ଚନ୍ଦ୍ର ସ୍ୱାଇଁ। ଅପରପକ୍ଷରେ ଉକ୍ତ ସାମ୍ବାଦିକ ଓ ଦୁଇ ସହଯୋଗୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି ଢାବା ମାଲିକଙ୍କ ସ୍ତ୍ରୀ। ପୋଲିସ ଦୁଇଟି ମାମଲା ରୁଜୁ କରିଛି। ସୂଚନା ମୁତାବକ, ଟାଙ୍ଗୀ ଥାନା ଅନ୍ତର୍ଗତ ବଇଁଠୁଆ ସ୍ଥିତ ଏକ କମ୍ପାନୀ ସମ୍ମୁଖରେ ସ୍ଥାନୀୟ ନିଯୁକ୍ତି ନେଇ ବ୍ଲକ ଚେୟାରମ୍ୟାନଙ୍କ ପ୍ରତିନିଧି ଜନ୍ମେଜୟ ଖିଲାରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଓ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ଏହି ଖବର ସଂଗ୍ରହ କରି ସାମ୍ବାଦିକ ଡମ୍ବରୁ ବେହେରା ଖାଇବା ପାଇଁ ଶ୍ରୀପତିଙ୍କ ଢାବାରେ ପହଞ୍ଚିଥିଲେ। ସେଠାରେ କିଛି ଅସାମାଜିକ ଯୁବକ ପାଟିତୁଣ୍ଡ ହେଉଥିବା ଦେଖି ସେ ଢାବାରୁ ପଳାଇଯିବାକୁ ଚେଷ୍ଟା କରିବାରୁ ଶ୍ରୀପତି ଓ ତାଙ୍କର ଦୁଇ ସହଯୋଗୀ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (୨୦୨/୨୨)ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅପରପକ୍ଷେ ଶ୍ରୀପତିଙ୍କ ସ୍ତ୍ରୀ ଆରତୀ ଡମ୍ବରୁ ଓ ଦୁଇ ସହଯୋଗୀଙ୍କ ନାମରେ ପାଲଟା ଏତଲା ଦେଇଛନ୍ତି। ଡମ୍ବରୁ ଓ ଦୁଇ ଜଣ ସହଯୋଗୀ ଢାବାକୁ ଆସି ଦଶହରା ଚାନ୍ଦା ମାଗିବା ସହିତ ତାଙ୍କ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିବା ଆରତୀ ଅଭିଯୋଗ ପତ୍ରରେ ଲେଖିଛନ୍ତି। ଆରତୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (୨୦୩/୨୨) ରୁଜୁ କରିଛି। ଟାଙ୍ଗୀ ଆଇଆଇସି ସୁଚିତ୍ରବୀର୍ଯ୍ୟ ଦାସ କହିଛନ୍ତି, ଧାରଣା ଦେବାକୁ କେନ୍ଦ୍ରକରି ଢ଼ାବାରେ ଗଣ୍ଡଗୋଳ ହୋଇଥିବା ଅନୁମାନ କରାଯାଉଛି। ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ।

# ଗାନ୍ଧୀଙ୍କ ଅହିଂସା ନୀତି ବିଶ୍ୱ ପାଇଁ ଆଦର୍ଶ



ଆଠଗଡ଼ରେ ଆୟୋଜିତ ସଭାରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ଅତିଥିମାନେ।



ତିଗିରିଆ ନୁଆସ ଛକରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ଆଠଗଡ଼, ତିଗିରିଆରେ ଅହିଂସା ରଥକୁ ସ୍ୱାଗତ**

ଆଠଗଡ଼/ତିଗିରିଆ (ଡି.ଏନ୍.ଏ/ ସ୍ୱ.ପ୍ର.) ୨୯।୯
ସ୍ୱାଧୀନତାର ଅମୃତ ମହୋତ୍ସବ ଏବଂ ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ଅହିଂସା ରଥକୁ ଗୁରୁବାର ଆଠଗଡ଼ ଓ ତିଗିରିଆ ପ୍ରଶାସନ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଆଠଗଡର ଆରାଧ୍ୟ ଠାକୁର ଶ୍ରୀଧବଳେଶ୍ୱରଙ୍କ ସମ୍ମୁଖ ମଞ୍ଚେଶ୍ୱର ପଞ୍ଚାୟତ ପାଇକେରାପୁରଠାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସାଇଁ ରଥକୁ ସ୍ୱାଗତ କରିଥିଲେ। ଗାନ୍ଧୀଙ୍କ ଅହିଂସା ନୀତି ସାରା ଭାରତ ନୁହେଁ, ବିଶ୍ୱରେ ସମସ୍ତଙ୍କ ପାଇଁ ଆଦର୍ଶ ବୋଲି ମନ୍ତ୍ରୀ ସ୍ୱାଇଁ କହିଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅଖିଳ ଭାରତୀୟ ଗାନ୍ଧୀ ପ୍ରତିଷ୍ଠାନର ଆବାହକ ଡଃ ବିଶ୍ୱଜିତ, ସର୍ବୋଦୟ ମଣ୍ଡଳର ମିହିର ପ୍ରତାପ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଠଗଡ ଏନଏସି ଅଧକ୍ଷା ସସ୍ମିତା ରାଉତ ସଭାପତିତ୍ୱ କରିଥିଲେ। ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ, ବିଡ଼ିଓ ଅରୁଣ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟ, ଏନଏସି ଉପାଧ୍ୟକ୍ଷ ବି ଶୁଭ୍ରଶଙ୍କର ଜ୍ୟୋତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସାମ୍ବାଦିକ ସତ୍ୟପ୍ରକାଶ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଆଠଗଡ଼ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ତିଗିରିଆ ବ୍ଲକ ପ୍ରଶାସନ ପକ୍ଷରୁ ନୂଆସ ଛକଠାରେ ସ୍ୱାଗତ କରାଯାଇଥିଲା। ମନ୍ତ୍ରୀ ସ୍ୱାଇଁ, ବିଡ଼ିଓ ପ୍ରଣବ କୁମାର ବେହେରା, ତହସିଲଦାର ପ୍ରମୋଦ କୁମାର ବାସ୍କେ ପ୍ରମୁଖ ଯୋଗଦେଇଥିଲେ। ପରେ ଏକ ସାଧାରଣ ସଭାରେ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ବ୍ଲକ ଅଧକ୍ଷା ସନ୍ଧ୍ୟାରାଣୀ ନାୟକ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ଆଠଗଡ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଉମରରେ ବିଜେଡି କର୍ମୀ ସମ୍ମିଳନୀ

ମାହାଙ୍ଗା, ୨୯।୯(ସ୍ୱ.ପ୍ର)
ମାହାଙ୍ଗା ବ୍ଲକ ଉମର ପଞ୍ଚାୟତରେ ସ୍ଥାନୀୟ ବିଜୁ ଜନତା ଦଳର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା,ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ସରପଞ୍ଚ ଶାଶ୍ୱତ ରଞ୍ଜନ ଦାସ, ସମିତି ସଭ୍ୟ କିଶୋର ଦାସ, ମିଡିଆ ସେଲ୍ ସମ୍ପାଦକ କିଶୋର ରାଉତ, ସୋସିଆଲ ମିଡିଆ ସଂଯୋଜକ ସନ୍ଦୀପ ସିଂହ, ଅଜୟ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ ଶରତ କୁମାର ଜେନା, ପୂର୍ବତନ ସମିତିସଭ୍ୟ ପ୍ରତିନିଧି ମନୋଜ କୁମାର ଦାସ, ପର୍ଯ୍ୟବେକ୍ଷକ ପ୍ରଦ୍ୟୁମ୍ନ କୁମାର ଘଡ଼େଇ ପ୍ରମୁଖ ଯୋଗଦେଇଥିଲେ । ଉମର ପଞ୍ଚାୟତ ମହିଳା ଫେଡେରେଶନର ୨୧ ଜଣିଆ କର୍ମକର୍ତ୍ତା ଉପସ୍ଥିତ ରହି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା ।

# ଦାବି ପୂରଣ ପାଇଁ ସିମେଣ୍ଟ କମ୍ପାନୀ ସମ୍ମୁଖରେ ଧାରଣା

ଖୁଣ୍ଟୁଣୀ,୨୯।୯(ଡି.ଏନ.ଏ.)
ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲ ପଞ୍ଚାୟତର ଚନ୍ଦ୍ରାବଳିଶ୍ୟାମପୁର ମୌଜାରେ ଥିବା ଏକ ସିମେଣ୍ଟ କମ୍ପାନୀ ସମ୍ମୁଖରେ ସ୍ଥାନୀୟ ସବର ସାହିର ବାସିନ୍ଦାମାନେ ଗୁରୁବାର ଧାରଣା ଦେଇଛନ୍ତି। ଉକ୍ତ କମ୍ପାନୀ ଦୁଇ ବର୍ଷରୁ ଅଧିକ ଦିନ ହେଲା ଏଠାରେ କାର୍ଯ୍ୟକ୍ଷମ ହୋଇଆସୁଛି। କମ୍ପାନୀ ପ୍ରତିଷ୍ଠାବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ପାରିପାର୍ଶ୍ୱିକ ଉନ୍ନତି ପାଇଁ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କମ୍ପାନୀ ପ୍ରତିଷ୍ଠା ଯୋଗୁ ଜମି ହରାଇଥିବା ଲୋକଙ୍କୁ ନିଯୁକ୍ତି ଦିଆଯାଇନାହିଁ। ସେହିପରି ଠିକା କାମ କରୁଥିବା ଗରିବ ଶ୍ରମିକଙ୍କୁ କାମରୁ ବାହାର କରିଦିଆଯାଇଛି। ଏ ସମ୍ପର୍କରେ କାରଖାନା କର୍ତ୍ତୃପକ୍ଷଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଗ୍ରାମର ବେକାରୀ ଯୁବକଙ୍କୁ କାରଖାନାରେ ନିଯୁକ୍ତି, ଗ୍ରାମର ଏକମାତ୍ର ପୋଖରୀ କମ୍ପାନୀ ଭିତରେ ଥିବାରୁ କାରଖାନା କର୍ତ୍ତୃପକ୍ଷ ଏହାର ପୁନରୁଦ୍ଧାର କରିବା, ଗ୍ରାମବାସୀଙ୍କ ବ୍ୟବହାର ପାଇଁ ଏକ ନୂତନ ପୋଖରୀ ଖନନ, ଗ୍ରାମ ବିଦ୍ୟାଳୟର ଉନ୍ନତି, ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ଗ୍ରାମର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ସହଯୋଗ କରିବା ଭଳି ଦାବି ନେଇ ଏହି ଧାରଣା ଦିଆଯାଇଛି। ଏଥିରେ ଶବର ସାହିର ଆର୍ତ୍ତ ଦେହୁରୀ, ନଣ୍ଡା ସ୍ୱାଇଁ, ସନାତନ ସ୍ୱାଇଁ, ବାଦଲ କୁମାର ସ୍ୱାଇଁ, ହୃଦାନନ୍ଦ ଦେହୁରୀ ,ରସାନନ୍ଦ ଦେହୁରୀଙ୍କ ସମେତ ଶତାଧିକ ଲୋକ ସାମିଲ ହୋଇଛନ୍ତି। ରିପୋର୍ଟ ଲେଖାଯିବାବେଳକୁ କମ୍ପାନୀ କର୍ତ୍ତୃପକ୍ଷ ଧାରଣାସ୍ଥଳରେ ପହଞ୍ଚି ନ ଥିବାରୁ ଧାରଣା ଜାରି ରହିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଆସନ୍ତା ବର୍ଷଠୁ ଗୋପାଳ ସ୍ମୃତି ବିଦ୍ୟାପୀଠରେ ଗୋପାଳ ପ୍ରହରାଜଙ୍କ ଜୟନ୍ତୀ

କଟକ ସଦର, ୨୯।୯(ଡି.ଏନ୍.ଏ.)
ଆସନ୍ତା ବର୍ଷଠାରୁ କଟକ ଜିଲା ସଦର ବ୍ଲକ ଅଧୀନ କନ୍ଦରପୁର ପଞ୍ଚାୟତର ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠରେ ପୂର୍ଣ୍ଣଚନ୍ଦ୍ର ଭାଷାକୋଷର ପ୍ରଣେତା ତଥା ସାହିତ୍ୟିକ ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ପାଳନ କରାଯିବ। ଏ ସମ୍ପର୍କରେ କଟକ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକ ପ୍ରହରାଜ ପ୍ରତିଭା ପୂଜା ପରିଷଦର ସଦସ୍ୟ ପୀତାମ୍ବର ମହାପାତ୍ରଙ୍କୁ ଗୁରୁବାର ପ୍ରତିଶ୍ରୁତି ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାପୀଠରେ ପ୍ରହରାଜଙ୍କ ଜୟନ୍ତୀ ପାଳନ ପାଇଁ ୪ବର୍ଷ ହେବ ଅନୁମତି ମିଳୁ ନ ଥିଲା। ଫଳରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ପ୍ରହରାଜଙ୍କ ଜୟନ୍ତୀ ସମାରୋହକୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପରେ ଆୟୋଜନ କରାଯାଉଥିଲା। ଚଳିତବର୍ଷ ମଧ ଜୟନ୍ତୀ ସମାରୋହ କନ୍ଦରପୁରସ୍ଥିତ କୃଷି ସମବାୟ ସଭାଗୃହରେ ପାଳନ କରାଯାଇଥିଲା। ଏ ସମ୍ପର୍କରେ ଡିଇଓ ନାୟକ ଜାଣିବା ପରେ ଦୁଃଖ ପ୍ରକାଶ କରିବା ସହ ଆସନ୍ତା ବର୍ଷ ଉକ୍ତ ବିଦ୍ୟାପୀଠରେ ପ୍ରହରାଜଙ୍କ ଜୟନ୍ତୀ ପାଳନ ବ୍ୟବସ୍ଥା କରିବା ପାଇଁ ପ୍ରହରାଜ ପ୍ରତିଭା ପୂଜା ପରିଷଦକୁ ଅନୁମତି ମିଳିବ ବୋଲି କହିଛନ୍ତି। କାରଣ ପ୍ରହରାଜଙ୍କ ପରିବାର ଉକ୍ତ ବିଦ୍ୟାପୀଠ ସ୍ଥାପନ ପାଇଁ ଜାଗା ଓ ଘର ଦାନ କରିଥିଲେ। ସୂଚନାଯୋଗ୍ୟ, ୨୦୧୯ରୁ ଉକ୍ତ ବିଦ୍ୟାପୀଠରେ ସମାରୋହ ଆୟୋଜନ ପାଇଁ ତତ୍କାଳୀନ ପ୍ରଧାନ ଶିକ୍ଷକମାନେ ଅନୁମତି ଦେଉ ନ ଥିଲେ। ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଧାରଣ ସଂଖ୍ୟା ୧୯୫୪୭/୨୬।୯।୨୦୧୬ର ପାରା (ଖ)ରେ ସରକାରୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକ ଅନୁମତି ଦେଇପାରିବେ ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ପିଲାଙ୍କ ପାଠପଢାରେ ଯେପରି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି।

**■ ଡିଇଓ ଦେଲେ ପ୍ରତିଶ୍ରୁତି**

# ଶିକ୍ଷଣ ପରିପୂରଣ ତାଲିମ ଶିବିର

ବଡ଼ମ୍ବା,୨୯।୯(ଡି.ଏନ.ଏ)
ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପୀନାଥପୁର କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁବାର ଶିକ୍ଷଣ ପରିପୂରଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ସାମଲଙ୍କ ତତ୍ତ୍ୱାବଧାନରେ ସାଧନ କର୍ମୀ ଭାବରେ ଧୋବେଇ ରାଉତରାୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୋପୀନାଥ ଦଳେଇ ଓ ଚମ୍ପେଇଦ୍ୱାର ଗଡ଼ାପୋଖରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ପରିଡା ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ବଡମ୍ବା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଶିକ୍ଷା ଅଧିକାରୀ ନିର୍ମଳା ବେହେରା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ତାଲିମ ନେଉଥିବା ଶିକ୍ଷକଙ୍କ ମଧ୍ୟରେ




ଶିବିରରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦିଆଯାଉଛି।

ସରକାରୀ ଗୋପମଥୁରା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବୃନ୍ଦାବନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ମିଶ୍ର, ବିଜିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ରଥ, ସାଧନ କେନ୍ଦ୍ର ସଂଯୋଜକ (କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟ) କେଦାର ମଲିକ, ସହକାରୀ ଶିକ୍ଷକ ମାନସ ରଞ୍ଜନ ବେହେରା, ସୂର୍ଯ୍ୟମଣି ଶତପଥୀ, ପ୍ରତାପ ଚନ୍ଦ୍ର ନାୟକ, କଜ୍ଜଳ କୁମାର ପରିଡ଼ା, ପ୍ରିୟଦର୍ଶିନୀ ରାଉତ, ପ୍ରିୟଦର୍ଶିନୀ ସାହୁ, ଚିତ୍ତରଞ୍ଜନ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜଳି ଦେବୀ ପ୍ରମୁଖ ତାଲିମ ଗ୍ରହଣ କରିଥିଲେ। ଶେଷରେ ମୁକୁନ୍ଦଦେବ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ପଶ୍ଚିମ ବାଙ୍କୀ-ଏନ୍‌ଏସିରେ ସମ୍ପର୍କର ସେତୁ ଗଢ଼ିବ ନୀଳମଣି ଗେଟ୍

ବାଙ୍କୀ,୨୯।୯ (ସ୍ୱ.ପ୍ର)
ବାଙ୍କୀ ଏନ୍‌ଏସି ପକ୍ଷରୁ ପଶ୍ଚିମ ପ୍ରବେଶପଥରେ ପଣ୍ଡିତ ସ୍ୱର୍ଗତ ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ଗେଟ୍ ଉଦ୍‌ଘାଟିତ ହୋଇଛି। ବାଙ୍କୀ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଗେଟ୍ ପଶ୍ଚିମ ବାଙ୍କୀ ଏବଂ ଏନଏସି ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ସେତୁ ଭାବରେ କାର୍ଯ୍ୟକରିବା ସହିତ ଜନସାଧାରଣ ମଧ୍ୟରେ ଭାଇଚାରା ସୃଷ୍ଟି କରିବାର ସହାୟକ ହେବ ବୋଲି ତ୍ରିପାଠୀ କହିଥିଲେ। ବାଙ୍କୀ ନଗରପାଳ ଶ୍ରୀମତୀ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟରଞ୍ଜନ ପଣ୍ଡା, ଜିଲାପରିଷଦ ସଭ୍ୟ ଆଶିଷ କୁମାର ସାହୁ, କାଉନସିଲର



ଗେଟ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ର, ସଞ୍ଜୟ ପୃଷ୍ଟି, ପଠାଣୀ ବେହେରା, ବିକଳ ଗୋଚ୍ଛି, ଚନ୍ଦନ ଖଟୁଆ, ଜିମିନିକାନ୍ତ ମହାପାତ୍ର, ସଂସଦଙ୍କ ପ୍ରତିନିଧି ସୌମେନ୍ଦ୍ର ମିଶ୍ର, ବିଧାୟକ ପ୍ରତିନିଧି ଶ୍ରୀନିବାସ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ କାହ୍ନୁଚରଣ ସିଂହ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା, ଉପସଭାପତି ସମରେନ୍ଦ୍ର ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଭାଗୀରଥି ବିଶ୍ୱାଳ, ସମିତି ସଭ୍ୟ ଶ୍ରୀକାନ୍ତ ଦାସ, ପୂର୍ବତନ କାଉନସିଲର ମାୟାଧର ପ୍ରଧାନ, ଅବସରପ୍ରାପ୍ତ ଶ୍ରମ କମିଶନର ବ୍ରଜବନ୍ଧୁ ପାଲ ପ୍ରମୁଖ ଯୋଗଦେଇଥିଲେ ।

**ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ନାମରେ ଗେଟ୍ ଉଦ୍‌ଘାଟିତ**